

Digitized by srujanika@gmail.com

ମୁକ୍ତିର ରୂପରେଖା

ରାମଚନ୍ଦ୍ର ବେହେରା

ବିଦ୍ୟାପୁରୀ

Digitized by srujanika@gmail.com

MUKTIRA RUPAREKHA
(A Novel)
By Ramachandra Behera
Department of English
Kendrapara College
Publishers : Vidyapuri, Cuttack 753 002
1993

ପ୍ରଥମ ପ୍ରକାଶ ଜୁନ୍ ୧୯୯୩

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ଟାଇପ୍ ସେଟ୍
ବିଦ୍ୟାଶ୍ରୀ ଡି.ଟି.ପି. ସେଣ୍ଟର
ଆଲମଚାନ୍ଦ ବଜାର, କଟକ ୭୫୩୦୦୨

ମୁଦ୍ରଣ
ରେନ୍‌ବୋ ଅଫ୍‌ସେଟ୍ ପ୍ରାଇଭେଟ୍ ଲିମିଟେଡ୍
ଭୁବନେଶ୍ୱର

ମୂଲ୍ୟ—ଟ ୩୦.୦୦

Digitized by srujanika@gmail.com

ମୁକ୍ତିର ରୂପରେଖ

ଦଶ ଦିନ ପୂର୍ବେ ସୁରଭିକୁ ମେଣ୍ଟାଲ୍ ହସ୍‌ପିଟାଲ୍‌ରେ ଛାଡ଼ି ମୁଁ ଫେରିଚି । ସୁରଭି କିଏ ? ସେ ମୋର ପତ୍ନୀ । ଆଠ ବର୍ଷ ତଳେ ଆମେ ବାହା ହୋଇଥିଲୁ ଏବଂ ତା' ପୂର୍ବରୁ ପ୍ରାୟ ଗୋଟିଏ ବର୍ଷର ଇତିହାସ ଥିଲା ରୋମାନ୍‌ସ ଏବଂ ଜିଜ୍ଞାସାର ଇତିହାସ, ବ୍ୟାକୁଳତା ଓ ଅସ୍ଥିରତାର ଇତିହାସ । ଆଜି ମଧ୍ୟ ଏଇ ଅବସ୍ଥାରେ ସେସବୁ ମନେ ପଡ଼ିବା ମାତ୍ରେ ପ୍ରତ୍ୟେକ ରକ୍ତକଣିକା ଓ ଶିରା-ପ୍ରଶିରାରେ ସ୍ପନ୍ଦନ ସୃଷ୍ଟି ହୋଇଯାଉଚି । ସବୁ ଜଣାପଡୁଚି ଗୋଟେ ସ୍ୱପ୍ନ ଭଳି । ଦୀର୍ଘଶ୍ୱାସ ଉତୁରି ଆସୁଚି ମୋର ସମସ୍ତ ସ୍ଥିତିକୁ ଅଣନିଃଶ୍ୱାସୀ କରି । ମରିବାକୁ ଚାହୁଁ ନ ଥିବା ଜଣେ ଲୋକର ଚୂଡ଼ାନ୍ତ ମୁହୂର୍ତ୍ତରେ ଯେମିତି ଏକ ପ୍ରଲୋଭନ ଭିଜା, ଆସକ୍ତି ବିଜଡ଼ିତ ଦୃଷ୍ଟି ଲେଖିହୋଇ ରହିଥାଏ ତା'ର ବ୍ୟାକୁଳ ଆଖିରେ, ଏ ଦୀର୍ଘଶ୍ୱାସ ଠିକ୍ ସେହିଭଳି । ଅଥଚ ଦୀର୍ଘଶ୍ୱାସ ଯଦି ମନର, ହୃଦୟର ସମସ୍ତ ରିକ୍ତତା ଓ ଯନ୍ତ୍ରଣାକୁ ଏମିତି ଗରମ ପବନରେ ରୂପାନ୍ତରିତ କରି ଅଦୃଶ୍ୟ ହୋଇଯାଇ ପାରୁଥାଆନ୍ତା, ତେବେ ଆଉ ଦୁଃଖ କ'ଣ ଥାଆନ୍ତା ଏ ଜୀବନରେ ! ଗୋଟେ ସେଫ୍‌ଟି ଭଲ୍‌ବ ଭଳି ଯାବତୀୟ ରିକ୍ତତାକୁ ତାହା ନିଷ୍କାସନ କରିପାରୁ ଥାଆନ୍ତା ମନ ଭିତରୁ । ମାତ୍ର ଦେଖ, ମଣିଷକୁ ସୃଷ୍ଟି କରାଯାଇଚି କେମିତି ଅସମ୍ପୂର୍ଣ୍ଣ ଭାବରେ ! ତା' ଦେହର ଯାବତୀୟ ଆବର୍ଜନା ସକାଶେ ନିଷ୍କ୍ରାନ୍ତ ପଥ ରହିଚି; କିନ୍ତୁ ଦୁଃଖ ଆଉ ଅନୁଶୋଚନା ପାଇଁ କୌଣସି ବ୍ୟବସ୍ଥା ନାହିଁ । ସେସବୁ ରହିବ, ଠୁଳ ହେଉଥିବ । ଜୀବନ ଓ ମନ ଉପରେ ସେସବୁର ଚାପ ବଢୁଥିବ ଆସ୍ତେ ଆସ୍ତେ । ଯଦି ସମ୍ଭାଳି ପାରିଲ, ତେବେ ଭଲ କଥା । ଯଦି ସେସବୁକୁ ଅକ୍ତିଆର କରି ତୁମ ବଞ୍ଚି ରହିବାର ଶକ୍ତି ତୁମକୁ ଆହୁରି ପାରିଲାପଣ ଦେଇପାରେ, ତେବେ ଆହୁରି ଭଲ କଥା । ଯଦି ତାହା ନ ହୋଇପାରେ, ତେବେ ସୁରଭି ଭଳି ତୁମକୁ ମେଣ୍ଟାଲ୍ ହସ୍‌ପିଟାଲ ଯିବାକୁ ପଡ଼ିବ; କିମ୍ବା ଏଇ ଦେଖ, ମୋ ପାଖରେ କ'ଣ ଅଛି, ଦେଖିପାରୁଛ ? ରସି । ନା, ଜମା ନୁହେଁ । ମୁଁ କାହିଁକି ମଜା କରିବି ? ମିଛ କହିବି କାହିଁକି ? କାଲି ହୋଇପାରେ କିମ୍ବା ତା' ପରଦିନ ହୋଇପାରେ । କୌଣସି ଜଣେ ଲୋକକୁ ଏ ଘରର ଦରଜା ଭାଙ୍ଗି

Digitized by srujanika@gmail.com

ଭିତରକୁ ପଶିବାକୁ ପଡ଼ିବ । ଘରର କବାଟ ବନ୍ଦ ଅଛି ଭିତରୁ; କିନ୍ତୁ ସ୍ୱର ଶବ୍ଦ ନାହିଁ ଦିନେ-ଦୁଇଦିନ ହେଲା । କିମ୍ବା, ଘରର କବାଟ ବନ୍ଦ ଅଛି ଭିତରୁ, କିନ୍ତୁ ଗୋଟେ ଶକ୍ତିଶାଳୀ ପଚା ମାଂସର ଗନ୍ଧକୁ ଘରର କାନ୍ଥ ଏବଂ ବନ୍ଦ ଝରକା-କବାଟ ବନ୍ଦୀ କରି ରଖିପାରୁ ନାହାନ୍ତି ।

ଏଠାରେ ତୁମକୁ କହିରଖେ ଯେ, ବିବାହ ପୂର୍ବରୁ ସୁରଭି ପାଖରୁ ଯେଉଁ ବନ୍ଦ ଲଫାପା ଭିତରେ ଚିଠି ଆସୁଥିଲା, ତାହାକୁ ଅଭିଭୂତ କରି ବିଛୁରିତ ହେଉଥିଲା ଗୋଟେ ନାହିଁ ନ ଥିବା ଅତୁଳନୀୟ ବାସ୍ନା । ଥରେ ଭାବି ଦେଖ, ସେଇ ବାସ୍ନା ଏବଂ ବର୍ତ୍ତମାନ ମୋର ଦୀର୍ଘଶ୍ୱାସ ମଧ୍ୟରେ ଜଫାତ୍ କେତେ । ଭାବିଦେଖ, ସେଇ ବାସ୍ନା ଏବଂ କିଛିଦିନ ପରେ ଏ ଘରୁ ନିର୍ଗତ ହେବାକୁ ଥିବା ସମ୍ଭାବ୍ୟ ପଚା ମାଂସ ମଧ୍ୟରେ ରହିଥିବା ତାରତମ୍ୟ କେତେ । ମୁଁ ବୁଝୁଚି, ସୁରଭି ମୋ ପାଖକୁ ଯେଉଁ ଚିଠି ଦେଉଥିଲା, ତାହାର ବାସ୍ନା ସମ୍ପର୍କରେ ତୁମର ଧାରଣା ନାହିଁ । ନିବିଡ଼ ଆଲିଙ୍ଗନର ବି ଗୋଟେ ବାସ୍ନା ନ ଥାଏ କି, ଯେଉଁ ଆଲିଙ୍ଗନ ତୁମ ଦୁହିଁଙ୍କ ସତ୍ତାକୁ ଅନ୍ୟ ଏକ ଅଲୌକିକ, ଉଦ୍ଭାସିତ ଜଗତକୁ ନେଇପାରେ ? ଆତ୍ମ-ବିସ୍ମୃତ ସେଇ ମୁହୂର୍ତ୍ତକୁ ଅନୁଭବ କରାଯାଏ, ପୁଣି କରାଯାଇ ପାରେନା, ଯେତେବେଳେ ସମୟ ସ୍ଥିର ଏବଂ ପ୍ରଖର ହୋଇଯାଏ । ରକ୍ତର ପ୍ରବାହ ବାତିଲ ହୁଏ ଏବଂ ତ୍ୱରାନ୍ୱିତ ହୁଏ, ଯେତେବେଳେ ବିଶ୍ୱ ଥାଏ; ପୁଣି ସ୍ତବ୍ଧ ହୋଇଯାଏ । ଅସାଧାରଣ ସ୍ୱର ଓ ନୀରବତା, ଗତିଶୀଳତା ଓ ସ୍ତବ୍ଧତାର ସେଇ ମୁହୂର୍ତ୍ତର ବାସ୍ନା । ସେହି ବାସ୍ନା ଘୋଷଣା କରେ ଯେ, ସବୁ ମିଛ ଚିଠି ପଠା ଯାଉଥିବା ଲୋକକୁ ବାଦ୍ ଦେଲେ । ସଂସାରରେ ଯଦି କୌଣସି ଭାଷା ଥାଏ, ତେବେ ଚିଠିରେ ଲେଖା ଯାଇଥିବା ଅକ୍ଷର ହିଁ ସେହି ଭାଷା । ଚିଠିର ଆବେଗ ହିଁ ସୃଷ୍ଟିର ଏକମାତ୍ର ଏବଂ ସର୍ବଶେଷ ଆବେଗ ।

ମୁଁ ଜାଣେ, ମୁଁ ନିଜ ବକ୍ତବ୍ୟରୁ ବିଚ୍ୟୁତ ହୋଇ ପଡୁଚି । କାରଣ, ସିଲିଙ୍ଗ୍ ଦେହରୁ ରସି ଦେଇ ମରିବା ପାଇଁ ମୁଁ ଚାହୁଁ ନାହିଁ ଆଦୌ । ଏତେ ଯତ୍ନରେ, ହେପାଜତରେ ରଖିଥିବା ପଇଁତ୍ରିଶ୍ ବର୍ଷର ଏ ଦେହ ରସିରୁ ଝୁଲି ରହୁ ଏବଂ ପଚିଯାଉ । ନୋ, ନେଭର ! ମୁଁ ଜମା ଏଭଳି ପରିଣାମକୁ ଗ୍ରହଣ କରିପାରୁ ନାହିଁ । ବରଂ ମୁଁ ଚାହେଁ, ମୁଁ ପୁଣି ବଞ୍ଚିବା ଆରମ୍ଭ କରନ୍ତି । ବର୍ତ୍ତମାନ ମୁହୂର୍ତ୍ତରୁ ନୁହେଁ ।

Digitized by srujanika@gmail.com

ଆରମ୍ଭରୁ । ମା' ପେଟରୁ ଭୂମିଷ୍ଠ ହେବା ପରଠାରୁ । ପୁଣି ଥରେ; କାରଣ ଠିକ୍ ଭାବରେ ବଞ୍ଚି ହେଲା ନାହିଁ । ସବୁ କେମିତି ଦିଗଭ୍ରଷ୍ଟ, ଗଣ୍ଡଗୋଳିଆ ହୋଇଗଲା । ସମସ୍ତ ହିସାବ, ସବୁ ଯୋଜନା ଆମ ଇଚ୍ଛାମତେ ସମ୍ପାଦିତ ହୋଇପାରିଲା ନାହିଁ । ଏଇ ହିସାବ ଏବଂ ଯୋଜନା ଠିକ୍ କି ନା, ଆମେ ଅବଶ୍ୟ କାହାରିକୁ ପଚାରି ନ ଥିଲୁ । କାହାର ପରାମର୍ଶ ଗ୍ରହଣ କରିବା କଥା ଆମେ ଚିନ୍ତା ବି କରିପାରି ନ ଥିଲୁ । ଅଥଚ ଦେଖ, ପରିଣାମ ଆମ ଦୁହିଁଙ୍କୁ କ'ଣ କରିଦେଲା । ସୁରଭି ମେଣ୍ଟାଲ୍ ହସ୍‌ପିଟାଲ୍‌ରେ । ମୁଁ କେବଳ ମରିବା ପୂର୍ବରୁ କେତୋଟି କଥା କହିବି ବୋଲି ମୃତ୍ୟୁକୁ ସ୍ଥଗିତ ରଖିଚି । ମୋ ପାଖରେ ରହିଚି ସୁଦୃଢ଼ ରସି । ମୋ ମନ ଭିତରେ ରହିଚି ଅବିଚଳିତ ପ୍ରତିଜ୍ଞା । ମୁଁ ମରିବି ।

ଜୀବନକୁ ନେଇ ଅନ୍ୟ କୌଣସି ବ୍ୟବସ୍ଥା କରିହେବ ନାଇଁ । ମୋ ସାମନାରେ ଆଉ ବିକଳ୍ପ ନାହିଁ । ମୃତ୍ୟୁ ପୂର୍ବରୁ ଜଣେ ଲୋକର ଅନୁଭବ କ'ଣ ହୋଇ ପାରେ ? ବିଶେଷକରି ନିଜ ଇଚ୍ଛାରେ ମରୁଥିବା ଲୋକର ? ଅନ୍ୟମାନଙ୍କ କଥା କହିବା ସମ୍ଭବ ନୁହେଁ । ତେବେ, ନିଜକୁ ରସି ଦେହରୁ ଝୁଲେଇବା ପାଇଁ ଚିନ୍ତା କରିବା ବେଳେ, ପଇଁତ୍ରିଶ ବର୍ଷର ଆୟୁଷ ଗୋଟିଏ ମୁହୂର୍ତ୍ତରେ ସଙ୍କୁଚିତ ହୋଇ ଦଣ୍ଡାୟମାନ ହେଉଚି ମୋ ସାମନାରେ । ବାଲ୍ୟକାଳ, ସ୍କୁଲଜୀବନ, କଲେଜ, ପରୀକ୍ଷା ପୂର୍ବର ମାନସିକ ଟେନ୍‌ସନ୍, ଇଣ୍ଟରଭିଉ ପୂର୍ବର ଅନିଶ୍ଚିତତା, ନିଯୁକ୍ତିପତ୍ର ପ୍ରାପ୍ତି ଜନିତ ବିହ୍ୱଳ ଭାବ, ସୁରଭି ସହିତ ରୋମାନ୍‌ସ, ବିବାହ, ଏ ଘର ନିର୍ମାଣ ଏବଂ...ଏବଂ...ନା, ଥାଉ । ସେଇକଥା କାହା ଆଗରେ ପ୍ରକାଶ କରିବା ପାଇଁ ସାହସ ନାହିଁ ବୋଲି ସୁରଭି ଓ ମୁଁ ନିଜ ଭିତରେ ଧସକି ପଡ଼ିଲୁ । ତେବେ, ସୁରଭି ଏତେ ଚଞ୍ଚଳ ତରଳିଯିବ, ତା'ର ମାନସିକ ଦୃଢ଼ତା ଏତେ ସହସା ବିପର୍ଯ୍ୟସ୍ତ ହୋଇଯିବ ବୋଲି ମୋର ଧାରଣା ନ ଥିଲା । କାରଣ ଆମେ ଦୁହେଁ ଯେଉଁ କାମଟି କଲୁ, ସେ ବାବଦରେ ତା' ଠାରୁ ବେଶୀ ଆଗ୍ରହ ଓ ପ୍ରୋତ୍ସାହନ ମୁଁ ପାଇଥିଲି । ସମସ୍ତ ସୌନ୍ଦର୍ଯ୍ୟ ଓ ଆଧୁନିକତା ସତ୍ତ୍ୱେ—ବୋଧହୁଏ ଠିକ୍ ସେଇ କାରଣରୁ—ସୁରଭି ଥିଲା ଅତ୍ୟନ୍ତ ଅହଂକାରୀ । ତା'ର ସମସ୍ତ କାର୍ଯ୍ୟକଳାପରେ ଥିଲା ଏକ ଆକ୍ରମଣାତ୍ମକ, ଦୁଃସାହସିକ ମନୋଭାବ । ଅନ୍ୟକୁ ଆୟତ୍ତ କରିବା, ଅନ୍ୟ ପାଖରେ ନିଜକୁ ଜାହିର୍ କରିବା ଏବଂ ନିଜର ଆଚରଣକୁ ସବୁବେଳେ

Digitized by srujanika@gmail.com

ଯଥାର୍ଥ ବୋଲି ଘୋଷଣା କରିବା ଥିଲା ତା' ଚରିତ୍ରର ବିଶେଷତ୍ୱ ।

ବିବାହ ପୂର୍ବରୁ ଆମେ ଦୁହେଁ ଯେତେବେଳେ ଲଭ୍ କରୁଥିଲୁ, ସେତେବେଳେ ଏ ସମସ୍ତ ଦିଗ ପ୍ରତି ମୁଁ ସଚେତନ ନ ହୋଇଥିଲି ବୋଲି ତୁମ ମନରେ ଧାରଣା ସୃଷ୍ଟି ହୋଇପାରେ । ତେବେ ମୋର ହୃଦ୍‌ବୋଧ ହୋଇଚି ଯେ, ପ୍ରେମିକା ଏବଂ ପତ୍ନୀ ମଧ୍ୟରେ ରହିଚି ଅନେକ ବ୍ୟବଧାନ । ପ୍ରେମିକାର ଆଦେଶ ମଧୁର ଜଣାପଡ଼େ । ଏଇ ଆଦେଶ ତୁମ ମନ ମଧ୍ୟରେ ପ୍ରତ୍ୟୟ ସୃଷ୍ଟି କରିପାରେ ଯେ, ପ୍ରେମିକା ଜଣକ ତୁମର, ଏକାନ୍ତ ଭାବେ ଆପଣାର । ତୁମେ ବେଶ୍ ଆମୋଦିତ ହୁଅ ତା' ଦ୍ୱାରା ପରିଚାଳିତ ହେବାରେ, ତା' ପ୍ରସ୍ତାବକୁ ମାନିନେବାରେ । ତୁମର ଇଚ୍ଛା ହୁଏ, ତୁମ ପ୍ରେମିକା ଗୋଟେ ଚିରସ୍ରୋତା, ପ୍ରଗଲ୍‌ଭା ସ୍ରୋତ ହୋଇଥାଉ । ତୁମେ ଏକ ମଧୁର ନିଷ୍କ୍ରିୟତାରେ ସେଥିରେ ଭାସି ଚାଲିଥାଅ । ମାତ୍ର ସେ ପତ୍ନୀ ହେବା ପରେ, ସବୁ ଯେମିତି ପରିବର୍ତ୍ତିତ ହୋଇଯାଏ । ତୁମେ ନିଜକୁ ସାବ୍ୟସ୍ତ କଲାବେଳେ ଅନୁଭବ କର ଯେ, ତୁମ ସାମନାରେ ଅନ୍ୟ ଏକ ବ୍ୟକ୍ତିତ୍ୱ ରହିଚି ଏବଂ ଦୁଇଟି ବ୍ୟକ୍ତିତ୍ୱର ଅନେକ ସମୟରେ ଆବେଗଗତ ସଂହତି ରହୁ ନାହିଁ । ତୁମେ ଦୁହେଁ ଅନେକ ସମୟରେ ପରସ୍ପର ଠାରେ ଧକ୍କା ଖାଅ; ଆଲିଙ୍ଗନ କର ନାହିଁ । ତୁମେ ଦୁହେଁ ପରସ୍ପରକୁ ଦେଖ; ସାକ୍ଷାତ କର ନାହିଁ । ତୁମେ ଗୋଟେ ଅନୁଶାସନର ସୀମା ମଧ୍ୟରେ ନିଜକୁ ଆବିଷ୍କାର କର; ପ୍ରରୋଚନାର ଅନ୍ତରଙ୍ଗତାରେ ନୁହେଁ ।

ତେବେ ବର୍ତ୍ତମାନର ଏଇ ପରିସ୍ଥିତିରେ ମୁଁ ଆମ ଦାମ୍ପତ୍ୟ ଜୀବନର ଆପାତତଃ ବିଫଳତା କଥା କହୁ ନାହିଁ । ଅଧିକାଂଶ ଲୋକଙ୍କ ଭଳି ମୁଁ ବେଳେ ବେଳେ ଦୀର୍ଘଶ୍ୱାସ ତ୍ୟାଗ କରି ନିଜକୁ ଦୟା ଦେଖାଏ ଏବଂ ଏକ ଅନୁତପ୍ତ ସ୍ୱରରେ କହେ—ହେ ଭଗବାନ, ମୁଁ ଏମିତି ଗୋଟେ ଲୋକକୁ ବାହା ହେଲି କାହିଁକି ? ଯା ସହିତ ରୋମାନ୍‌ସ ଏବେ ଗୋଟେ ଶଠତା, ନିର୍ବୋଧତା ବୋଲି ଜଣାପଡୁଛି ସିନା !

ଯେସ୍, ତୁମ ସହିତ ମୁଁ ଏକମତ ଯେ, ଆମ ବୈବାହିକ ଜୀବନ ଏକ ପ୍ରଲମ୍ବିତ ତିକ୍ତତା ଓ ଅନୁତାପର ଜୀବନ ନ ଥିଲା । କେବେ କିପରି ଆମେ ଦୁହେଁ ଗୋଟେ ମୁହୂର୍ତ୍ତରେ ମିଳିତ ହେଉଥିଲୁ ।

Digitized by srujanika@gmail.com

ତେବେ, ମୋର କହିବା କଥା ହେଉଚି, ବାହା ହେବା ପରେ ଗ୍ଲାମର୍ ବୋଲି ଜିନିଷଟା କିମିତି କେଜାଣି କେଉଁଆଡ଼େ ଅସ୍ତ ହୋଇଗଲା । ଆମେ ଦୁହେଁ ବୋର୍ ହୋଇଗଲୁ । କ୍ଲାନ୍ତ ହୋଇପଡ଼ିଲୁ ପରସ୍ପର ପ୍ରତି । ଯାହା କଥା ଭାବିବା ମାତ୍ରେ ରକ୍ତ ପ୍ରବାହ ମଧ୍ୟରେ ଉଚ୍ଛୃଙ୍ଖଳ ଫୁଲର ମହୋତ୍ସବ ସୃଷ୍ଟି ହୋଇ ଯାଉଥିଲା ଏବଂ ସ୍ପନ୍ଦନ ମଧ୍ୟରେ ସବୁଜ ବନାନୀର ସ୍ପର୍ଦ୍ଧା ଅନୁଭୂତ ହେଉଥିଲା, ପରବର୍ତ୍ତୀ ପର୍ଯ୍ୟାୟରେ ତା' କଥା ଭାବିବା ମାତ୍ରେ ଗୋଟେ ମାନସିକ ପାରାଲିସିସ୍ ସତେ ଯେପରି ଆକ୍ରାନ୍ତ କରୁଥିଲା । ଗୋଟେ ଅବସନ୍ନ ଭାବ ଘୋଡ଼େଇ ଦେଉଥିଲା ସମସ୍ତ ଆଗ୍ରହ ଓ ପ୍ରାଣ ପ୍ରାଚୁର୍ଯ୍ୟକୁ । ଆମେ ଦୁହେଁ ପରସ୍ପରକୁ ଅନେକ ଦିନ ତଳେ ପ୍ରତ୍ୟାଖ୍ୟାନ କରି ସାରିଥିଲୁ ।

ମୋ ପାଖରେ ରସି ରହିଚି । ହଁ, ମୁଁ ସ୍ୱୀକାର କରୁଚି ଯେ ନିଜକୁ ଧ୍ୱଂସ କରିବା ପାଇଁ ଆହୁରି ଅନେକ ବାଟ ରହିଚି । ଗୁଡ଼ାଏ ଟ୍ରାଙ୍କୁଲାଇଜର ଏକ ସମୟରେ ଖିଆଯାଇ ପାରେ । ନିଜକୁ ଫୋପାଡ଼ି ଦିଆଯାଇ ପାରେ ଗତିଶୀଳ ଟ୍ରେନ୍, ବସ୍, ଟ୍ରକ୍ ଇତ୍ୟାଦି ସାମନାରେ । କିନ୍ତୁ, କାଳେ ଯଦି କିଛି ହୋଇଗଲା ? ଧରି ନିଆଯାଉ, ଏମିତି ଗୋଟେ ପରିସ୍ଥିତି ସୃଷ୍ଟି ହେଲା । ମୁଁ ଗୁଡ଼ାଏ ନିଦ ବଟିକା ଖାଇସାରିବା ପରେ, ଆକସ୍ମିକ ଭାବରେ ନିଜକୁ ବିଚରାଟିଏ ବୋଲି ଭାବିଲି । ନିଜକୁ ରକ୍ଷା କରିବା ପାଇଁ ଭାବିଲି । ଗୋଟେ ବ୍ୟାକୁଳତା ମୋତେ ଅନ୍ଧ କରିଦେଲା ଆହୁରି ବଞ୍ଚିବା ପାଇଁ ଲାଳସା ଯୋଗୁଁ । କେବେ ମଧ୍ୟ ସମ୍ପର୍କ ସ୍ଥାପନ କରିବା ପାଇଁ ଆଗ୍ରହୀ ନ ଥିବା ପଡ଼ୋଶୀଙ୍କ କିମ୍ବା ଡାକ୍ତରଙ୍କ ଆଗରେ ସବୁ ଘଟଣା ବର୍ଣ୍ଣନା କରିଗଲି । ପୁଣି ବଞ୍ଚି ଯାଇପାରେ । ଯଦି ଚଳମାନ ଗାଡ଼ି ସାମନାରେ ନିଜକୁ ଠିକ୍ ଭାବରେ ଫୋପାଡ଼ି ପାରିଲି ନାହିଁ, ତେବେ ବିକଳାଙ୍ଗ ହୋଇ ବଞ୍ଚି ରହିବା ବଡ଼ କଷ୍ଟ ହେବ । ମୁଁ ନିଜକୁ ଆଉ କେବେ କ୍ଷମା କରିପାରିବି ନାହିଁ । ତେଣୁ, ନିଜର ମୃତ୍ୟୁ ସମ୍ପର୍କରେ ମୋତେ ନିଶ୍ଚିନ୍ତ ହେବାକୁ ପଡ଼ିବ । ଆଗ୍ରହର ସହିତ ତିଆରି ଥିବା ନିଜର ଏଇ ଘର ଭିତରେ ମୁଁ ନିଜକୁ ଝୁଲେଇ ଦେବାକୁ ଯାଉଚି ।

ସୁରଭି ବର୍ତ୍ତମାନ କ'ଣ କରୁଥିବ, ମେଣ୍ଟାଲ୍ ହସ୍‌ପିଟାଲ୍‌ରେ ? ମୁଁ ଅବଶ୍ୟ କେୟାର କରେନା । ତେବେ ମୋର ଆଶଙ୍କା ହେଉଚି,

Digitized by srujanika@gmail.com

ସେ ସମସ୍ତ ଘଟଣା ସେଠାକାର ସାଇକିଆଟ୍ରିଷ୍ଟଙ୍କ ପାଖରେ ପ୍ରକାଶ କରି ଦେଇପାରେ । ତା'ପରେ ହୁଏତ ପୋଲିସ୍‌ର ବୁଟ୍ ଶବ୍ଦ ବାରନ୍ଦା ଉପରେ । ଆରେଷ୍ଟ । ଟ୍ରାଏଲ୍ । ଜଜ୍‌ମେଣ୍ଟ । ଫାଶୀ । ଯା ବ୍ୟତୀତ ଅନ୍ୟ କୌଣସି ପରିଣାମ ମୁଁ କଳ୍ପନା ମଧ୍ୟ କରିପାରୁ ନାହିଁ । ତେଣୁ ଏଠାକୁ ପୋଲିସ୍ ଆସିବା ଆଗରୁ ମୁଁ ନିଜକୁ ନିଜେ ଫାଶୀ ଦେବା ହିଁ ବିଜ୍ଞତା । ଏଇ ଦେଖ, ପୋଲିସ୍ କଥା ଭାବିବା ମାତ୍ରେ ମୋର ତଣ୍ଟି ଶୁଖିଯାଉଚି କିପରି । ମୁଁ ଜଡ଼ସଡ଼, ସଙ୍କୁଚିତ ହୋଇଯାଉଚି । ବେଳେବେଳେ ଭାବୁଚି, ପବନର ବ୍ୟାପକତା ଭିତରେ, ଅନ୍ଧାରର ଗୋପନୀୟତା ଭିତରେ, ସମୁଦ୍ରର ସୀମାହୀନତା ଭିତରେ ମୁଁ ଯଦି ଫେଣ୍ଟି ହୋଇଯାଆନ୍ତି ! ତା'ପରେ କିଏ ମୋତେ ଠାବ କରିପାରିବ, କୁହ !

ମୁଁ ଆଦୌ ଜାଣେନି, ସୁରଭିକୁ ଛାଡ଼ି ଆସିବାର ଦଶ ଦିନ ଯାଏ ମୁଁ କିପରି, କାହିଁକି ତିଷ୍ଠି ରହି ପାରିଚି । ତାକୁ କୌଣସିମତେ ହସ୍‌ପିଟାଲ୍ ଜିମା ଦେଇ ମୁଁ ଫେରିବା ବେଳେ ସଂକଳ୍ପବଦ୍ଧ ଥିଲି ଯେ, ସେଇ ଦିନ ହିଁ ନିଜକୁ ହତ୍ୟା କରିବି । ଦୀର୍ଘ ତିନିଶହ କିଲୋମିଟର ବ୍ୟବଧାନ ପରେ ମୋର ଏଇ ଘର । ଫାଟକ ତାଲା ଖୋଲିବା ପରେ ସବୁଥର ଭଳି ମୁଁ ଚାରିଆଡୁ ସତର୍କ-ଦୃଷ୍ଟି ବୁଲାଇ ଆଣିଲି । କେହି ଜଣେ କିମ୍ୱା ପୋଲିସ୍ ମୋତେ ଅନୁସରଣ କରୁନାହାଁନ୍ତି ତ ! ଫାଟକ ବନ୍ଦ କଲି । ମୋର ଦୁଇ ଗରମ ପାପୁଲି ସାହାଯ୍ୟରେ ଅନୁଭବ କରିବାକୁ ଚେଷ୍ଟା କଲି, ଲୁହା ଗେଟ୍‌ର କାଳେ ମୋ ପାଇଁ କିଛି ବାର୍ତ୍ତା ଥିବ ବୋଲି । ପ୍ରାୟ ଆଠ ମିଟର ପରେ ଘର । ରାସ୍ତାର ଦୁଇ ପାଖରେ କାହିଁ କେଉଁ ଦିନୁ ହତଶ୍ରୀ ଦେଖା ଯାଉଥିବା ବଗିଚା । ବିଧାତା ସତେ ଯେପରି ନିଜ ସୃଷ୍ଟିକୁ ବର୍ଜନ କରିଚି କାହିଁ କେତେ ଦିନୁ । ପ୍ରଥମେ ଜାଫ୍ରି । ଚଟାଣ ଉପରେ ମୋଡ଼ି ହୋଇ ଯାଇଥିବା କେତୋଟି ଧୂସର ପତ୍ର । ଘୋଡ଼େଇ ହୋଇ ପଡ଼ି ରହିଥିବା ଅଚଞ୍ଚଳ ଶବ ଭଳି । କବାଟ । ଖୋଲିବା ମାତ୍ରେ ସବୁଥର ଭଳି ଗୋଟେ ଆର୍ତ୍ତନାଦର ଶବ୍ଦ । ବେଡ଼ରୁମ୍ । ବନ୍ଦ କବାଟ-ଝରକା ମଧ୍ୟରେ ଗୋଟେ ଗନ୍ଧ ନିଜକୁ ଅଭିବୃଦ୍ଧି କରୁଚି । ଟିଉବ୍ ଲାଇଟ୍ । ଗୋଟେ ଝିଟିପିଟିର ତ୍ରସ୍ତତା । ଅନ୍ଧକାର ଓ ନିର୍ଜନତା ସତ୍ତ୍ୱେ କାନ୍ଥଘଣ୍ଟାର ଟିକ୍...ଟିକ୍... ଶବ୍ଦ । ଅପରାହ୍ନ ଚାରିଟା ।

ମୃତ୍ୟୁର ଶବ୍ଦ କିପରି ? ଏଇଟା ତ ଗୋଟେ ଝାଁ ଝାଁ ଶବ୍ଦ ।

Digitized by srujanika@gmail.com

ସେହି ଶବ୍ଦ ପରେ ପରେ ଗୋଟେ କୋଳାହଳରେ ପରିଣତ ହୋଇଗଲା । ସମୁଦାୟ ସୃଷ୍ଟିକୁ ଗ୍ରାସ କରିବା ସକାଶେ ତାହା ଥିଲା ପ୍ରତିଜ୍ଞାବଦ୍ଧ । ମୁଁ ସ୍ପଷ୍ଟ ଦେଖି ପାରିଲି, ଝିଅ ଶୋଇଚି ଫାଷ୍ଟକ୍ଲାସ୍ କମ୍ପାର୍ଟମେଣ୍ଟର ବର୍ଥ ଉପରେ । ଚାରୋଟି ହାତ ଲମ୍ବି ଆସୁଚି ତା'ଆଡ଼େ । ଆବେଗ ଓ ସ୍ନେହର ଚାରୋଟି ସ୍ରୋତ ତାକୁ ଆଲିଙ୍ଗନ କରିବା ପାଇଁ ବ୍ୟଗ୍ରହୋଇ ପଡ଼ିଚି ବୋଲି ସେ ଭାବିଥା'ନ୍ତା । ପର ମୁହୂର୍ତ୍ତରେ ତା'ର ନିଦ୍ରିତ ଦେହ ଆଗରୁ ପ୍ରସ୍ତୁତ ହୋଇଥିବା ଗୋଟେ ବସ୍ତା ଭିତରେ । ତା' ମୁହଁରେ ତଥାପି ସ୍ମିତ ହସ ଅଟକି ରହିଥିଲା । ଟ୍ରେନ୍ ସେତେବେଳେ ଗୋଟେ ପୋଲ ଉପରେ ।

* * *

ଗୋଟେ ଗରମ ଶିହ୍ରାର ଦୋହଲାଇ ଦେଲା ବିଭୁକୁ ପ୍ରଥମେ । ଚରମ ଅସ୍ଥିରତାର ସହିତ ସେ ଠିଆ ହୋଇ ପଡ଼ିଲା ଚେୟାର୍‌ରୁ । ଅଥଚ କେହି କୁଆଡ଼େ ନଥିଲେ । ବନ୍ଦ ଅଛି ଝରକା, ବନ୍ଦ ଅଛି କବାଟ । ତଥାପି ନିଶ୍ଚିନ୍ତ ହେବା ପାଇଁ ସେ କବାଟ ଖୋଲି ବାହାରକୁ ଆସିଲା । କୋଠରୀ ଭିତରେ ଥିବା ନିର୍ଜନତା ଏମିତି ଆଚ୍ଛନ୍ନ କରି ରଖିଥିଲା ତା'ର ଚେତନାକୁ ଯେ, ସହରର ମସ୍ତବଡ଼ କୋଳାହଳ ଅଚିହ୍ନା ଜଣାପଡ଼ିଲା ତାକୁ । ପ୍ରଥମେ ସେ ଭାବିଲା, ସହର ବୋଧହୁଏ ପାଗଳ ହୋଇଯାଇଚି । ଗଣ୍ଡଗୋଳିଆ, ଫେଣ୍ଟାଫେଣ୍ଟି ହୋଇ ଯାଇଚି ସବୁ । ସମସ୍ତେ ସୁରଭି ହୋଇ ଯାଇଚନ୍ତି ।

ମୁହଁ ଓ ବେକର ଝାଳ ପୋଛି ସେ ଠିଆ ହୋଇ ରହିଲା ବେଶ୍ କିଛି ସମୟ ପାଇଁ ଏବଂ ପୁଣି ଫେରିଲା କୋଠରୀ ଭିତରକୁ । ଆଶ୍ଚର୍ଯ୍ୟ, ଟେବୁଲ୍ ଉପରେ ଆଗ ଭଳି ରହିଚି କାଗଜର ବିସ୍ତାରିତ ଛାତି । ଦେଖାଯାଉଚି, ଶୁଖିଲା ବାଲି ପୂର୍ଣ୍ଣ ନଈର ଶଯ୍ୟା ଭଳି । ବନ୍ଦ କଲମ ରହିଥିଲା ତା' ଉପରେ ଗୋଟେ ଡଙ୍ଗା ଭଳି । ବିଭୁ ପ୍ରଥମେ ବୁଝିପାରିଲା ନାହିଁ, ଏତେ ଦୀର୍ଘ ସମୟ ଧରି ସେ କରୁଥିଲା କ'ଣ । ପାଖରେ ରହିଚି ରସି । ପେଡ଼ି ଭିତରେ ଗୁଡ଼େଇ ହୋଇ ରହିଥିବା ସାପ ଭଳି । ବେକ ଆଉ ସିଲିଙ୍ଗ୍ ମଧ୍ୟରେ ସଂଯୋଗ ସ୍ଥାପନ କରିବା ମାତ୍ରେ ସେଇଟା ସକ୍ରିୟ ହୋଇ ଯିବା କଥା । ବିଭୁର ଉଦ୍ଦେଶ୍ୟ ଥିଲା, ପୃଥିବୀ ଉପରୁ ସେ ଝୁଲି ରହିବା ପୂର୍ବରୁ ସବୁ କଥା ପ୍ରକାଶ

Digitized by srujanika@gmail.com

କରି ଯାଆନ୍ତା । ଭାରି ହନ୍ତସନ୍ତ ହେବାକୁ ପଡୁଚି ଏତେ ବଡ଼ ଘଟଣାଟେ ନିଜ ଭିତରେ ରହି ଯାଇଥିବାରୁ । ତାହା ପ୍ରକାଶ କରି ଦେବା ମାତ୍ରେ, ସେ ଖଲାସ ହୋଇ ଯାନ୍ତା । ଜୀବନରୁ ଏବଂ ଭୟଙ୍କର ଗୋପନୀୟତାରୁ । ତା' ମୃତ୍ୟୁପରେ ପୋଲିସ୍ ଏବଂ ନ୍ୟାୟର ଅବତାରମାନେ ସବୁ କଥା ଜାଣିପାରନ୍ତେ । ମାତ୍ର ଶାସ୍ତି ପାଇବା ପାଇଁ ସେ ନ ଥାନ୍ତା ।

ଅଥଚ ଏସବୁ ହେଉଚି କ'ଣ ? ଦିନେ-ଦୁଇଦିନର କଥା ହେଇଚି ? ପାଖାପାଖି ଛ'ମାସ ହେଲା, ସେ ଏବଂ ସୁରଭି ଏଇ ଗୋପନୀୟତାକୁ ନିଜ ଭିତରେ ଧରି ଏ ଯାବତ୍ କେବଳ ଛିନ୍ନଛତ୍ର ହେବାରେ ଲାଗିଚନ୍ତି । ସୁରଭି ପ୍ରଥମେ ତରଳିବା ଆରମ୍ଭ କଲା । ଏମିତି ପରସ୍ଥିତି ହେଲା ଯେ, ତାକୁ ଭର୍ତ୍ତି କରିବାକୁ ପଡ଼ିଲା ପାଗଳଖାନାରେ । ତା'ପରେ ପରେ ସେ ମରିବ ବୋଲି ସଙ୍କଳ୍ପ ଦଶଦିନ ପୁରୁଣା ହୋଇଗଲାଣି । କାଗଜ-କଲମ ଅଛି, ସବୁ କଥା ସ୍ୱୀକାର କରିନେବା ପାଇଁ । ଦଉଡ଼ି ପ୍ରସ୍ତୁତ, ନିଜକୁ ଝୁଲେଇ ଦେବା ପାଇଁ । କିଛି ହୋଇ ପାରୁ ନାହିଁ । ବିଭୁ ପୁଣି ଚୌକି ଉପରେ ବସିଲା । ନିରୁପାୟ ହେଲା । ଦୟନୀୟ ଦେଖାଗଲା । ଗୋଟେ ଅଭୂତପୂର୍ବ କୋହ ଚିପୁଡ଼ି ପକାଇଲା ତାକୁ । ଆଖିରୁ ଝରି ଆସିଲା ଲୁହ । ନା, ଏମିତି ଜୀବନଟେ ତା'ର ଦରକାର ନଥିଲା । ଏମିତି ବଞ୍ଚି ରହିବାରେ କୌଣସି ମାନେ ହୁଏନା ।

ଆଉ ଗୋଟିଏ ପରିସ୍ଥିତିର ରୂପରେଖ ଏଇଭଳି ହୋଇପାରେ । ସୁରଭିକୁ ସାଇକିଆଟ୍ରିଷ୍ଟମାନେ ପରୀକ୍ଷା କରୁଚନ୍ତି । ଏଇ ଯେ ତା'ର ମାନସିକ ବିପର୍ଯ୍ୟୟ ଘଟିଲା, ତା'ର ହେତୁ କ'ଣ ହୋଇପାରେ ? ତା' ଅବସ୍ଥା ବେଶ୍ ଉଦ୍‌ବେଗ ଜନକ ପର୍ଯ୍ୟାୟରେ ପହଞ୍ଚି ଯାଇଚି । କିଛି ଦିନ ପୂର୍ବେ ସେ ଯେଉଁସବୁ କଥା କହୁଥିଲା, ତାହା ଥିଲା ସେଇ ଭୟଙ୍କର ଘଟଣାକୁ କେନ୍ଦ୍ର କରି । ଏହାର ଅର୍ଥ ହେଉଚି, ଗୋଟେ କାମ ସମ୍ପାଦନ କରିବା ବୋଧହୁଏ ସେମିତି କିଛି ଅସମ୍ଭବ କଥା ନୁହେଁ । ଦରକାର ଗୋଟେ ସଙ୍କଳ୍ପ । ଦରକାର ଗୋଟେ ଅନ୍ଧତ୍ୱ । ସେଇ ମୁହୂର୍ତ୍ତରେ ଅନ୍ୟ ସବୁ କଥା ପ୍ରତି ସଚେତନ ନହେଲେ ହେଲା । କେଡ଼େ ସହଜ ଜଣାପଡୁଚି । ମାତ୍ର କାମଟି ସମ୍ପାଦିତ ହେବା ପରେ, ତା'ର ପରିଣାମକୁ ସମ୍ଭାଳିବା ହେଉଚି ବଡ଼ କଥା । ତାହା ହେଉଚି ଅସଲ ପରୀକ୍ଷା । ଭୋକ ହେଉଚି ବୋଲି ପାକସ୍ଥଳୀର ସକ୍ଷମତା ପ୍ରତି ଧ୍ୟାନ ନଦେଇ

Digitized by srujanika@gmail.com

ଗୁଡ଼ାଏ ଖାଇ ଦେବାରେ କ'ଣ ବାହାଦୂରୀ ଅଛି ? ତେବେ, ପାକସ୍ଥଳୀ ଯଦି ବେଶ୍ କିଛି ଜିନିଷକୁ ପ୍ରତ୍ୟାଖ୍ୟାନ କରେ, ତାହା ବାନ୍ତି ହୋଇ ଯିବା ସ୍ୱାଭାବିକ । ସୁରଭି ଅବସ୍ଥା ଆପାତତଃ ଏଇଭଳି । ଘଟଣା ଶେଷ ହେବା ପରେ ସେ ଏବଂ ବିଭୁ ଅନୁଭବ କରୁଥିଲେ ଯେ, ଏଥର ଆସିଗଲା ନିର୍ଝଞ୍ଜାଳ, ବିରକ୍ତିହୀନ ଜୀବନଟେ । କିନ୍ତୁ ଦେଖ, ସୁରଭିର ସତ୍ତା ଏତେ ବଡ଼ କଥାକୁ ହଜମ କରି ପାରିଲା ନାହିଁ । ସେ ନିଜେ ମଧ୍ୟ ହଜମ କରି ପାରିନାହିଁ । ସେଥିପାଇଁ ସୁରଭି ବିପଦଜନକ ଭାବରେ ସତ କଥାଟି ପ୍ରକାଶ କରିଦେବା ପାଇଁ ପାଖା ପାଖି ହୋଇ ଯାଉଚି । ଯଦି ସେ ସବୁ କଥା ପ୍ରକାଶ କରିଦିଏ, ତେବେ ? ଆସିଗଲେ କି ପୋଲିସ୍ ? ସେ ଅଛି କେଉଁଠି ? ହାଜତରେ ନା ନିଜ ଘରେ ? ପାଖରେ ଥିବା ଏଇ ରସି, ତା'ର ନିଜର ନା, ଜେଲ୍ କର୍ତ୍ତୃପକ୍ଷର ?

ନୋ, ନୋ, ନେଭର୍ ! ଏମିତି ପରିସ୍ଥିତିଟେ ଆସିଯିବା ଆଗରୁ ସେ ନିଜକୁ ଧ୍ୱଂସ ନ କରିବ କାହିଁକି ? ସେ ସୁରଭି ଭଳି ପାଗଳ ହେବା ଆଗରୁ ଦୟନୀୟ ଜୀବନକୁ ସାଫ୍ ନ କରିବ କାହିଁକି ? ଜୀବନର ସମସ୍ତ ସମ୍ଭାବନା ସରିଗଲା ପରେ, ଆଉ ଏତେ ମୋହ କ'ଣ ପାଇଁ ? କେଉଁଥିପାଇଁ ଏ ଦେହ ପ୍ରତି ଏତେ ଲୋଭ ?

ଏଇଭଳି ଗଣ୍ଡଗୋଳିଆ ମାନସିକତା ଅବ୍ୟାହତ ରହିଥିଲା । ଗୋଟେ ଦ୍ୱନ୍ଦ୍ୱ । ବେଳେବେଳେ ସେ ଅନୁଭବ କରୁଥିଲା ଯେ, ତାହାର ଚିନ୍ତାଧାରା ସକ୍ରିୟ ଓ ସାବଲୀଳ ହୋଇ ରହିଚି । ସେ ଦେଖୁଥିଲା, ଶୁଣୁଥିଲା ଓ ବୋଧ କରୁଥିଲା ତା' ଭିତରେ—ବାହାରେ ରହିଥିବା ସମସ୍ତ ବାସ୍ତବତାକୁ । ନିଜକୁ କଳନା କରୁଥିଲା । ବିଶ୍ୱ ଭିତରେ ତାହାର ସ୍ଥିତି କ'ଣ ତାହା ସଠିକ ଭାବେ ଜାଣି ପାରୁଥିଲା । ତା'ପରେ ପରେ, ତା'ଭିତରେ କ'ଣ ଗୋଟେ ଧସକି ପଡ଼େ । ତା'ର ଶିରା-ପ୍ରଶିରା, ରକ୍ତକଣିକା, ହାଡ଼ ଭିତରେ ସୃଷ୍ଟି ହୋଇଯାଏ ଗୋଟେ ମାରାତ୍ମକ ଦଙ୍ଗା । ସବୁ ଛିନ୍ନ ଭିନ୍ନ ହୋଇଯାଏ । ବାସ୍ତବତାର ସ୍ଥିତି ଟହଲି ଯାଏ । ଜମା ଜଣା ପଡ଼େନି ସେ ଘରେ ଅଛି ନା ଜେଲ୍ ହାଜତରେ ଅଛି । ସେ ଦେଖୁଥିବା ମଣିଷମାନେ ସାଦା ପୋଷାକ ପିନ୍ଧା ପୋଲିସ୍ ନା ଆଉ କିଏ । ତା' ପରେ ସେ ଅନୁଭବ କରେ, ଗୋପନୀୟତାର ଢ଼ାଙ୍କୁଣୀ ଆପଣାଛାଏଁ ଅପସରି ଯାଉଚି । ସେ କରିଥିବା କର୍ମ ପ୍ରକାଶିତ ହୋଇ

Digitized by srujanika@gmail.com

ଯାଉଚି ସମସ୍ତଙ୍କ ଆଗରେ । ଏଇ ମୁହୂର୍ତ୍ତଗୁଡ଼ାକ ଏକାନ୍ତଭାବେ ଅସହ୍ୟ । ତାହା ପୁଣି ଏମିତି ପ୍ରଚଣ୍ଡ ଶକ୍ତି ନେଇ ଆସେ ଯେ, ତାହାର ସକ୍ରିୟ ସାବଲୀଳ ଚିନ୍ତାଧାରା ଫେଣ୍ଟି ହୋଇଯାଏ । ସେ ଛାଟିପିଟି ହୁଏ ନିଜ ଭିତରେ । ଅସ୍ଥିର ହୋଇ ଚଲାବୁଲା କରେ । ଧଇଁ ସଇଁ ହୁଏ । ଗୋଟେ ଭୟର ଘେର `ଭିତରୁ` ଜମା ମୁକ୍ତି ମିଳେ ନାଇଁ ସେତେବେଳେ । ଅଥଚ ତା’ ପାଖରେ ରହିଚି ସୁଦୃଢ଼ ରସି । ସେ ଝୁଲେଇ ଦେବ ନିଜକୁ । ବର୍ତ୍ତମାନ, ଏଇକ୍ଷଣି । ମାତ୍ର ସ୍ଥଗିତ ରହିଯାଏ ବର୍ତ୍ତମାନ । ଶୋଷ ଲାଗେ । ଚିତ୍କାର କରିବାକୁ ମନ ହୁଏ । ଏତେ ଟେନ୍‌ସନ୍ ନିଜ ଭିତରେ ଆଉ ଧରି ରଖି ପାରିବ ନାହିଁ, ସେ ମଧ୍ୟ ସୁରଭି ପର୍ଯ୍ୟାୟରେ ପହଞ୍ଚି ଯାଇଚି—ଏଇଭଳି ଭାବେ । ନିଜକୁ ଦୟା କରେ । ଘୃଣା କରେ ।

* * *

ମନେ ପଡ଼େ, ନ’ବର୍ଷ ପୂର୍ବେ ସେ କେମିତି ଥିଲା । ପ୍ରାଦେଶିକ ଶାସନ ସେବାରେ ଯୋଗଦେବା ବେଳେ ସେ ଥିଲା ସ୍ୱପ୍ନାଛନ୍ନ ଓ ଆତ୍ମ-ସନ୍ତୁଷ୍ଟ । ପ୍ରଥମେ ସେ ଅବସ୍ଥାପିତ ହୋଇଥିଲା ଗୋଟେ ସବ୍‌ଡ଼ିଭିଜନାଲ୍ ହେଡ୍‌କ୍ୱାଟର୍ସରେ । ସମସ୍ତ ବସ୍‌ଷ୍ଟାଣ୍ଡ୍ ଭଳି ତାହା ମଧ୍ୟ ଥିଲା ଏକ ଅତୁଳନୀୟ ଅପରିଚ୍ଛନ୍ନ ସ୍ଥାନ । ଗୋଟେ ପାଖରେ ତିନି-ଚାରିଟା ପୁରୁଣା ବସ୍‌ର ମୁର୍ଦ୍ଦାର । ଧୂଳି-ଧୂସରିତ ଅସମତଳ ସ୍ଥାନ । ଟିକଟ କାଉଣ୍ଟର୍ ବାରନ୍ଦାରେ ଯାତ୍ରୀମାନେ ଅପେକ୍ଷାରତ । ହାଇ ମାରୁଚନ୍ତି । ଛୋଟ ଛୁଆର ରାହା ଧରି କାନ୍ଦଣା । ବାରମଜାର ଠେଲାଗାଡ଼ି । ସାମନାରେ ବଜାର । ଗାଈ-ବଳଦ । କୋଳାହଳ ।

ବିଭୁ ଅନ୍ୟମନସ୍କ ଦୃଷ୍ଟି ବୁଲେଇ ଆଣିଲା ଚାରିଆଡୁ । ରିକ୍‌ସାରେ ବସିଲା ଓ ପହଞ୍ଚିଗଲା ଅଫିସ୍‌ରେ । ସେଠାରେ ରହିବାକୁ ଅନିଚ୍ଛୁକ ଥିବା ଓ ଧରାଧରି କରି ରାଜଧାନୀକୁ ବଦଳି ହୋଇ ଯାଉଥିବା ତା’ ପୂର୍ବବର୍ତ୍ତୀ ଅଫିସର ଜଣକ ବିଭୁକୁ ସ୍ୱାଗତ ଜଣେଇଲେ । ସେ ଆଶ୍ୱସ୍ତ ହେଲେ ଯେ, ଯଥାଶୀଘ୍ର ଚାର୍ଜ ଦେଇ ସେ ପଳେଇବେ ରାଜଧାନୀକୁ । ଅନେକ ଦିନ ତଳୁ ସେ କ୍ୱାଟର୍ସ ଖାଲି କରି ସାରିଥିଲେ ।

ଚା’ ପିଉଥିବାବେଳେ ସେ ପ୍ରକାଶ କଲେ—“ସବୁ ଭଲ । ତେବେ ଏଠାରେ ରାଜନୈତିକ ହସ୍ତକ୍ଷେପ ଅନେକ ବେଶି । କଲେଜରେ

Digitized by srujanika@gmail.com

ସମ୍ପୂର୍ଣ୍ଣ ଅସଫଳ ହେଉଥିବା ଗୁଡ଼ାଏ ଅପଦାର୍ଥ ଆଜିକାଲି ପଲିଟିକ୍ସ୍ କରୁଚନ୍ତି । କୌଣସି ମନ୍ତ୍ରୀର ବ୍ୟାଗ୍ ବୋହିବା କିମ୍ବା ଯୋତା ସଫାକରିବା ସେମାନଙ୍କର ସୌଭାଗ୍ୟ ବୋଲି ଭାବନ୍ତି । ସେମାନଙ୍କର ଉତ୍ପାତ ସବୁଠୁ ବେଶି । ଅଲକ୍ଷଣାଗୁଡ଼ାକ ରାତିରେ ମଦ ପିଇ କ୍ୱାଟର୍ସ ଭିତରକୁ ମଧ୍ୟ ପଶିଆସିବେ । ଏଇଟା ହେଲା ନାହିଁ । ସେ କାମଟା କାହିଁକି ହେଲା । ଆମ ଲୋକର ଟେଣ୍ଡର୍ ହିଁ ଗ୍ରହଣ କରାଯିବ । ତାକୁ ଚିନି-ଗହମ ଡିଲର୍‌ସିପ୍ ଦିଆଯିବ ଇତ୍ୟାଦି କୈଫିୟତ୍ ମାଗିବେ କିମ୍ବା ପ୍ରସ୍ତାବ ଦେବେ । ଆପଣ ବାହା ହୋଇଚନ୍ତି ?''

—''ନା ।'' ବିଭୁ ଉତ୍ତର ଦେଲା ।

—''ଭେରି ଗୁଡ୍ !'' କହିଲେ ଅଫିସର୍ ଜଣକ । ଯୋଗ କଲେ—''କାହାଘରେ ଯଦି ସୁନ୍ଦରୀ ସ୍ତ୍ରୀଟିଏ କିମ୍ବା ଝିଅଟିଏ ଅଛି, ତେବେ ସରିଲା କଥା । ବାଷ୍ଟାର୍ଡ୍‌ଗୁଡ଼ାକ ରାସ୍ତା ଚଲେଇ ଦେବେ ନାଇଁ ।'' କହିଲେ ଏବଂ ନିଜ ଅଜାଣତରେ ଟେବୁଲ୍ ଉପରେ ଗୋଟେ ବିଧା ଥୋଇଲେ ବରକ୍ତି, ଘୃଣା ଓ ପ୍ରତିଶୋଧର ପ୍ରତୀକ ଭାବରେ ।

ବିଭୁ କିଛି କହିଲା ନାଇଁ । ଏ ସମସ୍ୟା ଖାଲି ଏଠାରେ ନୁହେଁ । ଚାରିଆଡ଼େ । ସମାଜରେ ଯେଉଁ ସ୍ଖଳନ ଚାଲିଚି, ତା' ମୂଳରେ ମୁଖ୍ୟତଃ ଅଛନ୍ତି ରାଜନୀତି କରୁଥିବା ଚରମ ନୀତିହୀନ ରାକ୍ଷସଗୁଡ଼ାଏ । ନିକଟ ଭବିଷ୍ୟତରେ ଏମାନଙ୍କଠାରୁ ମୁକ୍ତି ମିଳିବ ବୋଲି ବିଶ୍ୱାସ ନାହିଁ । ବିମର୍ଷ ଓ ହତୋତ୍ସାହ ହେବାର ଯଥେଷ୍ଟ ଯଥାର୍ଥତା ଅଛି ।

—''ବେଷ୍ଟ୍ ଅଫ୍ ଲକ୍ !'' ସେ କହିଲେ, କରମର୍ଦ୍ଦନ କରୁଥିବା ଅବସ୍ଥାରେ । ଆପଣ ପିଲାଲୋକ । ଫ୍ରେସ୍ ଜଏନ୍ କରିଚନ୍ତି । ମୋ ଭଳି ପ୍ରମୋଶନ୍ ପାଇ ଏ ଚାକିରି କରି ନାହାନ୍ତି । ମୋର ବିଶ୍ୱାସ, ସବୁଆଡୁ ସତର୍କ ହୋଇ ଯାହା କିଛି କରିବେ ।''

ତାଙ୍କର କାର୍, ଅଫିସ୍ ପର୍ଟିକୋ ତଳେ ତାଙ୍କୁ ଅପେକ୍ଷା କରୁଥିଲା । ବିଭୁ ଜାଣେ, ଏ ଚାକିରିରେ କାର-ମାଲିକ ହେବା ସହଜ ନୁହେଁ, ଯଦି ଜଣେ ଅସଦ୍ ଉପାୟ ଅବଲମ୍ବନ ନ କରେ । ସବୁ ଦୋଷ ରାଜନୀତିବାଲାଙ୍କ ଉପରେ ଛାଡ଼ିଦେଲେ ଚଳିବ ନାହିଁ । କ୍ଷମତାର ଅପବ୍ୟବହାର ସବୁଠି—ଅଫିସର୍‌ଠୁ ଆରମ୍ଭ କରି ମନ୍ତ୍ରୀ ପର୍ଯ୍ୟନ୍ତ ।

Digitized by srujanika@gmail.com

ସେଦିନ ବିଶେଷ କିଛି କାମ ନଥିଲା । ବିଭୁ ପୁଣି ଫେରିଯିବା ଆଗରୁ ଭଲଭାବରେ ଦେଖିନେଲା ଅଫିସ୍‌କୁ । ଲମ୍ବା ହଲ୍‌ରେ ତିନି-ଚାରିଟା ପଙ୍ଖା ଘୂରୁଚନ୍ତି ଅନିଚ୍ଛାସତ୍ତ୍ୱେ,, ଯନ୍ତ୍ରଣାର ସ୍ୱର ସହିତ । ଓୟାରିଙ୍ଗ୍ ହୋଇଥିବା ତାର ଝୁଲି ରହିଚି ଏଣେତେଣେ । ଟେବୁଲ୍, ଚେୟାର୍, କାଠ ଆଲମାରିର ସ୍ୱାଭାବିକ ସମାହାର । ତାକୁ କୌତୁହଳର ସହିତ ନିରୀକ୍ଷଣ କରୁଥିବା ଅଧସ୍ତନ କର୍ମଚାରୀଗଣ । ଏଠାରେ ବାରନ୍ଦା । ଗୋଟେ ଗାଈ ଠିଆ ହୋଇ ଆରାମରେ ପାକୁଳି କରୁଚି । ଗୋଟେ କୁକୁର ଶୋଇଚି ଗୋଲାକାର ହୋଇ । ଦୁଇ ଜାଗାରେ ଗୋବର ଗଦା । ବିଭୁ ଫେରି ଆସିଲା । ବସିଲା ଚୌକିରେ । ତା'ର ଅନ୍ୟମନସ୍କ ହାତ ବୁଲି ଆସିଲା ଟେବୁଲ୍‌ର ସମର୍ପିତ ଛାତି ଉପରେ, ଟେଲିଫୋନ୍‌ର ନିବିଷ୍ଟତା ଉପରେ । ଭୁଲ୍‌ବଶତଃ ଗୋଡ଼ ବାଜିଗଲା କଲିଙ୍ଗ୍ ବେଲ୍‌ର ସୁଇଚ୍ ଉପରେ । ଅଫିସ୍ ସାମନାର ବେଲ୍ ଜୀବନ୍ତ ହୋଇ ପଡ଼ିଲା । କ୍ଷଣକ ମଧ୍ୟରେ ଷ୍ଟୁଲ୍ ଉପରେ ବସିଥିବା ଲୋକ ଜଣକୁ ଟାଣି ଆଣିଲା ଭିତରକୁ ।

ବିଭୁ ଆଶ୍ଚର୍ଯ୍ୟ ହେଲା ନାହିଁ ଅବଶ୍ୟ, ତେବେ କୌଣସି କାମ ତା'ର ନଥିଲା ପିଅନ୍ ପାଖରେ । ଗମ୍ଭୀର ହୋଇ ପଚାରିଲା—"ଏଠାରୁ ଶେଷ ବସ୍ କେତେବେଳେ ?"

—"ସନ୍ଧ୍ୟା ଛ'ଟା ବେଳେ, ସାର୍ ।" ବୋଧହୁଏ ପୃଥିବୀର ସବୁଠାରୁ ନମ୍ର ଲୋକ ଜଣକ ଉତ୍ତର ଦେଲା ।

ବିଭୁ ଗମ୍ଭୀର ହେଲା । ଶେଷ ବସ୍ ଛାଡ଼ିବାର ଅନେକ ସମୟ ପୂର୍ବରୁ ସେ ଅଫିସ୍‌ରୁ ବାହାରି ଆସିଥିଲା ।

ଏହାର ପାଞ୍ଚଦିନ ପରେ କ୍ୱାର୍ଟର୍ସ । ଚାକର ପିଲା ଏବଂ ସ୍କୁଟର । ବ୍ୟକ୍ତିଗତ କାମରେ ଅଫିସ୍ ଜିପ୍ କେବେହେଲେ ବ୍ୟବହାର କରିବ ନାହିଁ ବୋଲି ଶପଥ ନେଇଥିଲା ସେ । ଜଣେ ସଚ୍ଚୋଟ କାର୍ଯ୍ୟଦକ୍ଷ ଓ ଭଦ୍ର ଅଫିସର ହେବା ଥିଲା ତା'ଜୀବନର ଲକ୍ଷ୍ୟ । ଆଇନ୍-କାନୁନ୍‌ର କଠୋରତା ସହିତ ସମ୍ବେଦନଶୀଳତାକୁ ସାମିଲ କରି ସମସ୍ୟାର ସମାଧାନ କରିବା ଦିଗରେ ସେ ଜଣେ ଆଦର୍ଶ ଅଫିସର ହେବ—ଏହାହିଁ ଥିଲା ତା'ର ପ୍ରତିଜ୍ଞା ।

ଜୀବନ ଓ ପୃଥିବୀ ପ୍ରତି କୃତଜ୍ଞ ରହିବାରେ ଯଥେଷ୍ଟ ଯଥାର୍ଥତା

Digitized by srujanika@gmail.com

ଅଛି, ତା’ ପାଇଁ । ବି.ଏ. ପରୀକ୍ଷା ଦେବା ବେଳକୁ ତା’ବାପା ଅବଶିଷ୍ଟ ଜମି ବିକି ମଦ ପିଇଥିଲେ ଏବଂ ଗୋଟେ ଟ୍ରକ୍ ତଳେ ଚାପି ହୋଇ ମରିଥିଲେ । ଖବର ପାଇ ସେ ଯେତେବେଳେ ଘରକୁ ଆସିଲା, ଡାକ୍ତରଖାନାରେ ପୋଷ୍ଟମର୍ଟମ୍ ସରି ଯାଇଥିଲା ସେତେବେଳେ । ମାଂସ-ହାଡ଼ ଫେଣ୍ଟାଫେଣ୍ଟି ଗୋଟେ ଗଣ୍ଠିଲି ଭଳି ଦିଶୁଥିଲେ ତା’ ବାପା । ବନ୍ଧୁବାନ୍ଧବମାନଙ୍କର ବଦାନ୍ୟତା, ସାହାଯ୍ୟ ପାଇ ସେ ସମସ୍ତ କାମ ଶେଷ କରିଥିଲା । ପି.ଜି.ରେ ନାମ ଲେଖାଇଥିଲା ଏଇଥିପାଇଁ ଯେ, ସେ ସମସ୍ତ ପରୀକ୍ଷାରେ ଭଲ କରି ଆସିଚି । କେତେଟା ଟିଉସନ୍ ଯୋଗାଡ଼ ହୋଇ ପାରିଲେ ସେ ପାଠପଢ଼ା ଶେଷ କରିବ । ତାକୁ ଅବଲମ୍ବନ କରି ସେ ସାମନା ସାମନି ହେବ ଭବିଷ୍ୟତର ।

କେଉଁଠି କିଛି କାମ ଅଟକି ନଥିଲା । ବରଂ ଅନାହୂତ ଭାବରେ ତା’ ପାଖକୁ ଆସିଯାଉଥିଲା ସାହାଯ୍ୟ । ଟିଉସନ୍ କରୁଥିବା କୌଣସି ମୁରବୀ ଜଣେ ତା’ପାଇଁ କମିଜ୍-ପେଣ୍ଟର ବ୍ୟବସ୍ଥା କଲେଣି ତ ଆଉ କେହି ଜଣେ ଭଲ ଯୋତା ହଳେ ଉପହାର ଦେଲେଣି । ଏଭଳି ମୁହୂର୍ତ୍ତରେ ଗୋଟେ ଆବେଗରେ ସେ ଶିହରିତ ହେଉଥିଲା । ସେ ଆଦୌ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନ ଥିଲା ଯେ, ପୃଥିବୀ ଏବଂ ସଂସାର ଅନେକ ଲୋକଙ୍କର କ୍ରୋଧ ଓ ଅଭିଶାପର ଶରବ୍ୟ ହୁଏ । ଜୀବନ ଗୋଟେ ପ୍ରଲମ୍ବିତ ନରକ ଯନ୍ତ୍ରଣା ଛଡ଼ା ଆଉ କିଛି ନୁହେଁ ବୋଲି କୌଣସି ଲୋକର ଅଭିଜ୍ଞତା-ସିଦ୍ଧ ଉକ୍ତି ଅଗ୍ରାହ୍ୟ କରୁଥିଲା ସେ ସବୁବେଳେ । ବରଂ ସେ ନିଜକୁ ଯଥେଷ୍ଟ ଭାଗ୍ୟବାନ ବୋଲି ମନେ କରୁଥିଲା । ସେ ଗ୍ରହଣ କରିଥିବା ସମସ୍ତ ସହାନୁଭୂତି ଓ ସାହାଯ୍ୟ ସେ ମନେ ରଖୁଥିଲା । ସେସବୁ କୌଣସି ଉପାୟରେ, କୌଣସି ସମୟରେ ପରିଶୋଧ କରିବା ପାଇଁ ପ୍ରତିଜ୍ଞାବଦ୍ଧ ଥିଲା । ସେ ଜାଣେ, ସେ ଯାହା ପାଇଚି, ତାହା ପୁଣି ଫେରାଇବା ସକାଶେ ତା’ର ଗୋଟିଏ ଜୀବନର ଦୈର୍ଘ୍ୟ ଯଥେଷ୍ଟ ହେବ ନାହିଁ । ସେ ଏଇଭଳି ଥରକୁ ଥର ଜନ୍ମଗ୍ରହଣ କରୁଥାଆନ୍ତା । ବାପା-ମା ଛେଉଣ୍ଡ ପିଲାଟେ ବୋଲି ସମସ୍ତେ ଆହା ବୋଲି କହନ୍ତେ, ସାହାଯ୍ୟ କରନ୍ତେ ଏବଂ ସେ ନିଜକୁ ଥଇଥାନ କଲାପରେ ଅକୁଣ୍ଠିତ ହୋଇ ଅନ୍ୟମାନଙ୍କ ପାଇଁ କିଛି କରନ୍ତା । ଏହାଠାରୁ ମହତପଣିଆ ଆଉ କେଉଁଠି ଥାଇପାରେ ବୋଲି ସେ ଚିନ୍ତା ମଧ୍ୟ କରିପାରୁ ନଥିଲା ।

Digitized by srujanika@gmail.com

ସମୁଦାୟ ପୃଥିବୀକୁ ସେ ଗ୍ରହଣ କରିଥିଲା ମା'ର ସୀମାହୀନ ଛାତି ଭାବରେ । ଏ ଛାତି ଭିତରେ ତା' ଭଳି ଲୋକଙ୍କ ପାଇଁ ଖାଲି ଉଷୁମ ସ୍ଥାନ ନଥିଲା; ଆହୁରି ଥିଲା ଉତ୍ସର୍ଗୀକୃତ, ଉଦାର କ୍ଷୀର । ଏ କ୍ଷୀର ଗ୍ରହଣ କଲାବେଳେ ମା'ଜଣକ ଆଦୌ ହିସାବ ରଖିନାଇଁ କେତେ ପରିମାଣର ଚିପୁଡ଼ା ସ୍ନେହ ଓ ଆବେଗ ସେ ଦେଇଚି ଜଣେ ଦରକାର କରୁଥିବା ତୃଷାର୍ତ୍ତ ମଣିଷକୁ ।

ଗୋଟେ କୃତଜ୍ଞତା ଓ ଆବେଗରେ ସେ ବେଳେବେଳେ ଏମିତି ବିଗଳିତ ହୋଇଯାଏ । ଗୋଟେ ସ୍ପନ୍ଦନ ବ୍ୟାପିଯାଏ ତା'ର ସତ୍ତା ଉପରେ, ଭିତରେ । ବେଳେବେଳେ ଅବସ୍ଥା ଏଭଳି ହୁଏ ଯେ, ଅଜାଣତରେ ତା'ର ଦୁଇ ହାତ ପ୍ରସାରିତ ହୋଇଯାଏ । ଭାବେ, ସମୁଦାୟ ଧୂଳିଧୂସରିତ ଧରଣୀକୁ ସେ ଆଲିଙ୍ଗନ କରନ୍ତା ନିବିଡ଼ ଭାବରେ । ତା' ଛାତିର କମ୍ପନ ସହିତ ସେ ସାମିଲ କରିଦିଅନ୍ତା ଏହାକୁ । ଗୋଟିଏ ଚୁମ୍ବନ, ହଁ, ଗୋଟିଏ ପ୍ରଗାଢ଼ ଚୁମ୍ବନରେ ଧରଣୀର ସମସ୍ତ ଦୁଃଖ ଓ ରିକ୍ତତାକୁ ସେ ନେଇ ଆସନ୍ତା ନିଜ ଭିତରକୁ । ବର୍ତ୍ତମାନ ଓ ଭବିଷ୍ୟତ ନିର୍ମଳ ହୋଇ ଯାଆନ୍ତା । ତାକୁ ନୀଳକଣ୍ଠ ବୋଲି କେହି କହିବା ଦରକାର ନାହିଁ । ସେ ନାମ ହୀନ, ଅଜଣା ମଣିଷଟିଏ ହୋଇ ରହିଥାଆନ୍ତା ।

ବାସ୍ତବିକ ସେ ନାମହୀନ ହୋଇ ପଡୁଥିଲା ବୋଧହୁଏ ଅଫିସ୍‌ରେ । ମିଷ୍ଟର୍ ହାଣ୍ଡସମ୍ ! ଏ ନାଁରେ ତାକୁ କିଏ ପ୍ରଥମେ ନାମିତ କଲା ସେ ଜାଣେ ନାହିଁ । ଜାଣିବା ଦରକାର ନଥିଲା । ତେବେ ପ୍ରଥମ ଥର ପାଇଁ ସେ ଯେତେବେଳେ ଜାଣିଲା, ଅଫିସ୍‌ରେ ତାକୁ ପ୍ରାୟ ସମସ୍ତେ, ତା' ଅନ୍ତରାଳରେ, ଏଇ ନାମରେ ଡାକୁଚନ୍ତି, ସେ ବିରକ୍ତ ହୋଇ ନଥିଲା ଜମା । ଉଲ୍ଲସିତ ହୋଇଥିଲା । ସେ ଟ୍ୟଏଲେଟ୍ ଭିତରକୁ ଯାଇଥିଲା । ବେସିନ୍ ଉପରେ ଥିବା ପ୍ରଶସ୍ତ ଦର୍ପଣରେ ସେ ଦେଖିଲା ନିଜକୁ, ସତେ ଯେପରି ପ୍ରଥମ ଥର ପାଇଁ । ଏପାଖ ସେପାଖ ହୋଇ ବିଭିନ୍ନ ଦିଗରୁ ନିଜକୁ ନିରୀକ୍ଷଣ କଲା । ତାକୁ ମିଷ୍ଟର ହାଣ୍ଡସମ୍ ବୋଲି ଡାକିବାରେ ନିଶ୍ଚୟ ଯଥାର୍ଥତା ଅଛି ।

ଗୋଟେ ସମ୍ଭ୍ରାନ୍ତ ବିଜ୍ଞାପନର ମଡ଼େଲ ଭଳି ସେ ଥିଲା ସୌମ୍ୟ ଓ ସ୍ମାର୍ଟ୍ । ତା'ର ସବୁ ଜିନିଷ ଥିଲା ପରିଚ୍ଛନ୍ନ ଓ ରୁଚି-ସମ୍ମତ ।

Digitized by srujanika@gmail.com

ଚକ୍ ଚକ୍ ଜୋତାର ଲେସ୍ ଠାରୁ ଆରମ୍ଭ କରି ଗହଳିଆ କେଶ ପର୍ଯ୍ୟନ୍ତ । ପୋଷାକରେ କୌଣସି କ୍ରିଜ୍ ମଧ୍ୟ ନଥିଲା । ସବୁ ପ୍ରକାରର ପୋଷାକ ତାକୁ ମାନୁଥିଲା ବେଶ୍ । ସେ ହସୁଥିଲା, ଦରକାର ମୁତାବକ । ସେ କେଉଁ ଟୁଥ୍‌ପେଷ୍ଟ୍ ବ୍ୟବହାର କରେ, କେଉଁ ବ୍ଲେଡ୍‌ରେ ଦାଢ଼ି କାଟେ ବୋଲି ପ୍ରଶ୍ନ ତା' ପାଇଁ ପ୍ରଯୁଜ୍ୟ ଥିଲା । ଗୋଟେ ଶାନ୍ତ ଆକର୍ଷଣୀୟ ବ୍ୟକ୍ତିତ୍ୱ ବିଚ୍ଛୁରିତ ହେଉଥିଲା ତା'ଠାରୁ । ତା' ଚାଲିଚଳନ, କଥାବାର୍ତ୍ତାରେ ରହିଥିଲା ଏକ ଅନନ୍ୟ ଆତ୍ମବିଶ୍ୱାସ ଓ ଦୃଢ଼ତା । ତା' ଉପରେ ଭରସା କରାଯାଇପାରେ, ତାକୁ ସମ୍ମାନ କରାଯାଇପାରେ । ଲୋକମାନଙ୍କୁ ସେ ଆକର୍ଷଣ କରିପାରୁ ନଥିଲା ଏବଂ ପୁଣି ନିଜର ତ୍ରୁଟିହୀନତା ଓ ନୈତିକତା ଯୋଗୁଁ ଦୂରନ୍ତ ମଧ୍ୟ ଜଣା ପଡୁଥିଲା । ପ୍ରାୟ ଛ'ଫୁଟ ଉଚ୍ଚ, ଉଜ୍ଜ୍ୱଳ ଓ ମଧ୍ୟମ ସ୍ୱାସ୍ଥ୍ୟ-ସମ୍ପନ୍ନ ବିଭୁ ଅନେକଙ୍କ ଆଖିରେ ଥିଲା ଏକ ମନୋରମ ରହସ୍ୟ ।

ସେଠାରେ ଅବସ୍ଥାପିତ ହେବାର ମାତ୍ର ପନ୍ଦର ଦିନର ଘଟଣା— । ସଂଧ୍ୟା ଛ'ଟା ବେଳେ ଘରକୁ ଫେରିବା ମାତ୍ରେ ରଞ୍ଜନ ଗୋଟେ ବନ୍ଦ ଲଫାଫା ବଢ଼େଇ ଦେଲା ତା' ହାତକୁ । କହିଲା—"ଜଣେ ବାବୁ ମୋଟର ସାଇକେଲ୍‌ରେ ଆସିଥିଲେ । ଆପଣଙ୍କୁ ଏଇଟା ଦେବାପାଇଁ କହିଯାଇଚନ୍ତି ।" ସେ ଭିତରକୁ ଚାଲିଗଲା, ବୋଧହୁଏ ଚା'-ଚଳଖିଆ ପ୍ରସ୍ତୁତ କରିବା ପାଇଁ ।

ସ୍ତବ୍ଧ ହୋଇ ଯାଇଥିଲା ବିଭୁ । ଖାମ୍‌ଟିକୁ ଓଲଟ ପାଲଟ କଲା । ତା'ଭିତରେ ଥିବା ସଂକ୍ଷିପ୍ତ ଚିଠିକୁ ପୁଣିଥରେ ପଢ଼ିଲା । ନା, ପ୍ରେରକର ନାଁ, ଗାଁ କିଛି ମଧ୍ୟ ଉଲ୍ଲେଖ ନାହିଁ । ତା' ହାତରେ ପାଞ୍ଚୋଟି ଶହେ ଟଙ୍କିଆ ନୋଟ୍ । ଚିଠିରେ ଲେଖା ଥିଲା ଯେ, ବିଭୁ ତାଙ୍କ ପାଇଁ ଯେଉଁଭଳି ଆଗ୍ରହର ସହିତ କାମ କରିଥିଲା ଏବଂ ବହୁ ଦିନରୁ ଗଣ୍ଡଗୋଳିଆ ଅବସ୍ଥାରେ ଥିବା ଜମି ସଂକ୍ରାନ୍ତୀୟ ସମସ୍ୟାର ସମାଧାନ କରି ପାରିଲା, ସେଥିପାଇଁ କୃତଜ୍ଞତାର ନିଦର୍ଶନ ସ୍ୱରୂପ ସେତକ ଛୋଟ ଉପହାର । ସେ ନିଜେ ଦେଇଥିଲେ କାଳେ ସେ ଗ୍ରହଣ କରିବ ନାହିଁ ବୋଲି ଏମିତି ଉପାୟଟେ ତାଙ୍କୁ ବାଛିବା ପାଇଁ ପଡ଼ିଲା । ବିଭୁ ତାଙ୍କୁ କ୍ଷମା ଦେବ ବୋଲି ସେ ଆଶା କରିଚନ୍ତି ।

Digitized by srujanika@gmail.com

ନର୍ଭସ୍‌ନେସ୍, ନା ଘୃଣା ? ବିଭୁ ଠିକ୍ ଭାବରେ ଜାଣି ପାରିଲା ନାହିଁ, ତା'ର ପ୍ରାଥମିକ ପ୍ରତିକ୍ରିୟାର ସ୍ୱରୂପ କ'ଣ ଥିଲା । ବ୍ୟାପାରଟା କ'ଣ ହୋଇପାରେ ? ତା' ଚରିତ୍ରକୁ ପରୀକ୍ଷା କରାଯାଉଚି ନା ତାକୁ ବିପଦରେ ପକେଇବା ପାଇଁ ଏମିତି ଗୋଟେ ଜାଲ ବିଛାଯାଇଚି ? ହୁଏତ ତା' ଅଲକ୍ଷ୍ୟରେ ଭିଜିଲାନ୍ସ୍ ସ୍କ୍ୱାଡ୍ କେଉଁଠି ଲୁଚି ଥାଇପାରେ । କପାଳର ଦୁଇଟୋପା ଝାଳ ଖାମ୍ ଉପରେ ପଡ଼ିବା ପରେ ସେ ସଚେତନ ହେଲା । ଆସିଲା ବାହାରକୁ । ସତର୍କ ଦୃଷ୍ଟି ବୁଲେଇ ଆଣିଲା ସଂବୁଆଡ଼ୁ । ପରେ ପରେ ଅସହାୟ ହୋଇ ପଡ଼ିଲା ସେ ।

ସେ ଆଦୌ ଜାଣି ପାରିଲା ନାହିଁ ଲୋକ ଜଣକ କିଏ ହୋଇପାରେ । ସମ୍ଭବତଃ ତା'ଠାରୁ ଅଯଥା ଫାଇଦା ଆଦାୟ କରିବାରେ ସେ ସକ୍ଷମ ହୋଇ ପାରିଚି; ମାତ୍ର ସେ ଭଲ ଭାବରେ ଜାଣେ, ଅଦ୍ୟାବଧି ଅଫିସ୍‌ରେ ଯାହା ସବୁ ସେ କରିଚି, ସେସବୁ ସମ୍ପୂର୍ଣ୍ଣଭାବେ ଆଇନ୍ ପରିସରଭୁକ୍ତ । ଅନ୍ୟାୟରେ କାମ ହାସଲ କରି ନଥିବା ଲୋକ ଜଣେ ପାଞ୍ଚ ଶହ ଟଙ୍କା ଦେଇ ନିଜକୁ ଗୋପନ ରଖିପାରିବ କିପରି ? ଟି-ପୟ ଉପରେ ସେ ଖାମ୍‌କୁ ରଖିଲା । ସିଦ୍ଧାନ୍ତ ଗ୍ରହଣ କଲା ଯେ, କୌଣସି ଅନୁଷ୍ଠାନକୁ କିମ୍ବା କୌଣସି ଗରିବ ଛାତ୍ରକୁ ସେ ଏତକ ଟଙ୍କା ଦାନ କରିବ ।

—"କିରେ, ତୁ ସେ ବାବୁଙ୍କୁ ଆଗରୁ ଦେଖିଥିଲୁ ? ମୁଁ ନଥିବା ବେଳେ ଏଠାକୁ ଆଗରୁ କେବେ ଆସିଥିଲେ ?" ବିଭୁ ପୋଷାକପତ୍ର ନ ବଦଳାଇ ବସିଥିଲା ଏବଂ ପାଣି ଗ୍ଲାସ୍ ଉଠାଇଲା ।

—"ନା । ଆଗରୁ କେବେ ଦେଖି ନାହିଁ ।" ରଞ୍ଜନ କହିଲା ଟିକିଏ ଶଙ୍କିତ ହୋଇ । ଅନୁମାନ କରିପାରିଲା ଯେ ମନକୁ ନ ପାଇବା ଭଳି କିଛି କଥା ଲେଖା ଯାଇଥିଲା ଖାମ୍ ଭିତର ଚିଠିରେ ।

—"କେତେବେଳେ ସେ ଆସିଥିଲେ ?"

—"ଦୁଇଟା କି ତିନିଟା ବେଳେ ।" ରଞ୍ଜନ ଉତ୍ତର ଦେଲା ।

—"ତୋତେ କିଛି କହିଲେ ?" ବିଭୁ ପଚାରିଲା । "ସତ କହ, ତୋତେ କିଛି କହୁଥିଲେ ?"

Digitized by srujanika@gmail.com

ରଞ୍ଜନ ନିଶ୍ଚିତ ଭାବରେ ଡରିଗଲା । ଓଠ ଚାଟିଲା । ନିଃସହାୟ ଦୃଷ୍ଟି ବୁଲାଇ ଆଣିଲା ସବୁଆଡ଼ୁ । ଉତ୍ତର ଦେଲା—"କିଛି କହି ନାହାନ୍ତି । ବେଲ୍ ଶବ୍ଦ ଶୁଣି ମୁଁ କବାଟ ଖୋଲିଲି । ମୋ ହାତକୁ ଚିଠି ବଢ଼େଇ ଦେଇ କହିଲେ, ତୋ ବାବୁଙ୍କୁ ଦେବୁ । ତା' ପରେ ମୋଟର୍ ସାଇକେଲ୍‌ରେ ପଳେଇଲେ ।"

ବିଭୁ ଦୀର୍ଘଶ୍ୱାସ ତ୍ୟାଗ କଲା । ଉଠିଲା, ପୋଷାକପତ୍ର ବଦଳାଇ ଫ୍ରେସ୍ ହେବା ପାଇଁ । କିଛି ସମୟ ପରେ ସେ ରଞ୍ଜନକୁ ଡାକିଲା । ସେ ଘରେ ନଥିବା ବେଳେ କୌଣସି ଲୋକ କିଛି ଜିନିଷ ଧରି ଆସିଲେ, ତାହା ନ ରଖିବା ପାଇଁ ସେ ତାକୁ ସତର୍କ କରିଥାନ୍ତା । ମାତ୍ର ରଞ୍ଜନ ଠିଆ ହେଲା ପାଖରେ । ବିଭୁ ଗୋଟେ ମାନସିକ ଦ୍ୱନ୍ଦ୍ୱର ପ୍ରତିଯୋଗିତା ଅନୁଭବ କଲା । ଅଥଚ ରଞ୍ଜନକୁ କିଛି କହିଲା ନାଇଁ, ଏ ବାବଦରେ ।—"ଯା ତୋ' କାମ କର !" ରଞ୍ଜନ ପଳେଇ ଯିବାପରେ ବିଭୁ ନିଜ ଭିତରେ ସଙ୍କୁଚିତ ହୋଇ ପଡ଼ିଲା । ଅନୁଭବ କଲା, ଗୋଟେ ଅପରିଚ୍ଛନ୍ନତା ତା' ଭିତରେ ସଂକ୍ରମିତ ହେଉଚି । ତା'ର ନିର୍ମଳ ଚିନ୍ତାଧାରା ଓ ଜୀବନ ଦର୍ଶନ ଉପରେ ଗୋଟେ ମଳିନତାର ଆସ୍ତରଣ ବ୍ୟାପି ଯାଉଚି ।

ପରଦିନ ଅଫିସ୍‌ରେ ସେ ଏତେ ଅପ୍ରତିଭ ହୋଇ ପଡ଼ିଥିଲା ଯେ, ନିଜ ପିଅନର ମୁହଁକୁ ସେ ଚାହିଁ ପାରି ନଥିଲା ସିଧାସଳଖ ଭାବରେ । ହେଡ୍ କ୍ଲର୍କ ଓ ଅନ୍ୟମାନେ ଆସୁଥିଲେ, ଯାଉଥିଲେ । ତାକୁ ଜଣାପଡ଼ିଲା, ତା' କ୍ୱାର୍ଟର୍ସରେ କେହି ଜଣେ ପାଞ୍ଚ ଶହ ଟଙ୍କା ଦେବା କଥା ରାଷ୍ଟ୍ର ହୋଇ ଯାଇଚି । ସମସ୍ତେ ଆମୋଦିତ ହୋଇ ମିଷ୍ଟର୍ ହାଣ୍ଡସମ୍‌ଙ୍କୁ ଦେଖୁଚନ୍ତି । ସେମାନଙ୍କର ହୃଦ୍‌ବୋଧ ହୋଇଯାଇଚି ଯେ, କର୍ମନିଷ୍ଠ ଓ ଆଇନ୍-ପରାୟଣ ଜଣା ପଡୁଥିବା, ଚମତ୍କାର ଚେହେରା ଥିବା ଏଇ ନୂଆ ଅଫିସରଙ୍କ ଭିତରେ ରହିଚି ପ୍ରଲୋଭନର ଦୁର୍ବଳତା । ଯାଙ୍କୁ ଆୟତ୍ତ କରିବା ସହଜ ନୁହେଁ ବୋଲି ଧାରଣାଟି ଆପଣାଛାଏଁ ଅପସରି ଯାଉଚି । ବିଭୁ ସାମିଲ ହୋଇ ଯାଇଚି ଆହୁରି ଅଗଣିତ ଅଫିସର୍‌ଙ୍କ ସହିତ; ଯେଉଁମାନେ ନିଜ କ୍ଷମତାକୁ କେନ୍ଦ୍ର କରି ନିଜର ପାର୍ଥିବ ବିକାଶ ଘଟାଇ ପାରନ୍ତି । ତାଙ୍କ ପୂର୍ବବର୍ତ୍ତୀ ଅଫିସରଙ୍କ କାର୍ ଚଢ଼ା ଦୃଶ୍ୟ ବିସ୍ମୟକର ଜଣାପଡୁ ନାଇଁ ।

Digitized by srujanika@gmail.com

ଏ ଘଟଣାକୁ ବିଭୁ ସମସ୍ତଙ୍କ ଆଗରେ ପ୍ରକାଶ କରି ପାରିଥାଆନ୍ତା । ଏହାକୁ ଗୋଟେ ମନୋରଞ୍ଜନକାରୀ ନାଟକ ବୋଲି କହିପାରିଥାଆନ୍ତା ସମସ୍ତଙ୍କୁ ହସ ହସ ମୁହଁ ନେଇ । ସମସ୍ତଙ୍କ ଆଗରେ ପାଇଥିବା ଟଙ୍କା କୌଣସି ଗରିବ ଛାତ୍ରକୁ ଦେଇ ପାରିଥାଆନ୍ତା । ତାହା ସେ କଲା ନାହିଁ । ହେଡ୍‌କ୍ଲର୍କ କିମ୍ବା ଅନ୍ୟ କାହାକୁ ଡାକି ସେମିତି ପିଲାର ନାଁ ସଂଗ୍ରହ କରିବା ପାଇଁ ଯାଉଥିଲା ସେ । ତା' ପରେ କ'ଣ ହେଲା କେଜାଣି ? ତା' ଭିତରେ ଏକ ଅନନ୍ୟ ସତ୍ତା ତାହାକୁ ଅତିକ୍ରମ କରି ଅନ୍ୟ ପାଖରେ ସମସ୍ତ ସ୍ୱାର୍ଥହୀନତା ଓ ଉଦାରତା ନେଇ ପହଞ୍ଚିବାକୁ ବ୍ୟାକୁଳ ଥିଲା । ସେଇ ସତ୍ତା ଅତୀତର ଅଗଣିତ ବିଭୁକୁ ଆବିଷ୍କାର କରିବା ପାଇଁ ତତ୍ପର ଥିଲା । ତାହା ସହସା ଆତ୍ମମଗ୍ନ ହୋଇଗଲା । ବିଭୁ ଆବିଷ୍କାର କଲା ଯେ, ତାହାର ଦୁଇ ହାତ ଅନ୍ୟକୁ ଆଲିଙ୍ଗନ କରିବା ପାଇଁ ଆଉ ଜମା ଆଗ୍ରହୀ ହେଉ ନାହିଁ । ତା' ଦୁଇ ହାତ ରହିଚି ତା' ଦେହ ଚାରିପାଖରେ । ସେ ମନକୁ ସାନ୍ତ୍ୱନା ଦେଲା ଯେ, ଏଥିପାଇଁ ଏତେ ବିବ୍ରତ ହେବାର କୌଣସି ମାନେ ନାହିଁ । ସେ ଯେମିତି ସଂଘର୍ଷ କରି ଏତେ ବାଟ ଅତିକ୍ରମ କରି ପାରିଚି, ଅନ୍ୟମାନେ ସେମିତି ନିଜକୁ ପ୍ରତିଷ୍ଠା କରିବେ । ସେ ଯେତେ ଚେଷ୍ଟା କଲେ ମଧ ସମସ୍ତ ଦାରିଦ୍ର୍ୟ ବିରୁଦ୍ଧରେ ଲଢ଼େଇ କରି ପାରିବ ନାହିଁ ।

ତେବେ ଏ ଯୁକ୍ତି ବଳବତ୍ତର ହେବା ପୂର୍ବରୁ, ତା' ଭିତରର ଦରଦୀ, କୋମଳ ସତ୍ତାଟି ଏହାକୁ ଗ୍ରହଣ କରିବା ଆଗରୁ ସେ ଫୋନ୍ ଡାଏଲ୍ କରୁଥିଲା । ସ୍ଥାନୀୟ କଲେଜର ପ୍ରିନ୍‌ସପାଲ୍ । ସେ ଘୋଷଣା କଲା ଯେ, ଦୁଇଜଣ ଗରିବ ଏବଂ ମେଧାବୀ ଛାତ୍ରଙ୍କୁ ସେ ଆର୍ଥିକ ସାହାଯ୍ୟ ଦେବାକୁ ଚାହେଁ । ସେ କୃତଜ୍ଞ ରହିବ, ଯଦି ପ୍ରିନ୍‌ସପାଲ୍ ନିଜର ସୁବିଧା ଦେଖି ସେମିତି ଛାତ୍ର ଦୁଇଜଣଙ୍କୁ ପଠେଇ ପାରନ୍ତି । ପ୍ରିନ୍‌ସପାଲ୍‌ଙ୍କର ଉଚ୍ଛ୍ୱସିତ ପ୍ରଂଶସା । ତାଙ୍କୁ ଜଣେ ଆଦର୍ଶ ଅଫିସର ବୋଲି ତାଙ୍କର ବର୍ଣ୍ଣନା । ବିଭୁ ଟେଲିଫୋନ୍ ରଖିଲା । ଯଥେଷ୍ଟ ଉଶ୍ୱାସ ଲାଗିଲା ତାକୁ । ସେ ସଂପ୍ରସାରିତ୍ ହୋଇଚି ବୋଲି ନିଜକୁ ଅଭିନନ୍ଦନ ଜଣାଇଲା । ଠିକ୍ କଲା ଯେ, ଦୁଇ ଜଣ ପିଲାଙ୍କୁ ଦୁଇଶହ ଟଙ୍କା ଦେଇ ଅବଶିଷ୍ଟ ଟଙ୍କା ଗାଁକୁ ପଠେଇବ ।

ତିନି-ଚାରି ଦିନ ପର୍ଯ୍ୟନ୍ତ ପ୍ରିନ୍‌ସପାଲ୍‌ଙ୍କ ପାଖରୁ କୌଣସି

Digitized by srujanika@gmail.com

ଖବର ଆସି ନଥିଲା । ସେ ବିସ୍ମିତ ହେଉଥିଲା ଯେ, ତାଙ୍କଠାରୁ କୌଣସି ଖବର ପାଇବା ପାଇଁ ଆଗ୍ରହୀ ନଥିଲା ସେ । କେଉଁ ଗାଁ ଲୋକ କିମ୍ବା ବନ୍ଧୁବାନ୍ଧବ ପାଖକୁ ସେ ଟଙ୍କା ପଠାଇବ, ତାହା ନିର୍ଣ୍ଣୟ କରୁଥିଲା ମନେ ମନେ । ଗାଁ ସହିତ ଆଉ କୌଣସି ସମ୍ପର୍କ ନ ଥିଲା ତା'ର । ଘର ଏବଂ ତା' ପଛରେ ଥିବା ଅଳ୍ପଜମି-ବିଶିଷ୍ଟ ବାରିକୁ ଛାଡ଼ି ଦେଲେ ଆଉ କୌଣସି ବନ୍ଧନ ନଥିଲା । କେବେ ସେଠାକୁ ଗଲେ ସେ ସଂକ୍ରାନ୍ତରେ ବ୍ୟବସ୍ଥା କରାଯାଇ ପାରିବ । ମାତ୍ର ସେ ଭଲ ଭାବରେ ଜାଣେ ଯେ, ନିଜ ପାଇଁ ସେ କୌଣସି ଏକ ଭଲ ସ୍ଥାନରେ ଘରଟିଏ କରିବ । ଗାଁ ପ୍ରତି ତା'ର କୃତଜ୍ଞତା ଅଛି ସିନା, ଆନୁଗତ୍ୟ ନାହିଁ । ସେ ଭୂମିଷ୍ଠ ହୋଇଚି ସେଠାରେ, ମାତ୍ର ନିଜକୁ ଗଢ଼ିଚି ଅନ୍ୟ ସ୍ଥାନମାନଙ୍କରେ ।

ଦରକାର ଗୋଟେ ଘର । ଏଇ ସଚେତନତା ରହିଥିଲା ତା' ପାଖରେ ବରାବର । ନିଜକୁ ସେ କଳନା କରୁଥିଲା ଏବଂ ତା'ର ହୃଦ୍‌ବୋଧ ହେଉଥିଲା ଯେ, ଏଥିପାଇଁ ଅନେକ ଧୈର୍ଯ୍ୟ ଦରକାର । ପାଉଥିବା ଦରମାରୁ ଅର୍ଥ ସଞ୍ଚୟ କରି କେତେବେଳେ ସେ ନିଜ ମୁଣ୍ଡ ଉପରେ କଂକ୍ରିଟ୍‌ର ଛାତଟିଏ ସୃଷ୍ଟି କରି ପାରିବ, ତାହା କହି ହେବ ନାହିଁ ଜମା ।

ଏ ଘଟଣାର ମାତ୍ର ସପ୍ତାହେ ପରେ, ରଞ୍ଜନ ଦିଶୁଥିଲା ବିଜୟଦୀପ୍ତ । ବିଭୁ ଅଫିସ୍‌ରୁ ଫେରି ପୋଷାକ ବଦଳାଇ ସାରିଥିଲା । ଧୁଆଧୋଇ ହେବା ପରେ ଚା' ପିଉଥିବା ବେଳେ ସେ କହିଲା—"ଆଜି ଦି ଜଣ ଲୋକ ଆସିଥିଲେ ।"

—"କେଉଁ ଲୋକ ?" ଉତ୍କଣ୍ଠିତ ଓ ଚଞ୍ଚଳ ହୋଇପଡ଼ିଲା ବିଭୁ ।

—"ମୁଁ ତାଙ୍କୁ ଚିହ୍ନି ନାଇଁ । ବସ୍ତାଏ ଚାଉଳ, ଗୋଟେ ବଡ଼ ମାଛ ଧରି ଆସିଥିଲେ ।" ରଞ୍ଜନ କହିଲା ।

—"କାଇଁ ? ଦେଖେଁ ! କେଉଁଠି ଅଛି ?" ବିଭୁ ପ୍ରାୟ ଚେୟାର୍‌ରୁ ଉଠି ପଡ଼ିଥିଲା ।

—"ତାଙ୍କୁ ମନା କଲି । କହିଲି, ବାବୁ ବିଗିଡ଼ିବେ । ସେ

Digitized by srujanika@gmail.com

ଥିବା ବେଳେ ଆସି ଦେଖା କର ।'' କହିଲା ରଞ୍ଜନ ।

—''ତା'ପରେ ?'' ବିଭୁ ବିରକ୍ତ ଓ ହତାଶ ହୋଇ ପଡ଼ିଚି ବୋଲି ରଞ୍ଜନର ବୁଝିବାକୁ ବାକି ରହିଲା ନାହିଁ ।

ଟିକିଏ ଶଙ୍କିଗଲା । କହିଲା—''ସେ ଜବରଦସ୍ତ ସେସବୁ ଘରେ ରଖୁଥିଲେ । କହିଲେ, ପରେ ଆସି ବାବୁଙ୍କୁ ଦେଖା କରିବି । ତାଙ୍କ କଥା ଶୁଣିଲି ନାହିଁ । ପୁଣି ସେଇ ରିକ୍ସାରେ ପଳେଇଲେ ।''

ବିଭୁ ଗୁମ୍ ମାରି ବସି ରହିଲା ଚୌକିରେ । ଗୋଟେ ସଂଘର୍ଷକୁ ଅନୁଭବ କରୁଥିଲା । ପୁଣି ଯେତେବେଳେ ସେ ମୁହଁ ଟେକିଲା, ସେ ରୂପାନ୍ତରିତ ହୋଇ ଯାଇଥିଲା ଗୋଟେ ପ୍ରଲୋଭନର ଶିକାରରେ । କୌଣସି ଲୋକ ଯଦି କିଛି ଜିନିଷ ତାକୁ ଉପହାର ଦିଅନ୍ତି, ତେବେ ସେସବୁ ପ୍ରତ୍ୟାଖ୍ୟାନ କରିବାରେ ଯଥାର୍ଥତା ନାହିଁ । ପ୍ରଥମେ ସେ ଭାବିଲା, ସବୁ କଥା ରଞ୍ଜନକୁ ସେ କହି ସାରିଚି । ମାତ୍ର ପରେ, ସେ ଯେତେବେଳେ ଏ ସଂକ୍ରାନ୍ତରେ ତାକୁ ନିର୍ଦ୍ଦେଶ ଦେଲା, ସେତେବେଳେ ତଣ୍ଟି ଶୁଖିଯାଉଥିଲା । ହୃତ୍‌କମ୍ପନ ଅନୁଭବ କଲା ସେ ନିର୍ଭୁଲ ଭାବରେ । କହିଲା—''ନାଇଁ, ତୁ ସେମିତି କିଛି କରିବୁ ନାଇଁ । ଯାହା କରିବା କଥା ମୁଁ କରିବି ।''

ପ୍ରଥମ ମାସର ଦରମା ସେ ଧରିଥାଏ ଏବଂ ଗୋଟେ ଶିହରଣକୁ ନିଜ ଭିତରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଥାଏ । ସେ ଆଦୌ ଜାଣି ପାରୁ ନଥାଏ, ଅତୀତଟା କାହିଁକି ତା' ମନ ଭିତରେ ପୁନର୍ଜୀବିତ ହୋଇ ପଡୁଥିଲା । ବାପା ବଞ୍ଚି ରହିଥିଲେ ଗୁଡ଼ାଏ ବଦଭ୍ୟାସ ଓ ଦାୟିତ୍ୱହୀନତା ନେଇ । ଘରେ ଥିବେ, ହଠାତ୍ କ'ଣ ମନ ହେବ କେଜାଣି, ପଳେଇ ଯାଉଥିଲେ କୁଆଡ଼େ । ଚାରି-ପାଞ୍ଚ ଦିନ, ଏପରିକି ଦଶ-ପନ୍ଦର ଦିନ ପରେ ଫେରିବା ବେଳେ ସେ କେମିତି ଅଦ୍ଭୁତ ଓ ଅଚିହ୍ନା ଜଣା ପଡ଼ନ୍ତି । ପୋଷାକପତ୍ର ମଇଳା ହୋଇ ଯାଇଥାଏ । କଟା ଯାଇ ନଥିବା ଦାଢ଼ି-ସମ୍ବଳିତ ମୁହଁ । ଆଖି ପଶି ଯାଇଥାଏ ଦୁଇଟି କଳା ଗହ୍ୱର ଭିତରକୁ । ସେ ଠିଆ ହୁଅନ୍ତି । ଚାହାନ୍ତି ଚାରିଆଡ଼କୁ, ଭୁଲ୍ ବଶତଃ ଅନ୍ୟ ଗୋଟେ ଘରକୁ ପଶି ଆସିବା ଭଳି । ତାଙ୍କ ମୁହଁ ଉପରେ ହତାଶା ଓ ଅପାରଗ କ୍ରୋଧ ଫେଣ୍ଟି ହୋଇଯାଏ । ସେ ନିଜେ ଏକ ଚରମ ପରାଜୟରେ ପରିଣତ ହୋଇ ଯାଆନ୍ତି । ମା'କୁ ପିଟନ୍ତି । ବଚସା ହୁଏ । ଘର

Digitized by srujanika@gmail.com

ଏତେ ଛେଉଣ୍ଡ ଓ ହତଭାଗା ଜଣା ପଡ଼େ ଯେ, ବିଭୁ ଆତଙ୍କିତ ହୋଇ ଗାଁ ରାସ୍ତାରେ ଇତସ୍ତତଃ ବୁଲେ । ଅସ୍ଥିର ହୁଏ । ବ୍ୟାକୁଳତା ଓ କୋହରେ ଛଟପଟ ହୁଏ । ପେଣ୍ଟ ଛିଣ୍ଡିଗଲାଣି ବୋଲି କହି ହୁଏ ନାହିଁ । କାଳେ ମାଡ଼ ହେବ । ବହି ନାହିଁ ବୋଲି ଅନ୍ୟମାନଙ୍କଠୁ ମାଗି ଆଣିବାକୁ ପଡ଼େ ଘଣ୍ଟେ-ଦି'ଘଣ୍ଟା ପାଇଁ । କୌଣସି ସାଙ୍ଗପିଲା ଅଭାବ ସମୟରେ କିଛି କାଗଜ ଯୋଗେଇ ଦିଅନ୍ତି ।

ମାଟ୍ରିକ୍ ପଢ଼ିବା ବେଳେ ସେ ଟିଉସନ୍ ଆରମ୍ଭ କରିଥିଲା । ଗାଁ ପାଖ ହାଇସ୍କୁଲ୍ ବୋଲି ଅସୁବିଧା ହେଉ ନଥିଲା । ମା' ମରିଗଲା ସେ ଦଶମ ଶ୍ରେଣୀରେ ପଢ଼ିବା ବେଳକୁ । ନିମୋନିଆ ହୋଇଥିଲା । ବିନା ଔଷଧରେ ବିଛଣା ତଳେ ଛଟପଟ ହୋଇ ମରିଗଲା । ଦାରିଦ୍ର୍ୟ ଗୋଟେ ସିଧାସଳଖ ବାଟ—ମୃତ୍ୟୁଠାରୁ ଜୀବନ ପର୍ଯ୍ୟନ୍ତ । ମୃତ୍ୟୁ ପାଇଁ ସହଜ ହୁଏ ଜୀବନ ପାଖକୁ ଆସିବା ସକାଶେ । ତାକୁ ଅଟକେଇବାକୁ ଆଉ କୌଣସି ପ୍ରତିବନ୍ଧକ ନଥାଏ ।

ସଂସାର କହିବା ମାନେ, ସେ ବୁଝୁଥିଲା ଦାରିଦ୍ର୍ୟ, ବଦଭ୍ୟାସ ଓ ଦାୟିତ୍ୱହୀନତା । ଜୀବନ କହିବା ମାନେ, ସେ ବୁଝୁଥିଲା ଛିଣ୍ଡା ପେଣ୍ଟ, ବହି-ଖାତାହୀନତା । ଗୋଟାଏ ପାଖରେ ନୃଶଂସ ଅବହେଳା, ଅନ୍ୟପାଖରେ ଅସହାୟତା ଓ ବ୍ୟାଧି । ଜୀବନ ଏଇଭଳି ପରିସର ମଧ୍ୟରେ ଗତି କରୁଥାଏ । ଏହାର ସୀମା ଟପିଲେ ଅଫିସ୍ ଫ୍ୟାନ୍ ତଳେ, ଚେୟାର୍‌ର ସିଂହାସନ ଉପରେ ବସିବା ସମ୍ଭବ ବୋଲି ସେ କଳ୍ପନା କରି ନଥିଲା ଜମା । ଅନାହୂତ ଭାବରେ ଅଚିହ୍ନା ଲୋକ ପାଖରୁ ଆସି ଯାଇ ପାରେ ପାଞ୍ଚଶହ ଟଙ୍କା । ଆହୁରି ମଧ୍ୟ ଚାଉଳ ବସ୍ତା ଓ ବଡ଼ ମାଛ । ନିର୍ଦ୍ଦିଷ୍ଟ ସମୟରେ ଦରମା ଟଙ୍କା । ଆଖି ଛଳ ଛଳ ହେବାର ଯଥେଷ୍ଟ କାରଣ ଥିଲା ବିଭୁ ପାଇଁ ।

ଯା ପରେ ସେ ବ୍ୟାଙ୍କ୍‌କୁ ଟେଲିଫୋନ୍ କରୁଥିଲା ଗୋଟେ ଏକାଉଣ୍ଟ୍ ଖୋଲିବା ପାଇଁ । ଅନ୍ୟ ଦିଗରୁ ଯେଉଁ ସ୍ୱରଟି ସେ ଶୁଣିବାକୁ ପାଇଲା, ତାହା ଥିଲା ଜଣେ ମହିଳାଙ୍କର । ତାଙ୍କ ସ୍ୱରରେ ଏମିତି ଗୋଟେ ପ୍ରରୋଚନା ଓ କୃତକୃତ୍ୟ ହେବାର ସଙ୍କେତ ଥିଲା ସତେ ଯେପରି ବିଭୁ ସେଠାରେ ଏକାଉଣ୍ଟଟିଏ ଖୋଲିଲେ ହିଁ ସେଇ ବ୍ୟାଙ୍କ୍ ଧନ୍ୟ ହୋଇଯିବ ।

Digitized by srujanika@gmail.com

ସେହି ବ୍ୟାଙ୍କ୍ ଏ ଯାବତ୍ ପଡ଼ି ରହିଚି ଗୋଟେ ଦେହ ଭଳି । ବିଭୁର ଏକାଉଣ୍ଟ୍ ହିଁ ସେଇ ଦେହ ଭିତରେ ଆତ୍ମା ଓ ଜୀବନର ସଞ୍ଚାର କରିପାରିବ । ବିଭୁ ଯା ପୂର୍ବରୁ ଏଭଳି ବିମୋହିତ ଓ ଆପ୍ୟାୟିତ ହୋଇ ନଥିଲା । ତେବେ ସେଠାରେ କେତୋଟି ଫର୍ମ ପୂରଣ କରିବାକୁ ପଡ଼ିବ । ତା'ର ନମୁନା ଦସ୍ତଖତ ମଧ ରଖାଯିବ । ଏଥିପାଇଁ ସେଠାରେ ତା'ର ଉପସ୍ଥିତି ନିତାନ୍ତ ଦରକାର ।

ପ୍ରାୟ ଗୋଟିଏ ଘଣ୍ଟା ପରେ ବ୍ୟାଙ୍କ୍ । ବିଭୁ ସେଠାରେ ଯେଉଁ ମହିଳାଙ୍କର ସାମନା ସାମନି ହେଲା, ତାଙ୍କ ସହିତ ସେ ଫୋନ୍ ଯୋଗେ କଥାବାର୍ତ୍ତା କରୁଥିଲା କିଛି ସମୟ ପୂର୍ବେ । ବିଭୁ ସ୍ତମ୍ଭୀଭୂତ ହୋଇ ଯାଇଥିଲା ଯେ, ସେ ସହରର ଗୋଟେ ବ୍ୟାଙ୍କ୍‌ରେ ଏଭଳି ଜଣେ ଆକର୍ଷଣୀୟ ତରୁଣୀ ଚାକିରି କରୁଚନ୍ତି ।

—''ବସନ୍ତୁ, ପ୍ଲିଜ୍ !'' ସେ କହିଲେ ସ୍ୱପ୍ନାଚ୍ଛନ୍ନ ବିଭୁଙ୍କୁ । "ଇମା ଦଶମିନିଟ୍ ଭିତରେ ସବୁ କାମ ସରିଯିବ । ଏଇ ଫର୍ମଟା ଟିକେ ପୂରଣ କରିଦିଅନ୍ତୁ ।''

ବିଭୁ ଫର୍ମଟା ଗ୍ରହଣ କଲା ଅନ୍ୟମନସ୍କ ଭାବରେ । ସେ ଅନୁଭବ କଲା, ଫର୍ମର ପ୍ରତ୍ୟେକ ଅକ୍ଷର ଥିଲା ସାମନାରେ ବସିଥିବା ମହିଳାଙ୍କର ଗୋଟେ ଗୋଟେ ଫଟୋଗ୍ରାଫ । କେବଳ ଫର୍ମ ନୁହେଁ, ସମଗ୍ର କୋଠରୀ; ବୋଧହୁଏ ତମାମ୍ ବିଶ୍ୱ ମହିଳାମୟ ହୋଇ ଯାଇଥିଲା । ଏ ବିଶ୍ୱ ବଞ୍ଚି ରହିଥିଲା ମହିଳାଙ୍କର ଉପସ୍ଥିତି ସକାଶେ । ଏହାର ସୌନ୍ଦର୍ଯ୍ୟ ସମ୍ଭବ ଥିଲା ମହିଳାଙ୍କର ସୌନ୍ଦର୍ଯ୍ୟ ସକାଶେ । ଏହାର ଭାଷା ସମ୍ଭବ ହେଉଥିଲା ତାଙ୍କର ସ୍ୱର ସକାଶେ । ଏହା ସ୍ୱର ନଥିଲା, ଥିଲା ଏକ ମହିମାମୟ ସଙ୍ଗୀତ । ବିଭୁ ସ୍ୱୀକାର କଲା, ସେ ଏଭଳି ଚମକୃତ ହୋଇ ନଥିଲା କେବେ, ଏପରିକି ନିଯୁକ୍ତିପତ୍ର ପାଇବା ଦିନ ମଧ ନୁହେଁ ।

ଫର୍ମଟା ଧରି ସେ ଚାହିଁଲା ମହିଳାଙ୍କ ଆଡ଼େ ଜଣେ ନିର୍ବୋଧ ଭଳି । ତାହା କିଭଳି ପୂରଣ କରିବାକୁ ହେବ ତାହା ଜାଣିବା ଅର୍ଥ ହେଉଛି, ମହିଳାଙ୍କର ପରିଚୟ ପାଇବା । ସେ କାହିଁକି ଝାଳେଇ ଯାଇଥିଲା ଏବଂ ତା'ର ତଣ୍ଟି ଶୁଖିଯାଇଥିଲା, ତାହାର କାରଣ ବୁଝି ପାରିନଥିଲା ସେ । ସେ ନିଜର ଅଜ୍ଞତା ସ୍ୱୀକାର କରିବାକୁ ଚାହିଁଲା । ଆଶ୍ଚର୍ଯ୍ୟ

Digitized by srujanika@gmail.com

ହେଲା ଯେ, ମହିଳାଙ୍କ ପାଖରେ ନିଜ ଅଜ୍ଞତା ପ୍ରକାଶ କରିବାରେ ଥିଲା ଗୋଟେ ନାହିଁ ନଥିବା ଆନନ୍ଦ ଓ ଆବେଗ ।

—"ଏକ୍‌ସକ୍ୟୁଜ୍ ମି ! ଭୁଲ୍ ଭାଲ୍ ହୋଇଯାଇ ପାରେ ! କେଉଁଠି କ'ଣ ଲେଖିବାକୁ ହେବ ?" ବିଭୁ ସାମାନ୍ୟ ଅପ୍ରତିଭ ହେଲେ ମଧ୍ୟ ପଚାରିଲା ।

ଗୋଟେ ମାମୁଲି ଫର୍ମ କିଭଳି ପୂରଣ କରିବାକୁ ହେବ—ବିଭୁକୁ ସେତକ କଥା ଶିଖେଇବା ପାଇଁ ସତେ ଅବା ମହିଳା ଜଣକ ଅପେକ୍ଷା କରି ଆସିଚନ୍ତି ଯୁଗ ଯୁଗ ଧରି । ତାଙ୍କର ଆଗ୍ରହଦୀପ୍ତ ସ୍ୱର—"ନଥିଙ୍ଗ୍ ଟୁ ଓରି ! ଏଇ ଦେଖନ୍ତୁ ।"

ଟଙ୍କା ଡିପୋଜିଟ୍ କରିବା ପାଇଁ ବିଭୁ ଯେଉଁ ଶହେ ଟଙ୍କିଆ ନୋଟ୍‌ଗୁଡ଼ାକୁ ଗଣିଲା, ତା' ମଧ୍ୟରେ ଥିଲା ପୂର୍ବୋକ୍ତ ପାଞ୍ଚଶହ ଟଙ୍କା । ସେତକ ବଢ଼େଇ ଦେବା ବେଳେ ଗୋଟେ ଗରମ ଢ଼େଉ ସଞ୍ଚରିତ ହୋଇଗଲା ତା'ର ଦେହ ଉପରେ । ସେ ସଙ୍କୁଚିତ ହୋଇ ପଡ଼ିଥିଲା, ମାତ୍ର ତା' ପାଖକୁ ଅଳ୍ପ ସମୟ ମଧ୍ୟରେ ଫେରି ଆସିଥିଲା ଆତ୍ମବିଶ୍ୱାସ ଓ ମାନସିକ ଦୃଢ଼ତା ।

ତା'ପାଇଁ ପାସ୍‌ବୁକ୍ ପ୍ରସ୍ତୁତ କରୁଥିବା ମହିଳାଙ୍କର କପାଳର ବିନ୍ଦି, ବବ୍ ଷ୍ଟାଇଲ୍‌ରେ କଟା ଯାଇଥିବା ସାଂପୁକରା କେଶକୁ ନିରୀକ୍ଷଣ କରୁଥିଲା ବିଭୁ । ଗୋରା, ପତଳା ଗଢ଼ଣର ଲୋକଟିଏ । ତାଙ୍କୁ ଅଦ୍ଭୁତ ଭାବରେ ମାନୁଥିଲା ଶାଢ଼ୀ ଓ ବ୍ଲାଉସ୍ ।

ବିଭୁ ସାହସ ସଞ୍ଚୟ କରି ନୀରବତା ଭାଙ୍ଗିଲା—"କେବେଠୁ ଚାକିରି କଲେଣି ? ଇଫ୍ ୟୁ ଡୋଣ୍ଟ୍ ମାଇଣ୍ଡ୍ !"

ମହିଳାଙ୍କର ଚକ୍ ଚକ୍ ଦାନ୍ତ, ରକ୍ତିମ ଓଠର ବଳୟ ମଝିରେ—"ମାସେ ହୋଇ ନାଇଁ !"

—"ଆଇ ସି !" ବିଭୁ କହିଲା, ଯା ପରେ କଥୋପକଥନକୁ କିଭଳି ଚାଲୁ ରଖା ଯାଇପାରେ, ତାହା ଜାଣି ନପାରି । ଅନ୍ୟ କୌଣସି ପ୍ରଶ୍ନ ଏକାନ୍ତ ଭାବେ ବ୍ୟକ୍ତିଗତ ହୋଇ ଯାଇପାରେ । ପାଗ, ବଜାର

Digitized by srujanika@gmail.com

ଦର, ପଲିଟିକସ୍ ଇତ୍ୟାଦି ଆଲୋଚନା ପାଇଁ ତାହା ଉପଯୁକ୍ତ ସମୟ ନଥିଲା ।

—"କାହିଁକି ? ବିଶ୍ୱାସ ହେଉନି ?" ମହିଳା ପଚାରିଲେ । ଏଥର ତାଙ୍କର ସ୍ୱର ନିଶ୍ଚିତ ଭାବରେ ଜଣେ ଅଫିସରର ସ୍ୱର ନଥିଲା । ଥିଲା ଜଣେ ବ୍ୟକ୍ତିବିଶେଷର, ଯେ' କି ଅଫିସ୍‌ର ଜାନ୍ତବ ସୀମା ଟପି ଅନ୍ତରଙ୍ଗ ହେବାକୁ ଇଚ୍ଛା କରୁଥିଲା ।

—"ନା, ନା, ସେକଥା ନୁହେଁ ।" ଟିକିଏ ପ୍ରତିବାଦ କଲା ବିଭୁ । ହଠାତ୍ କହିଲା; ବାସ୍ତବିକ କହି ହୋଇଗଲା—"ଆପଣ...ନାଇଁ, ମୁଁ କ'ଣ କହୁଥିଲି କି, କୌଣସି ଫିଲ୍ମରେ ଆପଣ ହିରୋଇନ୍ ହୋଇ ପାରନ୍ତି, ଖୁବ୍ ସହଜରେ ।"

ଏ ମନ୍ତବ୍ୟର ଅପ୍ରତ୍ୟାଶିତତା ତାଙ୍କ ମୁହଁ ଉପରେ ଯେଉଁ ପ୍ରତିକ୍ରୟା ସୃଷ୍ଟିକଲା, ତାହା ବର୍ଣ୍ଣନା କରିବା ପାଇଁ ବିଭୁକୁ ହୁଏତ କାଳିଦାସ ଭାବରେ ଜନ୍ମଗ୍ରହଣ କରିବା ଦରକାର ଥିଲା । ତାଙ୍କ ମୁହଁ ଖାଲି ଲାଲ୍ ନୁହେଁ, ଝାଳେଇ ଗଲା । କୁଞ୍ଚିତ ହେଲା ଭ୍ରୁ । ଗୋଟେ ଅବିଶ୍ୱାସ, ଗୋଟେ ନାହିଁ ନଥିବା ଆତ୍ମ ସନ୍ତୋଷରେ ସେ ଯେପରି ପରିପୂର୍ଣ୍ଣତା ହାସଲ କଲେ ସେଇ ମୁହୂର୍ତ୍ତରେ । ତାଙ୍କ ସୌନ୍ଦର୍ଯ୍ୟ ସେଇଠି ସତେ ଅବା ମୋକ୍ଷ ଲାଭ କଲା । ସେମାନେ ପରସ୍ପରକୁ ଦେଖିଲେ ଦୀର୍ଘ ସମୟ ପାଇଁ ନୀରବରେ ଏବଂ ଏଇ ନୀରବତା ଜରିଆରେ ବର୍ତ୍ତମାନ ଓ ଭବିଷ୍ୟତର ସମସ୍ତ ଭାଷା ପ୍ରାଞ୍ଜଳ ଭାବରେ ପ୍ରକାଶିତ ହୋଇଗଲା । ସେ ଟିକିଏ ହସିଲେ । କମ୍ପିତ ଓଠ, ନାକପୁଡ଼ା ଓ ଭ୍ରୁକୁ ପ୍ରକୃତିସ୍ଥ କରିବା ପାଇଁ ଉଦ୍ୟତ ହେଲେ । ପୁଣି ମୁହଁ ଟେକି ଦେଖିଲେ, ବିଭୁ ବସିଚି ମନ୍ତ୍ରମୁଗ୍ଧ ଭଳି । ତାଙ୍କ ସୌନ୍ଦର୍ଯ୍ୟ ଗୋଟେ କୁହୁକ ଭଳି ତାକୁ ସ୍ଥାଣୁ ଓ ନିର୍ବାକ କରି ଦେଇଥିଲା ।

ସୁରଭି ! ତାହା ହିଁ ଥିଲା ତା' ନାମ । ଅଫିସ୍‌ରେ ବିଭୁ ସମ୍ପୂର୍ଣ୍ଣ ଅନ୍ୟମନସ୍କ ହୋଇ ଯାଇଥିଲା । ସମୁଦାୟ ବିଶ୍ୱ ଓ ଆକାଶ ସୁରଭିମୟ ହୋଇ ଯାଇଥିଲା ତା' ପାଇଁ । ସମୁଦ୍ରର ଲହଡ଼ି ଭାଙ୍ଗୁଥିଲା କେବଳ ସେଇ ନାମକୁ ଉଚ୍ଚାରଣ କରି । ପବନ ବହୁଥିଲା ସୁରଭି ନାମକୁ ସବୁଆଡ଼େ ବିଞ୍ଚି ଦେବା ପାଇଁ । ବିଭୁ ନିଜର ଦୈନନ୍ଦିନତାଠାରୁ

Digitized by srujanika@gmail.com

ବିଚ୍ୟୁତ ହୋଇ ପଡ଼ିଥିଲା । ଦିନ ପ୍ରାୟ ଦଶଟା ବେଳେ ସେ ଫୋନ୍ ଉଠାଇଲା ।

—"ମୁଁ ଜାଣିଥିଲି, ଆପଣ ନିଶ୍ଚୟ ଫୋନ୍ କରିବେ ।" ଅନ୍ୟ ପ୍ରାନ୍ତରୁ ଶୁଭିଲା ସ୍ମିତ ହସ ମଖେଇ ହୋଇଥିବା ଏକ ବାକ୍ୟ ।

ପ୍ରଥମେ ବିଭୁ ଅପ୍ରତିଭ ହେଲା ନିଶ୍ଚୟ । ଭାବିଲା, ସେ ବୋଧହୁଏ ଶସ୍ତା ହୋଇ ପଡୁଚି । ତା'ର ବ୍ୟାକୁଳତା ଲକ୍ଷ୍ୟ କରୁଚି ସୁରଭି ପ୍ରଚୁର କୌତୁହଳର ସହିତ । ସେଥିପାଇଁ ଉପଯୁକ୍ତ ଉତ୍ତରଟେ ସେ ନିର୍ଣ୍ଣୟ କରି ପାରିଲା ନାଇଁ ଯଥାଶୀଘ୍ର । କହିଲା—"ମୁଁ ବୋଧହୁଏ ଡିଷ୍ଟର୍ବ କଲି ।"

—"ଜମା ନୁହେଁ ।" ଦୃଢ଼ ସ୍ୱର ଶୁଭିଲା ସୁରଭିର । ତା'ପରେ ତା' ସ୍ୱର ବେଶ୍ ତନ୍ଦ୍ରାଚ୍ଛନ୍ନ ହୋଇ ପଡ଼ିଲା—"ଏଠାରେ ଚାକିରି କରିବା ପରେ, ଗତ କାଲିଟିକୁ ମୁଁ ବେଶ୍ ଉପଭୋଗ କରିଥିଲି । ଆପଣ କେତେବେଳେ ସୁବିଧା ଦେଖି ପୁଣି ଆସିବେ ?"

ବିଭୁ କହି ପକାଇଲା—"ଆପଣଙ୍କ ପାଖକୁ ଯିବା ସକାଶେ ସବୁ ମୁହୂର୍ତ୍ତ ମୋ ପାଇଁ ସୁବିଧାଜନକ ।"

ଟିକିଏ ନୀରବତା । ପୁଣି ଶୁଭିଲା—"ଆସନ୍ତୁ, ଯେତେବେଳେ ଆପଣଙ୍କର ମନ ହେବ ।"

ଗୋଟେ ଆତ୍ମସମର୍ପଣ । ବିଭୁ ପ୍ରତ୍ୟେକ ରକ୍ତକଣିକା ଓ ହାଡ଼ ଉପରେ ଅନୁଭବ କଲା ଏକ ମଧୁର ସବୁଜ ଆବେଗ । ବାସ୍ତବିକ, ସେ ଆବେଗର ତୀବ୍ରତା ଏତେ ବେଶି ଥିଲା ଯେ, ତା'ର ସୀମିତ ଦେହ ତାକୁ ଧରି ରଖିବା ପାଇଁ ଅକ୍ଷମ ହୋଇ ପଡ଼ିଥିଲା ବେଶ୍ କିଛି ସମୟ ପାଇଁ । ଗୋଟେ ମସୃଣ, ଚମତ୍କାର ପାଗଳାମି ତା'ର ସମସ୍ତ ଭାବନାକୁ ବାତିଲ୍ କରି ସାରିଥିଲା । ସେ ଆଦୌ ଚାହୁଁ ନଥିଲା, ସେ ପାଗଳାମି ତା'ଠାରୁ ଅନ୍ତର୍ହିତ ହୋଇ ଯାଉ । ତାହା ଥିଲା ମନ ମତାଣିଆ ଏକ ସୁଗନ୍ଧ, ଆଲୋକ ପରିପୂର୍ଣ୍ଣ ଏକ ଉଷ୍ଣତା । ଜୀବନର ସମସ୍ତ ତପସ୍ୟାର ତାହା ଥିଲା ତଥାସ୍ତୁ । ବିଭୁ ଆଦୌ ପ୍ରକୃତିସ୍ଥ ହେବାକୁ ଚାହୁଁ ନଥିଲା । କୌଣସି ଏକ ଅଦୃଶ୍ୟ ଶକ୍ତି ତାକୁ ବାହାର କରି

Digitized by srujanika@gmail.com

ଆଣିଲା ଅଫିସ୍‌ରୁ । ସେ ଆଗେଇ ଚାଲିଲା ସ୍କୁଟର୍ ଆଡ଼େ ।

ପ୍ରାୟ ପନ୍ଦର ଦିନ ପରେ ପ୍ରତୀକ୍ଷିତ ମୁହୂର୍ତ୍ତ । ଗୋଟେ ଉତ୍କଣ୍ଠାର ସହିତ ବିଭୁ ଅପେକ୍ଷା କରୁଥିଲା ସୁରଭିକୁ ନିଜ କ୍ୱାର୍ଟର୍ସରେ । ସନ୍ଧ୍ୟା ପ୍ରାୟ ଛ'ଟା ହୋଇ ସାରିଥିଲା । ଟେଲିଫୋନ୍‌ର ସମସ୍ତ ଆଶ୍ୱାସନା ସତ୍ତ୍ୱେ ସେ ଆଦୌ ବିଶ୍ୱାସ କରିବା ପାଇଁ ପ୍ରସ୍ତୁତ ନଥିଲା ଯେ ସୁରଭି ବାସ୍ତବିକ ଆସିବ ତା' ପାଖକୁ ।

ଅଥଚ ସେ ଯେତେବେଳେ ରିକ୍ସାରୁ ଓହ୍ଲେଇଲା, ବିଭୁ ପହଞ୍ଚି ସାରିଥିଲା ନିଜେ ଗେଟ୍ ଖୋଲିବା ପାଇଁ । ସେ ତ୍ରସ୍ତ ଓ ବିଚଳିତ ହୋଇ ପଡ଼ିଥିଲା । ଜଣେ ଭିକାରୀକୁ ଏକ ମନୋରମ ପ୍ରାସାଦର ମାଲିକ କରିଦେଲେ ସେ ଯେପରି ହୁଅନ୍ତା, ବିଭୁ ସେହି ଅନୁଭୂତି ପାଇଥିଲା ନିଜ ଭିତରେ । କ୍ୱାର୍ଟର୍ସର ପ୍ରତ୍ୟେକ ଧୂଳିକଣା ଅପୂର୍ବ ସଙ୍ଗୀତରେ ମୁଖରିତ ହୋଇ ପଡ଼ିଲା । ବିଭୁ ଅନୁଭବ କଲା ସତେଯେପରି ତା' ଭଳି ଜଣେ ଅଯୋଗ୍ୟ ମଣିଷ ପାଇଁ ଗୋଟାଏ ଉଦାର ଆର୍ଶୀବାଦ ବାସ୍ତବ ହୋଇ ପଡ଼ିଚି ।

ସେ ଦୁହେଁ ଗପସପ ହେବାକୁ ଚାହୁଁ ନଥିଲେ । ଅଫିସ୍ ରୁମ୍‌ର ସୀମିତ କାନ୍ଥ ମଧ୍ୟରେ ଯେଉଁ ସବୁ ମାମୁଲି କଥାବାର୍ତ୍ତା ଚାଲେ, ତା'ଠାରୁ ଅନେକ ବେଶି ଊର୍ଦ୍ଧ୍ୱମୁଖୀ ହୋଇ ସାରିଥିଲା ସେମାନଙ୍କର ସମ୍ପର୍କ । ସେମାନେ ଅନ୍ତରଙ୍ଗ ହେବାକୁ ଚାହୁଁଥିଲେ । ପରସ୍ପରକୁ ସମର୍ପଣ କରିବା ଥିଲା ସେମାନଙ୍କର ଲକ୍ଷ୍ୟ । ଦୁହେଁ ପରସ୍ପରର ଆବେଗ ସଠିକ୍ ଭାବେ ବୁଝି ସାରିଥିଲେ । ସେମାନେ ଆହୁରି ମଧ୍ୟ ପରସ୍ପରକୁ ଜଣାଇ ସାରିଥିଲେ ଯେ, ସେମାନଙ୍କର ଗତି ପଥରେ କୌଣସି ଅନ୍ତରାୟ ନାହିଁ ।

—"ଆପଣ ତ କ'ଣ କିଛି କହୁ ନାହାନ୍ତି ।" ସୁରଭି ସ୍ମିତ ହସୁଥିଲେ ମଧ୍ୟ ଗୋଟେ ଉତ୍ତେଜନାରେ ତା'ର କଣ୍ଠସ୍ୱର ପ୍ରାୟ ପୋତି ହୋଇ ପଡୁଥିଲା ।

—"ଆଉ ବୋଧହୁଏ କହିବାର କିଛି ନାଇଁ । ଆମ ଦୁହିଁଙ୍କର ନୀରବତା ଯଥେଷ୍ଟ ଭାଷାମୟ । ମୁଁ ଚାହେଁ, ଆପଣ ଏମିତି ମୋ ସାମନାରେ ବସି ରହିଥାନ୍ତୁ, ଆପଣଙ୍କୁ ମୁଁ ଦେଖୁଥାନ୍ତି, ଜନ୍ମ ପରେ ଜନ୍ମ ନେଇ । ଗୋଟିଏ ଆୟୁଷର ଦୈର୍ଘ୍ୟ ଭାରି ଛୋଟ । ନୁହେଁ ?"

Digitized by srujanika@gmail.com

ସମ୍ପୂର୍ଣ୍ଣଭାବେ ନାଟକୀୟ ସଂଳାପ ।

ସୁରଭି ଆଉ ଟିକେ ହସିଲା । ଟି-ପୟ ଉପରୁ ପୁଣି ଉଠାଇ ନେଲା କପ୍ । ଦୀର୍ଘଶ୍ୱାସ ତ୍ୟାଗ କଲା । କିଛି ସମୟର ନୀରବତା ପରେ କହିଲା—"ଆପଣ ଚମତ୍କାର କହିପାରନ୍ତି । ଜଣେ ଲେଖକ ହୋଇ ପାରିଥାଆନ୍ତେ ।"

—"ଏବେ ହୋଇପାରିବି । ଆପଣଙ୍କୁ ଦେଖିଲେ ହିଁ ଯେଉଁ ଆବେଗ ସୃଷ୍ଟି ହୁଏ, ତାହା ଗୋଟେ କବିତା । ଅଥଚ ମୁଁ ଜାଣେ ଲେଖିବା ଆରମ୍ଭ କଲେ ସେ କବିତା ଶେଷ ହୁଅନ୍ତା ନାହିଁ ଜମା ।" ବିଭୁ ଯଥେଷ୍ଟ ସାହସୀ ହୋଇ ପଡ଼ିଥିଲା ଏମିତି କଥା କହିବା ପାଇଁ, କାରଣ ସୁରଭି ପ୍ରଚୁର ଆନନ୍ଦର ସହିତ ସେସବୁ ଉପଭୋଗ କରୁଥିଲା ।

ତା'ପରେ ପୁଣି ନୀରବତା । ସୁରଭି କହିଲା—"ଚାଲନ୍ତୁ, ଆପଣଙ୍କ କ୍ୱାଟର୍ସ ଭଲକରି ବୁଲିଦେଖିବା ।"

ସେମାନେ ବୁଲୁଥିଲେ ଏବଂ ଅନେକ ଜିନିଷ ଉପରେ ସୁରଭି ମନ୍ତବ୍ୟ ବାଢୁଥିଲା—ଇସ୍, ଏ ସ୍କ୍ରିନ୍‌ର ଅବସ୍ଥା କ'ଣ ହେଲାଣି ? ଦେଖନ୍ତୁ, ଏ ଫ୍ରିଜ୍ ଉପରେ କେତେ ଧୂଳି ! ଏ ମା' ! ରୋଷେଇ ଘର କ'ଣ ଏମିତି ଅସଜଡ଼ା ହୋଇ ରହେ ? ଏଇ କୋଣରେ ପୁଣି ବୁଢ଼ିଆଣୀ ଜାଲ !

ଏଥର ସେ ବୁଲି ପଡ଼ି ଚାହିଁଲା ବିଭୁକୁ । ଚାହିଁ ରହିଲା କିଛି ସମୟ ପାଇଁ ଏବଂ ମୁହଁ ତଳକୁ କଲା ଓ ତଳ ଓଠ କାମୁଡ଼ିଲା । ବିଭୁ ଧଇଁ ସଇଁ ହୋଇ ଯାଇଥିଲା । ସେଇ କାରଣରୁ ଠିକ୍ ଭାବରେ ଶୁଣାଗଲା ନାହିଁ ତା'ର କଥା—"ତୁମେ ଆସିଲେ ଏ ଘରର ଯତ୍ନ ନେବ । ବିଶ୍ୱାସକର, ଏ ଘର କେବଳ ତୁମକୁ ଅପେକ୍ଷା କରି ପଡ଼ି ରହିଚି । ଏହାର ଅସଜଡ଼ା ମରୁଭୂମି ଉପରେ ତୁମ ହାତର ଶୀତଳ ବର୍ଷା ଦରକାର । କୁହ, କେବେ ଆସିବ ?"

ସୁରଭି ପୁଣି ଆଖି ଟେକିବା ବେଳେ ଗୋଟେ ତନ୍ଦ୍ରା ଘୋଡ଼େଇ ପକେଇ ଥିଲା ତା'ର ସମୁଦାୟ ମୁହଁକୁ । ସେ କିଛି କହିବା ପୂର୍ବରୁ ଦୁଇଟି ବଳିଷ୍ଠ ହାତର ବଳୟ ତାକୁ ଆଚ୍ଛନ୍ନ କରି ସାରିଥିଲା ଏବଂ

Digitized by srujanika@gmail.com

ତା' ଅଜାଣତରେ ତା'ର ଦୁଇହାତ ସତେ ଅବା ପ୍ରତିଶ୍ରୁତି-ପୂର୍ଣ୍ଣ ଗୋଟେ ଅବଲମ୍ବନକୁ ପାଇ ପାରି ଥିଲା । ସେ ଦୁହିଁଙ୍କ ପାଇଁ ସମୟ ସ୍ଥିର, ରକ୍ତ-ପ୍ରବାହ ଅଚଞ୍ଚଳ ହୋଇ ପଡ଼ିଥିଲା । ଦୁହେଁ ପରସ୍ପରର ଉଦ୍‌ବିଗ୍ନ ହୃତ୍‌ସ୍ପନ୍ଦନ କେବଳ ଅନୁଭବ କରିଥିଲେ ଏବଂ ଗୋଟିଏ ସତ୍ତାରେ ପରିଣତ ହୋଇ ଯାଇଥିଲେ । ସେମାନଙ୍କର ଜିଜ୍ଞାସା ଓ ଅନ୍ୱେଷଣ ଅନ୍ତିମ ମୁହୂର୍ତ୍ତରେ ପହଞ୍ଚି ସାରିଥିଲା ।

କେଜାଣି, ଗୋଟେ ଯୁଗ ପରେ ସେମାନଙ୍କର ଆଲିଙ୍ଗନ ଶିଥିଳ ହେଲା । ସୁରଭି ନିଜକୁ ଦୂରେଇ ନେଲା । କେଶ ସଜାଡ଼ିଲା, ଇତସ୍ତତଃ ଶାଢ଼ୀ ଶୃଙ୍ଖଳିତ କଲା । ଗୋଟେ ତୃପ୍ତି ଓ ପରିପୂର୍ଣ୍ଣତାର ସହ ହସିଲା । କହିଲା—"ମୁଁ ଯିବି । ଡେରି ହୋଇ ଯାଉଚି ।"

ଛୋଟ ସହରରେ ଏଇ ରୋମାନ୍‌ସ ଆଉ ଗୋପନୀୟ ହୋଇ ରହି ନଥିଲା । ବିଭୁ ଏବଂ ସୁରଭି ବେଶ୍ କିଛି ସଂଖ୍ୟକ ବେନାମୀ ଚିଠି ପାଉଥିଲେ । ବିଭୁର ଅଫିସ୍ ଏବଂ ବ୍ୟାଙ୍କ୍ କାନ୍ଥ ଉପରେ ସେ ଦୁହିଁଙ୍କୁ ନେଇ ଅରୁଚିକର କଥା ମଧ୍ୟ ଲେଖା ଯାଉଥିଲା, ଅଥଚ ଏ ସବୁର କୌଣସି ପ୍ରଭାବ ପଡ଼ି ନଥିଲା ସେମାନଙ୍କ ଉପରେ, ବରଂ ଏହାକୁ ସେମାନେ ଗୋଟେ ଚାଲେଞ୍ଜ୍ ଭାବରେ ଗ୍ରହଣ କରିଥିଲେ ଏବଂ ଆହୁରି ଖୋଲା ଖୋଲି ଭାବରେ ନିଜ ସମ୍ପର୍କକୁ ପ୍ରଦର୍ଶନ କରୁଥିଲେ । ଗୋଟିଏ ବସ୍‌ରେ ଯିବା ଆସିବା କରିବା, ପରସ୍ପରର ଘରକୁ ଯିବା ଆସିବା କରିବା ସେମାନଙ୍କ ପାଇଁ ସାଧାରଣ ଘଟଣାରେ ପରିଣତ ହୋଇ ଯାଇଥିଲା । ବାସ୍ତବିକ ସେମାନଙ୍କର ଚେତନାର ପରସ୍ପର ପ୍ରତି ପ୍ରଖର ଆବେଗ ହିଁ ଥିଲା ଏକମାତ୍ର ସତ୍ୟ । ଏହାହିଁ ଥିଲା ସେମାନଙ୍କ ଜୀବନର ତାତ୍ପର୍ଯ୍ୟ । ଅନ୍ୟ କୌଣସି ଘଟଣା ପ୍ରତି ସେମାନେ ନା ସଚେତନ ଥିଲେ ନା ତାକୁ ଖାତିର କରୁଥିଲେ ।

ଅଥଚ ବେଶ୍ କିଛି ମାସ ଧରି ସହରରେ ଏଇ ଯେଉଁ ସର୍ବଶ୍ରେଷ୍ଠ ରୋମାନ୍‌ସ୍ ଚାଲିଥିଲା, ତାହାର ଅବସାନ ଘଟିଥିଲା ଆପାତତଃ ନୀରବତା ଓ ଚାଞ୍ଚଲ୍ୟହୀନତା ଭିତରେ । କେତେଜଣ ସାକ୍ଷୀଙ୍କର ଦସ୍ତଖତ ଥିଲା ସେମାନଙ୍କର ବିବାହର ଶୋଭାଯାତ୍ରା । ସେ ଦୁହିଁଙ୍କର ଦସ୍ତଖତ ଥିଲା ହାତଗଣ୍ଠି । ମାଜିଷ୍ଟ୍ରେଟ୍‌ଙ୍କର ଆନ୍ତରିକ ଶୁଭକାମନା ଥିଲା ବ୍ରାହ୍ମଣର ମନ୍ତ୍ରଧ୍ୱନି ।

Digitized by srujanika@gmail.com

ଦଶ-ପନ୍ଦର ମିନିଟ୍ ଭିତରେ ସବୁକାମ ସରିଯାଇଥିଲା । ସୁରଭି କପାଳ ଓ ସୁନ୍ଥାରେ ଲଗେଇ ଥିଲା ସିନ୍ଦୁର । ଓଢ଼ଣା ଢ଼ାଙ୍କିଥିଲା ତା'ର ମୁଣ୍ଡକୁ । ସମସ୍ତ ପ୍ରକ୍ରିୟା ଶେଷ ହୋଇଯିବା ପରେ ସେ ଦୁହେଁ ପରସ୍ପରକୁ ଦେଖିଲେ ଅନ୍ୟ ଏକ ଅନ୍ତରଙ୍ଗ ଦୃଷ୍ଟିରେ । ଅନ୍ୟ ମାନସିକତା ନେଇ । ଏଥର ଆଉ ଅସ୍ଥିର, ଇତସ୍ତତଃ ହେବାର କୌଣସି କାରଣ ନଥିଲା । ସେମାନେ ପରସ୍ପରର । ଏକାନ୍ତଭାବେ ଆପଣାର ।

ସୁରଭି ଭଡ଼ା ଘର ଛାଡ଼ି ଦେବାରେ ଆଉ ଅସୁବିଧା ନଥିଲା । ତା' ପାଖରେ ରହି ସାନ ଭାଇ ପଢୁଥିଲା ସେଠାକାର କଲେଜରେ । ତା' ପଢ଼ା ଶେଷ ହୋଇ ଯାଇଥିଲା । ବହୁ ଦୂର-ସମ୍ପର୍କୀୟ ଯେଉଁ ବିଧବା ଖୁଡ଼ୀ ଜଣକ ରହିଥିଲା ତା' ପାଖରେ, ସେ ଅବଶ୍ୟ ଆସିଥିଲା ତା' ସହିତ ବିଭୁ କ୍ୱାର୍ଟର୍ସକୁ ।

—"ମୁଁ ଏଇ ସାନଭାଇକୁ ଭାରି ଶ୍ରଦ୍ଧା କରେ ।" ଅନେକ ଦିନ ତଳେ ସୁରଭି ପ୍ରକାଶ କରିଥିଲା । "ଭଲ ପଢ଼େ । ତା' ପାଇଁ ଗୋଟେ ବ୍ୟବସ୍ଥା ନ ହେବା ଯାଏଁ ସେ ମୋଠୁ ସାହାଯ୍ୟ ପାଇବ ।"

ବିଭୁ ସେତେବେଳେ ଜାଣି ସାରିଥିଲା, ସୁରଭି କିପରି ଅବହେଳିତ ଅବସ୍ଥାରେ ବଞ୍ଚି ରହିଚି । ସେ ମଧ୍ୟ ବାପା-ମା'ଙ୍କୁ ହରେଇଥିଲା ଅନେକ ବର୍ଷ ତଳୁ । ବଡ଼ ଭାଇ ଏବଂ ଭାଉଜ ଗାଁରେ । ପର୍ଯ୍ୟାପ୍ତ ପରିମାଣର ଚାଷ ଜମି ସାଙ୍ଗକୁ ଭାଇଙ୍କର ଅନ୍ୟାନ୍ୟ ବ୍ୟବସାୟ ମଧ୍ୟ ଅଛି । ଘରେ କେବଳ ରହିଥିଲା ଗୋଟେ ଅଭାବ । ଭାଉଜଙ୍କ ସହିତ ତା'ର ସମ୍ପର୍କ କେବେ ବି ଭଲ ନଥିଲା । ଦୁହେଁ ଦୁହିଁଙ୍କୁ ଅଗ୍ରାହ୍ୟ କରି ସାରିଥିଲେ । ଭାଇ ସମ୍ପୂର୍ଣ୍ଣ ଭାବେ ପରିଚାଳିତ ହେଉଥିଲେ ଭାଉଜଙ୍କ ଦ୍ୱାରା, ଆଜିକାଲି ପ୍ରାୟ ପ୍ରତ୍ୟେକ ଘରେ ଯେମିତି ଘଟୁଚି ।

—"ସେମାନେ ଅବଶ୍ୟ ମୋ ପଢ଼ାଖର୍ଚ୍ଚ ଯୋଗାଉଥିଲେ ।" ସୁରଭି କହିଥିଲା । "ତାହା କରିବାକୁ ସେମାନେ ବାଧ୍ୟ ହୋଇଥିଲେ ।"

—"ବାଧ୍ୟ ? କିପରି ?" ବିଭୁ କୌତୁହଳୀ ହୋଇଥିଲା ।

—"ଭାଉଜ ଥରେ ପ୍ରତିବାଦ କରିଥିଲେ । ମୁଁ ପି.ଜି. କରୁଥାଏ ସେତେବେଳେ । ମୁଁ ବହୁତ ଟଙ୍କା ଖର୍ଚ୍ଚ କରୁଚି ବୋଲି ମୋତେ ଶୁଣେଇ

Digitized by srujanika@gmail.com

ଦିଆଯାଇଥିଲା ।’’ ସୁରଭି କହୁଥାଏ ସ୍ପଷ୍ଟ ସ୍ୱରରେ ।

—‘‘ତୁମେ କ’ଣ କଲ ?’’ ବିଭୁ ପଚାରିଲା ତାକୁ ଉତ୍ସାହିତ କରିବା ପାଇଁ ।

—‘‘କହିଲି, ସମ୍ପତ୍ତି ତିନି ଭାଗ କରିଦିଅ । ମୋ ଭାଗରେ ଯାହା ପଡ଼ିବ, ତାହା ଯଥେଷ୍ଟ ହେବ ମୋ ପଢ଼ା ଖର୍ଚ୍ଚ ତୁଲେଇବା ପାଇଁ । ଭାଉଜ ହସି ଉଡ଼େଇ ଦେଉଥିଲେ ମୋ କଥା ଶୁଣି । କିନ୍ତୁ ଅନ୍ତତଃ ଭାଇ ଜାଣନ୍ତି, ମୁଁ ଯାହା କରିବା ପାଇଁ ଚିନ୍ତା କରେ, ତାହା କରେ ।’’ ସୁରଭି କହିଲା ।

—‘‘ଯଦି ସେମାନେ ତୁମ କଥା ଶୁଣି ନଥାନ୍ତେ ?’’ ବିଭୁ ପଚାରିଲା, ସୁରଭିର କେତୋଟି ଚାରିତ୍ରିକ ଦିଗ ଜାଣିବା ପାଇଁ ।

—‘‘ଶୁଣି ନଥାନ୍ତେ ?’’ ସୁରଭି ସତେ ଯେପରି ସ୍ତମ୍ଭୀଭୂତ ହୋଇ ଯାଇଥିଲା । ‘‘ହ୍ୱାଟ୍ ଡୁ ୟୁ ମିନ୍ ? ଶୁଣି ନ ଥାନ୍ତେ କ’ଣ ? ମୋକଦ୍ଦମା କରିଥାନ୍ତି ଆଉ ମୋ ଅଂଶତକ ସେମାନଙ୍କଠୁ ଛଡ଼େଇ ନେଇଥାନ୍ତି ।’’

ପରିଚୟ ହେବା ପରଠାରୁ ବିଭୁର ଧାରଣା ଥିଲା ଯେ ସୁରଭି ଅତ୍ୟନ୍ତ ଭଦ୍ର, କୋମଳ ଓ ସେନ୍‌ସିଟିଭ୍ ଚରିତ୍ର ବିଶିଷ୍ଟ ଆକର୍ଷଣୀୟ ତରୁଣୀ ଜଣେ । ଜୀବନର ଗୁରୁତ୍ୱପୂର୍ଣ୍ଣ ଚାଲେଞ୍ଜର ସମ୍ମୁଖୀନ ହେବା ପାଇଁ ତା’ର ହୁଏତ ମାନସିକ ଦୃଢ଼ତା ନାହିଁ । ଏ ବାବଦରେ ସେ ଅନ୍ୟ ଜଣକୁ ଅବଲମ୍ବନ କରିବାକୁ ବାଧ୍ୟ । ମାତ୍ର ତା’ଠାରୁ ଉପରୋକ୍ତ କଥା ଶୁଣିବାପରେ ବିଭୁ ତାକୁ ଅନ୍ୟ ଦୃଷ୍ଟିରେ ଦେଖିବାକୁ ବାଧ୍ୟ ହୋଇଥିଲା ।

—‘‘ମୁଁ ଜାଣେ, ଭାଇ କିମ୍ବା ଭାଉଜ ମୋ ବାହାଘର ପାଇଁ କେବେ ବି ଚିନ୍ତିତ ହୋଇ ନାହାନ୍ତି । ଡଜ୍ ନଟ୍ ମାଟର୍ ! ମୁଁ ଚାକିରି ପାଇବା ପରେ ସେ ଦୁହେଁ ଆହୁରି ଆଶ୍ୱସ୍ତ ଆଉ ନିଶ୍ଚିନ୍ତ ହୋଇ ଯାଇଚନ୍ତି ।’’ ସୁରଭି ପାରିବାରିକ ଗୁପ୍ତକଥା ପ୍ରକାଶ କରିବାରେ ଦ୍ୱିଧା ଅନୁଭବ କରୁ ନଥିଲା ।

—‘‘ଆଇ ସି ! କିପରି ?’’ ପଚାରିଲା ବିଭୁ ।

—‘‘ଚାକିରି କରି ଅର୍ଥ ଉପାର୍ଜ୍ଜନ କଲି । ତେଣୁ ଜୀବନର

Digitized by srujanika@gmail.com

ଅନ୍ୟ ସମସ୍ତ ଦାୟିତ୍ୱ ନିଜେ ତୁଲେଇବି । ଏଇ ଭଳି ଗୋଟେ ଧାରଣା ନେଇ ସେମାନେ ବସି ଯାଇଚନ୍ତି ।'' ତା'ସ୍ୱର ଟିକିଏ ଖାମଖିଆଲି ଥିଲା ।

—''ମୁଁ ଦେଖୁଚି, ସେମାନଙ୍କ ଉପରେ ତୁମେ ବେଶ୍ କ୍ଷୁବ୍ଧ ହୋଇ ଯାଇଚ ।'' ବିଭୁର ମନ୍ତବ୍ୟ ।

—''କ୍ଷୁବ୍ଧ ? ଜମା ନୁହେଁ । ଅନ୍ତତଃ ବର୍ତ୍ତମାନ ନୁହେଁ । ଗୋଟେ ଆବେଗହୀନ ଘରେ ମୁଁ ବଢ଼ିଚି । ବାପା-ମା ଚାଲିଯିବା ପରେ ମୁଁ ବାସ୍ତବିକ ଛେଉଣ୍ଡ ହୋଇ ଯାଇଥିଲି । ଭାଇ ଓ ଭାଉଜ ପ୍ରତି ରହିଥିଲା ଗୋଟେ ତ୍ରସ୍ତତା ଓ ଭୟ । ଭାବୁଥିଲି, ତାଙ୍କ ଉପରେ ମୁଁ ବୋଧହୁଏ ଅଯଥା ବୋଝ ହୋଇ ଯାଇଚି । ତେବେ, ପରେ ସେମାନଙ୍କ ପ୍ରତି କ୍ଷୁବ୍ଧ ହୋଇଥିଲି । ମୋ ମନରେ ଅନେକ ଅଭିମାନ ଥିଲା । କାନ୍ଦିଥିଲି ଅନେକ । ତୁମେ ବୁଝିପାରିବ ନାହିଁ ବିଭୁ, ଗୋଟେ ଝିଅର ଯଦି ହୃଦ୍‌ବୋଧ ହୁଏ ଯେ, ତାକୁ ଗୋଟେ ଅଦରକାରୀ ମଣିଷ ବୋଲି ବିଚାର କରାଯାଉଚି, ତା'ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଚି, ତେବେ ତା'ର ଦୁଃଖ କେତେ ବେଶି ହୁଏ । ନା, ତୁମେ ସେସବୁ ଅନୁମାନ କରିପାରିବ ନାଇଁ । ବର୍ତ୍ତମାନ କିନ୍ତୁ ସେମାନଙ୍କ ପ୍ରତି ମୋ ମନରେ ଅଭିମାନ ନାହିଁ । ମୁଁ କ୍ଷୁବ୍ଧ ବି ନୁହେଁ । ସେମାନଙ୍କୁ ଦୟା ଦେଖାଇବା ପାଇଁ ମନ ହୁଏ । ସେମାନଙ୍କର ମିନ୍‌ନେସ୍ ପାଇଁ, ସ୍ୱାର୍ଥପରତା ପାଇଁ । ଏନି ଓ୍ୱେ, ଏଠାରେ ସ୍ୱାର୍ଥପର କିଏବା ନୁହେଁ ?'' ବହୁ ସମୟ ଗପିବା ପରେ ସେ ନୀରବ ହେଲା । ଟିକିଏ ଉତ୍ତେଜିତ ହୋଇ ପଡ଼ିଥିଲା ନିଶ୍ଚୟ । ପଣତରେ ମୁହଁ ପୋଛିଲା । ନିଜ ଘର ଭଳି ଗଲା ଭିତରକୁ । ପାଣି ବୋତଲଟେ ଓ ଗ୍ଲାସ ନେଇ ଆସିଲା ।

—''ପିଇବ ?'' ବିଭୁକୁ ଯାଚିଲା ।

—''ନାଇଁ । ମୋର ଦରକାର ନାଇଁ ।'' ବିଭୁ ଆଡୁ ମୁହଁ ଫେରାଇ ସେ ହସିଲା । ପାଣି ପିଇଲା ।

ବିଭୁ ଜାଣିପାରିଲା ନାଇଁ, କଥୋପକଥନର ଅଗ୍ରଗତି ହେବ କିପରି । କିଛି ସମୟ ପରେ ମନ୍ତବ୍ୟ ବାଢ଼ିଲା—''ତୁମ ପ୍ରତି ସେମାନେ

Digitized by srujanika@gmail.com

ଚିନ୍ତିତ ହେବାର କୌଣସି କାରଣ ମୁଁ ଦେଖିବାକୁ ପାଉ ନାହିଁ । ବଡ଼ କଥା ହେଲା, ତୁମେ ସ୍ୱାବଲମ୍ବୀ ହୋଇ ପାରିଚ । ତା' ଛଡ଼ା ବିବାହ କରିବାରେ ତୁମର ସମସ୍ୟା କ'ଣ ? ତୁମେ ଅତ୍ୟନ୍ତ ସୁନ୍ଦର ।''

—''ସତେ ? ଏଇ ବାଗରେ ତୁମେ ମୋ ଭାଇ-ଭଉଣୀଙ୍କୁ ସମର୍ଥନ କରୁଚ ନା ମୋତେ ପ୍ରଶଂସା କରୁଚ, କେଜାଣି ?'' କ୍ଳାନ୍ତ ସ୍ୱରରେ ସୁରଭି କହିଲା ।

—''ମୁଁ କହୁଥିଲି କ'ଣ କି, ତୁମକୁ ବାହା ହେବା ପାଇଁ ଅନେକ ଲୋକ ଆଗ୍ରହୀ ହୋଇଥିବେ ।'' ବିଭୁ ପ୍ରସଙ୍ଗ ବଦଳାଇଲା ।

—''ସିଓର୍ ! ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାଇଁ, ବିଭୁ । ତେବେ କଥା କ'ଣ କି, ମୁଁ ସବୁବେଳେ ଏକ୍ସଲେନ୍ସ୍‌ରେ ବିଶ୍ୱାସ କରେ । ମୋ ବିଷୟରେ ମୁଁ ଫାଷ୍ଟକ୍ଲାସ୍ ଫାଷ୍ଟ୍ ହୋଇଥିଲି ଦୁଇଥର । ବି.ଏ. ଅନର୍ସରେ, ପୁଣି ଏମ୍.ଏ.ରେ । ଆମ ଡିପାର୍ଟମେଣ୍ଟର ଜଣେ ଅଧ୍ୟାପକ ମୋ ପ୍ରତି ସବୁଠୁ ବେଶି ଆଗ୍ରହୀ ଥିଲେ । ମୋତେ କେତେ ଥର କହିଥିଲେ ଯେ, ମୋତେ ବାହା ନ ହେଲେ ସେ ଆଉ କେବେ ବି ଜୀବନରେ ବାହା ହେବେ ନାଇଁ ।''

—''ଅସୁବିଧା କ'ଣ ଥିଲା ?'' ବିଭୁ ବୁଝିପାରିଲା ଯେ ଆଲୋଚନାଟା ବେଶ୍ ଜମିଆସୁଚି ।

—''ବଡ଼ ଅସୁବିଧା ହେଉଚି, ଭଦ୍ରଲୋକ ଜଣକର ଏଇ ମାଇଚିଆ ଶପଥ । କି ଦୁର୍ବଳ ବ୍ୟକ୍ତିତ୍ୱ ! ତା' ଛଡ଼ା, ତାଙ୍କ ପୋଷାକପତ୍ର ମୋତେ ଜମା ଭଲ ଲାଗୁ ନଥିଲା । ବେଳେବେଳେ ସେ ଜଣାପଡ଼ନ୍ତି ଗୋଟେ ଜୋକର୍ ଭଳି । ତାଙ୍କର ଜୋତା ମଇଳା । ତୁମେ ଜାଣ, ଅପରିଚ୍ଛନ୍ନତା ମୁଁ ଜମା ସହିପାରେ ନାଇଁ ।'' ସୁରଭି ଗର୍ବର ସହିତ ଘୋଷଣା କଲା ଏକଥା ।

ବିଭୁକୁ ଆଉ କିଛି ପଚାରିବାକୁ ସୁଯୋଗ ନ ଦେଇ ସେ କହିଲା—''ଗୋଟେ ପିଲା ମୋ ପାଖକୁ ଚିଠିଟେ ଲେଖିଥିଲା । କି ବିକଳ ସତେ ! ଚିଠି ପାଇବାର ପରଦିନ ତା' ସହିତ ସାକ୍ଷାତ ହେଲା । ତାକୁ କହିଲି, ଇଂରାଜୀ କିମ୍ବା ଓଡ଼ିଆରେ ତ୍ରୁଟିହୀନ ଭାଷା ନେଇ ରଚନାଟେ

Digitized by srujanika@gmail.com

ଲେଖିପାରିବ ? ତାହା ଯଦି କରିପାରିବ, ତେବେ ତୁମ ସହିତ ସ୍ୱୟମ୍ବର ଆସନ୍ତାକାଲି ହେବ ।"

—"ସେ କ'ଣ କଲା ?" ବିଭୁ ବେଶ୍ ଆମୋଦିତ ହେଉଥିଲା । ତା'ସହିତ ସୁରଭିର ଦୃଢ଼ତାକୁ ତାରିଫ୍ କରୁଥିଲା ମନେ ମନେ ।

—"କରିବ ଆଉ କ'ଣ ? ତୁମେ କ'ଣ ଦେଖିନ, କଲେଜ ବା ୟୁନିଭର୍ସିଟିରେ କେମିତି ପ୍ରେମ ଚାଲିଚି ? ଖାଲି ଚେହେରା ଦେଖାଇ ଦେଲେ, ଝିଅଙ୍କ ସାମନାରେ ମୋଟର୍ ସାଇକେଲ୍ ଚଳେଇ ପାରିଲେ, ତାଙ୍କ ପ୍ରତି ଅଶ୍ଳୀଳ ଇଙ୍ଗିତ ଦେଲେ ଏ କୁଳାଙ୍ଗାରଗୁଡ଼ାକ ପ୍ରେମ ହୋଇ ପାରିବ ବୋଲି ଭାବନ୍ତି । ଏମିତି ମାଙ୍କଡ଼ମାନଙ୍କୁ ଦୟା ଦେଖେଇବା କଥା ।" ସୁରଭି ଆଦୌ ତିକ୍ତତାର ସହିତ ଏସବୁ କହୁ ନଥିଲା । ବାସ୍ତବିକ ଦୟା ଦେଖାଉ ଥିଲା ଜ୍ଞାନ-ବିବର୍ଜିତ, ନିଜ ଭବିଷ୍ୟତ ପ୍ରତି ସନ୍ଦିହାନ ଏଇ ଉଚ୍ଛୃଙ୍ଖଳ ଅପଦାର୍ଥମାନଙ୍କୁ ।

ଏଇଭଳି ଆଉ ଗୋଟେ-ଦୁଇଟି ଉଦାହରଣ ଦେଇ ସୁରଭି ପ୍ରମାଣ କରିବାକୁ ଚେଷ୍ଟା କରିଥିଲା ଯେ, ତାକୁ ବାହା ହେବା ପାଇଁ ଯେଉଁମାନେ ଆଗେଇ ଆସିଥିଲେ, ସେମାନେ ସମସ୍ତେ ଥିଲେ ସବ୍-ଷ୍ଟାଣ୍ଡାର୍ଡର ଲୋକ । କେତେବେଳେ ଆମୋଦଦାୟକ, କେତେବେଳେ ଯନ୍ତ୍ରଣାଦାୟକ ପରିସ୍ଥିତି ସୃଷ୍ଟି କରିଥିଲେ ସେମାନେ । ଯା ପରେ ସେ ପୁଣି ଫେରି ଯାଇଥିଲା ମୂଳ ବକ୍ତବ୍ୟ ପାଖକୁ । ପୁଣି ଘୋଷଣା କରିଥିଲା ଯେ, ଭାଇ-ଭାଉଜଙ୍କ ସହିତ ଆଉ ଆବେଗଗତ ସମ୍ପର୍କ ତା'ର ନାହିଁ । କୌଣସି ଅନୁଶୋଚନା ନଥିଲା ତା'ର ଏ ସମ୍ବନ୍ଧରେ । ମୋଟାମୋଟି ଭାବରେ, ଆଲୋଚନାଟା ଗୋଟେ କଥାକୁ ପ୍ରମାଣ କରୁଥିଲା । ତାହା ହେଉଚି, ବିଭୁ ହିଁ ସୁରଭିର ପ୍ରଥମ ପ୍ରେମିକ । ତା'ର ବ୍ୟକ୍ତିତ୍ୱ ଓ ରୁଚିବୋଧ ସମ୍ପୂର୍ଣ୍ଣଭାବରେ ସୁରଭି ପାଇଁ ଗ୍ରହଣଯୋଗ୍ୟ । ବିଭୁ ନିଜ ସମ୍ପର୍କରେ ଏମିତି ଦୁର୍ଲଭ ସାର୍ଟିଫିକେଟ୍ ପାଇ ନଥିଲା ଯା'ପୂର୍ବରୁ ।

ସୁରଭି କ୍ୱାର୍ଟର୍ସକୁ ଆସିବାର ଜମା ଆଠ-ଦଶ ଦିନ ମଧ୍ୟରେ ଚମତ୍କାର ପରିବର୍ତ୍ତନ ଦେଖିବାକୁ ମିଳିଲା । ସହରର ମୁଖ୍ୟ ରାସ୍ତାରୁ କିଛି ବାଟ ଗଲାପରେ ଏକମହଲା-ବିଶିଷ୍ଟ ଘର । ଘର ଚାରିପାଖରେ କମ୍ପାଉଣ୍ଡ ୱାଲ୍ । ମାତ୍ର ଭିତରେ ଥିବା ଜମିର ଯତ୍ନ ବୋଧହୁଏ କେବେ

Digitized by srujanika@gmail.com

ବି ନିଆ ଯାଇ ନଥିଲା । ଅନାବନା ଗଛ । ଗୋଟେ କୋଣକୁ ଉଇ ହୁଙ୍କା ।

ବିଭୁ କହିଥିଲା—"ତିନି-ଚାରି ବର୍ଷରେ ଟ୍ରାନ୍ସଫର୍ ହେବା ସୁନିଶ୍ଚିତ । ଏଥିପାଇଁ ଏ ଜାଗାଖଣ୍ଡକୁ ସଜାଡ଼ିବା ସକାଶେ କିଏ କାହିଁକି ଆଗ୍ରହୀ ହେବ ?"

ଦୁଇ ଜଣ ଲୋକଙ୍କୁ ନେଇ ସୁରଭି ବ୍ୟସ୍ତଥିଲା ଛୋଟ ପ୍ଲଟ୍ ତିଆରିବାରେ । ଫ୍ଲାୱାର୍ ବେଡ୍ ପାଇଁ ପ୍ରସ୍ତୁତି । ଖାଲି ସେତିକି ନୁହେଁ । ବିଭିନ୍ନ କିସମର ପରିବା ଚାଷ ପାଇଁ ସେ ମଧ୍ୟ ଜାଗା ରଖିଥିଲା । ଲୁହା ଗେଟ୍ ଟପିଲା ପରେ କ୍ୱାର୍ଟର୍ସ ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱରେ ରହିବ ଫୁଲଗଛମାନଙ୍କର ଶଯ୍ୟା । ତା'ପରେ, ପାଚେରୀ ପର୍ଯ୍ୟନ୍ତ ତିଆରି ହେଉଥିଲା ଆଗାମୀ ପରିବାମାନଙ୍କ ପାଇଁ ଜାତକ । ସୁରଭି ଅଣ୍ଟା ଉପରେ ଦୁଇହାତ ରଖି ନିର୍ଦ୍ଦେଶ ଦେଉଥିଲା । ଏଭଳି କାମ କରିବା ପାଇଁ ତା'ଠାରେ ଥିଲା ଏକାଗ୍ରତା ଓ ଆଗ୍ରହ । କହିଲା—"ତିନି-ଚାରି ବର୍ଷ କ'ଣ କମ୍ ହେଲାଣି ? ତାହା ବୋଲି ରହୁଥିବା ଘର ସାମନାଟା ଅପନ୍ତରା ହୋଇ ପଡ଼ିଥିବ ?"

ଏବଂ—"ଏଇ ଦେଖ, ସୋଫା କୁସନ୍‌ର ଖୋଳ ସବୁ କି ବାସନା ହୋଇଚି । ତୁମର ସେଇ ଯେଉଁ ରଞ୍ଜନ୍ ବୋଲି ପିଲାଟା ଅଛି, କ'ଣ ସବୁ କରୁଚି !! ସେ ? ଖାଲି ଖାଇ ପିଇ ଶୋଇବା ଛଡ଼ା ଆଉ କିଛି କରୁଥିବା କଥା ମୁଁ ତ କାଇଁ ଦେଖି ପାରୁ ନାଇଁ ! ଶୁଣ, ଆଜି ଡୋର୍ ସ୍କ୍ରିନ୍ କିଣାଯିବ ।" କହିଲା ଏବଂ ବାହାର କରି ପକାଇଲା ସବୁଯାକ ପର୍ଦ୍ଦା । "ଏ ପର୍ଦ୍ଦାରେ ଲାଗିଚି ଶୁଖିଲା କାଦୁଅ । ତୁମେ ବେଳେ ବେଳେ ଜୋତା ଏଇଥିରେ ସଫା କର କି ?"

—"ନା ।" କହିଲା ବିଭୁ । "କେଜାଣି, ରଞ୍ଜନ ଏମିତି କରିଥିବ ।"

—"ଏ ପର୍ଦ୍ଦାରେ ଲାଗିଚି ହଳଦି ଦାଗ ।" ସୁରଭି ଦେଖାଇ ଦେଲା ଗୋଟେ ଅଞ୍ଚଳ ଆଉ ଗୋଟେ ପର୍ଦ୍ଦାର । "ମୁଁ ମାନୁଚି, ତୁମେ ଏସବୁ ପ୍ରତି ବିଶେଷ ଧ୍ୟାନ ଦେଇ ପାରିନ ।"

Digitized by srujanika@gmail.com

ସେଇଦିନ ସନ୍ଧ୍ୟାରେ ନୂଆ ପର୍ଦ୍ଦା କିଣା ହେଲା । ଘର ପାଇଁ ଅନ୍ୟାନ୍ୟ କେତେକ ଜିନିଷ ମଧ୍ୟ ଆସିଲା ତା'ସହିତ । ବିଭୁ ବେଶ୍ ଉପଭୋଗ କରୁଥିଲା ସୁରଭିର ଏଇ ବ୍ୟସ୍ତତା ଓ ଘରକୁ ସଜେଇ, ପରିଷ୍କାର ରଖିବାର ଆଗ୍ରହ । ଦଶଦିନ ମଧ୍ୟରେ ଘରର ଭିତର ଓ ବାହାରର ପରିପାଟି ବଦଳିଗଲା ଆଶ୍ଚର୍ଯ୍ୟ କୁହୁକ ବଳରେ ।

ଏଗାରଟା ବେଳେ ଅଫିସ୍ । ପ୍ରାୟ ଦୁଇ କିଲୋମିଟର ଦୂରରେ ବ୍ୟାଙ୍କ୍ -। ବିଭୁ ସ୍କୁଟର୍‌ରେ ଆଗେ ଯିବ ବ୍ୟାଙ୍କ୍‌କୁ । ସେଠାରେ ସୁରଭିକୁ ଡ୍ରପ୍ କରିବା ପରେ ନିଜ ଅଫିସ୍ । ଏଇତକ କାମ କରିବା ପାଇଁ ବିଭୁ ସତେଯେପରି ଅସ୍ଥିରତାର ସହିତ ଅପେକ୍ଷା କରେ । ରାତି କେତେବେଳେ ପାହିବ ଏବଂ ସକାଳର ନିତ୍ୟକର୍ମ ପରେ, ଖବରକାଗଜ ଉପରେ ଅନ୍ୟମନସ୍କ ଦୃଷ୍ଟି ବୁଲାଇବା ପରେ, ସାଢ଼େ ଦଶଟା ବାଜିବ । ସୁରଭି ସହିତ ଏକତ୍ର ଯିବାରେ ଥିଲା ଗୋଟେ ବିଳାସ, ଗୋଟେ ସଂଭ୍ରାନ୍ତ ଗାରିମା । ବ୍ୟାଙ୍କ୍ ପାଖରେ ଓହ୍ଲାଇବା ମାତ୍ରେ ସୁରଭି କେଶ ଓ ଶାଢ଼ୀ ସଜାଡ଼ି ନେବ । କହିବ—''ବର୍ଷା ଯଦି ହେଉଥିବ, ବେଶି ବାହାଦୂରୀ ଦେଖାଇ ସ୍କୁଟର୍ ସହିତ ଭିଜିବ ନାହିଁ ।'' କିମ୍ବା—''ଟୁର୍‌ରେ ଯିବା ଆଗରୁ ମନେ ପକେଇ ଘରୁ ପାଣି ନେବ । ବାଜେ ଜିନିଷ ଖାଇବ ନାହିଁ; ନହେଲେ ପେଟ ଖରାପ ହେଲା ବୋଲି କୁନ୍ଥେଇବ ।''କିମ୍ବା—''ଟେମ୍ପରେଚର ଅଛି । ବେଶି ଯଦି ଖରାପ ଲାଗେ ଘରକୁ ପଳେଇବ । ତୁମ ପେଣ୍ଟ୍ ପକେଟ୍‌ରେ ମୁଁ ଔଷଧ ରଖି ଦେଇଚି ।'' ଇତ୍ୟାଦି ।

ଏସବୁ ସେ କହେ, ସମସ୍ତ ଗମ୍ଭୀରତା ଓ ତା'ପ୍ରତି ଚିନ୍ତାଶୀଳତା ନେଇ । ବିଭୁ ଉପଭୋଗ କରେ ଏଇ ସବୁ ନିର୍ଦ୍ଦେଶ । ଅଫିସ୍‌କୁ ଆସେ । ବସେ ଚୌକିରେ ଏବଂ କିଛି ସମୟ ପାଇଁ ସୁରଭିର ଉପସ୍ଥିତି ବଳବତ୍ତର ରହେ, ତା' ଚେତନାରେ । ହେତୁ ହେବା ଦିନୁ ସେ ଅନୁଭବ କରି ଆସିଚି ସଂଘର୍ଷର ରୁକ୍ଷତା । ତା' ପ୍ରତି କେହି ଜଣେ ଯତ୍ନଶୀଳ ହେବା, ତା' ପାଇଁ ଚିନ୍ତିତ ହେବା କଥା ସେ ଅନୁଭବ କରି ନଥିଲା । ଏଇ ସଂଘର୍ଷ ଭିତରେ କେବେ କିପରି ତା'ପ୍ରତି ଦୟା ଓ ସହାନୁଭୂତି ଯେ ନ ଆସିଚି ତା' ନୁହେଁ । ମାତ୍ର ସେ ସଚେତନ ଥିଲା ଯେ, ସେସବୁ ପାଇବା ସକାଶେ ତା'ର କୌଣସି ଦାବି ନଥିଲା । ଆବେଗର କୋମଳତା ଓ ତା'ପ୍ରତି ଚିନ୍ତାଶୀଳତାର ଆତ୍ମୀୟତା ସେ ପାଇ ପାରି ନଥିଲା ।

Digitized by srujanika@gmail.com

ଏଇଥିପାଇଁ ସୁରଭି ତା'ର କେବଳ ପତ୍ନୀ ନଥିଲା, ସେ ଥିଲା ଗୋଟାଏ ଉତ୍ସ ବିଭୁର ଆବେଗଗତ ଶୋଷ ପାଇଁ । ସୁରଭିର ଅନୁଶାସନକୁ ସେ ଗ୍ରହଣ କରୁଥିଲା ଗ୍ରୀଷ୍ମ ଦିନର ଧରଣୀ ବର୍ଷାକୁ ଗ୍ରହଣ କଲାଭଳି । ସୁରଭି ଉପରେ ନିର୍ଭରଶୀଳ ହେବା, ତାକୁ ନିଜର ଗୋଟେ ପ୍ରତିରକ୍ଷା ବୋଲି ମାନିବାରେ ବିଭୁର ଏକ ଶିଶୁସୁଲଭ ଆନନ୍ଦ ହିଁ ଥିଲା ।

ତାହା ଥିଲା ଅଙ୍କୁରୋଦ୍‌ଗମର ସମୟ । କ୍ୱାର୍ଟର୍ସ ସାମନା ଇଲାକାରେ ଥିବା ଅଞ୍ଚଳ ମନ୍ତ୍ରୀମାନଙ୍କର ଗଛରେ ପରିଣତ ହେବାର ସ୍ୱପ୍ନକୁ ବାସ୍ତବ କରୁଥିଲା । କେତେକ ସ୍ଥାନରେ ଲଗା ଯାଇଥିବା ଚାରା ହୃଷ୍ଟପୁଷ୍ଟ ହେଉଥିଲେ । ମାଟି ଅନ୍ତଃସତ୍ତ୍ୱା ହେଉଥିଲା ଏବଂ ଏକ ସବୁଜ-ରଙ୍ଗୀନ ପରିପାଟି ପ୍ରସବ କରିବା ପାଇଁ ବ୍ୟଗ୍ର ହୋଇ ପଡ଼ିଥିଲା ।

ସେଦିନ ଏମ୍.ଏଲ୍.ଏ.ଙ୍କ ନିର୍ଦ୍ଦେଶକ୍ରମେ ସନ୍ଧ୍ୟା ଛ'ଟା ବେଳେ ସ୍ଥାନୀୟ ଡାକବଙ୍ଗଳା ବାରନ୍ଦାରେ ଥିବା ବିଶାଳ ଚେୟାର୍‌ରେ ସେ ବସିଥିଲେ ଓ ଅଧାଅଧି ଶୋଇଥିଲେ । ଦେଖା ଯାଉଥିଲେ ସ୍ୱାଧୀନ ଭାରତର ସମ୍ରାଟ ଭଳି । ଅନୁଗ୍ରହ ପାଇବା ପାଇଁ ଶହେ ଖଣ୍ଡେ ବିଭିନ୍ନ କିସମର ଲୋକ ରୁଣ୍ଡ ହୋଇଥାନ୍ତି ଏବଂ ତାଙ୍କର ସାଧ୍ୟମତେ ଖାଣ୍ଟି ଓ ଭେଜାଲ୍ ପ୍ରତିଶ୍ରୁତି ଜରିଆରେ ଲୋକମାନଙ୍କର ସେବା କରୁଥାନ୍ତି । ସନ୍ଧ୍ୟା ଛ'ଟା ବେଳେ ତାଙ୍କୁ ମାତାଲ ଅବସ୍ଥାରେ ଦେଖିବା ବିଭୁ ଆଶା କରୁ ନଥିଲା ।

ସେ ବାରନ୍ଦା ଉପରକୁ ଉଠିବା ମାତ୍ରେ ତାଙ୍କ ପରିଚୟ ଦିଆଗଲା । ସେ ଭଲ କରି ଆଖି ଖୋଲି ବିଭୁକୁ ନିରୀକ୍ଷଣ କଲେ ଏବଂ ନମସ୍କାରର ଉତ୍ତର ଦେବାକୁ ଭୁଲିଗଲେ । ପାଖରେ ବସିଥିବା ଲୋକ ଜଣକୁ କହିଲେ—"ଚୌକିଟା ଛାଡ଼ି ଦିଅ ବାବୁଙ୍କୁ ।" ଏବଂ ପରେ ପରେ—"ବସନ୍ତୁ ଆଜ୍ଞା, ବସନ୍ତୁ । ଆପଣ ଏତେ ଦିନ ହେଲା ଏଠାରେ ରହିଲେଣି । କେବେ ବି ଦେଖା ହୋଇ ନଥିଲା ।"

ବିଭୁ ଚୌକିରେ ବସିବା ବେଳେ ଭାବିଲା ଯେ, ତା' ତରଫରୁ ବୋଧହୁଏ ତ୍ରୁଟି ହୋଇ ଯାଇଚି । ଦେଶ ଶାସନ କରୁଥିବା ଏ ମହାଶୟଙ୍କୁ ମଝିରେ ମଝିରେ ଦେଖା କରିବା ଉଚିତ । ସେ କିଛି ନ କହି ବସି ରହିଲା ।

—"କ'ଣ କହୁଥିଲି କି"—ଏମ୍.ଏଲ୍.ଏ. ଆରମ୍ଭ କଲେ ଏବଂ

Digitized by srujanika@gmail.com

ଚାରି ଆଡ଼କୁ ଚାହିଁ ପଚାରିଲେ–"କୁଆଡ଼େ ଗଲା ବିକାଶ ? କିରେ, ଅବିକା ଏଇଠି ଥିଲା, ଗଲା କୁଆଡ଼େ ?"

ଏତକ କଥା ସରିବାମାତ୍ରେ ମଣିଷମାନଙ୍କର ବଳୟ ଭେଦ କରି ପଶିଆସିଲା ଲୋକ ଜଣେ । ବିଭୁ ତାକୁ ଦେଖିବା ମାତ୍ରେ ବୁଝିଗଲା ଘଟଣାଟା କ'ଣ । ଏମ୍.ଏଲ୍.ଏ.ର ଅନ୍ୟତମ ପାଖ ଲୋକ ବୋଲି ବିକାଶ ତା'ଠୁ ଅନ୍ୟାୟ ଫାଇଦା ଉଠେଇବାକୁ ଚେଷ୍ଟା କରିଥିଲା । ସେ ବାଧ କରୁଥିଲା, ସରକାରୀ ଜମିରୁ କିଛି ତା' ଜମି ସହିତ ମିଶେଇ ନୂଆ ନକ୍ସା କରିଦେବା ପାଇଁ । ପ୍ରତିବଦଳରେ ସେ ଦଶହଜାର ଟଙ୍କା ଯାଚୁଥିଲା । ବିଭୁ ଟଙ୍କା ପ୍ରତି ପ୍ରଲୋଭିତ ଯେ ହୋଇ ନଥିଲା ତା' ନୁହେଁ । ମାତ୍ର ସେଭଳି କାମ ଆଗରୁ କରି ନଥିଲା କେବେ । ସାହସ ହେଲା ନାଇଁ ।

ଏମ୍.ଏଲ୍.ଏ. କହିଲେ–"ପିଲାଟା ପାଇଁ କ'ଣ ଟିକିଏ କରିଦେବେ ବୋଲି ମୁଁ ଆପଣଙ୍କୁ ଡକେଇଥିଲି ।"

–"କିନ୍ତୁ ସାର... ।" ବିଭୁ ପ୍ରସ୍ତୁତ ହେଉଥିଲା ନିଜ ସପକ୍ଷରେ ଯୁକ୍ତି ବାଢ଼ିବା ପାଇଁ ।

ମାତ୍ର ତା' ବକ୍ତବ୍ୟକୁ ପୋତି ପକାଇଲା ଆଦେଶ ଭରପୂର ଗୋଟେ ସ୍ୱର–"ଓହୋ, ମୁଁ କ'ଣ ଜାଣେ ନାଇଁ, ଆପଣ କ'ଣ କହିବେ ? ସେମିତି ଯଦି ସମସ୍ତେ ଷ୍ଟ୍ରିକ୍ଟ୍ ହୁଅନ୍ତି, ତେବେ ଦେଶ ମୋଟେ ଚାଲିବ ନାଇଁ । ତା' ଛଡ଼ା ଆମେ ପଲିଟିକ୍ସ୍ କରିବୁ କାହିଁକି, କାହାକୁ ନେଇ ? ତା' କାମଟା କରି ଦିଅନ୍ତୁ । ସେଥିରେ ସମସ୍ତଙ୍କର ସୁବିଧା । ଆପଣଙ୍କର ବି ।"

**

ଏଇ ସୁବିଧା ଶବ୍ଦଟା ସେ ଆଗରୁ ଶୁଣିଥିଲା, ବିକାଶଠୁ । ତା'ର ସମସ୍ତ ପ୍ରରୋଚନା ଓ ପ୍ରଲୋଭନ ବିଫଳ ହେବାରୁ ସେ କିଛି ଦିନ ପୂର୍ବେ ଶୁଣେଇ ଥିଲା–"ବେଟା, ତୁ ମୋତେ ଚିହ୍ନି ନାହୁଁ । ଏ ସହର କ'ଣ, ପାଖ ଆଖ ଅଞ୍ଚଳର ଲୋକ ମୋତେ ଜାଣନ୍ତି ଭଲ କରି । ସୁବିଧାରେ ଯଦି କାମ ନ କରୁଚୁ, ତେବେ ବାଧ ହୋଇ କରିବୁ ।"

Digitized by srujanika@gmail.com

ଏଇ ଚେତାବନୀଟା ମିଛ ନଥିଲା । ସେଦିନ ରାତି ପ୍ରାୟ ଦଶଟା ବେଳେ ବିକାଶ ପହଞ୍ଚି ଥିଲା ବିଭୁ କ୍ୱାଟର୍ସରେ ଗୋଟେ ମିଠା-ହାଣ୍ଡି ଧରି । ବିନା ଉପକ୍ରମଣିକାରେ ପ୍ରକାଶ କଲା—"ମୁଁ ନିତାନ୍ତ ଦୁଃଖିତ ଆପଣଙ୍କୁ ଏମିତି ଅସୁବିଧାରେ ପକେଇଲି ବୋଲି । ତେବେ ମୁଁ ଆଉ ଗୋଟେ ପ୍ରସ୍ତାବ ନେଇ ଆସିଥିଲି ।"

ବିଭୁ ତଥାପି ଅନୁଭବ କରୁଥିଲା ଗୋଟେ ଅପମାନ-ବୋଧର ତୀକ୍ଷ୍ଣତା । ସେ ମୋଟେ ବରଦାସ୍ତ କରୁ ନଥିଲା ଏ ଲୋକର ଉପସ୍ଥିତି ନିଜ ଘରେ । କହିଲା—"ଶୁଣନ୍ତୁ, ଏ ହାଣ୍ଡି ମୋଟେ ଦରକାର ନାଇଁ । ଆପଣ ଅଫିସ୍‌ରେ ଦେଖା କରିବେ । ଯାହା କରିବା ସମ୍ଭବ, ତାହା ସେଇଠି ହେବ ।"

ତା' କଥା ପ୍ରତି କୌଣସି ଗୁରୁତ୍ୱ ଦେଇ ନଥିଲା ବିକାଶ । ଟି-ପୟ ଉପରେ ହାଣ୍ଡି ଥୋଇବା ପାଇଁ ଉଦ୍ୟତ ହେବା ପରେ ସେ ନିଷ୍ପତ୍ତି ବଦଳାଇଲା । ତଳେ ରଖି ବସିଲା ସୋଫା ଉପରେ ଏବଂ ଦୁଇ ଗୋଡ଼ ଟେକି ନେଲା ଉପରକୁ । ହସିଲା ଏବଂ ନିତାନ୍ତ କଦର୍ଯ୍ୟ ଦେଖାଗଲା । କହିଲା—"ଆପଣ ମୋତେ ଜଣେ ଶତ୍ରୁ ବୋଲି ଭାବୁଚନ୍ତି । ଭାବନ୍ତୁ । ତେବେ, ମୁଁ ମୋ ପ୍ରସ୍ତାବ ନ ଦେଇ ଏଠୁ ଯାଉ ନାଇଁ । ସେଥିରେ ଆପଣଙ୍କର ହିଁ ଲାଭ । ମୁଁ କହୁଥିଲି, ରାଜଧାନୀରେ ଗୋଟେ ଚମତ୍କାର ପ୍ଲଟ୍ ଅଛି । ଆପଣ ତାହାକୁ କିଣନ୍ତୁ । ବହୁତ ପ୍ରେସର୍ ସେଇ ପ୍ଲଟ୍ ଉପରେ । ଘର କରନ୍ତୁ । ଇଟା-ସିମେଣ୍ଟ୍-ବାଲି ପାଇଁ ଜମା ଚିନ୍ତିତ ହୁଅନ୍ତୁ ନାଇଁ । ସେସବୁ ଦାୟିତ୍ୱ ମୋର । ଆପଣ ନାହିଁ କରନ୍ତୁ ନାଇଁ । ପରେ ପସ୍ତେଇବେ ।"

—"ପ୍ଲିଜ୍, ଆପଣ ମୋତେ ବ୍ୟସ୍ତ କରନ୍ତୁ ନାଇଁ । ପ୍ଲଟ୍ ମୋର କ'ଣ ହେବ ?" ପ୍ରତିବାଦ କଲା ବିଭୁ ।

ବିଭୁ ମୁହଁ ଉପରେ ପ୍ରତିଫଳିତ ହୋଇଥିବା ଦୃଢ଼ତା ଦେଖି ବିକାଶ ଦୁଃଖିତ ଓ ନିରୁତ୍ସାହିତ ହୋଇ ଯାଇଥିଲା । ସେ ଚାରିଆଡ଼କୁ ଚାହିଁଲା, ବିଭୁକୁ ପ୍ରଭାବିତ କରିବା ପାଇଁ ଉପାୟ ପାଇବା ଆଶାରେ । କହିଲା—"ଆମ ଭଳି ଲୋକଙ୍କ ଦ୍ୱାରା ଏ ସବୁ କାମ ହୁଏ, ଆଜ୍ଞା । ଆମେ କେବେହେଲେ ବିଶ୍ୱାସଘାତକ ନୋହୁ । ମୁଁ ଜାଣେ, ଆପଣଙ୍କର

Digitized by srujanika@gmail.com

ଘରଟେ ଦରକାର । ଭାବି ଦେଖନ୍ତୁ, ମୋ ପ୍ରସ୍ତାବ ଆପଣ ଗ୍ରହଣ କରିବେ କି ନାଇଁ ।''

ବିକାଶ ଯିବା ପରେ ମଧ୍ୟ ବିଭୁ ବସିରହିଲା ଚୁପ୍‌ଚାପ୍ ଏବଂ ପୁଣି ଏକ ସଂଘର୍ଷ ଅନୁଭବ କଲା ନିଜ ଚେତନାରେ । ପ୍ରଥମେ ସିଦ୍ଧାନ୍ତ ଗ୍ରହଣ କଲା, ଏମ୍.ଏଲ୍.ଏ.ର ନିର୍ଦ୍ଦେଶ ସେ ଜମା ମାନିବ ନାହିଁ । ବଦଳି ହୋଇ ଯାଇପାରେ କୌଣସି ଏକ ଅସୁବିଧା ସ୍ଥାନକୁ । କିଛି ଯାଏ ଆସେ ନାଇଁ । ଘର ଏବଂ ଗାଁ ସହିତ ଆଉ ସମ୍ପର୍କ ନଥିବା ତା' ଭଳି ଲୋକ ପାଇଁ ସୁବିଧା-ଅସୁବିଧା ସ୍ଥାନର ସଂଜ୍ଞା କ'ଣ ? କିମ୍ବା ଏମିତି ଗୋଟେ ଟକ୍‌କର ଭୟାବହ ପରିଣତି ଆଣିପାରେ । ଅଳ୍ପଦିନ ତଳେ ଏଠାକାର ଦଳେ ଟୋକା ଜୀବନ ବୀମାର ଜଣେ କର୍ମଚାରୀର ଗାଡ଼ି ଅଟକାଇଲେ । ମାଗିଲେ ପାଞ୍ଚଶହ ଟଙ୍କା ମଦ କିଣିବେ ଓ ଫିଷ୍ଟ କରିବେ ବୋଲି । ସେ ମନା କରିବାରୁ ତାଙ୍କୁ ଗାଡ଼ି ଭିତରୁ ଟାଣି ଆଣିଲେ । ମାଡ଼ ଦେଲେ । ପେଣ୍ଟ୍-କମିଜ୍ ଖୋଲି ପକାଇଲେ । ଗାଡ଼ିର ଚକ ପଙ୍କଚର୍ କରିଦେବାରୁ ସେ ରିକ୍ସାରେ ଗଲେ ଥାନାକୁ ଅଣ୍ଡରୱୟାର୍ ପିନ୍ଧି । ଏତଲା ଦେଲେ । ଥାନା ଅଫିସର୍ ହାଇ ମାରୁଥାନ୍ତି ଓ ତାହାକୁ ପଢୁଥାନ୍ତି । କହିଲେ—ଆଚ୍ଛା, ହେଉ, ଆପଣ ଯାଆନ୍ତୁ । ଦେଖିବା କ'ଣ ଗୋଟେ ବ୍ୟବସ୍ଥା କାଲେ ହୋଇଯିବ । ତେବେ ଆପଣ ନିଜେ ଝାମେଲାରେ ପଡ଼ିଲେ, ଆମକୁ ବି ପକେଇଲେ । ପିଲାଲୋକ । ପାଞ୍ଚଶହ ନ ହେଲା ନାଇଁ । ଦୁଇ-ତିନି ଶହ ଦେଇଥିଲେ କଥା ଛିଣ୍ଡି ଯାଇ ଥାଆନ୍ତା । ଆଜିକାଲି ଏଇୟା ଚାଲିଚି ସବୁଠି । ବୀମା କର୍ମଚାରୀ ଫେରିଆସିଲେ। କାହାର କିଛି ହେଲା ନାଇଁ ।

ଅପର ପକ୍ଷରେ ରାଜଧାନୀରେ ଘର । ତାହା ହିଁ ତା'ର ଦରକାର ସବୁଠୁ ବେଶି । ତା'ର ଆହୁରି ମଧ୍ୟ ହୃଦ୍‌ବୋଧ ହୋଇଚି ଯେ, ବିକାଶ ଖୁସୀ ହୋଇଯିବା ପରେ ତାକୁ ସେ ନିଶ୍ଚୟ ଖୁସୀ କରି ଦେଇ ପାରିବ । ବିଭୁ ଅନୁଭବ କରୁଥିଲା, ସେ ଆସ୍ତେ ଆସ୍ତେ ବିକ୍ରି ହୋଇଯାଉଚି, ଅର୍ଥାତ୍ ତା' ଚାରିପାଖରେ ଘଟୁଥିବା ଘଟଣା ସହିତ ନିଜକୁ ଖାପ୍ ଖୁଆଇବା ପାଇଁ ପ୍ରସ୍ତୁତ ହେଉଚି । ଭିତରୁ କେବଳ ଗୋଟେ ପ୍ରତିବାଦର ସ୍ୱର ଶୁଭେ । ତାହାକୁ ନ ଶୁଣିଲେ ହେଲା । ସମୁଦାୟ ବ୍ୟକ୍ତିତ୍ୱ ଅପରିଷ୍କାର ଜଣାପଡ଼େ । ତାହାକୁ ଅନ୍ୟମାନଙ୍କ ଆଗରେ ପ୍ରକାଶ

Digitized by srujanika@gmail.com

ନ କଲେ ହେଲା । ବିଭୁର କଠିନ ହୋଇ ଯାଇଥିବା ମାଂସପେଶୀ ଆସ୍ତେ ଆସ୍ତେ ସାବଲୀଳ ହୋଇ ଯାଉଥିଲା । ଗରମ ହୋଇ ଯାଇଥିବା କାନମୁଣ୍ଡା ଓ ମୁହଁ ଉପରକୁ ସ୍ୱାଭାବିକତା ଫେରି ଆସୁଥିଲା ।

ସେ ମୁଣ୍ଡ ଟେକି ଆଗକୁ ଚାହିଁବାବେଳେ ଦେଖିଲା, ସୁରଭି ଠିଆ ହୋଇଚି ଓ ସ୍ମିତ ହସୁଚି । ପ୍ରଥମେ ଟିକିଏ ଇତସ୍ତତଃ ହେଲା ବିଭୁ ଏବଂ ପାଟି କରି ରଞ୍ଜନକୁ ଡାକିଲା । ସେ ଆସିଯିବା ମାତ୍ରେ ଆଦେଶ ଦେଲା—"ଏ ହାଣ୍ଡିଟା ରାସ୍ତା କଡ଼ ନର୍ଦ୍ଦମାରେ ଫୋପାଡ଼ି ଦେଇ ଆ ।"

ରଞ୍ଜନ ଠିକ୍ ଭାବରେ ଆଦେଶଟା ବୁଝିବା ଆଗରୁ ସୁରଭି କହିଲା—"ତୁ ରଞ୍ଜନ ଯା । ଖାଇବା ବ୍ୟବସ୍ଥା କରିବୁ । ହାଣ୍ଡିଟା ଭିତରକୁ ନେଇଯା ।"

ପରସ୍ପର ବିରୋଧୀ ଆଦେଶ ରଞ୍ଜନକୁ ଅସୁବିଧାରେ ପକେଇଲା ନିଶ୍ଚୟ । ସେ ଦୁହିଁଙ୍କ ମୁହଁକୁ ଚାହିଁଲା ଏବଂ ସୁରଭି, ଆଦେଶର ପୁନରାବୃତ୍ତି ଶୁଣିଲା—"କିରେ, ଠିଆ ହେଲୁ କ'ଣ ? ଭିତରକୁ ନେଇଯା ।"

ବିଭୁ ନୀରବ ରହିଲେ ମଧ୍ୟ ହଠାତ୍ ହାଲୁକା ଅନୁଭବ କଲା ନିଜ ଭିତରେ । ସେ ଆଶ୍ୱସ୍ତ ହେଲା ଯେ, ତା'ର ଲାଳସାକୁ ସମର୍ଥନ କରିବା ପାଇଁ ତାକୁ ଆଉ ଜଣେ ଲୋକକୁ ଖୋଜିବାକୁ ପଡ଼ିବ ନାହିଁ । ସେ ଅଛି ନିଜ ଘରେ, ସୁରଭି ରୂପରେ ।

—"ସେ ଲୋକ କ'ଣ ସବୁ କହୁଥିଲା ?" ରଞ୍ଜନ ଯିବା ପରେ ସୁରଭିର ପ୍ରଶ୍ନ ।

ବିଭୁ ସମସ୍ତକଥା ପ୍ରକାଶ କଲା ପତ୍ନୀ ଆଗରେ, ଅପମାନିତ ହେବା ଅଂଶକୁ ବାଦ୍ ଦେଇ । ବିକାଶର ଧମକ ଓ ଚେତାବନୀ ମଧ୍ୟ ଗୋପନ ରଖିଲା । କହିଲା—"ମୁଁ ଜାଣେ, ଏସବୁ ଘଟଣା ଘଟୁଚି ସବୁଠାରେ, ସବୁ ସମୟରେ । ତେବେ କେବଳ ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ ମଣିଷ ଚଳେ ନାହିଁ । ତାକୁ ଚଳିବାକୁ ପଡ଼ିବ ନିଜ ବିବେକ ଓ ମୂଲ୍ୟବୋଧ ନେଇ । ଏ ଦୁଇଟି ଜିନିଷ ସବୁବେଳେ ବାହାରେ ଘଟୁଥିବା ଘଟଣା ସହିତ ଖାପ୍ ଖାଇ ପାରନ୍ତି ନାହିଁ ।"

Digitized by srujanika@gmail.com

ସୁରଭି ଶୁଣୁଥିଲା ଏବଂ ଟିକିଏ ଆମୋଦିତ ହେବା ଭଳି ଜଣା ପଡୁଥିଲା । ସାମନାରେ ବସିଥିବା ତା'ର ସ୍ୱାମୀ ବିଚରାଟିଏ—ଏଇଭଳି ଭଙ୍ଗୀ ସ୍ପଷ୍ଟ ହୋଇ ପଡୁଥିଲା ତା' ମୁହଁ ଉପରେ । କହିଲା—"ତୁମେ କ'ଣ କରିବ ବୋଲି ଠିକ୍ କରୁଚ ?"

ବିଭୁ ଦୀର୍ଘଶ୍ୱାସ ତ୍ୟାଗ କଲା, ପରାଜୟକୁ ବାଧ୍ୟ ହୋଇ ସ୍ୱୀକାର କଲା ଭଳି । କହିଲା—"ସେ ଲୋକର କାମ କରିବାକୁ ପଡ଼ିବ । ଭଲ ଅଛି, ମନ୍ଦ ଅଛି । ଏଇଟା ଗୋଟେ ମାଫିଆ ସଂସ୍କୃତିର ରାଜନୀତି । ଗୁଣ୍ଡାମି, ବଳପ୍ରୟୋଗ ଓ ଧମକ ଦ୍ୱାରା ଚାଲିଚି ସବୁକାମ । ମୁଁ ଜାଣେ, ମୁଁ ଏହାର ସାମନା ସାମନି ହୋଇ ପାରିବି ନାହିଁ ।

ବିଭୁର ଏଇ ସ୍ୱୀକାରୋକ୍ତି ବିରକ୍ତି କିମ୍ୱା ଅନାଦର ସୃଷ୍ଟି କରିବା ତ ଦୂରର କଥା, ସୁରଭି ମନରେ ସମର୍ଥନ ସୃଷ୍ଟି କଲା । ସ୍ୱାମୀ ଜଣକ ବିଲ୍‌କୁଲ୍ ବିଚରା ଜଣେ ନୁହେଁ; ବିଜ୍ଞଲୋକ ଜଣେ । କହିଲା—"ତେବେ, ସେ ତୁମକୁ ଯେଉଁ ଟଙ୍କା ଯାଚୁଚି, ସେକଥା କ'ଣ ହେବ ?"

—"ସେ ଟଙ୍କା ?" ବିଭୁ ପ୍ରକାଶ କଲା ଛଳନାପୂର୍ଣ୍ଣ ଘୃଣା । ଯୋଗକଲା—"ନେଭର୍, ମୁଁ ଆଦୌ ଛୁଇଁବି ନାହିଁ ସେ ଟଙ୍କା । ରାଜଧାନୀରେ ମୋର ଘର ଦରକାର ନାହିଁ । ମୁଁ ନିଜକୁ ବିକି ଦେବା ପାଇଁ ପ୍ରସ୍ତୁତ ନୁହେଁ ।"

ସ୍ୱାମୀଟି ବିଚରାଟିଏ । ସୁରଭି କହିଲା—"ଆମ ବ୍ୟାଙ୍କ୍‌ରୁ ଅନେକ ଲୋକ ଲୋନ୍ ନିଅନ୍ତି । ଲୋନ୍ ଟଙ୍କାରୁ ଆମକୁ କିଛି ଟଙ୍କା ମିଳିଯାଏ । ଆମେ ଗ୍ରହଣ କରୁ ବିନା ଦ୍ୱିଧାରେ ।"

—"କିନ୍ତୁ ମୋ ପରିସ୍ଥିତିଟା ଏକ୍‌ଜାକ୍ଟଲି ଏୟା ନୁହେଁ ।" ଯୁକ୍ତି ବାଢ଼ିଲା ବିଭୁ । "ତୁମକୁ ମୁଁ କହୁଚି ଯେ, ମୁଁ ସେଲୋକ ପାଇଁ ଅନ୍ୟାୟ କାମ କରିବାକୁ ଯାଉଚି ।"

—"ଯଦି ତୁମେ ତା'କାମ ନିଶ୍ଚୟ କରିବ, ତେବେ ତା'ଟଙ୍କା ଗ୍ରହଣ କରିବାରେ ଆପତ୍ତି କ'ଣ ? ଆଉ ଗୋଟେ କଥା । ରାଜଧାନୀର ସେଇ ଫ୍ଲାଟ୍‌ଟା ସୁବିଧା ସମୟରେ ଦେଖି ଆସ । ସେଠାରେ ଆମ ପାଇଁ ଘରଟେ ନିତାନ୍ତ ଦରକାର ।"

Digitized by srujanika@gmail.com

ସୁରଭି ପ୍ରତି ବିଭୁ ଯା'ପୂର୍ବରୁ ବୋଧହୁଏ ଏତେ ବେଶି କୃତଜ୍ଞ ହୋଇ ନଥିଲା । ସେ ବିଶ୍ୱାସ କରିପାରୁ ନଥିଲା ଯେ, ପ୍ରଲୋଭନର ଏତେ ଶକ୍ତି ଅଛି, ବିବେକ କିମ୍ବା ମୂଲ୍ୟବୋଧକୁ ସ୍ତବ୍ଧ, ଜଖମ କରି ଦେବା ପାଇଁ । ବାସ୍ତବିକ, ଏଠାରେ ଅବସ୍ଥାପିତ ହେବା ପରଠାରୁ ସେ ଅପ୍ରତ୍ୟାଶିତ ଭାବରେ ଯେ ଅର୍ଥ ଉପାର୍ଜ୍ଜନ ନ କରୁଚି ତା'ନୁହେଁ । ତେବେ କାହିଁକି କେଜାଣି ସେସବୁର ବିସ୍ତୃତ ବିବରଣୀ ଦେବାକୁ ପସନ୍ଦ କଲା ନାଇଁ ସୁରଭି ପାଖରେ । ନିଜ ବ୍ୟକ୍ତିତ୍ୱର ଏଇ ଦିଗକୁ ସେ ଗୋପନ ରଖିଲା ଏବଂ ନିଜେ ଜଣେ ବିଶୁଦ୍ଧ, ତ୍ରୁଟିହୀନ ମଣିଷ ବୋଲି ତା' ଆଗରେ ଉପସ୍ଥାପନ କଲା ।

ଜମା ମନେ ପଡୁ ନଥିଲା ଯେ, ନିଜର ସାଧମତେ ସେ ପୃଥିବୀର ଋଣ ପରିଶୋଧ କରିବାକୁ ବ୍ୟଗ୍ର ଥିଲା ଅଳ୍ପ କେତୋଟି ମାସ ପୂର୍ବେ । ଏମିତିକି କଲେଜ ପ୍ରିନ୍ସପାଲ୍‌ଙ୍କ ପାଖକୁ ଟେଲିଫୋନ୍ କରିଥିଲା, ଦୁଇଜଣ ଗରିବ, ମେଧାବୀ ପିଲାଙ୍କର ନାମ ସୁପାରିଶ କରିବା ପାଇଁ । କାହିଁକି କେଜାଣି, ସେ ଦୁଇଜଣ ପିଲାଙ୍କର ଆଦୌ ଆବିର୍ଭାବ ହେଲା ନାଇଁ । ବନ୍ଧୁବାନ୍ଧବ, ଗାଁ ଲୋକେ । ସେମାନଙ୍କର ସହାନୁଭୂତି, ଦରଦ । ଅଭିନୀତ ହୋଇ ସାରିଥିବା ଗୋଟେ ରଙ୍ଗମଞ୍ଚର ଅବଶିଷ୍ଟାଂଶ ଭଳି ସେହି ସ୍ମୃତି କେବଳ ପଡ଼ି ରହିଥିଲା ତା' ପାଖରେ । ପୃଥିବୀକୁ ଆଲିଙ୍ଗନ କରିବା ପାଇଁ ଉଦ୍ୟତ ତା'ର ପ୍ରସାରିତ ହାତ ବନ୍ଦୀହୋଇ ରହିଥିଲା ନିଜ ପକେଟ୍ ଭିତରେ । ସେ ନିଜକୁ ଆଶ୍ୱାସନା ଦେଉଥିଲା ଯେ, ଯେଉଁ ଧରିତ୍ରୀ ପ୍ରତି ସେ କୃତଜ୍ଞ ରହିବା ଦରକାର, ତାହାକୁ ସେ ଶୋଷଣ କରୁନାହିଁ ଜମା । ସେ ଯାହା ଉପାର୍ଜ୍ଜନ କରୁଚି, ତାହା ଆସି ଯାଉଚି ଆପଣା ଛାଏଁ ତା' ହାତ ମୁଠା ଭିତରକୁ ।

ସେଦିନ ଦୁହେଁ ରାତ୍ରିଭୋଜନ କଲାବେଳେ ଅନ୍ୟ ଜିନିଷ ସହିତ ଘରେ ଥିବା ମିଠାର ସଦ୍ ବ୍ୟବହାର କରୁଥିଲେ ଏବଂ ରାଜଧାନୀରେ ପ୍ରସ୍ତାବିତ ଘରର ରୂପରେଖ ଠିକ୍ କରୁଥିଲେ । ସେମାନଙ୍କର ଆଲୋଚନା କେବଳ ଗୋଟିଏ ଉଦ୍ଦାମ ସ୍ୱପ୍ନ ନଥିଲା, ଏହି ସ୍ୱପ୍ନକୁ ବାସ୍ତବ ଇଟାକାଛ ଓ କଂକ୍ରିଟ୍ ଛାତରେ ପରିଣତ କରିବା ପାଇଁ ଥିଲା ଗୋଟେ ସଂକଳ୍ପ । ଖୁବ୍ ଶୀଘ୍ର ରାଜଧାନୀରେ ନିଜର ସୌଖିନ ଘରଟିଏ ତିଆରି ହେବାକୁ ଯାଉଚି—ଏହା ଯଥେଷ୍ଟ ଥିଲା ଦୁହିଁଙ୍କୁ ପ୍ରଗଳ୍ଭ ଓ ମାତାଲ କରିଦେବା

Digitized by srujanika@gmail.com

ପାଇଁ । ଏହା ଜୀବନରେ ଅନ୍ୟତମ ଲକ୍ଷ୍ୟ ହେବା ପରେ ଏହାକୁ ହାସଲ କରିବା ସକାଶେ ଯେ କୌଣସି ମାଧ୍ୟମ ଓ ଉପାୟ ଦୁହିଁଙ୍କ ପାଇଁ ଗ୍ରହଣଯୋଗ୍ୟ ହୋଇ ଯାଇଥିଲା ।

ମାସକ ମଧ୍ୟରେ ପ୍ଲଟ୍ କିଣା ଯାଇଥିଲା । କହିବା ବାହୁଲ୍ୟ, ବିକାଶ ଏ ଦିଗରେ ସାହାଯ୍ୟ କରିଥିଲା ସେମାନଙ୍କୁ ଆଗ୍ରହର ସହିତ । କେବଳ ସେତିକି ନୁହେଁ, ସହରରେ ଚାଲିଥିବା ତା'ର ଦୁଇଟି ଟାକ୍ସି ମଧ୍ୟରୁ ଗୋଟିଏ ଏମାନଙ୍କୁ ଧରି ଯାଇଥିଲା ରାଜଧାନୀକୁ । ପ୍ଲଟ୍ର ଅବସ୍ଥିତି ଓ ଆୟତନ ଦୁହିଁଙ୍କୁ ମୁଗ୍ଧ କରିଥିଲା । ଅଥଚ ବିକାଶ ଜମା ଗ୍ରହଣ କଲା ନାହିଁ ଟାକ୍ସି ବାବଦ ଭଡ଼ା ଟଙ୍କା । ଯଥେଷ୍ଟ କ୍ଷୁବ୍ଧ ହୋଇ ସୁରଭି କହିଥିଲା—"ଆପଣଙ୍କ ମନରେ ଏଇ କଥା ଅଛି ବୋଲି ଆମେ ଜାଣିଥିଲେ ଆପଣଙ୍କ ଗାଡ଼ିରେ ଆସି ନ ଥାନ୍ତୁ ।"

ବିକାଶ ହସିଲା ଟିକିଏ । ଉତ୍ତର ଦେଲା—"ସେ ଅଞ୍ଚଳର ମୁଁ ସବୁଠୁ ବଦ୍‌ମାସ ଓ ଅସାମାଜିକ ଲୋକ ବୋଲି ସମସ୍ତେ ଜାଣନ୍ତି । ମୋର ଆଦୌ ଦୁଃଖ ନାହିଁ ସେଥିପାଇଁ । ତେବେ, ମୁଁ ଯାହାକୁ ଶ୍ରଦ୍ଧା କରେ, ତା' ପାଇଁ ମୁଁ ନିଜର କଲିଜା ଦେବା ପାଇଁ ପ୍ରସ୍ତୁତ । ମୁଁ ଆଦୌ ଜାଣେ ନାହିଁ, ବିଭୁବାବୁଙ୍କ ପ୍ରତି ମୋ ମନରେ କାହିଁକି କେଜାଣି ଗୋଟେ ଶ୍ରଦ୍ଧା ଅଛି ଆରମ୍ଭରୁ । ମୋ କାମଟା ତାଙ୍କ ପାଖରୁ ମୁଁ କରେଇ ନେଇ ପାରିଥାନ୍ତି ଅନ୍ୟ ଉପାୟରେ ଯଦି ଚାହିଁଥାନ୍ତି । ମୋପାଇଁ ସେ ଲକ୍ଷେ ଟଙ୍କାର କାମ କରି ଦେଇଛନ୍ତି । ମୁଁ ତାଙ୍କୁ ମୋର ସାନ ଭାଇ ଭଳି ଜ୍ଞାନ କରେ ।"

ବିଭୁ ଓ ସୁରଭି ସ୍ତବ୍ଧ ହୋଇ ଯାଇଥିଲେ ଏତିକି କଥାରେ । ସେମାନଙ୍କ ଉପରେ ପୁଣି ଦୃଷ୍ଟି ବୁଲେଇ ଆଣି ବିକାଶ କହିଲା—"ମୁଁ ମିଛ କହିବା ଲୋକ ନୁହେଁ । ଆପଣମାନଙ୍କଠୁ ଟାକ୍ସି ଭଡ଼ା ନେଇ ମୁଁ କ'ଣ କରିବି ?"

ବିଭୁ ଆବିଷ୍କାର କରିଥିଲା ଯେ, ଦୁହିଁଙ୍କର ସଞ୍ଚିତ ପ୍ରାୟ ସମସ୍ତ ଟଙ୍କା ଶେଷ ହୋଇ ଯାଇଛି ଜମିକିଣା ବାବଦରେ । ଆଦୌ ଦୁଃଖ ନଥିଲା ଏଥିପାଇଁ । ବରଂ ଗୋଟାଏ ସନ୍ତୋଷ ଓ ଆତ୍ମବିଶ୍ୱାସ ସଞ୍ଚରିତ ହେଉଥିଲା ତା' ମନରେ । ଏତେ ବଡ଼ ଧରଣୀ ଉପରେ ଅନ୍ତତଃ

Digitized by srujanika@gmail.com

ନିଜର ବୋଲି ସ୍ଥାନ ଟିକିଏ ଯୋଗାଡ଼ ହୋଇ ପାରିଚି ଏବଂ ନିକଟରେ ଘର ଗୋଟେ ହୋଇ ପାରିବ—ଏତକ ପ୍ରତିଶ୍ରୁତି ଯଥେଷ୍ଟ ଥିଲା ତାକୁ ଖୁସୀ କରିବା ପାଇଁ ।

ଦୁହେଁ ଗମ୍ଭୀରଭାବରେ ଯୋଜନା ପ୍ରସ୍ତୁତ କରୁଥିଲେ । ବିକାଶ ସେମାନଙ୍କୁ ପରାମର୍ଶ ଦେଇଥିଲା ଯେ, ଜଣେ ବିଜ୍ଞ ଲୋକ ଘର ତିଆରି କରିବା ସଂକ୍ରାନ୍ତରେ ସମସ୍ତ ଟଙ୍କା ହାତକୁ ଆସିବା ପରେ ଯାଇ ଘର ତିଆରି କରେ ନାହିଁ । ସେ କାମ ଆରମ୍ଭ କରେ । ସମସ୍ତ ପ୍ରକ୍ରିୟା ଚାଲିବ ଏକ ସଙ୍ଗରେ । ମଣିଷ ଉପରେ ପ୍ରେସର୍ ନଥିଲେ ସେ ଜମା କାମ କରନ୍ତା ନାଇ । ତା'ର ନିଷ୍କ୍ରିୟତା ହିଁ ତା' ଅଗ୍ରଗତିର ଚରମ ପ୍ରତିବନ୍ଧକ । ଘର ତିଆରି ଆରମ୍ଭ କଲାମାନେ, ତାକୁ ଶେଷ କରିବାର ଉପାୟ ତାକୁ ଖୋଜିବାକୁ ପଡ଼ିବ ।

—"ତୁମେ କ'ଣ କହୁଚ ?" ବିଭୁ ଅଭିଭୂତ ହୋଇ ପଡୁଥିଲା ମନ ମୁତାବକ ଘରଟେ ତିଆରି କରିବା କଥା ଚିନ୍ତା କରି ।

—"ମୁଁ ଭାବୁଚି, ଆର ମାସଠାରୁ ଘର ତିଆରି ଆରମ୍ଭ କରିବା ।" ସୁରଭି ଲୁଗାପଟା ର୍ୟାକ୍ ଉପରେ ସଜାଡୁଥିବା ବେଳେ ବିଭୁ ଆଡ଼କୁ ନ ଚାହିଁ ଘୋଷଣା କଲା ।

—"କ'ଣ କହିଲ ? ଆର ମାସ ? ତୁମଠି ଆଉ ଟଙ୍କା ଅଛି ?" ସ୍ତମ୍ଭୀଭୂତ ବିଭୁ ପଚାରିଲା ।

—"ନ ଥାଉ । ଲୋନ୍ କରାଯିବ ।" ଛୋଟ ଟାଉଏଲ୍‌ରେ ମୁହଁ ପୋଛିବା ଅବସ୍ଥାରେ ସୁରଭି ପୁଣି ଘୋଷଣା କଲା ।

—"ମୁଁ ଦେଖୁଚି, ତୁମର ସାହସ କିଛି କମ୍ ନୁହଁ ।" ବିଭୁର ଏଇ ମନ୍ତବ୍ୟରେ ପ୍ରଶଂସା ଓ ପରିହାସ ମିଶିଥିଲା ।

—"ଆଶ୍ଚର୍ଯ୍ୟ !" ସୁରଭିର ଭ୍ରୂକୁଞ୍ଚିତ ହୋଇଗଲା ଟିକିଏ । ସ୍ମିତ ହସ ଓ ମାନସିକ ଦୃଢ଼ତା ଲେଖି ହୋଇଗଲା ତା' ମୁହଁରେ । କହିଲା—"ତୁମେ ଏକଥା ଆଗରୁ ଜାଣି ନଥିଲ ନା କ'ଣ ? ସାହସ ଯଦି ନଥାନ୍ତା, ତେବେ ମୁଁ ଜୀବନରେ ଏତକ କରିପାରି ନଥାନ୍ତି । କେଉଁ ଜିନିଷଟା ମୋ ପାଇଁ ଭଲ, ତାହା ନିର୍ଦ୍ଧାରିତ ହୋଇଗଲା ପରେ

Digitized by srujanika@gmail.com

ମୁଁ ଅଗ୍ରସର ହେବା ଲୋକ । ପଛକୁ ଚାହିଁବା ମୋ କାମ ନୁହେଁ ।''

—''ସେକଥା ଠିକ୍ ।'' ସ୍ୱୀକାର କଲା ବିଭୁ । ସୁରଭିର ଏଇ ଚାରିତ୍ରିକ ଦୃଢ଼ତାର ପ୍ରମାଣ ସେ ପାଇ ଆସୁଚି ବାରମ୍ବାର, ପ୍ରାୟ ପ୍ରତିଦ୍ଦିନ । ତା'ର ଏଭଳି ଘୋଷଣା ଭିତରେ ଅହଙ୍କାର ଯେ ନଥାଏ, ତା'ନୁହେଁ; କିନ୍ତୁ ତାହା ବିଭୁକୁ କେବେ ଆହତ କରି ନାଇଁ । ଏ ଯାବତ୍ ସେମାନଙ୍କର ବ୍ୟକ୍ତିତ୍ୱର ସଂଘର୍ଷ ଘଟି ନାଇଁ କେବେ । ସେମାନଙ୍କର ଜୀବନଧାରା ବିପରୀତାଭିମୁଖୀ ହୋଇ ନାଇଁ କୌଣସି କାରଣରୁ । ଘରର ଯାବତୀୟ ସମସ୍ୟାର ସମାଧାନ ପାଇଁ ସୁରଭି ଆଗେଇ ଆସିଚି ପ୍ରଥମେ । ସେ ତାହାକୁ ଗ୍ରହଣ କରି ନେଇଚି ବିନା ପ୍ରତିବାଦରେ । କାରଣ ସୁରଭି ସବୁକଥା ବିଶ୍ଳେଷଣ କରୁଥିଲା ଅକାଟ୍ୟ ଯୁକ୍ତିସିଦ୍ଧତା ନେଇ ।

—''ସେକଥା ଠିକ୍, ସୁରଭି । ତେବେ ଆମ ହାତରେ ବର୍ତ୍ତମାନ ପ୍ରାୟ କିଛି ଟଙ୍କା ନାଇଁ । କେବଳ ଲୋନ୍ ନେଇ ଏତେବଡ଼ କାମଟେ ଆରମ୍ଭ କରିବା କିପରି ?'' ବିଭୁ ଏତକ ପଚାରିଲା ସୁରଭିକୁ ନିରୁତ୍ସାହିତ କରିବା ପାଇଁ ନୁହେଁ, ବରଂ ତା'ର ଯୁଦ୍ଧଖୋର ମନୋଭାବକୁ ଚାଲେଞ୍ଜ୍ କରିବା ଓ ତା'ର ଦୃଢ଼ତାକୁ ପ୍ରୋତ୍ସାହିତ କରିବା ପାଇଁ ।

ଏବଂ ତାହା ହିଁ ଘଟିଲା । ସୁରଭି କହିଲା—''ତୁମେ ଆଗ କାମ ଆରମ୍ଭ କର । ଟଙ୍କା କଥା ମୁଁ ବୁଝିବି ।'' ସେ ଭିତରକୁ ଯାଉଥିଲା, କିନ୍ତୁ କ'ଣ ଗୋଟେ ଗୁରୁତ୍ୱପୂର୍ଣ୍ଣ କଥା ଚିନ୍ତା କରି ଅଟକି ଗଲା । ଫେରିଆସି ବସିଲା ଖଟ ଉପରେ ଏବଂ କହିଲା ନିମ୍ନ ସ୍ୱରରେ—''ମୁଁ ଭାବୁଥିଲି, ଆମେ ରଞ୍ଜନକୁ ଆଉ ନ ରଖିଲେ ମଧ୍ୟ ଚଳିବ ।''

ଗୋଟେ ଅପ୍ରତ୍ୟାଶିତ ଶକ୍ ବିଛେଇ ହୋଇ ଗଲା ବିଭୁର ତମାମ୍ ଦେହ ଓ ଚେତନାରେ । ପ୍ରଥମ ଥର ପାଇଁ ବୋଧହୁଏ ସେ ପ୍ରତିବାଦ କଲା ସୁରଭି ପ୍ରସ୍ତାବରେ—''ହ୍ୱାଟ୍ ଡୁ ୟୁ ମିନ୍ ? କେମିତି ଚଳିବ ? ଆମେ ଦୁହେଁ ଦପ୍ତର ପଳେଇବା । ଖୁଡ଼ୀ ଏକୁଟିଆ ରହିବ ଏ ଘରେ ? ତା'ଛଡ଼ା ବଜାର କାମ କରିବ କିଏ ?''

—''ବଜାର କାମ ?'' ସମସ୍ୟାଟା ଥିଲା ହାସ୍ୟାସ୍ପଦ ସୁରଭି ପାଇଁ । କହିଲା—''ମୁଁ କରିବି । ତୁମେ ବି କରିବ । ମୁଁ ଭଡ଼ା ଘରେ ଥିବା ବେଳେ ଅଫିସ୍ ଯାଉଥିଲି । ସାନ ଭାଇ ପଳେଇ ଯାଉଥିଲା

Digitized by srujanika@gmail.com

କଲେଜ । ଖୁଡ଼ୀ ମାନେଜ୍ କରୁଥିଲା ସବୁ କଥା । ଏ କ୍ୱାର୍ଟର୍ସରେ ପୁଣି ଅସୁବିଧା କ'ଣ ? ତା'ଛଡ଼ା ଆମେ ଗୋଟେ କଲୋନୀରେ ଅଛେ । ଆମ କ୍ୱାର୍ଟର୍ସ ପାଖରେ ଆହୁରି ଅନେକ ଅଫିସର ଅଛନ୍ତି ।''

ଯାପରେ ଆଉ କୌଣସି ଯୁକ୍ତି ନଥିଲା ବିଭୁର । ସେ ଖାଲି ଆହତ ହେଲା ନାହିଁ, ସୁରଭି ଆଡ଼େ ଏମିତି କାକୁସ୍ଥ ଦୃଷ୍ଟିରେ ଚାହିଁଲା, ସତେଯେପରି ରଞ୍ଜନ ସେ ଘରେ ରହୁ ବୋଲି ସେ ଅନୁମତି ଦେଲେ ତାହା ବିଭୁ ପ୍ରତି ଏକ ବିପୁଳ ଦୟାରେ ପରିଣତ ହେବ । ସୁରଭି ପାଇଁ ଖୁବ୍ ସହଜ ଥିଲା ବିଭୁର ମନୋଭାବ ଜାଣିବା । ସେ ସ୍ମିତ ହସିଲା । କହିଲା—''ଠିକ୍ ଅଛି । ପିଲାଟା ରହୁ । ତେବେ ମୋ କହିବା କଥା ହେଉଚି, ଅଯଥା ସେଣ୍ଟିମେଣ୍ଟାଲ୍ ହେଲେ କାମ ଚଳେ ନାହିଁ । ଭଲ କରି ଭାବି ଦେଖ, ରଞ୍ଜନ ଏ ଘରେ ରହିବା ଆମ ପାଇଁ ଏକାନ୍ତଭାବେ ଅପରିହାର୍ଯ୍ୟ କି ନା ।''

ଏହାର ଅଳ୍ପ କେତୋଟି ଦିନ ପରେ ପୁଣି ଅନ୍ୟ ଏକ ପ୍ରସ୍ତାବ । ସୁରଭି ଓ ସେ ବାରନ୍ଦାରେ ପଡ଼ିଥିବା କେନ୍ ଚେୟାର୍‌ରେ ବସିଥିଲେ ଓ ଚା' ପିଉଥିଲେ । ସନ୍ଧ୍ୟା ଛ'ଟା ପାଖାପାଖି ସେତେବେଳେ । ସୁରଭି କହିଲା—''ଆମେ ଆଉ ଗୋଟେ କାମ କରି ପାରନ୍ତେ ।''

—''କ'ଣ ?'' ବିଭୁ ପଚାରିଲା ଯଥେଷ୍ଟ ଉଦ୍‌ବେଗର ସହିତ । ସେ ଆଶଙ୍କା କଲା ଯେ ସୁରଭି ପୁଣି ଏକ ହୃଦୟହୀନ ପରାମର୍ଶ ଦେବ ଏବଂ ତାକୁ ପ୍ରତ୍ୟାଖ୍ୟାନ କରିବା ତା' ପକ୍ଷେ କଷ୍ଟକର ହୋଇ ଯିବ ।

—''ତୁମେ ଗାଁକୁ ଯାଇ ଘର ଡିହ ଓ ଜମି ବିକି ଦେଇ ଆସ ।'' ସୁରଭି ଏ ପ୍ରକାର ପ୍ରସ୍ତାବ ଦେବା ବେଳେ କୌଣସି ଦ୍ୱନ୍ଦ୍ୱ ପ୍ରକାଶ କରେ ନାହିଁ । ଇତସ୍ତତଃ ହୁଏ ନାହିଁ ।

ପୁଣି ଗୋଟେ ଶକ୍! ଏଥର ରୀତିମତ ଆହତ ହେଲା ବିଭୁ । ପଚାରିଲା—''କ'ଣ କହିଲ ? ବିକି ଦେବି ? କିମିତି ?''

ସୁରଭି କିନ୍ତୁ ଏଥର ବିଭୁର ମନକଷ୍ଟ ପ୍ରତି ଜମା ଧ୍ୟାନ ଦେଲା ନାହିଁ । କହିଲା—''କିମିତି ଗୋଟେ ପୁଣି କ'ଣ ? ତୁମ ଜମି, ତୁମେ ବିକିବ ।''

Digitized by srujanika@gmail.com

—"ତୁମକୁ ମୁଁ ଆଗରୁ କହିଥିଲି, ସୁରଭି, ସେଇ ନଗଣ୍ୟ ଜମି ପାଇଁ ମୋର ଆସକ୍ତି ନାହିଁ । ମୁଁ ଆପାତତଃ ବଡ଼ ବାପାଙ୍କୁ ତାହା ଦେଇ ସାରିଚି ।" ସେ ଦୀର୍ଘଶ୍ୱାସ ତ୍ୟାଗ କଲା । ବାଧ୍ୟ ହେଲା ଫେରି ଯିବାକୁ ଅତୀତ ଭିତରକୁ । ଅନ୍ୟମନସ୍କ ଭାବରେ ଯୋଗ କଲା—"ବଡ଼ବାପା ଭାରି ଅଭାବଗ୍ରସ୍ତ ଲୋକ । ତାଙ୍କ ପିଲାମାନେ ସେମିତି କିଛି ପାରିବାର ହୋଇ ପାରିଲେ ନାହିଁ । ଆମ ଘରେ ବାପା ମାତାଲ୍ ହୋଇ ମା'କୁ ବାଡ଼ଉଥିବେ । ବଡ଼ ବାପା ହସ୍ତକ୍ଷେପ କରନ୍ତି । ସେ ଦୃଶ୍ୟ ମୁଁ ଯେପରି ଦେଖି ନ ପାରେ, ସେଥିପାଇଁ ସେ ନେଇ ଯାଆନ୍ତି ତାଙ୍କ ଘରକୁ । ବର୍ଷା ଦିନ ଯଦି ହୋଇ ଥାଏ, ତେବେ ଘର ଭିତରେ ତିନି-ଚାରିଟା ବେଲା-ଡାଟିଆ ଥୁଆ ହୋଇଥିବ, ଚାଳ ଭେଦ କରି ଦାରିଦ୍ର୍ୟର ଲୁହକୁ ଧରି ରଖିବା ପାଇଁ । ଅନ୍ୟ ଦିନ ମାନଙ୍କରେ ସୂର୍ଯ୍ୟର ଆଲୁଅ ପଶିଆସେ ନିର୍ଦ୍ଦୟ ଛୁରି ଭଳି । ତାଙ୍କ ପିଲାଙ୍କ ସହିତ ଏକାଠି ଖାଏ, ତାଙ୍କ ଦରିଦ୍ର ହାତ ଯାହା ବାଢ଼ି ଦେଇଥାଏ । ମୋର ଦୁଃଖ ଯେ, ତାଙ୍କ ପାଇଁ ମୁଁ କିଛି କରି ପାରୁ ନାହିଁ । ସେଥିରେ ପୁଣି...ନା, ମୁଁ ପାରିବି ନାହିଁ ଏକାମ କରି । ମୋର ରାଜଧାନୀରେ ଘର ଦରକାର ନାହିଁ ।" ସେ ଟିକିଏ ଉତ୍ତେଜିତ ହୋଇ ପଡ଼ିଥିଲା ନିଶ୍ଚୟ ।

ଏତକ କଥା ବେଶ୍ କାମ ଦେଖାଇଲା । ସହାନୁଭୂତିଶୀଳ ହୋଇ ପଡ଼ିଲା ସୁରଭି । କହିଲା—"ଠିକ୍ ଅଛି । ମୁଁ ଜମା ବାଧ କରୁ ନାହିଁ । ତେବେ, ଆମେ ଦୁହେଁ ରୋଜଗାର କରୁଥିଲେ ମଧ୍ୟ, ଚାକିରି କରିବାର ଏତେ କମ୍ ଦିନ ଭିତରେ ଏତେ ବଡ଼ ପ୍ଲଟ୍‌ରେ ଏମିତି ବଡ଼ ଘରଟେ ହୋଇ ପାରିଲା କିପରି ? ସମସ୍ତଙ୍କର ଏଭଳି ଗୋଟେ ସନ୍ଦେହକୁ ପ୍ରତିହତ କରାଯାଇ ପାରିବ, ଜମି ବିକି ଦେଲେ । ଅଳ୍ପ ଟଙ୍କା ହେଉ ପଛେ ଆମେ କହିପାରନ୍ତେ ଯେ, ଗାଁ ଜମି ବିକି ଆମେ ଘର ତିଆରି କରୁଛୁ । ଏଥିରେ କଳାଟଙ୍କାର ସେମିତି କିଛି ଭୂମିକା ନାହିଁ ।"

ଅଫିସ୍‌ରୁ ବେଶ୍ କିଛି ପରିମାଣର କଳାଟଙ୍କା ଘରକୁ ଆସୁଛି । ଆପାତତଃ କୌଣସି କାଗଜ ଉପରେ ଦସ୍ତଖତ କଲାବେଳକୁ ଏବେ ବିଭୁ ଆଶା କରୁଚି ଯେ, ତାକୁ ତା'ର ପ୍ରାପ୍ୟ ମିଳିବା ଉଚିତ । ତେବେ, ଏଇ କଥାଟି ସୁରଭି ଯେମିତି ଭାବରେ କହିଲା, ତାହା ବିଭୁକୁ ଯନ୍ତ୍ରଣା

Digitized by srujanika@gmail.com

ଦେଲା ଅନେକ । ପ୍ରଥମ ଥର ପାଇଁ ପତ୍ନୀ ପ୍ରତି ଅଶ୍ରଦ୍ଧା ଓ ଅସନ୍ତୋଷରେ ବିଭୁ କ୍ରୁଦ୍ଧ ହୋଇ ପଡ଼ିଲା । ତଥାପି ସଂଯତ ସ୍ୱରରେ ଜବାବ ଦେଲା—"ତୁମ କଥାରେ ବିଜ୍ଞତା ଥାଇପାରେ । ତୁମେ ଜଣେ ପ୍ରାକ୍‌ଟିକାଲ୍ ଲୋକ । ତେବେ ତୁମ ବିଜ୍ଞତାର ଦୃଷ୍ଟିଶକ୍ତି ବେଳେବେଳେ ଲୋପ ପାଇ ଯାଉଚି, ସୁରଭି । ତୁମେ ପ୍ରାକ୍‌ଟିକାଲ୍; କିନ୍ତୁ ଦରଦୀ ନୁହଁ ।"

ଭୀଷଣ ଦୁର୍ବଳ ଅନୁଭବ କଲା ବିଭୁ, ଏତକ ଅପ୍ରୀତିକର କଥା କହିସାରିବା ପରେ । ସେ ବୋଧ କଲା, ତା ଭିତରର ସମସ୍ତ ଶକ୍ତି ଓ ଆଗ୍ରହ ନିଃଶେଷ ହୋଇ ଯାଇଚି । ପୁଣି ସୁରଭିକୁ ଏଭଳି କଠୋର କଥା ପ୍ରଥମ ଥର ପାଇଁ କହିବା ପରେ ସେ ନିଜେ ଗୋଟେ ଅପ୍ରକାଶିତ ଯନ୍ତ୍ରଣାରେ ଶିହରିତ ହୋଇ ପଡ଼ିଲା । କିଛି ସମୟ ପରେ ସେ ମୁଣ୍ଡ ଟେକି ସୁରଭି ଆଡ଼କୁ ଚାହିଁବା ବେଳେ ଆହୁରି ଶଙ୍କିତ ହୋଇ ପଡ଼ିଲା । ଝାପ୍‌ସା ଆଲୁଅ ସତ୍ତ୍ୱେ ତା'ର ମୁହଁ ଲାଲ୍ ଦେଖା ଯାଉଥିଲା । ତାକୁ ତିରସ୍କାର କରାଯାଇଚି ଅନ୍ୟାୟ, ନିର୍ମମ ଭାବରେ—ତାହା ସ୍ପଷ୍ଟ ହୋଇ ଯାଉଥିଲା ତା' ଚେହେରାରୁ ।

—"ମୁଁ ଘରକଥା ଚିନ୍ତା କରୁଚି, ମୋ ନିଜ ପାଇଁ ନୁହେଁ ।" ସୁରଭିର ସ୍ୱର ଥିଲା କାନ୍ଦ କାନ୍ଦ । ଯୋଗ କଲା—"ଠିକ୍ ଅଛି । ମୁଁ ଏ ବ୍ୟାପାରରେ ଆଉ କିଛି କହିବି ନାଇଁ ।"

ଯା'ପରେ ଗୋଟେ ଭୁଲ୍ କରି ପକାଇଲା ବିଭୁ । କହିଲା—"ତୁମେ ପି.ଜି. କଲାବେଳେ ତୁମ ଭାଇଙ୍କୁ ଧମକ ଦେଇଥିଲ, ସମ୍ପତ୍ତି ଭାଗ କରିବା ପାଇଁ । ସେ କାମଟି ବର୍ତ୍ତମାନ ତୁମେ କରିପାରିବ ?"

ସୁରଭି ସ୍ୱାବାଡ଼୍ ହୋଇଗଲା ଏଥିରେ । ବିଭୁ ମୁହଁକୁ ଚାହିଁଲା ନାଇଁ । ପଳେଇଲା ଭିତରକୁ । ବିଭୁକୁ ଆତଙ୍କିତ କରି ଶୁଭିଲା ସୁରଭିର ଚିତ୍କାର କେତୋଟି ମୁହୂର୍ତ୍ତପରେ—"ବଦ୍‌ମାସ୍, ଲଫଙ୍ଗା କେଉଁଠିକାର ! ଏଠି ଏୟା କରୁଚୁ ?" ଦୁଇଟି ଚଟକଣା ବସିବାର ସ୍ୱର ।

ବିଭୁ ଧାଇଁ ଆସିଲା ବ୍ୟାପାରଟା କ'ଣ ଜାଣିବା ପାଇଁ । ଫ୍ରିଜ୍ ପାଖରେ ସ୍ତମ୍ଭୀଭୂତ ହୋଇ ଠିଆ ହୋଇଚି ରଞ୍ଜନ, ଗୋଟେ ଗାଲ ଉପରେ ପାପୁଲି ରଖି । ତାକୁ ଦେଖିବା ମାତ୍ରେ ସୁରଭି ଆହୁରି ଜୋର୍‌ରେ ଉତ୍ତେଜିତ ଓ ଅଶ୍ଳୀଳ ସ୍ୱରରେ କହିଲା—"ଦୁଷ୍ଟ ଏଥର ତୁମ

Digitized by srujanika@gmail.com

ଚାକର ପିଲା କଥା । ଫ୍ରିଜ୍‌ରୁ କ'ଣ ଚୋରି କରି ଖାଉଚି ।'' ସୁରଭି ଦ୍ରୁତ ଗତିରେ ପଳେଇଲା ସେଠାରୁ ଶୋଇବା କୋଠରୀ ଭିତରକୁ ।

ବିଭୁ ଅନୁଭବ କଲା, ଚଟକଣାଟା ରଞ୍ଜନକୁ ଦିଆ ଯାଇ ନାଇଁ, ଦିଆ ଯାଇଚି ତାକୁ । ପଚାରିଲା ଶାନ୍ତ ସ୍ୱରରେ—''କିରେ, ଏମିତି କଲୁ କାହିଁକି ?''

ରଞ୍ଜନର ଦୁଇ ଆଖିରୁ ଲୁହ ଝରି ଆସିଲା । ତା'ର ଓଠ ଏମିତି କମ୍ପି ଉଠିଥିଲା ଯେ, କୌଣସି ଭାଷା ପ୍ରକାଶିତ ହେବା ସମ୍ଭବ ନଥିଲା ତାହା ଜରିଆରେ । ଖୁଡ଼ୀ ଠିଆ ହୋଇ ସାରିଥିଲା ସେଠାରେ । କହିଲା—''ମୁଁ ତାକୁ 'ସନ୍ତୁଳା ମାଂସରୁ ଖଣ୍ଡେ ଦେଇଥିଲି, ଲୁଣ ଠିକ୍ ହୋଇଚି କି ନାଇଁ ଜାଣିବା ପାଇଁ ।''

—''ମୁଁ ପଚାରୁଚି, ଫ୍ରିଜ୍‌ରୁ ତୁ କିଛି ଜିନିଷ ନେଇଥିଲୁ ?'' ବିଭୁ ନିଜ ପ୍ରଶ୍ନର ପୁନରାବୃତ୍ତି କଲା । ରଞ୍ଜନ ପାପୁଲି ପିଠିରେ ଆଖିର ଲୁହ ପୋଛିଲା ଏଇଥିପାଇଁ ଯେ, ବିଭୁ ତାକୁ ସନ୍ଦେହ କରୁଚି ଅଯଥାରେ । ଏହା ବେଶି ବଡ଼ ଶାସ୍ତିଟିଏ ହୋଇ ପଡ଼ିଥିଲା, ସୁରଭିର ଶକ୍ତ ଦୁଇ ଚଟକଣା ଠାରୁ । ନିଜ କୋହ ଶାନ୍ତ କରିବା ପାଇଁ ରଞ୍ଜନ ପଳେଇଲା ସେଠାରୁ । ବିଭୁର ଚିନ୍ତାଶକ୍ତି ଜଖମ ହୋଇ ଯାଇଥିଲା ସମ୍ପୂର୍ଣ୍ଣ ଭାବରେ । ସେତେବେଳ ଯାଏ ଠିଆ ହୋଇଥିବା ଖୁଡ଼ୀର ସହାନୁଭୂତି-ପୂର୍ଣ୍ଣ ମୁହଁ ଆଡ଼େ ସେ ଚାହିଁଲା ଏବଂ ଆବିଷ୍କାର କଲା ଯେ; ଘରର ପବନ ଓ କାନ୍ଥ ଉପରେ ପ୍ରତିଧ୍ୱନିତ ହେଉଚି ଗୋଟେ କରୁଣ ସ୍ୱର । କିଛି ଗୋଟେ ମୂଲ୍ୟବାନ ଜିନିଷ ହଜେଇ ଥିବା ଜନିତ ଦୁଃଖ ।

ସୁରଭି ବୋଧହୁଏ ବାଥ୍‌ରୁମ୍‌କୁ ଯାଇଥିଲା । ସେଇ ସୁଯୋଗରେ ଖୁଡ଼ୀ ଖୁବ୍ ନିମ୍ନ ସ୍ୱରରେ କହିଲା ବିଭୁକୁ—''ଇଏ ସବୁଦିନ ଏଇଭଳି । ଭାରି ଜିଦ୍‌ଖୋର । ତା'କଥା ଯଦି କେହି ନ ମାନିଲା, ତେବେ ସେ ରାଗରେ ଅନ୍ଧ ହୋଇଯାଏ ।''

ଖିଆପିଆ ସରିଲା ଗୋଟେ ଥମ୍‌ଥମ୍ ବାତାବରଣ ଭିତରେ । ଦୁହେଁ ଗମ୍ଭୀର ଓ ନୀରବ ଥିଲେ । ବିଭୁ ସତର୍କ ହୋଇ ପଡ଼ିଥିଲା । ସେ ଆଶ୍ଚର୍ଯ୍ୟ ହେଉଥିଲା ଯେ, ସୁରଭି ପ୍ରତି ତା'ମନରେ ପ୍ରଥମ ଥର ପାଇଁ ସୃଷ୍ଟି ହୋଇଚି ଗୋଟେ ଭୟ । ସେ ସଙ୍କୁଚିତ ଓ ସାବଧାନ ହୋଇ

Digitized by srujanika@gmail.com

ପଡ଼ିଥିଲା ଏଇ କାରଣରୁ । ବେଡ୍‌ରୁମ୍‌ର ନୀରବତା ଭିତରେ ଶୁଭିଲା ଚାପା ସ୍ୱରର ଗୋଟେ କୋହ । ବିଚଳିତ ହେବାର ଯଥେଷ୍ଟ କାରଣ ଥିଲା ଏଇଥି ପାଇଁ । ବିଭୁ ଆଦୌ ବୁଝିପାରିଲା ନାଇଁ ସୁରଭି କାନ୍ଦୁଚି କାହିଁକି । ସେ ପତ୍ନୀର ପିଠି ଥାପୁଡ଼େଇଲା ଏବଂ ପଚାରିଲା—"କ'ଣ ହେଇଚି ?" ସୁରଭି କେବଳ ଘୁଞ୍ଚି ଆସିଲା ତା' ପାଖକୁ । କିଛି କହିଲା ନାଇଁ । ତାହା ଆତ୍ମସମର୍ପଣର ଭଙ୍ଗୀ ଥିଲା କି ଅନୁତାପର ଭାଷା ଥିଲା, ତାହା ବୁଝିପାରିଲା ନାଇଁ ବିଭୁ । ସେ କେବଳ ଏତିକି ଜାଣିଲା ଯେ, ସୁରଭିକୁ ସେ ଏ ପର୍ଯ୍ୟନ୍ତ ଭଲଭାବରେ ଚିହ୍ନି ପାରି ନାହିଁ । ତା' ଭିତରେ ରହିଚି କେତେକ ଅନାବିଷ୍କୃତ ଅଞ୍ଚଳ । ବିଭୁ ପ୍ରବେଶ କରି ପାରି ନାଇଁ ତା' ଭିତରକୁ । ସୁରଭି ବେଶ୍ ରହସ୍ୟମୟୀ ହୋଇ ପଡୁଥିଲା । ଏଇ କାରଣରୁ ଦୁରନ୍ତ ଜଣାପଡ଼ିଲା ସେ ପ୍ରଥମ ଥର ପାଇଁ ।

ଘର ତିଆରି ଚାଲିଥିଲା ଦ୍ରୁତ ଗତିରେ । ମାଟି ଭିତରୁ ଉଠି ଆସୁଥିଲା ଇଟା-ସିମେଣ୍ଟର କାନ୍ଥ । ତା' ପୂର୍ବରୁ, ପ୍ରାୟ ଛ' ଫୁଟ୍ ଉଚ୍ଚର ବାଉଣ୍ଡରି ୱାଲ ତିଆରି ସରିଥିଲା । ପ୍ରଚୁର ଝାମେଲା । ବ୍ୟସ୍ତ ରହିବାକୁ ପଡୁଥିଲା ସବୁବେଳେ । ତେବେ ସମସ୍ତ କ୍ଲାନ୍ତି ଓ ଚିନ୍ତା ସତ୍ତ୍ୱେ ଗୋଟେ ସନ୍ତୋଷ ମିଳୁଥିଲା ଯେ, ଏତେ ଦିନର ସ୍ୱପ୍ନ ଓ ଯୋଜନାର ବାସ୍ତବ ଅବତାର ଗଢ଼ି ଉଠୁଚି ।

କ୍ୱାଟର୍ସ ସାମନା ଜମି ଅନ୍ତଃସତ୍ତ୍ୱା ହେଉଥିଲା ଚତୁର୍ଥ ଥର ପାଇଁ । ରଞ୍ଜନ ଓ ଆଉ ଜଣେ ଲୋକ ପୁଣି ଜାତକ ତିଆରି କରୁଥିଲେ ଆଗାମୀ ଗଛମାନଙ୍କ ସକାଶେ । କେବଳ କ୍ୱାଟର୍ସ ସାମନା ଓ ରାଜଧାନୀରେ ନିର୍ମାଣ-ପ୍ରକ୍ରିୟା ଚାଲି ନଥିଲା । ସୁରଭି ମଧ୍ୟ ପ୍ରକାଶ କରିଥିଲା ଯେ ସେ ମଧ୍ୟ ସୃଷ୍ଟି କରିବାକୁ ଯାଉଚି ।

ଏ ଅନୁଭୂତି ଥିଲା ଅନ୍ୟ ପର୍ଯ୍ୟାୟର । ବିଭୁ ପ୍ରଗଲ୍‌ଭ ହୋଇ ଯାଇଥିଲା ଏଇ ଘୋଷଣାଟି ଶୁଣିବାମାତ୍ରେ । ବହୁଦିନ ହେଲା ସେ ଆଶାୟୀ ଥିଲା ଏଇ ଘୋଷଣାଟି ଶୁଣିବା ପାଇଁ । ସେ ଅନୁଭବ କଲା, ଅନ୍ତଃସତ୍ତ୍ୱା ହେବା ଓ ଉତ୍ତର ପୁରୁଷ ସୃଷ୍ଟି କରିବାର ସ୍ୱପ୍ନ ନେଇ ବିଭୋର ହେବାର ଅଭିଜ୍ଞତା ଆଉ କେବେ କେଉଁଠି ଘଟି ନଥିଲା ପୃଥିବୀର ଜନ୍ମ ପରଠାରୁ ।

Digitized by srujanika@gmail.com

ସୁରଭି ଯାହାକୁ ନିଜ ଜରାୟୁ ଭିତରେ ଗୋପନରେ ରଖିଚି, ତାହାର ଜନ୍ମ ହିଁ ହେବ ସୃଷ୍ଟିର କ୍ରମାନୁୟତା । ସୁରଭି ପୂର୍ବରୁ ଆଉ କେହି ଜଣେ ମାଆ ହୋଇ ପାରିଥିଲେ ବୋଲି ବିଭୁ ବିଶ୍ୱାସ କରି ପାରୁ ନଥିଲା ସେହି ବିହ୍ବଳିତ ଆଶାୟୀ ମୁହୂର୍ତ୍ତରେ ।

ସେ ଅବିଶ୍ୱାସ୍ୟ ଆନନ୍ଦ ଓ ବିସ୍ମୟରେ ମୂକ ହୋଇ ଯାଇଥିଲା କିଛି ସମୟ ପାଇଁ । ପଚାରିଲା—"ସତେ ? ଆଁ ? କ'ଣ ତେବେ କରିବାକୁ ହେବ ?"

—"କ'ଣ କରିବ, ମାନେ ?" ତା'ର ବ୍ୟସ୍ତତା ମୁଗ୍ଧ କରିଥିଲା ସୁରଭିକୁ ।

—"କିଛି କରିବାକୁ ହେବନି ?" ବିଭୁ ପଚାରିଲା ଓ ନିଜ ଅଜ୍ଞତାର ପରିଚୟ ଦେଲା—"ତୁମେ ତେବେ ଅଫିସ୍ ତ ଯାଇ ପାରିବ ନି ? ବେଶି ଗୁଡ଼ାଏ କାମଦାମ କରିବା ବି ଠିକ୍ ନୁହେଁ । ନା, କ'ଣ କହୁଚ ?"

ସୁରଭି ତଳକୁ ମୁହଁ 'କଲା । ବହୁଦିନ ପରେ ଦୁହେଁ ପୁଣି ଅନ୍ତରଙ୍ଗ ହୋଇ ପଡ଼ିଚନ୍ତି, ପରସ୍ପର ପ୍ରତି ଉଦ୍‌ବିଗ୍ନ ହୋଇଚନ୍ତି, ବିବାହ ପୂର୍ବରୁ ଯେମିତି ହେଉଥିଲା । ବିଭୁ ବାସ୍ତବିକ ଶିଶୁ-ସୁଲଭ ଆଶଙ୍କା ନେଇ ଠିଆ ହୋଇଥିଲା ସୁରଭି ସାମନାରେ । ଏଭଳି ପରିସ୍ଥିତିର ମୁକାବିଲା କିପରି କରାଯାଇପାରେ, ତାହା ଜଣା ନଥିଲା ତାକୁ । ଗୋଟେ ସଦ୍ୟଜାତ ଶିଶୁକୁ ଆବେଗ ଓ ଯତ୍ନର ସହିତ ଉଠାଇବା ଭଳି ବିଭୁ ଦୁଇ ପାପୁଲିରେ ସୁରଭିର ମୁହଁ ଟେକି ଧରିଲା ଏବଂ ତା'ର ଚଞ୍ଚଳ ଆଖି, କମ୍ପିତ ଭ୍ରୂଲତା ଓ ଓଠକୁ ନିରୀକ୍ଷଣ କଲା ଗୋଟେ ବିସ୍ମୟକର ଜିନିଷ ଦେଖିବା ଭଳି । ସୁରଭି ସ୍ପଷ୍ଟ ଭାବରେ ଦେଖି ପାରିଲା ବିଭୁ ମୁହଁର ପ୍ରତିଫଳିତ ହୋଇଥିବା କୃତଜ୍ଞତା ଓ ସଂଶୟର ଚିହ୍ନ ।

—"ତୁମକୁ କିଏ କହିଲା ଆଜିଠୁ ଏତେ ଚିନ୍ତିତ ହେବା ପାଇଁ ?" ସୁରଭି କହିଲା ସେଇଭଳି ବିଭୁ ମୁହଁକୁ ଚାହିଁରହି ।

—"ତୁମେ ଯା ଭିତରେ ଏତେ ବଦଳି ଯାଇଚ ବୋଲି ମୁଁ ଲକ୍ଷ୍ୟ କରି ନଥିଲି ।" ବିଭୁ ମନ୍ତବ୍ୟ ବାଢ଼ିଲା ସୁରଭି ମୁହଁକୁ ଛାଡ଼ିଦେବା ପରେ ।

Digitized by srujanika@gmail.com

—"ବଦଳି ଯାଇଚି ? କିପରି ?" ଏଭଳି ଜିଜ୍ଞାସୁ ମୁହୂର୍ତ୍ତରେ ସୁରଭି ସବୁବେଳେ ଚମତ୍କାର ଦେଖାଯାଏ ।

—"ତୁମ ଦେହର ରଙ୍ଗ ଆହୁରି ଉଜ୍ଜ୍ୱଳ ହୋଇଯାଇଚି । ତୁମେ ଆହୁରି ମସୃଣତା ଓ ସ୍ୱାସ୍ଥ୍ୟ ପାଇ ପାରିଚ । ଏଇ ଦେଖ, ତୁମ ଗାଲ ଆଉ ଓଠ ଯାଭିତରେ କେତେ ରକ୍ତିମ ହୋଇଯାଇଚି ।" ବିଭୁର ଏଇ କଥାକୁ ସୁରଭି ଗ୍ରହଣ କଲା ପରମ ସନ୍ତୋଷର ସହିତ । ବିଭୁର ଦୁଇ ହାତ ସୁରଭିର କାନ୍ଧ ଉପରେ ରହିବା ପରିବର୍ତ୍ତେ, ତା'ଦେହ ଚାରିପାଖରେ ସୃଷ୍ଟିକଲା ଏକ ନିବିଡ଼ ବଳୟ । ସୁରଭିର ହାତ ମଧ୍ୟ ଆପଣାଛାଏଁ ବିଭୁ ଦେହକୁ ବେଷ୍ଟନ କଲା । ଅଥଚ ଏ ଆଲିଙ୍ଗନ ବିବାହ ପୂର୍ବର ଆଲିଙ୍ଗନଠାରୁ ଥିଲା ସ୍ୱତନ୍ତ୍ର । ସେତେବେଳେ ହୁଏତ ଥିଲା ପ୍ରତିଶ୍ରୁତି, ବର୍ତ୍ତମାନ କିନ୍ତୁ ଥିଲା ପ୍ରାପ୍ତି । ସେତେବେଳେ ଥିଲା ଜିଜ୍ଞାସା, ବର୍ତ୍ତମାନ ଥିଲା ପରିପୂର୍ଣ୍ଣତା ।

ପ୍ରାୟ ଗୋଟିଏ ସମୟରେ ଦୁଇଟି ଘଟଣା ଘଟିବାକୁ ଯାଉଥିଲା । ରାଜଧାନୀର ଘର ସମ୍ପୂର୍ଣ୍ଣ ହେବା ବେଳକୁ ସୁରଭି ଭର୍ତ୍ତି ହୋଇ ସାରିଥିଲା ଗୋଟେ ନର୍ସିଙ୍ଗ୍ ହୋମ୍‌ରେ । ଡାକ୍ତର ଆଶ୍ୱାସନା ଶୁଣେଇ ଥିଲେ ଯେ, ପେଟ ଭିତରେ ପିଲାର ପୋଜିସନ୍ ଠିକ୍ ଅଛି । ଗୋଟେ ସମସ୍ୟାହୀନ ପ୍ରସବ ହେବ । ତେବେ ବିଭୁର ଏଇ ପ୍ରଥମ ସନ୍ତାନଟି ଝିଅ ହେବ ବୋଲି ମଧ୍ୟ କୁହାଯାଇଥିଲା । ଏକ ନାହିଁ ନଥିବା ଉତ୍କଣ୍ଠାରେ ବେଳେବେଳେ ଜଡ଼ସଡ଼ ହୋଇ ଯାଉଥିଲା ବିଭୁ । ସେ ବରଦାସ୍ତ କରିବାକୁ ପ୍ରସ୍ତୁତ ନଥିଲା ଯେ, ସୁରଭି ପ୍ରସବ-ଯନ୍ତ୍ରଣାରେ ଛଟପଟ ହେବ ଏବଂ ତା'ର ସମସ୍ତ ଆଗ୍ରହ ଓ ଉଦ୍‌ବିଗ୍ନତା ସତ୍ତ୍ୱେ ସେ ଅଂଶଗ୍ରହଣ କରି ପାରିବ ନାହିଁ ସେଇ ଯନ୍ତ୍ରଣାରେ । ସେ ହୁଏତ ଅସ୍ଥିର ହୋଇ ପଦଚାରଣ କରିବ ଅପରେସନ୍ ଥିଏଟର୍ ସାମନାରେ । ତା'ର ହୃଦ୍‌ବୋଧ ହେବ ଯେ, ଏମିତି ଚରମ ମୁହୂର୍ତ୍ତରେ ମଣିଷ ସମ୍ପୂର୍ଣ୍ଣଭାବରେ ନିଃସଙ୍ଗ । ବାହାରେ ରହିଥିବ ସହରର ସ୍ୱାଭାବିକ କୋଳାହଳ ଏବଂ ବ୍ୟସ୍ତତା । ଗାଡ଼ି-ମୋଟର ଚାଲିଥିବ ଜରୁରୀ ଗତିଶୀଳତା ନେଇ । ପବନ ବୋହୁଥିବ । ଅଥଚ ସେ ନିଜ ସମସ୍ୟା ନେଇ ବସି ରହିବ ଏଇଠି, ଖଲାସ ନହେବା ଯାଏ ।

Digitized by srujanika@gmail.com

ବିଭୁ ମାନସିକ ଶକ୍ତି ସଂଗ୍ରହ କରୁଥିଲା ଏଇ ଭଳି ସମୟର ସମ୍ମୁଖୀନ ହେବା ପାଇଁ । ସେ ନିଶ୍ଚିତ ଥିଲା ଯେ, ଭୂମିଷ୍ଠ ହେବାକୁ ଯାଉଥିବା ଝିଅଟି ସୁରଭି ଭଳି ସୁନ୍ଦର ଓ ନିଖୁଣ ହେବ । ନ ହେବାର କୌଣସି କାରଣ ନଥିଲା । ଝିଅର ନାମକରଣ ଓ ଘରପ୍ରତିଷ୍ଠା କରିବ ଖୁବ୍ ଧୁମ୍‌ଧାମ୍‌ରେ । ନିଜ ବାହାଘର ଭଳି ଏଇଟା ଗୋଟେ ମାମୁଲି ନୀରବ ଘଟଣା ହେବ ନାହିଁ । ସମୁଦାୟ ଉତ୍ସବର ଭିଡ଼ିଓ ରେକର୍ଡ଼ିଙ୍ଗ୍ କରାହେବ ।

ଏତେ ଟେନ୍‌ସନ୍ ନିଜ ଭିତରେ ଧରି ରଖିବା ଖୁବ୍ କଷ୍ଟକର ଥିଲା । ଏତେ ସଂଶୟ, ଉଦ୍‌ବିଗ୍ନତା ଓ ଅସ୍ଥିରତା । ବିଭୁର ହାତ ମୁଠା ହେଉଥିଲା, ଜୋତା ଭିତରର ଆଙ୍ଗୁଳି ଛଟପଟ ହେଉଥିଲା । ଗହଳିଆ କେଶ ଟାଣୁଥିଲା ସେ । ବୋଧହୁଏ ଗୋଟାଏ ଯୁଗ ପରେ ରୁଦ୍ଧ କୋଠରୀ ଭିତରୁ ଉଚ୍ଛୁଳି ଆସିଲା ସଦ୍ୟ ଜାତ ଶିଶୁର ଅସ୍ଥିର କାନ୍ଦଣା । ଗୋଟାଏ ଗରମ ଢ଼େଉ ପ୍ରବାହିତ ହୋଇଗଲା ବିଭୁର ଦେହ ଉପରେ । ସେ ସ୍ଥିର ହୋଇ ଶୁଣିଲା ଅଥୟ ହୋଇ କାନ୍ଦୁଥିବା ଏବଂ ଦେଖି ନ ଥିବା ତା' ସନ୍ତାନର ଶୋକକୁ । ଗୋଟାଏ ଯୁଗ ବୋଧହୁଏ ବିତି ଯାଇଥିଲା ଇତି ମଧ୍ୟରେ । ବନ୍ଦ ଦରଜା ଅନ୍ତରାଳରେ କେଉଁ ବିଶ୍ୱକର୍ମା କିଭଳି ପ୍ରତିମାଟିଏ ଗଢ଼ିଚି, ତାହା ଜାଣିବା ସମ୍ଭବ ହେଉ ନଥିଲା । ସେ ଭାବୁଥିଲା ଯେ, ସେ ବସି ରହିଚି ବନ୍ଦ ଦରଜା ସାମନାରେ ଯୁଗଯୁଗ ଧରି ଏବଂ ଏଇ ଭଳି ବସି ରହିଥିବ ସଦ୍ୟ ଭୂମିଷ୍ଠ ହୋଇଥିବା ପିଲାର କାନ୍ଦଣା ଶୁଣି ଶୁଣି ।

—"ଝିଅ ହୋଇଚି ।" ବନ୍ଦ ଦରଜା ଖୋଲି ସିଷ୍ଟର୍ ଜଣେ ତାକୁ କହିଲା ଏବଂ ଦ୍ରୁତ ପଦକ୍ଷେପ ନେଇ ପଳେଇଲା ।

—"ଝିଅ ହୋଇଚି ।" ପୁଣି କବାଟ ଖୋଲି ବାହାରି ଆସିଥିବା ଡାକ୍ତର କହିଲେ । "ଇଜି ଡେଲିଭରି । ଅସୁବିଧା ହୋଇ ନାହିଁ । ଦୁହେଁ ସୁସ୍ଥ ଅଛନ୍ତି ।" ଡାକ୍ତର ଆଗକୁ ଯାଉଥିଲେ । ଅଟକିଗଲେ । କହିଲେ—"ଆସନ୍ତୁ । ରିସେପ୍‌ସନ୍ ରୁମ୍‌ରେ ବସିବା ।"

—"ମୁଁ ଟିକିଏ ଦେଖିଥାନ୍ତି ।" ଉତ୍କଣ୍ଠା ପ୍ରକାଶ କଲା ବିଭୁ ।

—"ସିଓର୍ ! ତେବେ ସେମାନଙ୍କୁ ସଫା କରାଯାଉଚି । ଜମା

Digitized by srujanika@gmail.com

ପାଞ୍ଚମିନିଟ୍ ଭିତରେ ସେମାନଙ୍କୁ କେବିନ୍‌କୁ ଅଣାଯିବ ।''

ଟିକିଏ ଇତସ୍ତତଃ ହେବା ପରେ ବିଭୁ ଆସିଲା ଡାକ୍ତରଙ୍କ ସହିତ । ରିସେପ୍‌ସନ୍ ରୁମ୍‌ରେ ଚା' ପିଇବା ବେଳେ ଡାକ୍ତର ଚାହିଁଲେ ବିଭୁ ମୁହଁକୁ ଏବଂ କଥାଟା ପ୍ରକାଶ କରିବେ କି ନା, ଚିନ୍ତାକଲେ । ଭାବିଲେ, ସବୁ କଥା କହିଦେବା ହିଁ ଠିକ୍ ହେବ । କେବିନ୍‌ରେ ଝିଅକୁ ଦେଖି ଶକ୍ ପାଇବା ପୂର୍ବରୁ, ବିଭୁ ସବୁ କଥା ଜାଣିଯିବା ଉଚିତ ।

—''ଏମିତି-ବେଳେବେଳେ ହୁଏ ।'' ଡାକ୍ତର କହିଲେ ସହାନୁଭୂତିର ସହିତ । ''କିଛି କହି ହେବ ନାହିଁ । ସବୁ ଭଗବାନଙ୍କର ଇଚ୍ଛା ।'' ରୀତିମତ ଭୟଭୀତ ହୋଇ ପଡ଼ିଲା ବିଭୁ । ଡାକ୍ତର ରହସ୍ୟମୟ ଜଣାପଡ଼ିଲେ ।

—''କିନ୍ତୁ କ'ଣ ହେଇଚି ? ମୁଁ ଆପଣଙ୍କ କଥା ବୁଝି ପାରୁ ନାହିଁ ।'' ବିଭୁ ସୋଫା ଉପରୁ ଉଠି ପଡ଼ିଲା । ଉଦ୍ୟତ ହେଲା ସୁରଭି ପାଖକୁ ଯିବା ପାଇଁ ।

—''ବସନ୍ତୁ, ପ୍ଲିଜ୍!'' ଡାକ୍ତର କହିଲେ—''ମୁଁ ସବୁ କଥା ପ୍ରକାଶ ନ କଲେ ବି ଆପଣ ଜାଣିଯିବେ କେତୋଟି ମୁହୂର୍ତ୍ତ ଭିତରେ । ମୁଁ କ'ଣ କହୁଥିଲି କି, ଆପଣଙ୍କର, ଆପଣଙ୍କ ମିସେସ୍‌ଙ୍କର ଡାକ୍ତରର କାହାରି କିଛି କରିବାର ନାହିଁ । କେହି ଦାୟୀ ନୁହଁନ୍ତି ଏଥିପାଇଁ । ଏ ସୃଷ୍ଟି ଏମିତି, ଏହାକୁ କେହି ଠିକ୍ ଭାବରେ ବୁଝିପାରିବେ ନାହିଁ । କ'ଣ ଘଟିବାକୁ ଯାଉଚି, ତାହା ଜାଣିବାର ଉପାୟ ନାହିଁ । ଆଶାକରେ, ଆପଣ କିମ୍ବା ଆପଣଙ୍କ ମିସେସ୍ ଏଥିରେ ଭାଙ୍ଗିପଡ଼ିବେ ନାହିଁ । ଉଇସ୍ ୟୁ ଅଲ୍ ଦି ବେଷ୍ଟ୍ !''

ବିଭୁ ଆପାତତଃ ଶୁଣି ପାରୁ ନଥିଲା କିଛି । ଡାକ୍ତରଙ୍କ ସ୍ୱରରୁ ସେ କେବଳ ଅନୁମାନ କଲା ଯେ, କିଛି ଗୋଟେ ଅପ୍ରୀତିକର ଘଟଣା ଘଟି ଯାଇଚି । ଅଥଚ ସେ ପୁଣି କହୁଚନ୍ତି ଯେ ଝିଅ ଓ ମା' ସୁସ୍ଥ ଅଛନ୍ତି ଏବଂ ଚିନ୍ତିତ ହେବାର କାରଣ କିଛି ନାହିଁ । ବିଭୁର ଭାବନା ଗଣ୍ଡଗୋଳିଆ ହୋଇଗଲା । ତା'ର ଅସ୍ଥିରତା ଏତେ ବଢ଼ି ଯାଇଥିଲା ଯେ, ଡାକ୍ତରଙ୍କୁ ଦୁଇ ହାତରେ ହଲେଇ ଦେବା ପାଇଁ ଉଦ୍ୟତ ହେଲା ସେ । କାଳେ ଡାକ୍ତରର ଦେହ ଭିତରେ ଅଟକି ରହିଥିବା ବକ୍ତବ୍ୟଟି

Digitized by srujanika@gmail.com

ଖସି ପଡ଼ିବ ତା'ର ଆଶାୟୀ କାନ ଉପରେ ।

—''ଆପଣ ବ୍ୟାପାରଟା ସିଧାସଳଖ କହୁ ନାହାନ୍ତି କାହିଁକି ? ମୁଁ ଜଣେ ଶିକ୍ଷିତ ଲୋକ । ଆପଣ ଏ ପର୍ଯ୍ୟନ୍ତ କହୁଥିବା ସବୁ କଥା କେବଳ ମୁଁ କାହିଁକି, ଯେ କୌଣସି ସାଧାରଣ ଲୋକ ମଧ ଭଲ ଭାବରେ ଜାଣେ ।'' ବିଭୁର ଧୈର୍ଯ୍ୟଚ୍ୟୁତି ଘଟିଚି ଓ ସେ କିଞ୍ଚିତ ବିରକ୍ତ ହୋଇଚି ବୋଲି ଜଣାପଡ଼ିଲା ତା'ର ଏଇ କଥାରୁ ।

—''ଝିଅର ପାଦ ଠିକ୍ ଅଛି । ନର୍ମାଲ୍ ।'' ଡାକ୍ତର ରୁମାଲ୍‌ରେ ମୁହଁ ପୋଛିଲେ, ବିଭୁର ରକ୍ତଶୂନ୍ୟ ମୁହଁ ଦେଖିଲେ ଏବଂ ଯୋଗକଲେ—''କିନ୍ତୁ ଗୋଡ଼ ପ୍ରାୟ ନାହିଁ ।''

ଗୋଟେ ଭୟାନକ ବିସ୍ଫୋରଣ ଘଟିଲା ଏତିକି କଥାରେ । ଖଣ୍ଡ ଖଣ୍ଡ ହୋଇ ଗୋଟେ କାଚ ଫର୍ଦ୍ଦ ଭଳି ଖସିପଡ଼ିଲା ବିଧାତାର ଆକାଶ । ଚୁରମାର ହୋଇଗଲା ପୃଥିବୀ । ଶୁଖିଗଲା ସମୁଦ୍ର । ଗଛ-ପତ୍ର, କୋଠାବାଡ଼ି, ମଣିଷ-ସମସ୍ତେ ଫେଣ୍ଟି ହୋଇଗଲେ ଏବଂ ଆକାରହୀନ ଟୁକୁରାରେ ପରିଣତ ହୋଇଗଲେ । ବିଭୁ ହଜିଗଲା ଗୋଟେ ମାରାତ୍ମକ ଧ୍ୱନି ଭିତରେ ।

ବୋଧହୁଏ ହଜାରେ ବର୍ଷ ପରେ ସେ ଅନୁଭବ କଲା ସେ ବସିଚି ସୋଫା ଉପରେ, ନର୍ସିଙ୍ଗ୍ ହୋମ୍‌ର ରିସେପ୍‌ସନ୍ ରୁମ୍‌ରେ ଏବଂ ଡାକ୍ତର ତା' କାନ୍ଧ ଉପରେ ହାତ ରଖିଚନ୍ତି । ସେ ପୁଣି ଅନୁଭବ କଲା, ତା' ମଞ୍ଜାସ୍ଥାନରୁ ଉପରକୁ ଉଠିଆସୁଚି ଗରମ ଢ଼େଉ । ଥରେ ନୁହେଁ, ବାରମ୍ବାର । ତା' କପାଳରୁ ଥପ୍ ଥପ୍ ହୋଇ ଝରି ପଡ଼ିଲା ଝାଳ, ପରାଜୟ ଓ ବିଫଳତାର ଲୁହ ଭଳି । ସେ ଜନ୍ମ ହେବା ପରଠାରୁ ବୋଧହୁଏ ଶୋଷ ବୋଲି ଗୋଟିଏ ଜିନିଷକୁ ଅନୁଭବ କରି ନଥିଲା । ତା'ର ଦରମଲା ସ୍ୱର ଶୁଭିଲା—ଗ୍ଲାସେ ପାଣି ।

କ୍ରାଡଲ୍‌ରେ ନବାଗତ ଜଣକ ଶୋଇ ଯାଇଚି ପରମ ଶାନ୍ତି ଓ ସନ୍ତୋଷର ସହିତ । ବର୍ତ୍ତମାନ ପାଇଁ ପୃଥିବୀ ଉପରେ ତା'ର କୌଣସି ଦାବି ନାଇଁ । ଛାତି ପର୍ଯ୍ୟନ୍ତ ଘୋଡ଼େଇ ରଖିଚି ସଫା ପତଳା ନାପ୍‌କିନ୍‌ଟିଏ । ମୋଟେ ଅନୁମାନ କରି ହେଉ ନାଇଁ ଏତେ ସୁନ୍ଦର ଲୋଭନୀୟ ଦେଖା ଯାଉଥିବା ମଣିଷର ଦେହ ଅସମ୍ପୂର୍ଣ୍ଣ ବୋଲି । ଡାକ୍ତର ମିଛ କହିଲେ

Digitized by srujanika@gmail.com

କି ? ମଜା କରିବା ପାଇଁ ସେ ହୁଏତ ସେଭଳି କହି ପାରି ଥାଆନ୍ତି । ଅଥଚ ସୁରଭି ଅନ୍ୟ ଆଡ଼େ ମୁହଁ କରି ବସି ରହିଥିଲା ଅଚଞ୍ଚଳ, ନିଷ୍କ୍ରିୟ ହୋଇ । ସେ କୋଠରୀ ଭିତରକୁ ଆସିଯାଇଚି ବୋଲି ସେ ସଚେତନ କି ନା, କେଜାଣି ? ହୁଏତ ସେ ଆଉ ଆଗ୍ରହୀ ନୁହଁ ସେଠାକୁ ଆସୁଥିବା ସେଠାରୁ ଯାଉଥିବା ମଣିଷମାନଙ୍କ ସମ୍ପର୍କରେ ଜାଣିବା ପାଇଁ ।

ବିଭୁ ନାପ୍‌କିନ୍‌ଟିକୁ ଉଠାଇ ନେଲା ଆସ୍ତେ ଏବଂ ପର ମୁହୂର୍ତ୍ତରେ ମୁହଁ ବୁଲାଇ ନେଲା । ବାସ୍ତବତାର ସଂଜ୍ଞା ଏତେ ଦିନ ପରେ ବୁଝି ପାରିଲା ସେ । ଏହା ଗୋଟେ ଚାଲେଞ୍ଜ୍ ଭଳି ପଡ଼ି ରହିଥାଏ ଆଖିବୁଜି । ଏହାର ଗୋଡ଼ ନଥାଏ । ଶୁଭ୍ର ପାଦ ଦୁଇଟି କେଜାଣି କେମିତି ଲାଗି ରହିଥାଏ ଦେହରେ । ଏହା ଅପେକ୍ଷା କରି ରହିଥାଏ ଗୋଟେ ପଙ୍ଗୁ ଭବିଷ୍ୟତକୁ । ଏହା ପୁଣି ନିର୍ମମ ଉପହାସର ପ୍ରତୀକଟିଏ ହୋଇ ପଡ଼େ । ସୁରଭି ଓ ବିଭୁ ଭଳି ଏତେ ତ୍ରୁଟିହୀନ ସୁନ୍ଦର ମଣିଷର ଶୃଙ୍ଗାରରୁ ସୃଷ୍ଟି ହୋଇଥିବା ସେଇ ବାସ୍ତବତା କେବଳ ଘୋଷଣା କରୁଥାଏ ଯେ, ତାହାହିଁ ସତ୍ୟ । ତାହାକୁ ଉପେକ୍ଷା କରାଯାଇ ପାରେନା । ନିଜ କାନ୍ଦଣାର ଇସ୍ତାହାର ଜରିଆରେ ସେ ସୁରଭିର ସ୍ତନ୍ୟ ପାନ କରିବ । ତାହାର ଯତ୍ନ ନେବା ପାଇଁ ସେ ବାଧ୍ୟ କରିବ ସେ ଦୁଇଜଣଙ୍କୁ । ତାକୁ ଅପମାନ, ପରାଜୟ ଓ ବିଫଳତା ବୋଲି ତୁମେ ବର୍ଣ୍ଣନା କରିପାର, ମାତ୍ର ତୁମକୁ ଘୋଷଣା କରିବାକୁ ପଡ଼ିବ—ଏହା ମୋର ବାସ୍ତବତା । ଏହା ମୋ ସୃଷ୍ଟିର ସତ୍ୟତା । ମାସ ମାସ ଧରି ଉଦ୍‌ବିଗ୍ନ ଉତ୍କଣ୍ଠିତ ସମୟର ଏହା ହିଁ ପ୍ରାପ୍ତି ।

ସମ୍ପୂର୍ଣ୍ଣ ବ୍ଲାଙ୍କ୍ ହୋଇଗଲା ବିଭୁର ମସ୍ତିଷ୍କ । ସେ ବସି ପଡ଼ିଲା ଗୋଟେ ଚେୟାର୍‌ରେ; ଯେଉଁ ଚେୟାର୍‌ରେ ସେ ଅନେକ ସମୟରେ ବସୁଥିଲା, ସୁରଭି ସେଠାରେ ଭର୍ତ୍ତିହେବା ପରଠାରୁ । ଯେଉଁ ଚେୟାର୍‌ରେ ବସି ସେ ସୁରଭିକୁ ଆଶ୍ୱାସନା, ଉତ୍ସାହ ଦେଉ ଥିଲା ଯେ, ପ୍ରସବ ପ୍ରକ୍ରିୟାଟି ସରିଯିବ ବିନା ଝାମେଲାରେ । ସେ ଦୁହେଁ ଫେରିବେ ସେଠାରୁ ନିର୍ବିଘ୍ନରେ, ବିଜୟର ସନ୍ତକକୁ ଛାତିରେ ଜାକି ଧରି । ସବୁ ଜଣାପଡୁଚି ପ୍ରତାରଣାପୂର୍ଣ୍ଣ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ରୂପାନ୍ତରିତ ହୋଇଯାଉଚି ହୃଦୟହୀନ ଶଠତାରେ । ଅବଶ, ନିସାଡ଼ ହୋଇଯାଉଥିଲା ବିଭୁ ।

Digitized by srujanika@gmail.com

ଅଥଚ ସେଇ ମୁହୂର୍ତ୍ତ ଚୁପ୍‌ଚାପ୍ ବସିଯିବାର ମୁହୂର୍ତ୍ତ ନୁହଁ । ବିଭୁ ମୁହଁ ବୁଲାଇ ସୁରଭି ଆଡ଼େ ଚାହିଁଲା ଏବଂ ଏକ ଅକଥନୀୟ ସହାନୁଭୂତି ଓ ଆବେଗରେ ବିଗଳିତ ହୋଇଗଲା । ବାସ୍ତବତାର ଏଇ ସଂଜ୍ଞା ଗ୍ରହଣ କରିବା ଭାରି ଯନ୍ତ୍ରଣାଦାୟକ ହୋଇଥିବ ତା' ପାଇଁ । ଯା ପରେ ସୁରଭି ବୋଲି ପରିଚୟ ଦେଇ ସେ ବଞ୍ଚି ରହିବ କିପରି କେଜାଣି ?

ବିଭୁ ଠିଆ ହେଲା ସୁରଭି ସାମନାରେ । ଏଥର ତା' ଦେହ ଟିକିଏ ଚଞ୍ଚଳ ହୋଇ ପଡ଼ିଲା । ତା'ମୁହଁ ଦିଶୁଥିଲା ଶେଥା, ଝାଳୁଆ । ଆଖି ପଶିଯାଇଥିଲା ଭିତରକୁ କଳା ବଳୟ ମଧ୍ୟ ଦେଇ । ଗୋଟିଏ କ୍ଷଣ ପାଇଁ ସେ ଚାହିଁଲା ବିଭୁ ମୁହଁକୁ । ତାହା ଯଥେଷ୍ଟ ଥିଲା, ଏତେ ସମୟ ଧରି ପୁଞ୍ଜୀଭୂତ ହୋଇଥିବା ତା'ର ଶୋକକୁ ଲୁହ ଓ ହାହାକାରରେ ପରିଣତ କରିବା ପାଇଁ । ବିଭୁ ପ୍ରଥମେ ବିଚଳିତ ହୋଇ ପଡ଼ିଲା; କାହିଁକିନା, ଜଣେ ମଣିଷ ଏତେ ରିକ୍ତତା ଓ ଦୁଃଖ ନେଇ ଏମିତି ଅସମ୍ଭାଳ ହୋଇ କାନ୍ଦିପାରେ ବୋଲି ଧାରଣା ନଥିଲା ତା'ର । କୌଣସି ଆଶ୍ୱାସନା ମଣିଷ ଭାଷାରେ ସୃଷ୍ଟି ହୋଇ ନଥିଲା ସେହି କାନ୍ଦଣା ଆଗରେ ବନ୍ଧଟିଏ ତିଆରି କରିବା ପାଇଁ । ସାନ୍ତ୍ୱନା ଜଖମ୍ ହୋଇ ଯାଇଥିଲା ସେହି ବଳିଷ୍ଠ ଶୋକର ପ୍ରଚଣ୍ଡ ସୁଅ ଆଗରେ । ସୁରଭି ତରଳି ଯାଇଥିଲା, ପରିଣତ ହୋଇଯାଉଥିଲା ଉଷ୍ଣମ ଲୁହରେ ।

ସେମାନେ ଫେରି ଆସିଲେ କ୍ୱାର୍ଟର୍ସକୁ । ତା' ପୂର୍ବରୁ ବିଭୁ ଡାକ୍ତର ସହିତ ପରାମର୍ଶ କରିଥିଲା ।

—"ଏ ବାବଦରେ କିଛି ବ୍ୟବସ୍ଥା କରାଯାଇ ପାରିବ ?" ସେ ପଚାରିଥିଲା ।

—"ମାନେ ? କେଉଁ ବ୍ୟବସ୍ଥା ?" ଡାକ୍ତର ଏ ଦୁହିଁଙ୍କ ଅବସ୍ଥା ଦେଖି ଦରଦୀ ହୋଇ ପଡ଼ିଲେ । ତାଙ୍କର ଆଶଙ୍କା ଥିଲା ଯେ ସ୍ୱାମୀ-ସ୍ତ୍ରୀ କିଛି ଗୋଟେ ସାଙ୍ଘାତିକ କାଣ୍ଡ କରି ପାରନ୍ତି; ଯେମିତି ସେମାନେ ଭାଙ୍ଗି ପଡ଼ିଚନ୍ତି, ଡେଲିଭରି ପରେ ।

—"ମୁଁ କହୁଥିଲି, କାଳେ ତା' ଗୋଡ଼ ପାଇଁ କିଛି ସର୍ଜରୀ କିମ୍ବା କୌଣସି କିଛି ବ୍ୟବସ୍ଥା ହୋଇପାରିବ ।" ବିଭୁ ଆଶାୟୀ

Digitized by srujanika@gmail.com

ହୋଇ ପଚାରିଲା । ଯଦି ତାକୁ କୁହାଯାଆନ୍ତା ଯେ, ସମୁଦାୟ ପୃଥିବୀ ବିନିମୟରେ ଅସମ୍ପୂର୍ଣ୍ଣ ପିଲାଟା ପୂର୍ଣ୍ଣାଙ୍ଗ ହୋଇ ପାରିବ, ତେବେ କେବଳ ଏ ପୃଥିବୀ ନୁହେ; ଚଉଦ ବ୍ରହ୍ମାଣ୍ଡକୁ ସେ ଗୋଟିଏ ଆଙ୍ଗୁଳା ସାହାଯ୍ୟରେ ବଢ଼େଇ ଦେଇ ପାରନ୍ତା ଅଲୌକିକ ବିନ୍ଧାଣି ହାତକୁ ।

—"ଆଇ ଆମ୍ ସରି । କିଛି କରାଯାଇ ପାରିବ ନାହିଁ ।" ଡାକ୍ତର ରୋକ୍‌ଠୋକ୍ ନ ହେବା ପାଇଁ ଚେଷ୍ଟା କରିଥିଲେ ।

ଆହା, ଦେହ ଭିତର କେଉଁ ସନ୍ଧିରେ ରହିଗଲା କି ଗୋଡ଼ ଦୁଇଟା ! ଯଦି ସେ ପାଦ ଦୁଇଟା ଟାଣନ୍ତା ଏବଂ ଏ ପର୍ଯ୍ୟନ୍ତ ଲୁଚି ରହିଥିବା ଗୋଡ଼ ଦୁଇଟା ବାହାରି ଆସନ୍ତା ପଦାକୁ ? ଏମିତି କୁହୁକ କ'ଣ କେବେ ବି ଘଟିନାହିଁ ଏ ପୃଥିବୀରେ ?

ଖାଲି ଘରର ମଣିଷ ନୁହଁନ୍ତି, ଚାକିରି, ଏ ସହର, ପୃଥିବୀ, ବଞ୍ଚି ରହିବାର ପରିଚୟ— ସବୁ ଯେପରି ନିଜର ସ୍ୱାଭାବିକତା ହରାଇ ବସିଲେ । ସବୁ ଜଣା ପଡ଼ିଲା ଅଚିହ୍ନା, ଦୁର୍ବୋଧ ଓ ଅପ୍ରାସଙ୍ଗିକ । ବେଶ୍ କିଛି ଦିନ ସୁରଭି ଆହତ ନୀରବତା ନେଇ ଗୁମ୍‌ସୁମ୍ ହୋଇ ରହିଲା ଘରେ । ଆଉ କେତେଟା ଦିନ ପରେ ସେ ପୁଣି ଅଫିସ୍ ଯିବ । ଟଙ୍କା ଡିପୋଜିଟ୍ କରିବା ପାଇଁ କିପରି ଫର୍ମ ପୂରଣ କରିବାକୁ ହେବ, ତାହା ବୁଝେଇବ ଅନଭିଜ୍ଞ ମଣିଷମାନଙ୍କୁ । ହିସାବ ଠିକ୍ ରଖିବ । ଫୋନ୍ କରିବ ବିଭୁ ପାଖକୁ । ଫେରିବା ସମୟ କହିବ । ଘରକୁ ଆସିବା ବେଳେ ଦରକାରୀ ଜିନିଷ କିଣିବ । ବାରନ୍ଦାରେ ବସି ଯୋଜନା ପ୍ରସ୍ତୁତ କରିବ ବିଭୁ ସହିତ । ରାତ୍ରି ଭୋଜନ । କୋଠରୀର ଅନ୍ଧକାର ପୁଣି ମସୃଣ ହେବ । ନିଜ ହୃତ୍‌ସ୍ପନ୍ଦନ ସାମିଲ୍ ହୋଇଯିବ ବିଭୁର ସ୍ପନ୍ଦନ ସହିତ । ଇଚ୍ଛାକୃତ, ସମର୍ପିତ ଦେହ । ଗରମ ନିଃଶ୍ୱାସ ଓ ଝାଳ । ସକାଳେ ପୁଣି ପ୍ରସ୍ତୁତ । ବ୍ୟାଙ୍କ୍ ସାମନାରେ ସେ ଓହ୍ଲେଇବ । ନିଜର ମୁରବୀ ପଣିଆ ଦେଖାଇବ ଆଗ୍ରହୀ ବିଭୁ ପାଖରେ ।

ଏ କ'ଣ ଗୋଟେ ରଙ୍ଗୀନ ସ୍ୱପ୍ନ, ନା ଅଙ୍ଗେ ଲିଭେଇଥିବା ବାସ୍ତବ ଅତୀତ ? ସୁରଭି ବିଶ୍ୱାସ କରି ପାରୁ ନଥିଲା ଯେ, ଏଇମିତି ଅତୀତଟେ ହାତଛଡ଼ା ହୋଇଯାଇଛି । ଏଇତ, ନର୍ସିଙ୍ଗ୍ ହୋମ୍‌ରୁ ଫେରିବା ପରଦିନ ଠାରୁ ବିଭୁ ଯାଉଚି- ନିଜ ଅଫିସ୍‌କୁ । ସେ ପଡ଼ିରହୁଚି ଏକୁଟିଆ

Digitized by srujanika@gmail.com

କ୍ୱାର୍ଟର୍ସର ପରିଚିତ ଇଲାକା ଭିତରେ । ମାତ୍ର ଏଭଳି ନିଃସଙ୍ଗ ଅନୁଭବ କରି ନଥିଲା ସେ କେବେ । ତାକୁ ଜଣା ପଡୁଥିଲା, ପୃଥିବୀରୁ ନିର୍ବାସିତ ହୋଇ ସେ ଗୋଟେ ଅପ୍ରିତିକର ଦାୟିତ୍ୱ ସମ୍ଭାଳିବାକୁ ବାଧ ହେଉଚି । ତା'ର ଧୈର୍ଯ୍ୟ ଭୁଷୁଡ଼ି ପଡୁଚି ଆସ୍ତେ ଆସ୍ତେ । ଗୋଟେ ରୁଦ୍ଧ ପରିବେଶ ଭିତରେ ରହି ଆଉ ଅଣନିଃଶ୍ୱାସୀ ହେବା ପାଇଁ ସେ ପ୍ରସ୍ତୁତ ନୁହେଁ । ସେ ମୁକ୍ତି ଚାହେଁ ।

ଅଥଚ କେଉଁ ପ୍ରକାରର ମୁକ୍ତି ? ଏତକ ଭାବିବା ମାତ୍ରେ, ଫୋନ୍ ରିସିଭର୍ ଗୋଟେ ମୂର୍ଦ୍ଧାର ଭଳି ହାମୁଡ଼େଇ ହୋଇ ପଡ଼ିଥିବା ଭଳି ଜଣାପଡ଼େ । କୌଣସି ବାର୍ତ୍ତା ଆସେ ନାହିଁ କାହା ପାଖରୁ । ବିଭୁ ପାଖରୁ ବି ନୁହେଁ । ତା' ମୁକ୍ତିର ରୂପରେଖ କ'ଣ ? ଏତକ ଭାବିବା ମାତ୍ରେ, ସେ କାମ କରୁଥିବା ବ୍ୟାଙ୍କ୍ ଦୂରନ୍ତ ଓ ଅପରିଚିତ ଜଣାପଡ଼େ । ସେ ଏଇ ଭଳି ରହିବ । ଏତକ ଭାବିବା ମାତ୍ରେ କ୍ରାଡ଼ଲ୍‌ରେ ଶୋଇଥିବା ମଣିଷ ଜଣକ ମୁଗ୍ଧ ଓ ନିଶ୍ଚିନ୍ତ ହୋଇଯାଏ । ସାଇ-ପଡ଼ିଶାର ମଣିଷମାନେ ସନ୍ତୋଷ ପ୍ରକାଶ କରନ୍ତି ଏଇଥିପାଇଁ ଯେ, ତା' ଜୀବନରେ ଆଉ ଅଗ୍ରଗତି ନାହିଁ ।

ସବୁ ଯେପରି ଅଥର୍ବ ଓ ପଙ୍ଗୁ, ବାସ୍ତବତା ଭଳି । ସବୁ ଆହତ ଓ ରକ୍ତାକ୍ତ, ମନ ଭଳି । ସବୁ ଅପମାନଜନକ ଓ ପରିହାସ ମୟ, ନିଜ ଛୁଆ ଭଳି । ସବୁ ଅନ୍ଧକାରମୟ ଓ ଯୋଜନାହୀନ, ଭବିଷ୍ୟତ ଭଳି । ପବନ ବହେ ନାହିଁ, ଶିଲିଙ୍ଗ୍ ଫ୍ୟାନ୍ ଏହାକୁ ଜୋର୍‌କରି ଠେଲିବା ସତ୍ତ୍ୱେ । ଖୁଡ଼ୀ ଓ ରଞ୍ଜନ କ'ଣ ସବୁଦିନ ଭଳି ଏମିତି ନୀରବ ଥିଲେ ? କିଛି ଶୁଭେ ନାହିଁ, ଗତି କରେ ନାହିଁ । କେବଳ ତାକୁ ଜଡ଼ସଡ଼ କରିବା ପାଇଁ, ଘରର ପ୍ରତ୍ୟେକ ଧୂଳିକଣାକୁ ଅଭିଭୂତ କରି, ତା'ର ରକ୍ତ-ସଞ୍ଚାଳନ ଓ ନିଃଶ୍ୱାସ-ପ୍ରଶ୍ୱାସକୁ ବାତିଲ୍ କରି ଶୁଭିଯାଏ ଗୋଟେ ନିଷ୍କରୁଣ ଆହ୍ୱାନ । କ୍ରାଡ଼ଲ୍‌ର ମଣିଷ ଅଥୟ ହୁଏ । ଏତକ ବାଦ୍ ଦେଲେ ଛାତ ଉପରକୁ କୁଆ ଆସେ । ରାବେ ନାହିଁ । ଭିକାରୀମାନେ ବନ୍ଦଥିବା ଗେଟ୍ ଦେଖି ଦୀର୍ଘଶ୍ୱାସ ତ୍ୟାଗ କରନ୍ତି ଓ ଆଗକୁ ଅଗ୍ରସର ହୁଅନ୍ତି । ମଟରଗାଡ଼ିର ଇଞ୍ଜିନ୍, ଲୋକମାନଙ୍କର କଥାଭାଷା—ସବୁ ଯେପରି ପୋତି ହୋଇ ପଡ଼େ ଗୋଟେ ଅକ୍ଷମତା ଭିତରେ, ଆଗ୍ରହହୀନତା ଭିତରେ ।

Digitized by srujanika@gmail.com

ଗୋଟେ ନିର୍ବାସିତର ଜୀବନ । ସହରରେ ଥିବା ସର୍ବଶ୍ରେଷ୍ଠ ଦମ୍ପତିଙ୍କର ଏଇଭଳି ପିଲାଟିଏ ହୋଇଚି। ଏକଥା ପ୍ରଚାରିତ ହେବା ପାଇଁ ଗୋଟିଏ ମୁହୂର୍ତ୍ତ ବି ଲାଗିଲା ନାଇଁ । ସହରରେ ମଧ୍ୟ ରହିଥିଲା ଗୋଟେ ଉତ୍କଣ୍ଠା ବିଚିତ୍ର ପିଲାକୁ ଦେଖିବା ସକାଶେ । ସେମାନଙ୍କର ଟାକ୍ସି ଗେଟ୍ ପାଖରେ ରହିବାର ମାତ୍ର କେତୋଟି ମିନିଟ୍ ମଧ୍ୟରେ କଲୋନୀର ଘରଣୀମାନେ ପିଲାପିଲି ଧରି ହାଜର ହୋଇ ଯାଇଥିଲେ କ୍ୱାର୍ଟର୍ସ ପାଖରେ ।

ଏତେ ଚଞ୍ଚଳ ଏତେ ସହଜରେ ଜୀବନର ପରାଜୟ ଓ ଅପମାନର ନକ୍ସାକୁ ଏମାନଙ୍କ ଆଗରେ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତ ନଥିଲା ବିଭୁ । ସେ ଜାଣିଥିଲା, ଆଉ ସହାନୁଭୂତି, ନିଚ୍ଛକ ଦରଦ ସେ ପାଇବ ନାଇଁ ଏ ପୃଥିବୀରୁ । କାରଣ ଏସବୁ ଜିନିଷ ତା'ର ଆଉ କେବେ ଦରକାରରେ ଆସିବ ନାହିଁ ବୋଲି, ସେ ଏହାକୁ ଦେଇ ନଥିଲା କୌଣସି ଲୋକକୁ । ଅନ୍ୟମାନଙ୍କର ଉପହାସର ସାମଗ୍ରୀ ହେବାକୁ ପସନ୍ଦ କରି ନଥିଲା ସେ । ତେଣୁ ଘରଣୀମାନଙ୍କୁ, ସେମାନଙ୍କର ପୂର୍ଣ୍ଣାଙ୍ଗ ପିଲାମାନଙ୍କୁ ଦେଖି ସେ ଆପାତତଃ ହିତାହିତ ଜ୍ଞାନ ଭୁଲିଯାଇଥିଲା । ଦରଜା ପାଖରେ ଠିଆ ହୋଇ ପ୍ରଶ୍ନ କରିଥିଲା—"କ'ଣ ? ଆପଣମାନଙ୍କର ଏଠାରେ କ'ଣ ଦରକାର ?"

ତା' ସ୍ୱରରେ ଯେଉଁ ପ୍ରତିବାଦ ଓ କ୍ରୋଧ ରହିଥିଲା, ତାହା ସମସ୍ତଙ୍କୁ ଇତସ୍ତତଃ କରି ପକାଇଥିଲା । ସେମାନେ ପରସ୍ପରର ମୁହଁ ଚହାଚୁହିଁ ହେଲେ ଏବଂ ବିଭୁର ସ୍ୱର ପୁଣି ଶୁଭିଲା—"ଛୁଆ ଦେଖିବାକୁ ଧାଇଁ ଆସିଲେ । ନୁହେଁ ? ଅଛି ? ମଣିଷପଣିଆ ବୋଲି ଜିନିଷଟେ ଅଛି ଆପଣମାନଙ୍କ ଭିତରେ ? ଟିକିଏ ହେଲେ ଅନୁମାନ କରିପାରୁ ନାହାନ୍ତି, ମୋ ସ୍ତ୍ରୀର ମାନସିକ ଅବସ୍ଥା ବର୍ତ୍ତମାନ କିଭଳି ହୋଇଥିବ ? ଗେଟ୍ ଆଉଟ୍ ! ଯାଆନ୍ତୁ । ମଣିଷ ପ୍ରତି ଏମିତି ନିର୍ଦ୍ଦୟ ହୁଅନ୍ତି ନାଇଁ ।"

ପଳେଇଲେ ସମସ୍ତେ । ପଳେଇଲେ ମାନେ, ଏକରକମ ଦୌଡ଼ି ପଳେଇଲେ ଦ୍ରୁତତାର ସହିତ । ଏକଥାକୁ ବିଶ୍ଳେଷଣ କରି ନାଇଁ ବିଭୁ ଆଜି ପର୍ଯ୍ୟନ୍ତ । ଏତକ କହି ଦେଲା ସିନା; କିନ୍ତୁ ନିଜକୁ ଓ ସୁରଭିକୁ ବିଚ୍ଛିନ୍ନ କରିଦେଲା ସମସ୍ତଙ୍କ ପାଖରୁ । ବନ୍ଧୁ-ବାନ୍ଧବହୀନ, ସହୃଦୟ ମଣିଷହୀନ ଏ ପୃଥିବୀରେ ସେ ଏକୁଟିଆ ହୋଇଗଲା । ଯା ପରେ କୌଣସି ଲୋକ

Digitized by srujanika@gmail.com

ତା' କ୍ବାର୍ଟର୍ସର ସୀମା ମାଡ଼ି ନାହାନ୍ତି; କାଳେ ସେ ଭାବିବ ତାକୁ ଓ ତା'ର ସୃଷ୍ଟିକୁ ସେ ଉପହାସ କରିବା ପାଇଁ ଆସିଚନ୍ତି ବୋଲି ।

ଦିନ ପ୍ରାୟ ବାରଟା ବେଳେ ଥରେ ଓ ଦୁଇଟା ବେଳେ ଆଉ ଥରେ । ଏମିତି ଦୁଇଥର ବିଭୁ ଫୋନ୍ କରୁଥିଲା ଘରକୁ । ସୁରଭି ରିସିଭର୍ ଧରେ । ଅବଶ୍ୟ ଏଥିରେ ସେମିତି କିଛି ଜରୁରୀ ଆବଶ୍ୟକତା ନଥିଲା । କେବଳ ସେ ପାଖରେ ଅଛି; ସୁବିଧା-ଅସୁବିଧା ଶୁଣିବା ମାତ୍ରେ ଅଫିସ୍‌ର ସବୁକାମ ଛାଡ଼ିଦେଇ ସେ ଚାଲିଆସିବ ତା' ପାଖକୁ । ଏଇଭଳି ଧାରଣାଟେ ସୁରଭି ମନରେ ସୃଷ୍ଟି କରିବା ଥିଲା ବିଭୁର ଉଦ୍ଦେଶ୍ୟ । ଅଥଚ ଟେଲିଫୋନ୍‌ର ଏଇ ସଂଳାପ ସତେ ଯେପରି କେଉଁଠି ଫ୍ରିଜ୍ ହୋଇଯାଏ । ତରଳି ଯାଇଥିବା ମହମ ଟୋପା କେଉଁଠି ଝୁଲି ରହି ଶୁଖିଗଲା ଭଳି ।

କେଉଁଠି କ'ଣ ଅସୁବିଧା ହୋଇଚି କି ? କିମ୍ବା କାମ ଶେଷକରି ଫେରିବାରେ ଆଦୌ ଡେରି କରିବ ନାହିଁ । କିମ୍ବା ସେତେବେଳେ ତୁମେ ପ୍ରାୟ କିଛି ଖିଆ ପିଆ କରି ନଥିଲ ! ଆଉ ଥରେ ଖାଇ ନେବ । କିମ୍ବା ଘର ପାଇଁ କ'ଣ ସବୁ ଯିବ ବୁଝିକରି କୁହ । ଫେରିବା ବାଟରେ ନେଇଯିବି । ଇତ୍ୟାଦି । ଏବେ ତାକୁ ଉତ୍ସାହିତ କରିବାପାଇଁ କେତେବେଳେ କିମିତି କୁଣ୍ଠିତ ହୋଇ କଥା ପଦେ ବାହାରି ଆସେ । ମାତ୍ର ସେଥିରେ ନା ଥାଏ ଉଷ୍ଣତା ନା ଥାଏ ଅସଲି ଆଗ୍ରହ । ସେଇଭଳି ଉତ୍ସାହହୀନ ସଂଳାପଗୁଡ଼ିଏ ଫେରିଯାଏ ବିଭୁ ପାଖକୁ । ପିଲାର ଦେହ ଭଲ ଅଛି କି ନା । ତା'ର ଝାଡ଼ା ହେଉଥିଲା, ଭଲ ହୋଇଗଲାଣି କି ନା ବୋଲି କୌଣସି ଜିଜ୍ଞାସା କିମ୍ବା ଉତ୍କଣ୍ଠା ଆସେ ନାଇଁ ବିଭୁ ପାଖରୁ ।

ଏହାର ପ୍ରାୟ ଆଠ-ଦଶଦିନ ପରେ ବିଭୁ ପ୍ରସ୍ତୁତ ହେଉଥିଲା ଅଫିସ୍ ଯିବା ପାଇଁ । ଗତ ଦୁଇଦିନ ହେଲା ସେ ଦାଢ଼ି କାଟି ନଥିବାରୁ ଟିକିଏ ଅସୁସ୍ଥ ଦେଖା ଯାଉଥିଲା । ପ୍ରଥମ ଥର ପାଇଁ ସୁରଭି ଲକ୍ଷ୍ୟ କଲା ଏଇ ଅଭୂତପୂର୍ବ ପରିବର୍ତ୍ତନ । ଏହା ବ୍ୟତିକ୍ରମ ହୋଇପାରେ । କେଜାଣି ? ତେବେ ସେ ମନ୍ତବ୍ୟ ପ୍ରକାଶ କଲା ନାହିଁ ଏ ସଂକ୍ରାନ୍ତରେ । କହିଲା—"ଗତ ଦୁଇ ଦିନ ହେଲା, ଅପରାହ୍ନରେ ତୁମେ ଅଫିସ୍‌ରେ ରହୁ ନାହଁ କି ?"

Digitized by srujanika@gmail.com

—"କାଇଁ ? ରହୁଚି ତ ! କ'ଣ ହେଲା ?" କମିଜ୍ ବୋତାମ ଲଗାଇବା ବେଳେ ସେ ସୁରଭି ଆଡ଼େ ଚାହିଁଲା ।

ସୁରଭି କିଛି କହିଲା ନାଇଁ । ଗମ୍ଭୀର ହୋଇଗଲା । ଏବେ ସେ ଗମ୍ଭୀର ହେବାର ଅର୍ଥ ଉଦାସ ହୋଇଯିବା । ତାକୁ ନୀରବ ହେବାର ଦେଖି ବିଭୁ ନିଜ ପ୍ରଶ୍ନର ପୁନରାବୃତ୍ତି କଲା । ପଚାରିଲା—"କ'ଣ କିଛି ଅସୁବିଧା ହେଲା ନା କ'ଣ ?"

—"ଅସୁବିଧା ଆଉ କ'ଣ ?" ସୁରଭିର ସ୍ୱର ଓଦା ହୋଇଯାଇଥିଲା ସାମାନ୍ୟ ଅଭିମାନରେ । କହିଲା—"ତୁମେ ଦିନରେ ଖୁବ୍ କମ୍‌ରେ ଦୁଇଥର ଫୋନ୍ କରୁଥିଲ । ଗତ ଦୁଇଦିନ କେବଳ ଥରେ ।"

—"ଆଇ ସି !" ସୁରଭିର ଅଭିଯୋଗ ଖୁବ୍ ମାମୁଲି; ଏତକ ପ୍ରମାଣ କରିବା ପାଇଁ ବିଭୁ ହସିଲା ଟିକିଏ ଓ କହିଚାଲିଲା—"ଫୋନ୍ ବନ୍ଦ କରିବାର କୌଣସି ଉଦ୍ଦେଶ୍ୟ ନାଇଁ । ଠିକ୍ ଅଛି । ପୁଣି ଦୁଇଥର ଫୋନ୍ କରିବି ।"

ଏତେବେଳ ଯାଏ ବିଭୁ ଲକ୍ଷ୍ୟ କରି ନଥିଲା ଯେ, ସୁରଭି ପିନ୍ଧିଚି ପ୍ରାୟ ମଇଳା ଶାଢ଼ୀଟିଏ, ଯତ୍ନହୀନ ଭାବରେ । ଆଜି ପର୍ଯ୍ୟନ୍ତ ତା'ର ବ୍ଲାଉଜ୍ ଦେହକୁ ଢ଼ିଲା ହେଉଚି । ସବୁବେଳେ ପରିଚ୍ଛନ୍ନ ଓ ଟିପ୍‌ଟପ୍ ରହିବା ମଣିଷ ଜଣେ ଏମିତି କାହିଁକି କରିଚି ବୋଲି ତା'ର କୌଣସି ଜିଜ୍ଞାସା ନଥିଲା ।

—"ମୁଁ ଜମା ତୁମେ ଫୋନ୍ କର ବୋଲି କହୁ ନାଇଁ ।" ସୁରଭି କହିଲା । "ଖାଲି ଏମିତି ପଚାରିଦେଲି ।"

ବିଭୁ ଦୁଇ ହାତ ରଖିଲା ସୁରଭି କାନ୍ଧ ଉପରେ । ନର୍ସିଙ୍ଗ୍ ହୋମ୍‌ରୁ ଫେରିବା ପରେ ତାହା ଥିଲା ପ୍ରଥମ । ଟିକିଏ ଆପୁଡ଼େଇଲା । କହିଲା—"ତୁମେ ବେଶ୍ ସିରିୟସ୍ ହୋଇ ପଡ଼ିଚ ଦେଖୁଚି ।"

ସେଦିନ ବାରଟା ବେଳେ ଫୋନ୍ । ପୁଣି ଦୁଇଟା ବେଳେ । ସୁରଭି ଡାକିଲା ରଞ୍ଜନକୁ । ନିର୍ଦ୍ଦେଶ ଦେଲା—"ଦେଖିଲୁ କିଏ ଫୋନ୍ କରୁଚି । ଯଦି ବାବୁ ହୋଇଥାଆନ୍ତି, ତେବେ କହିଦେ, ମୁଁ ଅନ୍ୟକାମ କରୁଚି ।"

Digitized by srujanika@gmail.com

ସେଦିନ ସନ୍ଧ୍ୟାରେ କେହି ଏ ପ୍ରସଙ୍ଗ ଉଠେଇଲେ ନାହିଁ । ତା' ପରଦିନ ଆଉ ଜମା ଫୋନ୍ କଲ୍ ଆସିଲା ନାଇଁ ବିଭୁ ପାଖରୁ ।

ବିଭୁ ସଚେତନ ଥିଲା ଯେ ସେ ଅଯଥାରେ କଠୋର ହୋଇ ପଡୁଚି । ସୁରଭିର ଯେଉଁ ମାନସିକ ଅବସ୍ଥା, ସେଥିରେ ତା'ସହିତ ଗୋଟେ ଟକ୍କର ଦେବା ଠିକ୍ ହେଉ ନାଇଁ ଜମା । ବରଂ ତା'ପ୍ରତି ଆହୁରି ସମ୍ବେଦନଶୀଳ ହେବା ଦରକାର ଏବଂ ତା'ର ଯାବତୀୟ ଅଭିଯୋଗକୁ ଗ୍ରହଣ କରି ପ୍ରତିକାର କରିବା ଦରକାର । ମାତ୍ର ଏସବୁ କରିବା କଥା ଚିନ୍ତା କଲା କ୍ଷଣି ସେ ଅବଶ ହୋଇ ପଡୁଥିଲା ଏବଂ ମନକୁ ମନ କହୁଥିଲା—ଦେଖାଯାଉ କ'ଣ ହେଉଚି । ଆଇ ଡୋଣ୍ଟ୍ କେୟାର୍ !

ଆଉ କେହି ଏକଥା ଲକ୍ଷ୍ୟ କରୁ ବା ନକରୁ, ଅନ୍ତତଃ ଅଫିସ୍‌ରେ ସମସ୍ତେ ନିଶ୍ଚିତ ହୋଇ ଯାଇଥିଲେ ଯେ ବିଭୁ ସହସା ବଦଳି ଯାଇଚି । ଅଲଗା ମଣିଷଟିଏ ହୋଇ ଯାଇଚି । ସଙ୍କୁଚିତ ହୋଇ ପଡ଼ିଚି । ଲୋକମାନଙ୍କର ଉପସ୍ଥିତିରୁ ଖସି ଯିବା ପାଇଁ ଚେଷ୍ଟା କରୁଚି ବରାବର । ତା'ଠାରେ ଥିଲା ଗୋଟେ ସ୍ମାର୍ଟ୍‌ନେସ୍ । ତା' ଚାଲିଚଳନ ଓ କଥାବାର୍ତ୍ତା, ତା'ର ହସ ଏବଂ ବ୍ୟବହାରରେ ସମ୍ଭ୍ରାନ୍ତ ସ୍ପର୍ଶ ଥିଲା । ଟେବୁଲ୍ ଉପରେ ଟିକିଏ ଧୂଳି, ୱାସ୍ ବେସିନ୍‌ରେ ମଇଳା ସହି ପାରୁ ନଥିଲା ସେ । ଆକସ୍ମିକ ଭାବରେ ତା'ର ପ୍ରାଣ-ପ୍ରାଚୁର୍ଯ୍ୟ ପୋତି ହୋଇ ପଡ଼ିଲା ଗୋଟେ ଉଦାସୀନତା ଭିତରେ । ଅନ୍ୟମନସ୍କତା ଢ଼ାଙ୍କି ପକାଇଲା ତା'ର ଜୀବନର ଉଚ୍ଛ୍ୱାସ ଏବଂ ଆଗ୍ରହକୁ । କେଇଟା ଦିନ ଭିତରେ ସେ ଦେଖାଯାଉଚି ଧୂସର, ବିବର୍ଣ୍ଣ ଓ କ୍ଳାନ୍ତ । ତା' ଯୋତାରେ କାଦୁଅ ଛିଟିକା ଲାଗିଥିବା, ଧୂଳିରେ ଆବୃତ ହୋଇଥିବା କଥା କେହି ଦେଖି ନଥିଲେ । ଦିନେ ଦିନେ ଦାଢ଼ି କଟା ଯାଉ ନାଇଁ । ମୁଣ୍ଡ କେଶ ଅବିନ୍ୟସ୍ତ ରହୁଚି । କମିଜ୍ ଲୋଚାକୋଚା । ନଖ ସନ୍ଧିରେ କଳା ରଙ୍ଗର ମଇଳା । ମୁହଁ ଝାଲୁଆ ଓ ଦେହର ରଙ୍ଗ ମଳିନ । ମନ ଭିତରେ ସହାନୁଭୂତି ଆସିଯିବା ସ୍ୱାଭାବିକ ।

ତାକୁ କୁହାଯାଇ ପାରନ୍ତା ଯେ, ଏମିତି ନିଜ ଭିତରେ ଘାଣ୍ଟି ଚକଟି ହେବାର କୌଣସି ମାନେ ନାଇଁ । ଏମିତି ପିଲାଟିଏର ବାପା ହୋଇଥିବାରୁ ବାସ୍ତବିକ ତାକୁ କେହି ଉପହାସ କରନ୍ତି ନାଇଁ; ବରଂ

Digitized by srujanika@gmail.com

ତା'ପ୍ରତି ଓ ତା' ପିଲା ପ୍ରତି ସମସ୍ତେ ଦରଦୀ ହୋଇଚନ୍ତି । ଯେଉଁ ବିଫଳତା ପାଇଁ ସେ କିମ୍ବା ତା'ର ପତ୍ନୀ ଆଦୌ ଦାୟୀ ନୁହଁନ୍ତି, ସେଥିସକାଶେ ସେ ନିଜ ଉପରେ ଏଭଳି ପ୍ରତିଶୋଧ ନେବା ଠିକ୍ ହେଉ ନାଇଁ । ନିଜକୁ ଧ୍ୱଂସ କରିଦେଲେ ଆକାରହୀନ ବିକଳାଙ୍ଗ ବାସ୍ତବତା ପୂର୍ଣ୍ଣାଙ୍ଗ ହୋଇଯିବ ନାଇଁ । ସେ ନିଜ ଆଡ଼େ ଚାହିଁ ହସିବା ଦରକାର । ଏ ଘଟଣା ପରେ ସେ ଆହୁରି ପ୍ରଗଲ୍‌ଭ ଏବଂ ଅନ୍ତରଙ୍ଗ ହେବା ନିତାନ୍ତ ଆବଶ୍ୟକ । ଆହୁରି ଲମ୍ବା ଭବିଷ୍ୟତଟେ ଅଛି ତା' ଆଗରେ । ଭଗବାନ ଇଚ୍ଛା କଲେ ସେ ସୁନ୍ଦର ସନ୍ତାନର ଜନକ ହୋଇ ପାରିବ । ସେ ବାହାରି ଆସିବା ଦରକାର ନିଜ ଶୋକର ପରିଧି ଭିତରୁ । ନିଜ ଉପରେ ଆଉ ଅଧିକ କ୍ଷତ ସୃଷ୍ଟିକରିବା ତା' ପକ୍ଷେ ବିଜ୍ଞତା ନୁହେଁ ।

କୁହାଯାଇ ପାରନ୍ତା ଏସବୁ କଥା । ମାତ୍ର କାହାରି ସାହସ ହୁଏ ନାଇଁ । କ୍ୱାର୍ଟର୍ସକୁ ଯିବା ପାଇଁ ସେ ଲୋକମାନଙ୍କୁ ମନା କରି ଦେବା ପରେ, ସମସ୍ତେ ତାକୁ ଦେଖୁଚନ୍ତି ଦୂରରୁ । ଦେଖୁଚନ୍ତି, କେମିତି ଦିନ ପରେ ଦିନ ସେ ନିଜ ଉପରେ ଅତ୍ୟାଚାର କରୁଚି । ନିଜ ମନ ଉପରେ ସେ ସବୁଦିନ ନୂଆ କ୍ଷତ ସୃଷ୍ଟି କରୁଚି ଏବଂ ତା'ର ଯନ୍ତ୍ରଣା ଓ ରକ୍ତ ଦେଖୁଚି । ସେ ଆଭଏଡ୍ କରୁଚି ସମସ୍ତଙ୍କୁ । ତେବେ ସମ୍ବେଦନଶୀଳତା ବୋଲି ଜିନିଷଟେ ଏତେ ଚଞ୍ଚଳ, ତା'ର ପଦେ କଥାରେ, ହଜି ଯିବା ଅସମ୍ଭବ । ବିପନ୍ନ ହୋଇଥିବା ବିଭୁକୁ ଉଦ୍ଧାର କରାଯାଇପାରେ; ଅନ୍ତତଃ ଚେଷ୍ଟା କରାଯାଇପାରେ । ସେ ସ୍ୱଷ୍ଟ ଭାବରେ ଅନ୍ତତଃ କେତେଜଣଙ୍କ ଆଗରେ ପ୍ରକାଶିତ ହୋଇଯିବା ଦରକାର । କେତେଜଣଙ୍କୁ ସେ ନିଜର ଅନ୍ତରଙ୍ଗ ବୋଲି ଗ୍ରହଣ କରିବା ଉଚିତ୍ ଯଥାଶୀଘ୍ର ।

ଅଫିସ୍‌ର ହେଡ୍ କ୍ଲର୍କ ଏଇ କଥା ଚିନ୍ତା କରୁଥିଲେ । ସେ ସିଦ୍ଧାନ୍ତ ଗ୍ରହଣ କରିଥିଲେ ଯେ, ଅପମାନିତ ହେବେ ପଛେ ବିଭୁକୁ ରକ୍ଷା କରିବା ପାଇଁ ପଦକ୍ଷେପ ନେବେ । ନ ହେଲେ ଯୁବକ ଅଫିସର ଜଣକ ପାଗଳ ହୋଇଯାଇପାରେ ।

ସେ ଏଇ କଥା ଚିନ୍ତା କଲାବେଳେ ଅଭୂତପୂର୍ବ ଦୃଶ୍ୟ ଦେଖିଲେ । ରଞ୍ଜନ ଅଫିସ୍ ଭିତରକୁ ପ୍ରବେଶ କରିଚି ଗୋଟେ ଟିଫିନ୍ କେରିଅର୍ ହାତରେ ଧରି । ଦେଖାଯାଉଚି ଗମ୍ଭୀର ଓ କାନ୍ଦକାନ୍ଦ । କେହି କିଛି

Digitized by srujanika@gmail.com

ପଚାରିଲେ ନାହିଁ ତାକୁ । ସେ ସିଧା ପ୍ରବେଶ କଲା ବିଭୁ ରୁମ୍ ଭିତରେ । ଦିନ ବାରଟା ପାଖାପାଖି ସେତେବେଳେ ।

—"କିରେ, ଏ କ'ଣ ?" ସ୍ପଷ୍ଟ ଶୁଭିଲା ବିଭୁର ସ୍ୱର ।

—"ଖାଇବା ନେଇ ଆସିଚି । ମା' ପଠେଇଲେ ।" ଶଙ୍କିତ ସ୍ୱର ଶୁଭିଲା ରଞ୍ଜନର ।' କିଛି ସମୟ ପୂର୍ବେ ସେ କାନ୍ଦୁଥିଲା ନିଶ୍ଚୟ । କୋହ ମିଶି ରହିଥିଲା ପନ୍ଦର-ଷୋଳ ବର୍ଷର ପିଲା ସ୍ୱରରେ ।

କିଛି ସମୟର ନୀରବତା । ଗୋଟେ ଉତ୍ତେଜନା ଓ କ୍ରୋଧ ବିଛେଇ ହୋଇଗଲା ବିଭୁ ମନରେ । କାନ ମୁଣ୍ଡ ଗରମ ହୋଇଗଲା । ଝାଁ...ଝାଁ...କଲା । ସେ ପ୍ରାୟ ଫୋପାଡ଼ି ଦେବାକୁ ଯାଉଥିଲା ଟିଫିନ୍ କେରିଅର୍‌କୁ । ଯା' ପଳାଏଠୁ ବୋଲି ବାକ୍ୟଟା କୌଣସି ମତେ ଅଟକି ଯାଇ ପ୍ରତ୍ୟାହୃତ ହୋଇଗଲା । ସେ କିଛି ସମୟ ପାଇଁ ଦେଖିଲା ରଞ୍ଜନକୁ । ଗୋଟେ ସହାନୁଭୂତିରେ ନରମ ହୋଇଗଲା ।

—"ଘରେ ସମସ୍ତେ ଖାଇଲେଣି ?"

—"ନା ।" ଉତ୍ତର ଦେଲା ରଞ୍ଜନ । "ମା' କହିଲେ, ଆପଣ ଯଦି ନ ଖାଇବେ, ତେବେ ଘରେ କାହାରି ପାଇଁ ବଢ଼ା ହେବ ନାହିଁ ।"

—"ଆଚ୍ଛା, ହେଉ । ତୁ ଯା । ମୁଁ ଖାଇନେବି ।" ପ୍ରତିଶ୍ରୁତି ଦେଲା ବିଭୁ ।

—"ଆପଣ ଖାଇବାର ମୁଁ ଦେଖିବି । ଘରେ ଯାଇ କହିବି ।" ରଞ୍ଜନ କହିଲା,' ସୁରଭିର ନିର୍ଦ୍ଦେଶ ଅନୁଯାୟୀ ।

ବିଭୁ ସଂଯତ କରିନେଲା ନିଜକୁ । ଆଉ କିଛି କହିଲା ନାହିଁ । ଟିଫିନ୍ କେରିଅର୍ ଖୋଲିଲା ।

ସେଦିନର ଘଟଣାଟା ଥିଲା ଏଇଭଳି—

ଦିନ ଦଶଟା ବେଳେ ସୁରଭି ବେଡ୍ ରୁମ୍ ଚଟାଣ ଉପରେ ବସିଥିଲା ଏବଂ ଝିଅକୁ କ୍ଷୀର ପିଆଉଥିଲା । ଏଇ ଗୋଟିଏ ଦୃଶ୍ୟ ବିଭୁକୁ କେବଳ ଦୁର୍ବଳ ନୁହେଁ, ଅପରାଧୀ କରି ପକାଏ । ଯେଉଁ ବାସ୍ତବତା ପାଖରୁ ଖସି ପଳେଇବା ପାଇଁ ସେ ବରାବର ଚେଷ୍ଟା କରୁଚି, ଯାହାର

Digitized by srujanika@gmail.com

ସମ୍ମୁଖୀନ ହେବା ପାଇଁ ତା'ର ସାହସ ହେଉନାହିଁ, ରୁଚିବୋଧ ସମର୍ଥନ କରୁନାହିଁ ଏବଂ ଯେଉଁ ବାସ୍ତବତା ଆଦୌ ସୃଷ୍ଟି ନ ହୋଇଥିଲେ ହିଁ ଭଲ ହୋଇ ଥାଆନ୍ତା ବୋଲି ସେ ଭାବି ଆସିଚି, ତାହାକୁ ଗ୍ରହଣ କରି ନେବାକୁ ବାଧ ହେଉଚି ସୁରଭି । ସେ ଖସି ଯାଇ ପାରୁ ନାହିଁ ତାହା ପାଖରୁ । ବରଂ ତାହାକୁ ହେପାଜତ କରି କୋଳେଇ ନେଉଚି ଏବଂ ତାହାର ଭୋକିଲା ଓଠ ପାଖରେ ସ୍ତନ ସ୍ପର୍ଶ କରାଉଚି । ବାସ୍ତବତାକୁ ପ୍ରତ୍ୟାଖ୍ୟାନ କରିବା ନ କରିବାର ପ୍ରଶ୍ନ ବି ଉଠୁ ନାହିଁ ଏଠାରେ । ବାସ୍ତବତାକୁ ଶ୍ରଦ୍ଧାକରିବା ନ କରିବାର ପ୍ରଶ୍ନ ବି ଉଠୁନାହିଁ । ତା' ପକ୍ଷରେ ଯେଉଁ କର୍ତ୍ତବ୍ୟ ସ୍ୱାଭାବିକ ଓ ଅପରିହାର୍ଯ୍ୟ, ତାହା ତାକୁ କରିବାକୁ ପଡୁଚି ।

ସୁରଭିର ଲୁଗାପଟା ଓ ଚଟାଣ ଅପରିଷ୍କାର ହେଲା । ବିରକ୍ତି ଓ କୋହ ମିଶ୍ରିତ ସ୍ୱର ଶୁଭିଲା—"ମରିବି ମୁଁ । ଆଉ ଏକୁଟିଆ ଦହଗଞ୍ଜ ହୋଇ ପାରିବି ନାହିଁ ।"

ମୁଣ୍ଡ କୁଣ୍ଡଉଥିବା ବିଭୁର ହାତ ଅଟକାଇଲା । ବେଡ୍‌ରୁମ୍‌କୁ ଯାଇ ବ୍ୟାପାରଟା କ'ଣ ବୁଝିବ କି ନାହିଁ ବୋଲି ଚିନ୍ତା କଲା ଏବଂ ପରେ ଯାଇ ସେ ଠିଆ ହେଲା ସୁରଭି ପାଖରେ । ପଚାରିଲା—"କ'ଣ ହେଇଚି ?"

ଏ ପ୍ରଶ୍ନ ପଚାରିବା ଦରକାର ନ ଥିଲା ଜମା । ଗୋଟେ ଅନିବାର୍ଯ୍ୟ ଗନ୍ଧ ଆସ୍ଥାନ ଜମେଇଥିଲା ରୁମ୍ ଭିତରେ । ଚଟାଣ ଓ ସୁରଭିର ଲୁଗାରେ ରହିଥିଲା ସେ ଗନ୍ଧର ପ୍ରମାଣ ।

—"କ'ଣ ହେଇଚି !" ସୁରଭି ସ୍ୱରରେ ଏଥର କେବଳ କୋହ ନଥିଲା; ତା' ସହିତ ମିଶିଥିଲା ତାଚ୍ଛଲ୍ୟ । "ବାବୁ ଟୁକ୍ ଟୁକ୍ ହୋଇ ଠିଆହେଲେ ପାଖରେ ଆଉ ପଚାରିଲେ, କ'ଣ ହେଇଚି । ମୋତେ କହିବାକୁ ପଡ଼ିବ ଏ ଘରେ କ'ଣ ହେଉଚି ! ଗଲା କାଲିଠୁ କହୁଚି, ଏ ଛୁଆର ଦେହ ଭଲ ନାହିଁ । ଯା ପାଇଁ ଔଷଧ କିଏ ଆଣିବ ? ମୁଁ ?"

ବିଭୁ ଦେଖିପାରିଲା ସୁରଭିର ଦୁଇ ଗାଲ ଉପରେ ଝରି ଯାଉଥିବା ଲୁହ । ସେ ପ୍ରତିରକ୍ଷା କଲା ନିଜକୁ—"ରାତି ଏଗାରଟାରେ ତୁମେ କହିଲ, ଦେହ ଖରାପ କଥା । ସେତେବେଳେ କେଉଁଠୁ ଔଷଧ ଆଣିଥାନ୍ତି ?"

Digitized by srujanika@gmail.com

—"କେଉଁଠୁ ଔଷଧ ଆଣିଥାନ୍ତି !" ଗରଗର ହେଲା ସୁରଭି । "ସକାଳେ ଯାଇ ପାରି ନଥାନ୍ତ ? ଯିବ କାହିଁକି ? ସବୁ କାମ ମୋର । ଏ ପିଲାକୁ ଜନ୍ମ କରିଥିବାରୁ ମୁଁ ଦାୟୀ !"

ବିଭୁର ଯଥା ସ୍ଥାନରେ ଆଘାତ ଦେଲା ଏକଥା । ସେ ନରମ ହୋଇଗଲା ଆହୁରି—"ମୋର ମନେ ନଥିଲା । ମୁଁ ବାହାରୁଚି ଔଷଧ ପାଇଁ ।"

ସୁରଭି କହିଲା ନାହିଁ କିଛି । ପାଟି କରି ଡାକିଲା ରଞ୍ଜନକୁ ଏବଂ ନିର୍ଦ୍ଦେଶ ଦେଲା—"ଗାଧୁଆ ଘରୁ ପାଣି ଆଣି ଏ ଘର ଧୋଇ ପକା । ଏଇ ଦେଖ୍ ! ଏଇଠି ମଇଳା କନାସବୁ ପଡ଼ିଛି । ତାକୁ ଭଲ କରି ସଫାକର । ଫିନ୍‌ାଇଲ୍ ବୋତଲଟା ନେଇ ଆ ।"

ରଞ୍ଜନ ଠିଆ ହୋଇ ରହିଲା କିଛି ସମୟ ପାଇଁ । ଏତେ ବଡ଼ ପୁଅ ପିଲାଟେ ଏସବୁ କାମ କରିବା ପାଇଁ ଅନିଚ୍ଛା ପ୍ରକାଶ କଲା ଏଇ ବାଗରେ । ସୁରଭି ପ୍ରାୟ ଚିତ୍କାର କରି ପକାଇଲା—"କିରେ, ଠିଆ ହୋଇ ରହିଲୁ କ'ଣ ?"

କମିଜ୍‌ରେ ବୋତାମ ଲଗେଇବା ବେଳେ ବିଭୁ ହସ୍ତକ୍ଷେପ କଲା—"ସେ ଚଟାଣଟା ସଫା କରିବ, ଫିନାଇଲ୍ ମିଶେଇ । ମଇଳା କନାତକ ତୁମେ ନିଜେ ସଫା କର, ସୁରଭି ।"

ଏତକ ଯଥେଷ୍ଟ ଥିଲା ସୁରଭିର ହିତାହିତ ଜ୍ଞାନ ଲୋପ କରିଦେବା ପାଇଁ । ଲୁହ ଭିଜା ସ୍ୱରରେ ପାଟିକଲା—"ସତେ ? ତା' ପାଇଁ ଯେତିକି ଦରଦ ଦେଖଉଚ, ସେତିକି ଯଦି ମୋତେ ଦେଖାଇ ପାରନ୍ତ, ଏତେ ଝାମେଲା ରହନ୍ତା ନାଇଁ ଏ ଘରେ । କାହିଁକି ସଫା କରିବ ନାଇଁ ? କ'ଣ କାମ ସେ ଏ ଘରେ କରୁଚି ଯେ, ଲୁଗାପଟା ସଫା କରିବ ନାଇଁ ? ହେଲା, ନ କରୁ । ତୁମେ ନିଜେ ସଫା କରି ନେଇଆସ । ବାପା ହେଇଚ । ଏତକ କାମ କରିବ ନାଇଁ କାହିଁକି ?"

ସେ 'ସ୍ତମ୍ଭୀଭୂତ' ହୋଇ ଯାଇଥିଲା । ସେ ଇତସ୍ତତଃ ହେବା ବେଳେ ରଞ୍ଜନ ଲୁଗାପଟା ଧରି ପଶି ଯାଇଥିଲା ଗାଧୁଆ ଘର ଭିତରକୁ । ପାଣି ବାଲ୍‌ଟି ଓ ଫିନାଇଲ୍ ନେଇ ଶୋଇବା ଘର ଚଟାଣ ପରିଷ୍କାର

Digitized by srujanika@gmail.com

କରିବାକୁ ଉଦ୍ୟତ ହେଲା । ବିଭୁ ସ୍କୁଟର୍ ଧରି ବାହାରିଲା ଔଷଧ ପାଇଁ । ସେତକ ଘରେ ଥୋଇ ଦେଇ ଅଫିସ୍ ପଳେଇ ଆସିଲା ।

ଖିଆପିଆ ସରିବା ପରେ, ବିଭୁ ଅବସନ୍ନ ଓ ତନ୍ଦ୍ରାଚ୍ଛନ୍ନ ବୋଧ କଲା । କିଛି କିରିବା ପାଇଁ ମନ ହେଉ ନଥିଲା । ଅଫିସ୍‌ରେ ବସିବାକୁ, ଘରକୁ କିମ୍ବା ଅନ୍ୟ କେଉଁଆଡ଼େ ଯିବାକୁ ଇଚ୍ଛା ନଥିଲା ତା'ର । ସେ ଚାହୁଁଥିଲା ଏମିତି ଏକ ମସୃଣ ନିଷ୍କ୍ରିୟତା, ଯାହା ତା'ର ଚିନ୍ତା ଶକ୍ତିକୁ ଦ୍ରବିଭୂତ କରି ପକାନ୍ତା । ସେ କିଛି ମନେ ରଖନ୍ତା ନାଇଁ, ତା'ର ଚେତନାରେ କିଛି ଅଟକି ରହନ୍ତା ନାଇଁ । ସେ କେବଳ ଗୋଟେ ଜୀବନ୍ତ ସତ୍ତା ହୋଇ ରହନ୍ତା—ଅନୁଭବହୀନ ଓ ଅନୁଭୂତିହୀନ ମଣିଷଟିଏ ।

ଫୋନ୍ ରିଙ୍ଗ୍ କଲା ଏତିକିବେଳେ । ଅନ୍ୟ ପାଖରେ ସୁରଭି । ଗୋଟେ ଥଣ୍ଡା ଲହଡ଼ି ଲମ୍ବିଗଲା ତା' ମୁଣ୍ଡରୁ ଗୋଡ଼ ଯାଏ । ସେ କହୁଥିଲା—''ରାଗିଗଲ, ନୁହେଁ ? ମାଇଣ୍ଡ୍ କରିଚ, ମୋ କଥାକୁ । ଏକୁଟିଆ ବନ୍ଦ ଘରେ ଏମିତିଆ ପଡ଼ିରହିବା ଭାରି କଷ୍ଟ । ଧୈର୍ଯ୍ୟଚ୍ୟୁତି ଘଟୁଚି । ମୁଣ୍ଡ କାମ କରୁ ନାଇଁ ଠିକ୍ ଭାବରେ । କହୁ କହୁ କ'ଣ ସବୁ କହି ପକାଇଲି ।''

ବିଭୁ ପଚାରିଲା—''ଖାଇ ସାରିଲଣି ?''

—''ହଁ ।''ସେପଟୁ ଉତ୍ତର ଆସିଲା । ''ହାତ ଧୋଇବା ପରେ ଫୋନ୍ କରୁଚି ।''

ପୁଣି କିଛି ସମୟ ଇତସ୍ତତଃ ହେଲା ବିଭୁ । ସୁରଭିର ସ୍ୱର ଶୁଭୁଚି ଅନୁତପ୍ତ, ସ୍ୱାଭାବିକ । ପଚାରିଲା—''ମୁଁ ଏଠାରେ ଖାଇ ନଥିଲେ ତୁମେ କେହି ଖାଇ ନଥାନ୍ତ ?''

—''ମୋଟେ ନୁହଁ । ଆମେ ଅନଶନ କରିଥାଆନ୍ତୁ ।'' ସୁରଭିର ଏଇ ସ୍ୱର, ଗତ କେତେ ଦିନର ଯନ୍ତ୍ରଣା ଓ ନିରବତାକୁ ମିଛ କରି ଦେଉଥିଲା । ବିଭୁ ଭାବୁଥିଲା, କାଇଁ ? କିଛି ତ ବଦଳି ନାଇଁ । ସବୁ ବୋଧହୁଏ ଅଛି ଆଗଭଳି ଅତୁଟ ଅବସ୍ଥାରେ । ନର୍ସିଙ୍ଗ୍ ହୋମ୍ ଯିବା ଓ ଫେରିବା ବୋଧହୁଏ ଗୋଟେ ମିଛ ସ୍ୱପ୍ନ । ବିଭୁ ଯଥେଷ୍ଟ ହାଲୁକା ଅନୁଭବ କଲା ।

Digitized by srujanika@gmail.com

ସେଦିନ ସନ୍ଧ୍ୟାରେ ଘରକୁ ଫେରି ବିଭୁ ସ୍ୱୀକାର କଲା ଯେ, ରଞ୍ଜନର ପେଣ୍ଟ-କମିଜ୍ ଖରାପ ହୋଇଗଲାଣି । ନୂଆ କିଣା ହେବ । ବହୁ ଥର ମରାମତ ହୋଇଥିବା ଚପଲ ମଧ୍ୟ ଆଉ ବ୍ୟବହାର କରି ହେବ ନାହିଁ । ବିଭୁ ଚା’ ପିଇ ସାରିବା ପରେ ରଞ୍ଜନ ସହିତ ବଜାର ବାହାରିଲା ।

ଗୋଟେ ଦୋକାନ ସାମନାରେ ଗାଡ଼ିରୁ ଓହ୍ଲାଇବା ପରେ ରଞ୍ଜନ ଶଙ୍କିତ ହୋଇ କହିଲା—“ମୋତେ ଏଥର ଛାଡ଼ି ଦେବେ । ମୁଁ ଗାଁ କୁ ପଳେଇବି ।”

ଘୋଷଣାଟା ଠିକ୍ ବୁଝିପାରିଲା ନାହିଁ ବିଭୁ । ସେଦିନର ଘଟଣା ପରେ ରଞ୍ଜନର ମନଖୁସି କରିବା ପାଇଁ ସେ ଏସବୁ ନୂଆଜିନିଷ କିଣିବା ପାଇଁ ଠିକ୍ କରିଥିଲା; ଅବଶ୍ୟ ଖୁବ୍ ନିକଟରେ ଏସବୁ ଦରକାର ହୋଇଥାନ୍ତା ରଞ୍ଜନର । ବିଭୁ ପଚାରିଲା—“କ’ଣ କହିଲୁ ?”

—“ମୁଁ ଗାଁକୁ ଯିବି ।” ରଞ୍ଜନର ଏଇ ପୁନରାବୃତ୍ତିରେ ଥିଲା ଅନେକ ଦୃଢ଼ତା ।

—“ଗାଁକୁ ଯିବୁ ? ମୋ ପାଖରେ ତୋର ଅସୁବିଧା କ’ଣ ? ମା’ ତୋତେ ଗାଳି ଦେଉଚି ? ଶୁଣ୍, ତା’ମନ ଭଲ ନାହିଁ । କେତେବେଳେ କ’ଣ ସବୁ କହି ଯାଉଚି । ସେଥିରେ ମନ କଷ୍ଟ କଲେ ଚଳିବ ନାହିଁ ।” ତାକୁ ବୁଝେଇବା ପାଇଁ ଚେଷ୍ଟା କଲା ବିଭୁ ଏବଂ ସମସ୍ୟାର ସମାଧାନ ହୋଇଗଲା ଭାବି ଦୋକାନ ଆଡ଼େ ମୁହଁ ବୁଲାଇଲା ।

—“ମୋତେ ଆଉ ଭଲ ଲାଗୁନାହିଁ ।” ରଞ୍ଜନ କହିଲା । ବିଭୁର ଆଉ ସନ୍ଦେହ ରହିଲା ନାହିଁ ଯେ, ଗାଁକୁ ପଳେଇବା ଯୋଜନାଟା ବେଶ୍ କିଛି ଦିନ ହେଲା ବଳବତ୍ତର ରହିଚି ରଞ୍ଜନ ମନରେ । ଏଇ କଥା କହିପାରୁ ନଥିଲା ସେ ଘରେ ।

—“ଠିକ୍ ଅଛି । ଗାଁକୁ ଯିବୁ । ତେବେ ଆଉ କେତେଟା ମାସ ରହିଯା । କ’ଣ କହୁଚୁ ?” ବିଭୁ ଉତ୍ସାହିତ କରିବା ପାଇଁ ରଞ୍ଜନର ପିଠି ଥାପୁଡ଼ାଇଲା । ଅଥଚ ସେ ଆଉ କହିଲା ନାହିଁ କିଛି । ତା’ର ଅସନ୍ତୋଷ ଓ ପ୍ରତିବାଦ ପ୍ରତିଫଳିତ ହୋଇଥିଲା ତା’ ମୁହଁରେ ।

Digitized by srujanika@gmail.com

ସେ'ଦିନ ରାତି । ଖିଆପିଆ ପରେ ସୁରଭିର ଘୋଷଣା—"ଆଜି ମୋର ଛୁଟି ପୁରିଯାଇଚି ।" ଏତକ କହିଲା ବିଭୁର ପ୍ରତିକ୍ରିୟା ଜାଣିବା ପାଇଁ ।

—"ଆଜି ?" ସତେ ଯେପରି ବିସ୍ମିତ ହେଲା ବିଭୁ । ଘୋଷଣାଟା ଅପ୍ରତ୍ୟାଶିତ ବୋଧ ହେଲା । ତା'ର ଧାରଣା ଥିଲା ଯେ, ସୁରଭିର ଭୂମିକା ବଦଳି ଯାଇଚି । ସେ ଅନୁମାନ କରି ପାରୁ ନଥିଲା, ତା'ର ପତ୍ନୀ ଏକଦା ଚଳ ଚଞ୍ଚଳ ମଣିଷଟିଏ ଥିଲା ଏବଂ ବ୍ୟାଙ୍କରେ କାମ କରୁଥିଲା । ସେ ଭାବୁଥିଲା, ତା'ର ହେତୁ ହେବା ଦିନୁ ଏ ଘରର କମ୍ପାଉଣ୍ଡ୍ ଭିତରେ ସୁରଭି ରହିଚି । ବାଧ ହୋଇ ପିଲାର ଯତ୍ନ ନେବା ଅବସରରେ ପାଣ୍ଡୁର ଓ ସ୍ୱାସ୍ଥ୍ୟହୀନ ହୋଇ ଯାଇଚି । ଅଧୈର୍ଯ୍ୟ ହୋଇ କେତେବେଳେ କାନ୍ଦୁଚି ତ କେତେବେଳେ ପ୍ରତିବାଦ ପ୍ରକାଶ କରୁଚି ଲୁହ ଓ କ୍ରୋଧ ଜରିଆରେ ।

—"କାଲିଠୁ ତେବେ ତୁମେ ଅଫିସ୍ ଯିବ ?" ବିଭୁ ଚିନ୍ତିତ ହୋଇ ପଚାରିଲା ।

—"ହଁ ।" ସୁରଭି ଉତ୍ତର ଦେଲା; ସତେ ଅବା ବିଭୁର ପ୍ରଶ୍ନ ଥିଲା ନିତାନ୍ତ ନିର୍ବୋଧ ଓ ଅନାବଶ୍ୟକ ।

—"ତେବେ, ଏଠି ପୁଣି କ'ଣ ହେବ ?" ବିଭୁର ପୁନରାୟ ନିର୍ବୋଧ ପ୍ରଶ୍ନ ।

—"କ'ଣ ହେବ, ମାନେ ?" ସୁରଭିର ଭ୍ରୂକୁଞ୍ଚିତ ହେଲା । କହିଲା—"ଯେମିତି ସବୁଠି ହୁଏ । ପିଲା ଜନ୍ମ ହେବା ପରେ ସମସ୍ତେ ପୁଣି କାମ ପାଖକୁ ଫେରି ଯାଆନ୍ତି ।"

ନିରାଟ ସତ କଥା । ବିଭୁ ଏକଥା ଯେ ଜାଣି ନଥିଲା ତା' ନୁହେଁ । ତେବେ ସୁରଭି ବ୍ୟାଙ୍କ୍‌କୁ ଚାଲିଯିବା ପରେ ଛୁଆକୁ ସମ୍ଭାଳିବ କିଏ, ସେଇକଥା ଚିନ୍ତା କରୁଥିଲା ସେ ।

—"ଖୁଡ଼ୀ ତ ଅଛି । ରଞ୍ଜନ ବି ଅଛି । ଅସୁବିଧା କ'ଣ ?" ସୁରଭି ସହଜ କରି ଦେଉଥିଲା ବ୍ୟାପାରଟା ।

ବିଭୁ କିଛି ସମୟ ନୀରବ ରହିଲା । ରଞ୍ଜନ କଥା ମନେ

Digitized by srujanika@gmail.com

ପଡ଼ିବାରୁ କହିଲା—"ରଞ୍ଜନ କହୁଚି, ଗାଁକୁ ପଳେଇବ ବୋଲି ।"

—"କାହିଁକି ?" ଏକଥା ସତ ଯେ ସୁରଭିର ଏଇ ପ୍ରଶ୍ନରେ ଟିକିଏ ଭୟ ଓ ଆଶଙ୍କା ମିଶିଗଲା ।

—"ମୁଁ ତାକୁ ପଚାରିଲି । କିଛି କହିଲା ନାହିଁ । କେବଳ କହିଲା ଯେ ତାକୁ ଏ ଘର ଭଲ ଲାଗୁନାହିଁ ।" ବିଭୁ ସ୍ପଷ୍ଟ ଭାବରେ ଏତକ କହିବାର ଉଦ୍ଦେଶ୍ୟ ହଉଚି, ସୁରଭିକୁ ସତର୍କ କରିଦେବା । ଅନ୍ତତଃ ରଞ୍ଜନ ପ୍ରତି ସେ କଠୋର ବ୍ୟବହାର ନ ଦେଖାଉ, ତା' ପ୍ରତି ରୁକ୍ଷ ନହୋଇ ସ୍ନେହଶୀଳ ହେଉ ।

ସୁରଭି କିଛି କହିଲା ନାହିଁ । ଏକଦା ଏ ପିଲାକୁ ଘରୁ ବାହାର କରିଦେବା ପାଇଁ ସେ ଯେଉଁ ନିଷ୍ପତ୍ତି ନେଇଥିଲା, ତାହା ମନେ ପକେଇଲା । ବର୍ତ୍ତମାନ ପରିସ୍ଥିତିରେ ରଞ୍ଜନର ଉପସ୍ଥିତି କେତେ ଦରକାର, ତାହା ଠିକ୍ ଭାବରେ ହୃଦୟଙ୍ଗମ କରିପାରିଲା ସେ ।

ପରଦିନ ଏଗାରଟା ବେଳେ ସୁରଭି ସ୍କୁଟରରୁ ଓହ୍ଲାଇଲା । ମୁଣ୍ଡର କେଶ ଓ ଶାଢ଼ୀ ସଜାଡ଼ିବା ପାଇଁ ତତ୍ପରତା ଦେଖାଇଲା ନାହିଁ । ବାସ୍କେଟ୍‌ରୁ ପାଣି ବ୍ୟାଗ୍ ଉଠାଇନେଲା । ଆବିଷ୍କାର କଲା ଯେ ବିଭୁକୁ ଆଗ ଭଳି କିଛି କହିବା ପାଇଁ ଆବଶ୍ୟକତା ଅନୁଭବ କରୁ ନାହିଁ । ସେ ଦୁହେଁ ଚାହିଁଲେ ପରସ୍ପରକୁ ଅପ୍ରତିଭ ହେବା ଭଳି । ମୁହୂର୍ତ୍ତେ ମାତ୍ର । ଜରୁରୀ କାମ ଥିବା ଭଳି ବିଭୁ ପଳେଇଲା ଓ ସୁରଭି ବ୍ୟାଙ୍କ୍ ଆଡ଼େ ଅନାଇଲା । ପ୍ରଥମେ ଗୋଟେ ଅସ୍ୱସ୍ତି । ତା'ପାଦ ଠିକ୍ ଭାବରେ ଗତି କରୁ ନଥିଲା ଆଗକୁ । ସମସ୍ତଙ୍କ ଅଲକ୍ଷ୍ୟରେ ସେ ଯେମିତି ଗୋଟେ ଲଜ୍ଜାକର ଅପରାଧ କରି ପକାଇଛି ଏବଂ ସେଇ କଥାଟି ରାଷ୍ଟ୍ର ହୋଇ ଯାଇଚି ସେଠାରେ ଏବଂ ସବୁଆଡ଼େ । ସେ ଭାବିଲା, ହୁଏତ ସମସ୍ତେ ସେଇ ଲଜ୍ଜାକର ବିଫଳତା ଓ ଅପମାନକୁ ଆଲୋଚନା କରୁଚନ୍ତି ଏବଂ ତା' ଆଡ଼େ ଆଙ୍ଗୁଳି ନିର୍ଦ୍ଦେଶ କରି ସୁରଭି ସେଇ ଲୋକ ବୋଲି ଅନ୍ୟମାନଙ୍କୁ ଚିହ୍ନେଇ ଦେଉଚନ୍ତି ।

କେହି କିଛି କହିଲେ ନାହିଁ । ନିଜ ଚୌକିରେ ବସିଲା । ଉପରକୁ ଚାହିଁ ଦେଖିଲା ଯେ ଫ୍ୟାନ୍ ବୁଲୁଚି । ସେ ରୁମାଲ୍ ବାହାର କରି ପୋଛିଲା ମୁହଁ ଓ ବେକର ଝାଳ । ନିଜକୁ ସଜାଡ଼ି ନେଲା

Digitized by srujanika@gmail.com

ଏଥର । ଚାହିଁଲା ଚାରିଆଡ଼କୁ । ନିଜକୁ ଅନୁଭବ କଲା । ସେ ଆପାତତଃ ବିସ୍ମିତ ହେଉଥିଲା ଯେ, ବ୍ୟାଙ୍କ୍‌ର ଏଇ କୋଠରୀରେ ସେ ବସୁଥିଲା କିଛି ଦିନ ପୂର୍ବେ । ସେ ଜମା ବିଶ୍ୱାସ କରି ପାରୁ ନଥିଲା, ଏଠାରେ ଗୋଟେ ଛୋଟ ଛୁଆର ଅଥୟ ଅସ୍ଥିର କାନ୍ଦଣା ଶୁଭେ ନାହିଁ । ତାକୁ ନିଜ ଛାତି ଉପରେ ଜାକି ଧରିବାର ଆବଶ୍ୟକତା ନାହିଁ ଏଠାରେ । ଏଠାରେ ଲୁଗାପଟା, ଚଟାଣ ଦୂଷିତ ହୁଏ ନାହିଁ ଜୀବନର ଦୁର୍ଗନ୍ଧ ଦ୍ୱାରା । କେବଳ ସତର୍କ ହେବା ଦରକାର ଯେ କଲମରୁ ଯେମିତି ସ୍ୟାହି ନିଜ ଉପରେ ନ ପଡ଼େ କିମ୍ବା ଆଙ୍ଗୁଳି କଳା ନ ହୋଇଯାଏ । ସେସବୁ ପାଇଁ ଚିନ୍ତିତ ହେବା ଦରକାର ନାହିଁ; କାରଣ ତା' ସାମନାରେ ମୁହଁ ପୋତି ଠିଆ ହୋଇଥିବା କଲମ ଗୁଡ଼ିକ ବଲ୍ ପଏଣ୍ଟ୍ ପେନ୍ ।

ସୁରଭି ନିଜକୁ ଅନୁଭବ କରୁଥିଲା ଏବଂ ପରିଚିତ ପରିବେଶ ଓ କାର୍ଯ୍ୟକ୍ରମ ସହିତ ସାମିଲ ହେବାକୁ ଚେଷ୍ଟା କରୁଥିଲା । ଅଳ୍ପ ଦିନ ତଳର ଅନୁଭୂତି ତା' ମନରେ ଧାରଣା ସୃଷ୍ଟି କରିଥିଲା ଯେ, ଏ ବିଶ୍ୱରେ କେବଳ ଗୋଟିଏ ସ୍ୱର ଅଛି । ଛୋଟ ପିଲାର କୁଆଁ କୁଆଁ ଆର୍ତ୍ତନାଦ । ଏ ସ୍ୱର କେବଳ କାନ୍ଦିବାର ଏବଂ ଦାବୀ କରିବାର । ଏ ବିଶ୍ୱରେ ରହିଚି କେବଳ ପଙ୍ଗୁତା । ଗୋଟେ ଜାଗାରୁ ଆଉ ଗୋଟିଏ ପାଖକୁ ଯିବାର ଅକ୍ଷମତା । ରହିଚି ଗୋଟେ ଗନ୍ଧ । ଯାହାକୁ ଫିନାଇଲ୍ ମିଶା ପାଣି ମଧ ପରାସ୍ତ କରିପାରେ ନାହିଁ । ଏ ବିଶ୍ୱର ଆକାର ହେଉଚି ଗୋଟେ କ୍ୱାଟର୍ସର ସୀମିତ ଭୂଗୋଳ । ତା' ଭିତରେ ରହି ଥାଅ ଏବଂ ସେଇ ଅନିବାର୍ଯ୍ୟ ସ୍ୱର, ଗନ୍ଧ, ଅକ୍ଷମତା ଓ ସୀମିତତାକୁ ଜୀବନ ଓ ବଞ୍ଚିରହିବା ବୋଲି ଭାବୁଥାଅ ।

ନା, ଏଠାରେ ଅବଶ୍ୟ ସେମିତି ନାହିଁ । ଅଛି କି ? ସୁରଭି ନିଶ୍ଚିତ ହେବାକୁ ଚେଷ୍ଟା କରୁଥିଲା । ତା' ଚେତନାରେ ତଥାପି ରହିଚି ସେଇ କୁଆଁ କୁଆଁ ସ୍ୱର । ହୃତ୍‌ସ୍ପନ୍ଦନ ବଢ଼ି ଯାଉଚି ଏଇଥିପାଇଁ । କେହି ଜଣେ କୋଠରୀରେ ପ୍ରବେଶ କରିବା ମାତ୍ରେ ସେ ସଙ୍କୁଚିତ ହୋଇ ପଡୁଚି । ଚାହୁଁଚି ତା'ର ହାତକୁ । କାନ୍ଦୁଥିବା ଛୁଆକୁ ନେଇ ସେ ଆସିଗଲା କି ତା' ପାଖକୁ ? ସମସ୍ତଙ୍କ ଅଲକ୍ଷ୍ୟରେ ସେ ଶୁଙ୍ଘୁଚି ନିଜର ହାତ ଓ ଲୁଗାପଟା । ବେଳେବେଳେ ତା'ର ସନ୍ଦେହ ହେଉଚି ଯେ, ତା' ଦେହରୁ ହଲକା ଇଣ୍ଟିମେଟ୍ ସେଣ୍ଟ୍‌ର ଗନ୍ଧ ବାହାରୁ ନାହିଁ ।

Digitized by srujanika@gmail.com

ଛୋଟ ଛୁଆର ମଇଳା ଗନ୍ଧର ସେ କେନ୍ଦ୍ର ହୋଇ ପଡ଼ିଚି । ଟେଲିଫୋନ୍ ରିଙ୍ଗ୍ କଲେ ସେ ଚଡ଼ସଡ଼ ହୋଇ ଯାଉଚି । ପିଲାପାଖକୁ ଫେରିଯିବା ପାଇଁ ତାକୁ କୁହାଯାଉଚି କି ?

ବେଶ୍ କିଛି ସମୟର ସଂଘର୍ଷ, ଧଇଁସଇଁ ଜନିତ କ୍ଲାନ୍ତି ଓ ପରେ ନିଜକୁ ଶୁଣେଇବା ଭଳି ଗୋଟେ କାତର ପ୍ରାର୍ଥନା—ମୋର ମୁକ୍ତି ଦରକାର । ମୁଁ କେବଳ ସୁରଭି ହେବାକୁ ଚାହେଁ । ଅନ୍ୟ କେଉଁ ସଂଜ୍ଞା ଦ୍ୱାରା ପରିଚିତ ହେବା ମୋର ଦରକାର ନାହିଁ ।

ବିଭୁର ଫୋନ୍ ପ୍ରାୟ ସାଢ଼େ ଚାରିଟା ବେଳେ—"ତୁମ କାମ ସରିଯାଇଥିଲେ ମୁଁ ପାଞ୍ଚଟା ବେଳେ ପହଞ୍ଚିବି ।"

—"ଆଜି ଏତେ ଚଞ୍ଚଳ କାମ ସରିବ ନାହିଁ ।" ସୁରଭି ଜବାବ୍ ଦେଲା—"ମୁଁ ଫେରୁ ଫେରୁ ଡେରି ହୋଇଯିବ । ମୋ ପାଇଁ ଅପେକ୍ଷା କରିବ କାହିଁକି ?" ଏମିତି ଉତ୍ତରଟେ ସୁରଭି ଆଗରୁ ଠିକ୍ କରି ନଥିଲା । ଏହା କହି ହୋଇଗଲା ସେଇ ମୁହୂର୍ତ୍ତରେ ।

ଅନ୍ୟଦିଗରେ ଅଳ୍ପ ସମୟର ବ୍ୟବଧାନ । ତା'ପରେ—"ଘରକୁ ଫୋନ୍ କରିଥିଲ ?" ଏ ପ୍ରଶ୍ନର କୈଫିୟତ ଆଦାୟ କରିବାର ଚେଷ୍ଟା ନଥିଲା; ବରଂ ଥିଲା ଗୋଟେ ଜିଜ୍ଞାସା ।

—"ନା ।"ସୁରଭି ଟିକିଏ ଅପ୍ରସ୍ତୁତ ହୋଇ ପଡ଼ିଲା । ସେ ଓଲଟା ପଚାରିଲା—"ତୁମେ ଫୋନ୍ କରିଥିଲ ?"

—"ନା ।"ବିଭୁ ଉତ୍ତର ଦେଲା । ପୁଣି ଶୁଭିଲା—"ଭାବିଲି, ତୁମେ ଫୋନ୍ କରି ଘର କଥା ବୁଝିଥିବ ।"

ସୁରଭିର ମୁହଁ ଲାଲ ହୋଇ ପଡ଼ିଲା ଏତିକି କଥାରେ । ପ୍ରତିବାଦର ସହିତ ସେ କାନ ପାଖରୁ ଆଣି ରିସିଭରଟା ଦେଖିଲା । କହିବାକୁ ଯାଉଥିଲା ଯେ, ଘର ବ୍ୟାପାରଟା ବୁଝିବା ତା'ର ଏକୁଟିଆ ଦାୟିତ୍ୱ ନୁହେଁ । ସେ ମଧ୍ୟ ବିଭୁ ଭଳି ସବୁ ଜିନିଷକୁ ଆଭଏଡ୍ କରିବାକୁ ଚାହେଁ । କହିଲା ନାହିଁ । କୌଣସି ମତେ ନିଜକୁ ନିୟନ୍ତ୍ରଣ କରି ରିସିଭରଟା ଥୋଇଦେଲା ଏବଂ ଅନ୍ୟମନସ୍କ ହୋଇଗଲା ।

ସୁରଭି ବସି ରହିଲା । କିଛି କାମ ନଥିଲା ତା' ପାଖରେ ।

Digitized by srujanika@gmail.com

ବସି ରହିଲା ଚୁପ୍‌ଚାପ୍, ବ୍ଳାଙ୍କ୍ ମସ୍ତିଷ୍କକୁ ନେଇ । କର୍ମଚାରୀମାନେ ଫେରି ଯାଉଚନ୍ତି । ତାକୁ ମଧ୍ୟ ଉଠିବା ପାଇଁ ହେବ । ଏତକ ଭାବିବା ମାତ୍ରେ ଉପାୟହୀନ ହୋଇଗଲା । ଘରକୁ ଫେରିବା କଥା ଚିନ୍ତା କରିବା ମାତ୍ରେ ସେ ଅଣନିଃଶ୍ୱାସୀ ହୋଇ ପଡ଼ିଲା । ତେବେ, ବିଳମ୍ବିତ ସମୟରେ ସେ ଚୌକି ଛାଡ଼ିଲା ଅନିଚ୍ଛା ସତ୍ତ୍ୱେ । ରିକ୍ସାରେ ବସିଲା । ଦୋକନ ବଜାରରେ ବିଜୁଳି ଆଲୁଅ ଜଳି ସାରିଥିଲା ସେତେବେଳେ । ଘରେ ପହଞ୍ଚି ଦେଖିଲା ସ୍କୁଟର୍ ନାଇଁ । କାହାରିକୁ ପଚାରିଲା ନାଇଁ ବିଭୁ କୁଆଡ଼େ ଯାଇଚି, ଅଫିସ୍‌ରୁ ଫେରିଚି କି ନାଇଁ ବୋଲି । ଲୁଗାପଟା ବଦଳାଇଲା । ଧୂଆଧୋଇ ହେବା ପାଇଁ ବାଥ୍‌ରୁମ୍‌କୁ ଯିବା ପରେ ଦେଖିଲା ଯନ୍ତ୍ରଣାଦାୟକ ଦୃଶ୍ୟ । ଗୋଟିଏ କୋଣରେ ଥୁଆ ହୋଇଚି ମଇଳା କନା ଓ ଟର୍କିସ୍ ତଉଲିଆ । ପ୍ରଥମେ ଗୋଟେ କୋହ ପ୍ରକମ୍ପିତ କଲା ତା'ର ସମଗ୍ର ସତ୍ତାକୁ । ପରେ ପରେ ଗୋଟେ କ୍ରୋଧ । ତେବେ ସେ ନିଜର ପ୍ରତିକ୍ରିୟା ପ୍ରକାଶ କଲା ନାଇଁ । ରଞ୍ଜନ ଅପ୍ରକାଶିତ ଅନିଚ୍ଛା ସ୍ପଷ୍ଟ କରିସାରିଚି ଏ କାମ କରିବା ସକାଶେ । ସୁରଭି ଅଣ୍ଟାରେ ଶାଢ଼ୀ ଗୁଡ଼େଇଲା । ସେସବୁ ସଫା କଲାବେଳେ ବ୍ୟାପିଗଲା ପରିଚିତ ଗନ୍ଧ । ଏହା ଅତିକ୍ରମ କଲା ବାଥ୍‌ରୁମ୍‌ର ସଂକୀର୍ଣ୍ଣ କାନ୍ଥକୁ । ବ୍ୟାପିଗଲା ଚାରିଆଡ଼େ । ତା' ପରେ ପରେ ତା' ପ୍ରତି ଗୋଟେ ଆହ୍ୱାନ, କାନ୍ଦଣା ଝରିଆରେ ।

ଶନିବାର ଦିନରୁ ବିଭୁ ଯାଇଥାଏ ଟୁର୍‌ରେ । ଘରେ କହିଯାଇ ଥିଲା ଯେ, ଫେରୁ ଫେରୁ ଦୁଇ-ତିନି ଦିନ ଡେରି ହୋଇ ଯାଇ ପାରେ । କୁଆଡ଼େ ଯାଉଚି, କ'ଣ ସବୁ କାମ, ସେ ସଂକ୍ରାନ୍ତରେ କୌଣସି ସୂଚନା ନଥିଲା ତା' କଥାରେ । ସୁରଭି ମଧ୍ୟ ଆଗ୍ରହୀ ନଥିଲା ସେସବୁ ଜାଣିବା ପାଇଁ । ରବିବାର ଦିନ ପ୍ରାୟ ଏଗାରଟା ବେଳେ ସତେ ଯେପରି ଅଭୂତପୂର୍ବ ଘଟଣାଟେ ଘଟିଲା ସେ ଘରେ । ଡ୍ରଇଁ ରୁମ୍‌ରେ ସେ ବସିଥିଲା ଏବଂ କ୍ୟାସେଟ୍ ପ୍ଲେୟାର୍‌ରୁ ଭାସି ଆସୁଥିଲା ହିନ୍ଦୀ ସୁଗମ ସଙ୍ଗୀତ । ଚାକିରି କରିବାର ତିନି-ଚାରି ମାସ ପରେ ସେ ଏହାକୁ କିଣିଥିଲା ଅନେକ ଆଗ୍ରହର ସହିତ । ପ୍ରତି ମାସ ସେ କ୍ୟାସେଟ୍ କିଣୁଥିଲା ନିଜର ପ୍ରିୟ ସଙ୍ଗୀତ ଶୁଣିବା ପାଇଁ । ଶୋଇବା ପୂର୍ବରୁ ରେକର୍ଡ ପ୍ଲେୟାର୍ ବାଜୁଥିଲା ଏବଂ ତାହା ବାଜୁଥିବା ଅବସ୍ଥାରେ ହିଁ ସେ ଶୋଇ ପଡୁଥିଲା । ଖାଇବା ବେଳେ, ଖବରକାଗଜ ପଢ଼ିବା ବେଳେ ମଧ୍ୟ ସେ ବଜଉଥିଲା ଏହାକୁ ।

Digitized by srujanika@gmail.com

ବାହା ହେବା ପରେ ସେ ଅନ୍ୟ ଏକ ସଙ୍ଗୀତ ଦ୍ୱାରା ସମ୍ମୋହିତ ହେଉଥିଲା । ସେଥିପାଇଁ କେବେ କିପରି ସେ କ୍ୟାସେଟ୍ ପସନ୍ଦ କରି ଯନ୍ତ୍ରରେ ଖଞ୍ଜୁଥିଲା । ତା'ପରେ ପ୍ରାୟ ନିରବ ହୋଇ ଯାଇଥିଲା ଏ ଯନ୍ତ୍ରଟି । କ୍ୟାସେଟ୍ ଗୁଡ଼ିକ ପଡ଼ିରହିଥିଲେ, ଜଣେ ବିଧବାର ୱାର୍ଡ୍ରୋବ୍‌ରେ ଚିତ୍ରିତ, ରଙ୍ଗୀନ ଆକର୍ଷଣୀୟ ଶାଢ଼ୀ ସବୁ ପଡ଼ିରହିବା ଭଳି ।

ଗୋଟେ ଅତୁଳନୀୟ ଘଟଣା ସତେ ଯେପରି ଘଟିଲା । ପରମ ଉତ୍ସାହ ଓ ଉତ୍ତେଜନା ନେଇ ଖୁଡ଼ୀ ପ୍ରବେଶ କଲା ସେ ରୁମ୍‌ରେ ଏବଂ ପ୍ରକାଶ କଲା—"ଦେଖିବୁ ଯଦି ଆ । ଚଞ୍ଚଳ ।"

—"କ'ଣ ହେଇଚି ?" ସୁରଭି ମଧ୍ୟ ଚଞ୍ଚଳ ହୋଇପଡ଼ିଲା ଟିକିଏ ।

—"ତୋ ଝିଅ ବସିଚି ଚଟାଣ ଉପରେ ।" ସେ ଘୋଷଣା କଲା ଏବଂ ଦୃଶ୍ୟଟା କାଳେ ଶେଷ ହୋଇ ଯିବ ବୋଲି ଦ୍ରୁତ ଗତିରେ ବାହାରିଗଲା ସେଠାରୁ । ବେଡ୍‌ରୁମ୍ ଦରଜା ପାଖରେ ଠିଆ ହୋଇ ପଛକୁ ଚାହିଁଲା । ସୁରଭିର ଦେଖା ନାହିଁ । ଅପେକ୍ଷା କଲା ଟିକିଏ । ତା'ପରେ ନିରୁତ୍ସାହିତ ହୋଇ ଡ୍ରଇଁ ରୁମ୍‌କୁ ଫେରି ଆସିଲା । ସୁରଭି ଆଗଭଳି ଉଦାସ, ଆଗ୍ରହହୀନ ମୁହଁ ନେଇ ବସିଚି ଓ ପତ୍ରିକାର ପୃଷ୍ଠା ଓଲଟାଉଚି ।

ଖୁଡ଼ୀ ବସିଲା ସାମନା ଚେୟାର୍‌ରେ । ତା'ଆଡୁ ମୁହୂର୍ତ୍ତକ ମଧ୍ୟରେ ଦୃଷ୍ଟି ବୁଲାଇ ଆଣିଲା ସୁରଭି । ନିଶ୍ଚିତ ହୋଇଗଲା ଯେ, ସେ ତାକୁ କିଛି କହିବା ପାଇଁ ନିଜକୁ ପ୍ରସ୍ତୁତ କରୁଚି ଏବଂ କଥାଟା କିଭଳି ଆରମ୍ଭ କରାଯାଇପାରେ, ସେ ସଂକ୍ରାନ୍ତରେ ଚିନ୍ତା କରୁଚି । ପତ୍ରିକା ଅକ୍ଷର ଭିତରେ ନିଜକୁ ହଜେଇ ଦେଇଥିବାର ଛଳନା କଲା ସୁରଭି ।

—"ବହୁତ ଦିନ ହେଲା ଗୋଟେ କଥା ପଚାରିବି ବୋଲି ଭାବୁଚି ।" ଖୁଡ଼ୀ କହିଲା ।

—"ପଚାରୁନୁ ? ପଚାର ।" ପତ୍ରିକା ଆଡୁ ମୁହଁ ନ ଫେରାଇ ସେ ଉତ୍ସାହିତ କଲା ।

—"କହୁଥିଲି କ'ଣ କି, ତୁମ ଦୁହିଁଙ୍କ ସଂସାର ଖରାପ

Digitized by srujanika@gmail.com

ହୋଇଯାଉଚି ।" ସେ ଟିକିଏ ଅପେକ୍ଷା କଲା ଓ ପୁଣି କହିଲା—"ଏମିତି ତୁମେ କେତେଦିନ ଚଳିବ ?"

—"କିଛି ତ ଅସୁବିଧା ହେଉନି । ଚାଲିଚି ଆଗଭଳି ।" ସୁରଭି ପୃଷ୍ଠା ଓଲଟାଇଲା, ତା' ଆଡ଼େ ନ ଚାହିଁ ।

—"ଏଗୁଡ଼ାକ ଖାଲି କହିବା କଥା । କ'ଣ ନା, ଅସୁବିଧା ହେଉନି !" କିନ୍ତୁ ପରେ ପରେ ତା'ର ବିଦ୍ରୂପାତ୍ମକ ସ୍ୱର ପରିବର୍ତ୍ତିତ ହେଲା—"ମୁଁ ଦେଖୁଚି, ତୁମେ ଦିହେଁ ଥକି ଗଲଣି ।"

—"ଥକି ଗଲୁଣି ? କେମିତି ତୁ ଦେଖିଲୁ ?" ସୁରଭି ଥୋଇ ଦେଲା ପତ୍ରିକାଟା ଟି-ପୟ ଉପରେ ।

—"ତୁ ରାଗି ଯାଇପାରୁ; ହେଲେ ମୁଁ ସତ କଥା କହୁଚି ।" ଖୁଡ଼ୀ ସ୍ୱରରେ ସାଲିସ ଓ ଦୃଢ଼ତା ପ୍ରତିଫଳିତ ହେଲା—"ଦୁହେଁ ଯାକ ଏ ପିଲାଟା ପାଖରୁ ଦୂରେଇ ରହୁଚ । ଘରକୁ ଆସିବା ପାଇଁ କାହାରି ମନ ହେଉ ନାହିଁ । ଏଇଥିପାଇଁ ତୁମେ ଦୁହେଁ ଅଲଗା ହୋଇ ଯାଉଚ ।"

ସୁରଭି ବେଶ୍ କିଛି ସମୟ ପାଇଁ ପତଳା ଗଢ଼ଣର, ଗୋରା, କାର୍ଯ୍ୟଦକ୍ଷ ଖୁଡ଼ୀ ଆଡ଼େ ଚାହିଁଲା । ଆଖି ଦେଖାଯାଉଚି ପାଣିଚିଆ । କେଶ ପାଚି ଯାଉଚି, ଦ୍ରୁତ ଗତିରେ । ସବୁଦିନ ଭଳି ପରିଷ୍କାର ଧଳା ଶାଢ଼ୀ ଓ ଢିଲା ବ୍ଲାଉଜ୍ ତା' ଦେହରେ । ଅତୀତରେ ଏ ଲୋକଟା ନିଶ୍ଚୟ ଖୁବ୍ ଆକର୍ଷଣୀୟ ହୋଇଥିଲା । ତା' ଚେହେରାରେ ଏବେ ବି ରହିଚି ଗୋଟେ ନିର୍ଭୁଲ ସମ୍ଭ୍ରାନ୍ତ ଚିହ୍ନ । ସେ ଉଜୁଡ଼ି ଗଲା ପରେ, ନିଜେ ଧ୍ୱଂସାବଶେଷରେ ପରିଣତ ହେଲେ ବି ଦେଖାଯାଏ ଗମ୍ଭୀର ଓ ଆତ୍ମବିଶ୍ୱାସ ପରିପୂର୍ଣ୍ଣ । ଏବେ ବି ତା' ମୁଣ୍ଡର କେଶ ଲମ୍ବି ଆସେ ପ୍ରାୟ ଆଣ୍ଠୁ ପର୍ଯ୍ୟନ୍ତ ।

ଗୋଟେ ଦୀର୍ଘଶ୍ୱାସ । ଗୋଟେ କମ୍ପନ, ସମଗ୍ର ଶରୀରକୁ ଦୋହଲାଇ ଦେବା ଭଳି । ସୁରଭି ଅନୁଭବ କଲା ଯେ, ତା'ର ସମଗ୍ର ଚେଷ୍ଟା ସତ୍ତ୍ୱେ ଗୋଟେ କୋହ ଉଚ୍ଛୁଳି ପଡୁଚି । ଏତେ ଦିନ ପର୍ଯ୍ୟନ୍ତ ସେ ମନ ଖୋଲି ଗପି ପାରି ନାହିଁ କାହା ପାଖରେ । ନର୍ସିଙ୍ଗ୍ ହୋମ୍‌ରୁ ଏଠାକୁ ଆସିବା ପରେ ପରେ, ସାଇ-ପଡ଼ିଶାର ସମସ୍ତଙ୍କ ସହିତ ତା'ର

Digitized by srujanika@gmail.com

ସମ୍ପର୍କ ଯେପରି କଟି ଯାଇଚି । ବ୍ୟାଙ୍କ୍ କିମ୍ବା ବଜାରରେ କେହି କ'ଣ ଏତେ ଅନ୍ତରଙ୍ଗ ହୋଇ ପାରିବ ଯେ ବ୍ୟକ୍ତିଗତ କଥା ତା' ପାଖରେ କୁହା ଯାଇ ପାରିବ ? ଏତେ ଦିନ ଧରି ସ୍ତୁପିକୃତ ଅବସ୍ଥାରେ ଯେଉଁ ଶୋକ ଓ ତିକ୍ତତା ରହିଥିଲା, ତାହା ମଧ୍ୟରେ, ସେସବୁ ପ୍ରକାଶିତ ହେବାକୁ ବ୍ୟଗ୍ର ହୋଇ ପଡ଼ିଥିଲେ ସେଇ ଅସତର୍କ ମୁହୂର୍ତ୍ତରେ । ଖୁଡ଼ୀ ଆଗରେ ସେ କେବେ କାନ୍ଦି ନାହିଁ; ନିଜର ଦୁର୍ବଳତା ଓ ଅସହାୟତା ପ୍ରକାଶ କରିବା ତ ଦୂରର କଥା ।ଂ ଏ ପର୍ଯ୍ୟନ୍ତ ସେ ନିଜକୁ ସକ୍ଷମ ବୋଲି ଭାବି ଆସିଥିଲା । ନିଜ ବ୍ୟାପାରରେ ସେ କର୍ତ୍ତୃତ୍ୱ ପ୍ରଦର୍ଶନ କରୁଥିଲା । କାହାର ଦୟା କିମ୍ବା ସମବେଦନା ଦରକାର କରି ନଥିଲା ସେ କେବେ । ଅଥଚ ସେଇ ମୁହୂର୍ତ୍ତରେ ତା'ର ଯାବତୀୟ ଅହଂ ଓ କଠିନତା ତରଳି ଯାଉଥିଲା ।

ସେ ଚାହୁଁଥିଲା, ତାକୁ କେହି ଜଣେ ସହୃଦୟତାର ସହିତ ଆଲିଙ୍ଗନ କରୁ । ନିଛକ ସମ୍ବେଦନଶୀଳତାରେ ତା'ର ଅସହାୟ ଅବସ୍ଥା ଶୁଣୁ । ତା'ର ଏମିତି ଗୋଟେ ଚୁମ୍ବନ ଦରକାର; ଯାହା ତା' ଭିତରର ସମସ୍ତ ପୁଞ୍ଜୀଭୂତ ଶୋକକୁ ଶୋଷି ନେବ । ସେ ହାହାକାରହୀନ, ଯନ୍ତ୍ରଣାହୀନ, ଦୁଃଖ ବିବର୍ଜିତ ମଣିଷଟିଏ ହେବାକୁ ଚାହେଁ ।

—"ଆମେ କ'ଣ ସତରେ ଅଲଗା ହୋଇ ଯାଉଚୁ ?" କିଛି ନ ଜାଣିଲା ଭଳି ସୁରଭି ପଚାରିଲା ।

—"ତୁ ତେବେ କ'ଣ ଭାବୁଚୁ ?" ଖୁଡ଼ୀ ସ୍ୱରରେ ଥିଲା ଗୋଟେ ଚାଲେଞ୍ଜ ।

ସୁରଭି ନୀରବ ରହିଲା କିଛି ସମୟ ପାଇଁ । ଆଖିର ଲୁହ ପୋଛିବା ପାଇଁ ଆଗ୍ରହୀ ନ ଥିଲା ସେ । କହିଲା—"ଏମିତି ପିଲାର ମା' ବୋଲି କ'ଣ ମୁଁ ଦାୟୀ ?"

—"କିଏ ଏକଥା ତୋତେ କହୁଚି ?" ଖୁଡ଼ୀ ପଚାରିଲା ଜିଜ୍ଞାସାବଶତଃ ନୁହେଁ; ସମବେଦନାର ଅନୁଶାସନ ଯୋଗୁ ।

—"ଏକଥା କହିବା ଦରକାର ନାହିଁ । ତୋ ବାବୁଙ୍କୁ ତୁ ଲକ୍ଷ୍ୟ କର । ସେ କ'ଣ ଭାବୁଚନ୍ତି ମୋତେ କହ ।" ସୁରଭି ନାକ

Digitized by srujanika@gmail.com

ପୋଛିଲା, ଅନ୍ୟମନସ୍କ ଭାବରେ ପତ୍ରିକା ଉଠାଇଲା ଓ ପୁଣି ଯଥାସ୍ଥାନରେ ରଖିଲା ।

ଖୁଡ଼ୀ ପ୍ରତିଶ୍ରୁତି ଦେଲା—"ତାଙ୍କୁ ବି ମୁଁ ଏଇ କଥା କହିବି । ସୁବିଧା ହେଲେ । ତୁମ ଦୁହିଁଙ୍କର ଏଥିରେ କିଛି କରିବାର ନାହିଁ । ତେବେ, ସେ ବାପା ବୋଲି, ଆଉ ତୁ ମା' ବୋଲି ପରିଚିତ ହେବାକୁ ଚାହୁଁ ନାହଁ । ତୁମ ଦୁହିଁଙ୍କ ଭଳି ଏତେ ସୁନ୍ଦର ସ୍ୱାମୀ-ସ୍ତ୍ରୀ ଭାଗ୍ୟରେ ଏଇ କଥା ଲେଖାଥିଲା ବୋଲି ତୁମେ ଦୁହେଁ ଏ ଯାଏଁ ସ୍ୱୀକାର କରିବାକୁ ରାଜି ନୁହଁ ।"

ସୁରଭି ପ୍ରତିବାଦ କଲା ନାହିଁ । ମୁମୂର୍ଷୁ ସ୍ୱରରେ ନିଜର ଅସହାୟତା ପ୍ରକାଶ କଲା—"ମୋତେ ସବୁ କଥା ଅନ୍ଧାର ଦେଖାଯାଉଚି । ମୁଁ ଜାଣିପାରୁ ନାହିଁ ମୁଁ କ'ଣ କରିବି । ଏ ଛୁଆକୁ କିମିତି ସମ୍ଭାଳିବି ? ବାବୁଙ୍କୁ କହିବା ପାଇଁ ଇଚ୍ଛା ହେଉ ନାହିଁ । ମୁଁ ଥରେ ମୁହଁ ଖୋଲିଲେ ଏ ଘର ଛାରଖାର ହୋଇଯିବ; ହେଲେ ସମସ୍ୟାର ସମାଧାନ ହେବ ନାହିଁ । କେତେ ଦିନ ମୁଁ ସହିବି ?" ତା' ମୁହଁ ଭୁଷୁଡ଼ି ପଡ଼ିଲା । ଲୁଗାକାନି ଓ ଦୁଇ ପାପୁଲିରେ ମୁହଁ ଢାଙ୍କି ସେ କାନ୍ଦିଲା ସର୍ବହରା ଛେଉଣ୍ଡ ଭଳି ।

ଦିନ ନ'ଟା ବେଳୁ ରଞ୍ଜନ ବଜାରକୁ ଯାଇଚି । ଦିନ ଦୁଇଟା ବାଜିଲା । ତା'ର ଦେଖା ନାହିଁ । ସୁରଭି ବିରକ୍ତ ହୋଇ ଖୁଡ଼ୀକୁ ପରାମର୍ଶ ଦେଲା—"ତା' ପାଇଁ ବାଢ଼ି ଦେଇଥା । ଯେତେବେଳେ ଆସିବ, ଖାଇବ ।" କିନ୍ତୁ ଖୁଡ଼ୀ ଆଶଙ୍କା କରୁଥିଲା ଅନ୍ୟ ପ୍ରକାର । ତା' ଆଶଙ୍କା ଯେ ସତ, ତାହା ପ୍ରମାଣିତ ହେଲା, ଚାଉଳ ବସ୍ତା ଉପରେ ଥୁଆ ହୋଇଥିବା ବ୍ୟାଗ୍ ଦେଖି । ତ୍ରସ୍ତତାର ସହିତ ସେ ବ୍ୟାଗ୍ ଉଠାଇ ଆଣିଲା । ତା' ଭିତରେ ରହିଥିଲା ପଚାଶ ଟଙ୍କିଆ ନୋଟ୍‌ଟି । ବଜାରରୁ ଦରକାରୀ ଜିନିଷ ଆଣିବା ପାଇଁ ଏହା ନେଇଥିଲା ସେ । ଅଳ୍ପ ସମୟ ପରେ ଆବିଷ୍କାର ଚୂଡ଼ାନ୍ତ ହେଲା । ତା'ର ଲୁଗାପଟା ଓ ବ୍ୟାଗ୍ ନିଖୋଜ ହୋଇଥିଲେ ସେ ଘରୁ ।

—"ପିଲାଟା ଏମିତି ନ କହି ପଳେଇଲା ? କେମିତି ଗଲା ଯେ ? କିଛି ନ ହେଲେ ବି ପାଖରେ ତ ଗାଡ଼ି ଭଡ଼ା ଥିବା ଦରକାର !

Digitized by srujanika@gmail.com

ଓଲଟି, ପଚାଶଟଙ୍କା ରଖି ଦେଇ ଯାଇଚି ।'' ଖୁଡ଼ୀ କହିଲା ବ୍ୟଥିତ ବିରକ୍ତ ହୋଇ ।

—''ଦୁଇ ଦିନ ତଳେ ବାବୁ ତା' ଦରମା ଟଙ୍କା ଦେଇଥିଲେ । ମନିଅର୍ଡ଼ର୍ କରିବ ବୋଲି ସେ ଯାଇଥିଲା । କେଜାଣି, ମନିଅର୍ଡ଼ର୍ କରି ନଥିବ ।'' ସୁରଭି ପ୍ରାୟ ବୁଝିପାରିଥିଲା ସବୁକଥା ।

—''ତେବେ; କ'ଣ କରାଯିବ ?'' ଖୁଡ଼ୀ ଚିନ୍ତିତ ହୋଇ ପଡ଼ିଲା ।

—''ବାବୁ ଫେରିଲେ ତାଙ୍କୁ ଏକଥା ତୁ କହିବୁ । ତାଙ୍କର ସନ୍ଦେହ ହେବ, ଯେ, ମୋ ଯୋଗୁଁ ସେ ପଳେଇଲା । ତୁ ଦେଖି, ପାଟି ତୁଣ୍ଡ କିଛି ନାହିଁ, ତଥାପି ପଳେଇଲା ।'' ସୁରଭି ଅନୁଭବ କରିବାକୁ ଚେଷ୍ଟା କରୁଥିଲା ରଞ୍ଜନର ଅନୁପସ୍ଥିତି । ଯା' ପରେ ଘର କିପରି ଚଳିବ, ସେକଥା ଚିନ୍ତା କରୁଥିଲା ।

—''ଯାହା ହେବାର କଥା ହୋଇଯାଉ ।'' ସୁରଭି ଚରମ ନିଷ୍କ୍ରିୟତା ପ୍ରକାଶ କଲା ଏଇ ବାଗରେ । ଖୁଡ଼ୀକୁ ଆଶ୍ୱାସନା ଦେଲା—''ତୁ ବ୍ୟସ୍ତ ହେବୁନି । ଆମେ ଆଉ ଗୋଟେ ପିଲା ରଖିବୁ । ମୁଁ ଜାଣି ପାରୁନି, କାହାକୁ ଏଥିପାଇଁ କୁହାଯିବ ।''

ସେଇଟା ମୋଟେ ଟୁର୍ ନଥିଲା । ପାଞ୍ଚ ଦିନ ପରେ ବିଭୁ ଫେରିଲା । ଦେଖା ଯାଉଥାଏ ଲକ୍ଷ୍ମୀଛଡ଼ା । ଏତିକି ଦିନ ଭିତରେ ସେ ଯେପରି ନିଜକୁ ଅତ୍ୟାଚାର କରିଚି କେଉଁଠି । ସବୁ ଦେଖାଯାଉଥିଲା ମଇଳା ଓ ଯତ୍ନହୀନ । ଡ୍ରଇଁରୁମ୍ ଚେୟାର୍‌ରେ ବସିଲା । ଚାହିଁଲା ଚାରିଆଡ଼କୁ । ଯୋତା ଓ କମିଜ୍ ପେଣ୍ଟ୍ ଖୋଲିଲା । ଧୁଆ ଧୋଇ ହୋଇ ବସିଲା ପୁଣି । ଖୁଡ଼ୀ ହାତରୁ ଚା' ନେଇ ପିଇବା ବେଳେ ରଞ୍ଜନ କଥା ସବୁ ଶୁଣିଲା ।

ସନ୍ଧ୍ୟା ପାଞ୍ଚଟା ପାଖାପାଖି । ସୁରଭି ଖଣ୍ଡିଏ କାଗଜ ବଢ଼େଇଦେଲା ବିଭୁ ହାତକୁ ।

—''କ'ଣ ଏଇଟା ?'' ସେ ପଚାରିଲା ।

—''ଘରେ କିଛି ଜିନିଷ ନାହିଁ ।'' ସୁରଭି କହିଲା । ''ବଜାରରୁ ନେଇଆସ । ତୁମେ ଫେରିଲେ ରୋଷେଇ ହେବ ।'' ସେ ଯେ ବିଭୁ ସହିତ ଭଲ ମୁକାବିଲା କରିବା ପାଇଁ ପ୍ରସ୍ତୁତ ଥିଲା, ତାହା ସ୍ପଷ୍ଟ ହୋଇଗଲା ତା' କଥାରୁ ।

Digitized by srujanika@gmail.com

ବିଭୁ ନରମ ହୋଇଗଲା ଟିକିଏ । ଚାହିଁଲା କାନ୍ଥ ଘଡ଼ି ଆଡ଼େ । ବ୍ୟାପିଗଲା ତା' ଉପରେ ଗୋଟେ ଆଳସ୍ୟ ଓ ନିଷ୍କ୍ରିୟତା । ସ୍ପଷ୍ଟଭାବରେ କହିଲା—"ମୁଁ ଅବିକା ଯାଇପାରିବି ନାହିଁ । ଘରେ ଯାହା ଅଛି ସେଇଥିରେ ଚଳିଯାଅ ।" ଏକଥା ସତ ଯେ, ସୁରଭିର ସ୍ୱର ଯଦି ପ୍ରରୋଚନାତ୍ମକ ଓ ଅନୁନୟପୂର୍ଣ୍ଣ ହୋଇଥାଆନ୍ତା, ତେବେ ବୋଧହୁଏ ସେ ଅନ୍ୟ ପ୍ରକାରର ଉତ୍ତର ଦେଇଥାଆନ୍ତା । କାହାର ଆଦେଶ ଶୁଣିଲେ ସେ କଠୋର ହୋଇଯାଏ ଏବଂ ଅମାନ୍ୟ କରିବାର ଇଚ୍ଛା ବଳବତ୍ତର ରହେ ।

ବହୁଦିନ ହେଲା ଭିଡ଼ିମୋଡ଼ି ହେଉଥିବା ସେ ଘରର ଟେନ୍‌ସନ୍ ପ୍ରକାଶିତ ହେବା ପାଇଁ ବ୍ୟାକୁଳ ହୋଇ ପଡ଼ିଥିଲା । ସୁରଭି କହିଲା—"ମୁଁ କହୁଚି ଯେ ଘରେ କିଛି ନାହିଁ । ପାଞ୍ଚ ଦିନ ପରେ ଫେରି ଖାଇବା ପାଇଁ ବସିଗଲେ ଚଳିବ ନାହିଁ ।"

—"କ'ଣ କହିଲ ?" ବିଭୁ ପ୍ରାୟ ଚିତ୍କାର କରି ପକାଇଲା ।

—"ଶୁଣ, ସେ ନାଲି ଆଖି ଆଉ କାହାକୁ ଦେଖାଇବ ।" ସୁରଭିର ମୁହଁ ଲାଲ୍ ହୋଇ ଯାଇଥିଲେ ମଧ୍ୟ ସ୍ୱର ଉତ୍ତେଜନାପୂର୍ଣ୍ଣ ଓ ସ୍ପଷ୍ଟ ଥିଲା । କହିଲା—"ଅନ୍ୟ କାହାକୁ ଦୟା ଦେଖାଇବା ପାଇଁ ତୁମକୁ କୁହାଯାଉ ନାହିଁ । ନିଜେ ଖାଇବ; ନିଜେ ନେଇଆସ ଜିନିଷ ବଜାରରୁ ।"

—"ମୁଁ ଯଦି ଆଜି ନ ଫେରିଥାନ୍ତି ?" ବିଭୁ ପ୍ରଶ୍ନ କଲା ଓ ଉତ୍ତରକୁ ଅପେକ୍ଷା ନକରି କୈଫିୟତ ଦାବୀ କଲା—"ତୁମେ ବ୍ୟାଙ୍କରୁ ଫେରିବାବେଳେ ଏସବୁ କରିପାରି ଥାଆନ୍ତ । ରଞ୍ଜନ ଉପରେ ଅଯଥା ଅତ୍ୟାଚାର କରି ତାକୁ ଘରୁ ବାହାର କରିଚ କ'ଣ ଏଇଥିପାଇଁ ?"

—"ଏ ଘରେ କିଏ କାହା ଉପରେ ଅତ୍ୟାଚାର କରୁଚି ? ତୁମେ ନା, ମୁଁ ? ଠିକ୍ ଅଛି, ଘର ଚଳେଇବା ଦାୟିତ୍ୱ ମୋର । ତୁମେ ବର୍ତ୍ତମାନଠୁ ଛୁଆର ଯତ୍ନ ନିଅ ।" ଝଡ଼ ଭାବରେ ପଳେଇଲା ସୁରଭି ସେଠାରୁ ଏବଂ କ୍ଷଣକ ମଧ୍ୟରେ ଝିଅକୁ ନେଇ ଆସି ଥୋଇ ଦେଲା ବିଭୁ କୋଳରେ । ଏଥର କୋହମିଶା ଚିତ୍କାର ଶୁଭିଲା ତା'ର—"ଦିସ୍ ଇଜ୍ ଫାଇନାଲ୍ । ମୁଁ ଯାଉଚି ବଜାରକୁ ସଉଦା ପାଇଁ ।"

Digitized by srujanika@gmail.com

ଯାପରେ କିଏ କାନ୍ଦିଲା କେଜାଣି ? ବିଭୁ ଅନୁଚ୍ଚାରିତ ଭାବରେ ? ସୁରଭି କ୍ରୋଧ ଓ ଉତ୍ତେଜନାରେ ? ନା, ଝିଅ ଅଥୟ ଅଧୈର୍ଯ୍ୟ ଭାବରେ ? କିଛି ବାରି ହେଲା ନାହିଁ । ବାସ୍ତବିକ ତାହା ଥିଲା ଅନାବଶ୍ୟକ । ନର୍ସିଙ୍ଗ୍ ହୋମ୍‌ରେ ଡେଲିଭରି ପରେ ଏ ତିନିଜଣ କାନ୍ଦୁଚନ୍ତି ବିଭିନ୍ନ ପ୍ରକାରର । ମାତ୍ର ସେମାନଙ୍କର କାନ୍ଦଣା ଥିଲା ଏକ ଓ ଅଭିନ୍ନ । ତାହାର ଭାଷା ଥିଲା ଗୋଟିଏ ।

ଅନ୍ୟ ରୁମ୍‌ରୁ ଶୁଭୁଚି ସୁରଭିର ଜିଦ୍‌ଖୋର ସ୍ୱର–"ଖୁଡ଼ୀ ବ୍ୟାଗ୍ ବାହାର କର । ଇଏ ପୁଣି ଗଲା କୁଆଡ଼େ ? ଖୁଡ଼ୀ !" ସେ ଡାକିଲା ଆଉ ଟିକିଏ ବଡ଼ ପାଟି କରି । କୌଣସି ଜବାବ ନ ଥିଲା କେଉଁଠାରେ, ଦୁଇଁ ରୁମ୍‌ରେ ଛୁଆର ନୟାନ୍ତ କାନ୍ଦଣା ବ୍ୟତୀତ ।

ଯା ସତ୍ତ୍ୱେ ଗୋଟେ ସ୍ତବ୍ଧତା ଆସି ଯାଇଥିଲା ସେ ଘରକୁ । ଗୋଟେ ମାରାତ୍ମକ ପଙ୍ଗୁତା ଗ୍ରାସ କଲା ସୁରଭିର ଗତିଶୀଳତାକୁ । ଗୋଟେ ଆଶଙ୍କା ବ୍ୟାପିଗଲା ବିଭୁର ଧକ୍ ଧକ୍ ଛାତି ଉପରେ । ବାପା-ମା'ଙ୍କୁ ହରାଇ ଗୋଟେ ଗହଳି ଭିତରେ ସାନପିଲାଟେ ନିଃସହାୟ ହୋଇଗଲା ଭଳି ସୁରଭିର ଅକ୍ଷମ ଗୋଡ଼ ଅଚଞ୍ଚଳ ହୋଇ ରହିଲା ପ୍ରଶସ୍ତ ବାରନ୍ଦା ଉପରେ । ସେ ଫେରିଆସିଲା । ରୋଷେଇ ଘର, ପ୍ରତ୍ୟେକ ରୁମ୍, ଗାଧୁଆ ଘର । ନା, କେଉଁଆଡ଼େ ସେ ନାହିଁ ।

ବିଭୁ ପ୍ରଥମ ଥର ପାଇଁ ଝିଅକୁ ଧରିଥିଲା କୋଳରେ । ବିସ୍ମିତ ହେଉଥିଲା ଯେ, ସେ ଚେୟାର୍‌ରୁ ଉଠି ପାରୁ ନାହିଁ । ଗୋଟେ ଶିହ୍ରାର ଅନୁଭବ କରୁଥିଲା ସେ ବାରମ୍ବାର । ଛୋଟ ଛୁଆର କୋମଳତା, କାନ୍ଦି କାନ୍ଦି ସମ୍ପୂର୍ଣ୍ଣ ହାଲିଆ ହୋଇ ଯାଇଥିବା ତା'ର ମୁହଁ ଏବଂ ତା'ର ଅସମ୍ପୂର୍ଣ୍ଣ ଶରୀର ଏତେ ଓଜନ ହୋଇପାରେ ବୋଲି ଧାରଣା ନଥିଲା ତା'ର । ଏ ଓଜନକୁ ସେ ଟେକି ପାରୁ ନାହିଁ ସମସ୍ତ ଚେଷ୍ଟାସତ୍ତ୍ୱେ । ତା' କାନ୍ଦଣା ବନ୍ଦ କରିବାର କୌଣସି କୌଶଳ ଜଣା ନାହିଁ ତାକୁ । ସେ ଏମିତି ବସି ରହିଥିବ ଗୋଟେ ଓଜନକୁ କୋଳ ଉପରେ ଧରି । ପୃଥିବୀର ସମସ୍ତ ଭାଷା ସଙ୍କୁଚିତ ହୋଇ ଯାଉଥିବ ଗୋଟେ ଅଥୟ କାନ୍ଦଣାରେ । ସେ ନିରୁପାୟ, ବିବ୍ରତ ହୋଇ ବସି ରହିବ ସେମିତି । ସେ ଜାଣେ, ଏ ପରିସ୍ଥିତିରେ ସେ ନିଜର ଏଇ ଖଣ୍ଡିତ ଛୁଆଠୁ ଅଲଗା

Digitized by srujanika@gmail.com

ନୁହେଁ ଜମା । ପଙ୍ଗୁ ଓ ଅକର୍ମଣ୍ୟ ।

ବାରନ୍ଦା ଉପରେ ବୋଧହୁଏ କାହାର ପଦଧ୍ୱନି ! ସୁରଭିର ବିସ୍ମୟ ଓ ପ୍ରତିବାଦପୂର୍ଣ୍ଣ ସ୍ୱର—"ତୁ ତେବେ ଏୟା କରୁଥିଲୁ ? ନିଜେ ବ୍ୟାଗ୍ ଧରି ବାହାରି ଯାଇଥିଲୁ ବଜାରକୁ ? କିଏ ତୋତେ କହିଲା ଏ କାମ କରିବା ପାଇଁ ? ଆଜି ରାତିକ ନ ଖାଇଥିଲେ କ'ଣ ଏ ଘରେ ସମସ୍ତେ ମରିଯାଇ ଥାଆନ୍ତ ?"

ଖୁଡ଼ୀର ଗମ୍ଭୀର ଆଦେଶ ଶୁଭିଲା—"ବେଶି ଗୁଡ଼ାଏ ବକ୍ ବକ୍ ହ'ନା । ଯା, ଛୁଆ କଥା ବୁଝ । କାନ୍ଦୁଚି ଯେ ବଜାରସାରା କମ୍ପିଯାଉଚି ।"

—"ଛୁଆ କଥା ଆଜିଠୁ ବାବୁ ବୁଝିବେ । ଘର ଦାୟିତ୍ୱ ମୋର ।" ସୁରଭି ଏତକ କହିଲା ଅପେକ୍ଷାକୃତ ଉଚ୍ଚ ସ୍ୱରରେ, ବିଭୁକୁ ଶୁଣେଇବା ପାଇଁ ।

ଖୁଡ଼ୀ ଏକରକମ ବ୍ୟାଗ୍ ଦୁଇଟା ଫୋପାଡ଼ି ଦେଇ ଡ୍ରଇଁ ରୁମ୍‌ରେ ପଶିବା ଆଗରୁ ବ୍ୟସ୍ତ ହୋଇ କହିଲା—"ତୁ ପାଗଳ ହୋଇ ଗଲୁଣି ଦେଖୁଚି ।" ତା'ପରେ ବିଭୁ କୋଳରୁ ଝିଅକୁ ଉଠେଇ ନେଲା । ନିର୍ଦ୍ଦେଶ ଦେଲା—"ନେ, ଯା କଥା ଆଗ ବୁଝ ! ତାକୁ ଭୋକ ଲାଗିଲାଣି କି କ'ଣ ।"

ବୋଧହୁଏ କୁହୁକ ବଳରେ ଝିଅର କାନ୍ଦଣା ବନ୍ଦ ହୋଇଗଲା ସିନା; ସୁରଭି କିନ୍ତୁ ଏଥର କାନ୍ଦିଲା ଅସ୍ତବ୍ୟସ୍ତ ହୋଇ । ଅନ୍ୟ ରୁମ୍‌ରେ ବିଭୁ ତଥାପି ନିର୍ବାକ୍ ହୋଇ ବସି ରହିଥିଲା । ରୋଷେଇ ଘରେ ଖୁଡ଼ୀ ରାତ୍ରି ଭୋଜନର ବ୍ୟବସ୍ଥା କରୁଥିଲା । ଉଦାସ ହୋଇ ଯାଉଥିଲା ଏଇଥି ପାଇଁ ଯେ କିଛି ଗୋଟେ ଭୟଙ୍କର ଘଟି ଯାଇପାରେ । ଖୁବ୍ ଚଞ୍ଚଳ । ଏ ଦୁହେଁ ହୁଏତ ବୁଝିପାରିବେ ନାହିଁ ସେଇ ଭୟଙ୍କର କଥାଟି କ'ଣ ।

ଅନେକ ଡେରି ହୋଇ ଯାଇଥିଲା ଖିଆ ସରିବା ବେଳକୁ । ପରିବେଶ ଏତେ ଥମ୍ ଥମ୍ ଥିଲା ଯେ, କେହି ପ୍ରାୟ କିଛି ଖାଇଲେ ନାହିଁ । ଖୁଡ଼ୀ ସବୁକାମ ଶେଷ କରି ବିଭୁକୁ କହିଲା—"ବାବୁ, ଏ ଘରକୁ ଟିକିଏ ଆସ । କଥା ଅଛି ।"

Digitized by srujanika@gmail.com

ମନ୍ତ୍ର ମୁଗ୍ଧ ହେବା ଭଳି ବିଭୁ ବେଡ୍‌ରୁମ୍‌କୁ ଆସିଲା । ବସିଲା ଖଟ ଉପରେ । ଖୁଡ଼ୀ ମଧ୍ୟ ବସି ସାରିବା ପରେ କହିଲା–"ମୁଁ ଗୋଟେ ପ୍ରସ୍ତାବ ଦେବି । ମାନିବ ?"

ସୁରଭି ଓ ବିଭୁ ଚାହିଁଲେ ତା'ଆଡ଼େ ଜିଜ୍ଞାସୁ ମୁହଁ ନେଇ । ସେ କହିଲା–"ଏମିତି ଗୋଟେ କଥା କହୁଚି ବୋଲି କିଛି ଭାବିବ ନାହିଁ । ତେବେ, ଏଇ ଦେଖ, ମଶାରୀ ତଳେ ଯେଉଁ ଛୁଆଟି ରହିଚି । ତାକୁ ମାରିଦେଇ ପାରିବ ?" ଖୁଡ଼ୀର ଏଇ କଥାରେ ଜମା ପରାମର୍ଶ ନଥିଲା । ଏଥିରେ ଥିଲା ଗୋଟେ ଚାଲେଞ୍ଜ୍ ।

ସେ ମୁହଁ ପୋଛି ଏ ଦୁଇଜଣଙ୍କୁ ଚାହିଁଲା । ଏକଥା ସତ ଯେ ତା' କଥାର ଅପ୍ରତ୍ୟାଶିତତା ଶକ୍ତ ଧକ୍କା ଦେଲା ଦୁହିଁଙ୍କ ମଗଜକୁ । ଥରେ ନୁହେଁ ବାରମ୍ବାର । ତା' କଥାର ଗୁରୁତ୍ୱ ସେମାନଙ୍କ ଚେତନାରେ ମିଶିଯିବା ପାଇଁ ବେଶ୍ କିଛି ସମୟ ଲାଗିଲା ।

–"ପାରିବ ଏ କାମ କରି ?" ସେ ପୁଣି ପଚାରିଲା ବାଷ୍ପାକୁଳ ସ୍ୱରରେ ଏବଂ ପୁନରାବୃତ୍ତି କଲା–"ପାରିବ ? ଯଦି ସେତକ କରି ନ ପାରିବ, ତେବେ ଏହାକୁ ଗ୍ରହଣ କରୁ ନ କାହିଁକି ? ଯାକୁ ଯେତିକି ହତାଦର କରୁଥିବ, ସେତିକି ସଢ଼ି ଯାଉଥିବ ନିଜ ଭିତରେ । ସଢ଼ିବ କାହିଁକି ? ତଣ୍ଟି ଚିପି ଦିଅ । ସବୁ ଝାମେଲା ସରିଯାଉ ।" ଖୁଡ଼ୀ ଏତେ ଉତ୍ତେଜିତ ହୋଇ ଯାଇଥିଲା ଯେ, ବାରମ୍ବାର ନିଃଶ୍ୱାସ ତ୍ୟାଗ କଲା । ତା' ସ୍ୱର ଆହୁରି ବାଷ୍ପାକୁଳ ହୋଇଗଲା ।

–"ତୁ ମୋତେ କାହିଁକି ଦୋଷୀ କରୁଚୁ ? ଏୟା ତୁ ବୁଝିଲୁ ଶେଷକୁ ?" ସୁରଭି ଅଭିଯୁକ୍ତ ହେବାକୁ ଚାହୁ ନଥିଲା ।

–"ନାହିଁରେ, ମା । ମୁଁ ତୋତେ କି ବାବୁଙ୍କୁ ଦୋଷୀ କରୁ ନାହିଁ । ସବୁ ଦୋଷ ଏ ପିଲାର । ସେ ଜନ୍ମ ହେଲା କାହିଁକି ? ଏତେ ସୁନ୍ଦର ମୁହଁ, ଦେହ । ହେଲେ, ଏମିତି ହୋଇ ଜନ୍ମ ହେଲା କାହିଁକି ?" ଖୁଡ଼ୀ ଆହୁରି ବିଦ୍ରୂପାତ୍ମକ ହୋଇ ପଡ଼ିଲା ।

ସମ୍ପୂର୍ଣ୍ଣ ନୀରବତା ରୁମ୍ ଭିତରେ । ଖୁଡ଼ୀ ଖୋଲାଖୋଲି ପ୍ରକାଶ କଲା ଆଶଙ୍କା–"ମୁଁ ତୁମ ପାଖରେ ସବୁ ଦିନ ରହିବି ନାହିଁ । ଯଦି

Digitized by srujanika@gmail.com

ଆୟୁଷ ଥାଏ, ତେବେ ଏ ପିଲା ରହିବ । ଏ ସଂସାର ତୁମର । ଆଜି ଯେଉଁ ଘଟଣା ଘଟିଲା, ମୁଁ ଯଦି ନ ଥାନ୍ତି, ତାହେଲେ କ'ଣ ହୋଇଥାନ୍ତା କେଜାଣି ? ତୁମେ ଏତେ ପାଠଶାଠ ପଢ଼ିଚ । କେତେ ଜ୍ଞାନ ତୁମର । ସେଇ ଅନୁସାରେ ନିଜ ବିବେକକୁ ନେଇ ଚଳ । ଅନ୍ଧ ହୋଇଯାଅ ନାହିଁ । ତୁମେ ବାଟବଣା ହେବାକୁ ଆରମ୍ଭ କରିଚ । ଅଣ୍ଡାଳି ହେଉଚ ଖାଲି । ପଚାର ନିଜକୁ—ତୁମେ ଯାଉଚ କୁଆଡ଼େ ? କ'ଣ କରୁଚ ? ଏସବୁ ହେଉଚି କାହିଁକି ?'' ସେ ଆଉ କିଛି କହିଲା ନାହିଁ । ଠିଆ ହେଲା । କାହାରି ଆଡ଼େ ନ ଚାହିଁ ବାହାରିଗଲା ସେଠାରୁ ।

ୱାଲ୍ କ୍ଲକ୍‌ର ଟକ୍...ଟକ୍...ଶବ୍ଦ କେବଳ । ଏତେ ନୀରବ ସେ ଘର ଯେ, ଝିଅର ଦୀର୍ଘଶ୍ୱାସ ଶୁଭିଯାଉଚି ସହଜରେ । ଅନେକ ସମୟ ପରେ ବିଭୁ କହିଲା—''ସୁରଭି, ଏଠାକୁ ଆସ । ମୋ ପାଖକୁ ।''

—''ଘରେ ଏସବୁ କ'ଣ ହେଉଚି, ପ୍ରକୃତରେ ? ଆମେ ଦୁହେଁ ଅଚିହ୍ନା ହୋଇ ପଡୁଚେ । ସେଥିରେ ବିଶେଷ ଦୁଃଖ ନଥିଲା । ଆମେ ପରସ୍ପରର ଶତ୍ରୁ ହୋଇ ହୋଇ ଯାଉଚେ । ଜଣେ ଅନ୍ୟ ଜଣଙ୍କଠାରୁ ନିଜକୁ ଗୋପନ ରଖୁଚି ।'' ବିଭୁ ସ୍ୱୀକାର କଲା ଏବଂ ଚାହିଁଲା ସୁରଭି ଆଡ଼େ । ସେ ବସିଥିଲା ଅନ୍ୟ ଆଡ଼େ ଚାହିଁ । ବିଭୁର କଥା ଶୁଣୁଥିଲା ପ୍ରତିକ୍ରିୟାହୀନ ମୁହଁ ନେଇ ।

କିଛି ସମୟ ପରେ ସେ କହିଲା—''ଆମେ ଆଗ ଭଳି ବଞ୍ଚି ରହନ୍ତେ । ଏକଥା ଆଗରୁ ଥରେ ଠିକ୍ କରିଥିଲେ । ହେଉ ନାହିଁ । ପୁଣି ଚେଷ୍ଟା କରିବା ।''

ପ୍ରସ୍ତାବ ଶୁଣିଲା ସୁରଭି । ଜମା ଆଗ୍ରହୀ ଦେଖାଗଲା ନାହିଁ । ବିଭୁ ସ୍ୱରରେ ମଧ ବିଶେଷ ଉତ୍ସାହ ନଥିଲା । ସେମାନେ ପୁଣି ସଚେତନ ହେଉଥିଲେ ଯେ ସେମାନଙ୍କ ମଧରେ ଗୋଟେ ଦୁର୍ନିବାର ବାଡ଼ ଠିଆ ହୋଇ ସାରିଚି । ବିଭୁ ନିଜ ଆଲିଙ୍ଗନର ପରିଧି ମଧକୁ ନେଲା ସୁରଭିକୁ । ଦୁହେଁ ଅନୁଭବ କଲେ ଆଉ ଯେପରି ଚାଞ୍ଚଲ୍ୟ ନାହିଁ ଦେହରେ, ରକ୍ତରେ । ଅତୀତର ଉନ୍ମାଦନା ଶେଷ ହୋଇଯାଇଚି । ଧୂସର ହୋଇଯାଇଚି । ଏ ଅନୁଭବ ନୂଆ ନଥିଲା । ଦୁଇଟି ଯନ୍ତ୍ରଚାଳିତ ହାତ ପାପୁଲି ପୁଣି ଉଠାଇନେଲା ନିର୍ଜୀବ ମୁହଁକୁ । ଦୁଇଟି ଶୁଖିଲା ଓଠ କିଛି ସମୟ ଅଟକିଗଲା ଗୋଟେ

Digitized by srujanika@gmail.com

ପ୍ରତିମାର ଗାଲ ଉପରେ ।

କିଛି ଦିନ ପାଇଁ ସେମାନେ ସ୍କୁଟର୍‌ରେ ଗଲେ ଅଫିସ୍‌କୁ । ବିଭୁ ଦୁଇଥର ଲେଖାଏଁ ଫୋନ୍ କଲା । ଏକା ସାଙ୍ଗରେ ମଧ୍ୟ ଦୁହେଁ ଫେରିଲେ । ମାତ୍ର ଘରେ ପହଞ୍ଚିବା ମାତ୍ରେ ଦୁହେଁ ଛାଟିପିଟି ହେଉଥିଲେ ପୁଣି କେଉଁ ଆଡ଼େ ଘରୁ ଯିବା ପାଇଁ । ବିଭୁର ଅଫିସ୍ କାମ ବଢ଼ି ଯାଇଥିଲା ବୋଲି ସେ କହୁଥିଲା । ଟୁର୍‌ରେ ଗଲେ ଫେରୁଥିଲା ଅନେକ ଡେରିରେ ଅନିଚ୍ଛାର ସହିତ । ବ୍ୟାଙ୍କର କାର୍ଯ୍ୟକ୍ରମ ଲମ୍ବି ଯାଇଥିଲା ଆହୁରି ବେଶି । ପରେ ପରେ ଆଉ ଫୋନ୍‌ର ସଂଯୋଗ ଘଟିଲା ନାଇଁ, ସେମାନେ ଫେରିଲେ ପୃଥକ୍ ହୋଇ ।

ଅବସ୍ଥା ଏଇଭଳି ଥିଲା । ଖୁଡ଼ୀ ଉପରେ କାମର ଚାପ ବଢ଼ି ଯାଇଥିଲା ଏଇଥି ପାଇଁ । ଏକୁଟିଆ ମଣିଷ । କ୍ଳାନ୍ତ ହୋଇ ଯାଉଥିଲା । ଦୁହେଁ ପିଲା ଗୋଟେ ଯୋଗାଡ଼ କରିବା ପାଇଁ ଚେଷ୍ଟା ଯେ ନ କରିଥିଲେ ତା' ନୁହେଁ । ବାସ୍ତବିକ ଗୋଟେ ପିଲା ରହିଥିଲା ଆଠ-ଦଶ ଦିନ ପାଇଁ । ନିର୍ଧୂମ ବିଡ଼ି ଟାଣେ ଓ ଗୁଡ଼ାଖୁ ଘଷେ । ବଜାରକୁ ଗଲେ ପଇସା ଆତ୍ମସାତ କରେ । ଘୁଙ୍ଗୁଡ଼ି ମାରି ଘର ପ୍ରକମ୍ପିତ କରେ । ଦିନେ ଗଲା ବଜାରକୁ ଟଙ୍କା ନେଇ । ଆଉ ଫେରିଲା ନାଇଁ । ପରେ ପରେ ପିଲା ଯୋଗାଡ଼ କରିବାର ଚେଷ୍ଟା ଧିମେଇ ଗଲା । ଘର ଚଳିଯାଉଚି କୌଣସି ମତେ । ଏତକ ଆଶ୍ୱାସନା ଯଥେଷ୍ଟ ଥିଲା ସେ ଦୁହିଁଙ୍କୁ ଉଦାସୀନ କରିବା ପାଇଁ ।

ସେଇ ଅଞ୍ଚଳକୁ କୌଣସି କର୍ମଚାରୀ ବଦଳି ହୋଇ ଯିବାକୁ ରାଜି ହୁଅନ୍ତି ନାଇଁ । ତାହା ଥିଲା ସେମାନଙ୍କୁ ଶାସ୍ତି ବିଧାନ କରିବାର ଅଞ୍ଚଳ । ସେଇଠିକୁ ବଦଳି ହେଲା ବିଭୁର । ଆଶ୍ଚର୍ଯ୍ୟ କଥା ହେଉଚି, ସେ ଏବଂ ସୁରଭି ଏହାକୁ ଗ୍ରହଣ କଲେ ଆନନ୍ଦର ସହିତ । ସେମାନେ ପୁରୁଣା ଜାଗାରୁ ଯିବା ପାଇଁ ଚାହୁଁଥିଲେ କୌଣସିମତେ । କିଛି ଦିନ ପାଇଁ ସେମାନେ ଚେଷ୍ଟା କଲେ ଗୋଟିଏ ସ୍ଥାନରେ ରହିବା ପାଇଁ ଏବଂ ବାଧ ହୋଇଥିଲେ ବିକାଶର ସାହାଯ୍ୟ ନେବାକୁ । ବିଭୁର ସାଧୁତା ଓ କାର୍ଯ୍ୟଦକ୍ଷତା ସମ୍ପର୍କରେ କେତେଟା ଖବରକାଗଜରେ ପ୍ରତିକୂଳ ସମ୍ବାଦ ପ୍ରକାଶିତ ହୋଇଥିଲା ତା' ପୂର୍ବରୁ । ଏହି ସମ୍ବାଦ ପଢ଼ି ମଧ୍ୟ କୌଣସି ତତ୍ପରତା ଦେଖା

Digitized by srujanika@gmail.com

ନଥିଲା ତା' ଠାରେ ସତର୍କ ହେବା ପାଇଁ । ମୋଟାମୋଟି ଭାବରେ ତା'ର ଅନୁଭବ ଶକ୍ତି ସତେଯେପରି ସ୍ଥାଣୁ ହୋଇ ଯାଉଥିଲା । ସେ ଚାହୁଁଥିଲା, ଯାହା ହେବାର କଥା ହୋଇଯାଉ । ତା' ଚାରିପାଖରେ ଥିବା ବାସ୍ତବତା ଉପରେ ସେ ନିଜର କର୍ତ୍ତୃତ୍ୱ ଜାହିର କରିବା ପାଇଁ ଆଗ୍ରହୀ ନଥିଲା ଜମା ।

ସେ ଓ ସୁରଭି ଅନ୍ୟ ଏକ ସ୍ଥାନକୁ ଯିବେ । ଖୁବ୍ ଆଶ୍ୱସ୍ତ ହେଲା ସେ ଏଇଥିପାଇଁ । ମାତ୍ର ସେଠାରେ ପହଞ୍ଚିବା ପରେ ସେ ବୁଝିପାରିଲା, କେତେ ବଡ଼ ଭୁଲ୍‌ଟେ କରି ପକାଇଚି । କେବଳ ସୁରଭି ନୁହେଁ; ସମସ୍ତ ଅପ୍ରିତିକର ବାସ୍ତବତାଠାରୁ ଦୂରେଇ ଯିବା ପାଇଁ ଗୋଟେ ସୁଯୋଗ ଆସି ଯାଇଥିଲା । ନିଜର ନିର୍ବୋଧତା ଯୋଗୁ ହାତଛଡ଼ା ହୋଇଗଲା । ସେ ଏକୁଟିଆ ରହି ପାରିଥାଆନ୍ତା ନୂଆ ଜାଗାରେ । ଗୋଟିଏ ସ୍ଥାନକୁ ଦୁହିଁଙ୍କର ବଦଳି ହୋଇ ପାରୁ ନାହିଁ ବୋଲି କହିଥାନ୍ତା । ତା'ପରେ ସେ ବିତାଇ ଥାଆନ୍ତା ମୁକ୍ତ ଜୀବନ । ଘରେ ଦେଖିବା ପାଇଁ ପଡ଼ି ନଥାନ୍ତା ପଙ୍ଗୁତା ଓ ଶୁଣିବାକୁ ହୋଇ ନଥାନ୍ତା ତାହାର ରାହା ଧରି କାନ୍ଦିବାର ସ୍ୱର । ସେ ଭୁଲିବାକୁ ଚେଷ୍ଟା କରି ଥାଆନ୍ତା ନିଜ ଦାମ୍ପତ୍ୟ ଜୀବନର ଅପମାନ ଓ ବିଫଳତାକୁ ।

ଏତକ ଭାବିବାମାତ୍ରେ ବିଭୁର ତିକ୍ତତା ଓ ଘୃଣା ବଢ଼ିଗଲା ନିଜ ପ୍ରତି ଚରମ ଅପମାନ ତାକୁ ଦୁର୍ବଳ କରି ପକାଇଲା । ନିଜ ପ୍ରତି, ପରିବାର ପ୍ରତି, ଚାକିରି ପ୍ରତି ଓ ପୃଥିବୀର ସମସ୍ତଙ୍କ ପ୍ରତି ତା'ଠାରେ ସୃଷ୍ଟିହେଲା କ୍ରୋଧ । ସେ ପ୍ରତିହିଂସା ପରାୟଣ ହୋଇଗଲା; ମାତ୍ର କିଏ ଏହାର ଶିକାର ହେବ, ତାହା ସ୍ଥିର କରି ପାରୁ ନଥିଲା ସେ ।

ନୂଆ ସ୍ଥାନର କ୍ୱାର୍ଟର୍ସ ଥିଲା ପୁରୁଣାକାଳିଆ । ତେବେ ଗୋଟେ ଖାନ୍‌ଦାନୀ ସ୍ପର୍ଶ ରହିଥିଲା ସେଠାରେ । ବଡ଼ ହତା । ଅଫିସ୍‌ଟା ଖୁବ୍ ପାଖ । ପାଞ୍ଚ-ସାତ ମିନିଟ୍ ଚାଲିବାର ବାଟ । ବ୍ୟାଙ୍କର ଦୂରତା ମଧ୍ୟ ଏକ କିଲୋମିଟରଠାରୁ ବେଶି ଦୂର ହେବ ନାହିଁ ।

ଏଠାରେ ମଧ୍ୟ ଯତ୍ନହୀନ ଅବସ୍ଥାରେ ପଡ଼ି ରହିଥିଲା ଏତେ ବଡ଼ ହତା । କେଉଁଠି କିପରି ପାଚେରି ଫାଟି ଯାଇଥିଲା ଓ ଅନାବନା

Digitized by srujanika@gmail.com

ଗଛ ଏବଂ ଘାସକୁ ଢେଙ୍କି ଧରିଥିଲା । ଭିତରେ ଗୋଟେ ଆମ୍ବଗଛ । ପିଜୁଳି ଗଛ ଦୁଇଟା । ମାନ୍ଧାତା ଅମଳର ଅମୃତଭଣ୍ଡା ଗଛଟେ ଠିଆ ହୋଇଥିଲା ସମସ୍ତ ସମ୍ଭାବନା ହରାଇ । ଆଉ କିଛି ନାହିଁ । ପାହାଡ଼ିଆ, ଅନୁର୍ବର ଅଞ୍ଚଳ । ଘାସ ନୁହେଁ; ଧୂଳି ମିଶା ନାଲି ରଙ୍ଗର ମାଟି ଦେଖାଯାଏ, ପୃଥିବୀ ଉପରେ ଗୋଟେ ରକ୍ତାକ୍ତ କ୍ଷତ ଭଳି । କ୍ୱାର୍ଟର୍ସ ବାରନ୍ଦାରେ ଠିଆ ହେଲେ ଦେଖାଯାଏ ଶୁଖିଲା ପାହାଡ଼ । ସମ୍ପୂର୍ଣ୍ଣ ଲଣ୍ଡା ଓ ସବୁଜିମା ବିବର୍ଜିତ ।

ପୁରୁଣା ସ୍ଥାନରେ ସେ ନୂଆ କରି ଚାକିରିରେ ଯୋଗଦାନ କରିବାର ଅଳ୍ପ ଦିନ ପରେ, ଅର୍ଡର୍ଲି ପିଅନ୍ ଜଣକ ଅବସର ଗ୍ରହଣ କରିଥିଲା । ସେଠାରୁ ବଦଳି ହୋଇ ଆସିବା ସମୟ ଭିତରେ ନୂଆ କେହି ନିଯୁକ୍ତ ହୋଇ ନଥିଲେ । ଏଥିପାଇଁ ସେ ଯେ ଚେଷ୍ଟା ନ କରିଥିଲା, ତା' ନୁହେଁ । ଅନ୍ୟ ଯେଉଁ ପିଅନ୍ ଥିଲେ, ସେମାନେ କେହି ତା'ର ବ୍ୟକ୍ତିଗତ ପିଅନ ହେବାକୁ ପ୍ରସ୍ତୁତ ନଥିଲେ । ସେମାନେ ସମସ୍ତେ ସ୍ଥାନୀୟ ରାଜନୈତିକ କର୍ମୀମାନଙ୍କୁ କିମ୍ବା ଏମ୍.ଏଲ୍.ଏ.ଙ୍କୁ ଧରାଧରି କରି ଖସିଗଲେ । ଜଣେ ପିଅନ୍ ପାଇଁ ଏକଦା ଦଶବାର ଜଣ ଯୁବକ ପଶି ଆସିଥିଲେ ତା' ଅଫିସ୍ ଭିତରକୁ । ଇଲେକ୍ସନ୍ ସମୟରେ କେବଳ ଜିନ୍ଦାବାଦ ଧ୍ୱନି କରିବା, କାନ୍ଥରେ ପୋଷ୍ଟର ଲଗେଇବା ଓ ଶୋଭାଯାତ୍ରା ବେଳେ ଦଳର ପତାକା ଧରିବା ଇତ୍ୟାଦି କାମ କରନ୍ତି ସେମାନେ । ତାଙ୍କ ଦଳ ଶାସନ କରୁଚି ବୋଲି ସେମାନଙ୍କ ଉତ୍ପାତ ଓ ଦୁଷ୍କର୍ମ, ଗୁଣ୍ଡାମୀ ଓ ମଦ ପିଆ ଦୈନନ୍ଦିନ କାମରେ ପରିଣତ ହୋଇ ଯାଇଥିଲା । ସେମାନେ ହୋସ୍‌ରେ ନ ଥିଲେ କେହି । ସେମାନଙ୍କ ମଧ୍ୟରୁ ନିତାନ୍ତ କଦର୍ଯ୍ୟ ଦେଖାଯାଉଥିବା, ଦୁଇଟି ଝାଡୁ ଭଳି ନିଶ ରଖିଥିବା ଓ ହରଦମ୍ ପାନ ଖାଉଥିବା ଯୁବକ ଜଣକ କହିଲା—"ଆମେ କହୁଚୁ, ଏ ପିଅନ୍‌କୁ ଆପଣ ବ୍ୟକ୍ତିଗତ ଅର୍ଡ଼ର୍ଲି କରି ପାରିବେ ନାହିଁ । ପିଅନ୍ ହେଲେ କ'ଣ ହେଲା, ସେ ଖାନ୍‌ଦାନୀ ଘରର ଲୋକ । ଆପଣଙ୍କ ପରିବା ବ୍ୟାଗ୍ ବୋହି ପାରିବ ନାହିଁ କିମ୍ବା ଲୁଗା କାଚି ପାରିବ ନାହିଁ । ତା'ର ପ୍ରେଷ୍ଟିଜ୍ ଅଛି ।"

ସେ ପ୍ରକାରର ଅସୁବିଧା ନ ଥିଲା ଏଠାରେ । ପିଅନ୍ ଯାବତୀୟ କାମ କରୁଥିଲା ଘରେ । ସେ ଥିବାବେଳେ ବିଭୁ ଏବଂ ସୁରଭି ଯଥେଷ୍ଟ

Digitized by srujanika@gmail.com

ସତର୍କ ରହୁଥିଲେ; କାଳେ ଅସାବଧାନତା ବଶତଃ କିଛି ଝାମେଲା ହେଲେ ସହରସାରା କଥାଟା ରାଷ୍ଟ୍ର ହୋଇଯିବ ଅତିରଞ୍ଜିତ ଭାବରେ ବୋଲି । ତେବେ, କମ୍ପାଉଣ୍ଡର ଯତ୍ନ ନିଆଯାଇ ପାରନ୍ତା ଖୁବ୍ ସହଜରେ । ସୁରଭି ତାହା ହିଁ କରିବାକୁ ଯାଉଥିଲା; ମାତ୍ର ହଠାତ୍ କ'ଣ ହେଲା କେଜାଣି, ସେ ଆଗ୍ରହୀ ହେଲା ନାହିଁ ସେ ବ୍ୟାପାରରେ । ଆଗଭଳି ସ୍ଥାନ ଖଣ୍ଡକ ପଡ଼ିରହିଲା ଅପନ୍ତରା ହୋଇ । ବିଭୁର ଅଫିସ୍ ଖୁବ୍ ପାଖ ହୋଇଥିବାରୁ ନିଜେ ସୁରଭି ପ୍ରସ୍ତାବ ଦେଇଥିଲା ଯେ, ବ୍ୟାଙ୍କରେ ସେ ପହଞ୍ଚିବା ସଂକ୍ରାନ୍ତରେ ବିଭୁ ଚିନ୍ତିତ ହେବା ଦରକାର ନାହିଁ । ବିଭୁ କେବଳ ଆଶ୍ୱସ୍ତ ଓ ନିଶ୍ଚିନ୍ତ ନୁହଁ; ସୁରଭି ପ୍ରତି ପ୍ରାୟ କୃତଜ୍ଞ ହୋଇ ପଡ଼ିଥିଲା ଏଥିପାଇଁ । ଅବସ୍ଥା ଏପରି ହେଲା ଯେ, ଦିନ କେଇଟା ଭିତରେ ସେ ଦୁହେଁ ଏକସମୟରେ ମଧ୍ୟ ଅଫିସ୍ ବାହାରିଲେ ନାହିଁ । ଯାହାର ଯେତେବେଳେ ଇଚ୍ଛା ହେଲା, ସେ ଅନ୍ୟକୁ ନ କହି ବାହାରିଗଲା ଘରୁ । ଫେରୁଥିଲେ ଭିନ୍ନ ସମୟରେ । ପଚାରିବା ଦରକାର ନଥିଲା ଅନ୍ୟ ଜଣେ ଖାଇ ସାରିଲାଣି କି ନାହିଁ ବୋଲି । ସେ ଦୁହେଁ ପରସ୍ପରକୁ ଦେଖୁଥିଲେ; ମାତ୍ର ଏକତ୍ର ହେଉ ନଥିଲେ । କଥାବାର୍ତ୍ତା କରୁଥିଲେ; ମାତ୍ର ଆପଣାର ହେଉ ନଥିଲେ ।

ଖୁଡ଼ୀ ଲକ୍ଷ୍ୟ କରୁଥିଲା ଏସବୁ ନୀରବରେ, ଗଭୀର ଉଦ୍‌ବେଗର ସହିତ । ତା'ର ହୃତ୍‌ବୋଧ ହୋଇ ଯାଇଥିଲା ଯେ, ଏ ଦୁହେଁ ଆଉ କେବେ ସ୍ୱାଭାବିକ ହୋଇ ପାରିବେ ନାହିଁ । ଗୋଟେ ଅଶାନ୍ତି ଚକ୍‌ମକ୍ ହେଉଥିବ ଏ ଘରେ ଏବଂ ସାମାନ୍ୟ ସୁଯୋଗ ପାଇବା ମାତ୍ରେ ବିସ୍ଫୋରଣ ସୃଷ୍ଟିହେବ । ବହୁଦିନୁ ତାକୁ ଜମା ଭଲ ଲାଗୁ ନାହିଁ କିଛି ଏମିତି ଗୋଟେ ସୃଷ୍ଟି ଛଡ଼ା ଘରେ ରହିବା ପାଇଁ । ନା, ଆଉ ନୁହେଁ । ମନକୁ ଦୃଢ଼ କଲା ସେ । ଆଉ କେବେ ବି ନୁହେଁ । ପ୍ରାୟ ଅନ୍ୟକୁ ଶୁଣେଇବା ଭଳି ପାଟି କରି ସେ ପ୍ରକାଶ କଲା ଅନେକ ଦିନ ତଳର ଯୋଜନା; ଯାହା ଗୋଟେ ଶପଥରେ ପରିଣତ ହୋଇ ପାରିଥିଲା ।

ପଳେଇବି ଏଠାରୁ । ଜମା ରହିବି ନାହିଁ ଅମଣିଷମାନଙ୍କର ଏ ଘରେ । ଏମାନଙ୍କୁ ସେ ଘୃଣା କରୁଚି କି ? ନା, ଘୃଣା ନୁହେଁ । ସେ କହୁଥାଏ ମନକୁ ମନ । ଏମାନଙ୍କର ଜୀବନ ଚର୍ଯ୍ୟା ତାକୁ ଦହଗଞ୍ଜ କଲାଣି । ସେ ବିରକ୍ତ, ହତାଶ ହୋଇ ପଡ଼ିଚି । ଆତ୍ମା ଛାଡ଼ିଗଲାଣି ଏମାନଙ୍କ ଉପରୁ । ଏଠାରେ ସେ ଆଉ ପଡ଼ି ରହିବ କାହିଁକି ? ଗଣ୍ଡେ

Digitized by srujanika@gmail.com

ଖାଇବ, ପିନ୍ଧିବ ଖଣ୍ଡେ । ଏଥିପାଇଁ ସେ ଅହରହ କାହିଁକି ଦେଖିବ ସ୍ୱାମୀ-ସ୍ତ୍ରୀ ଦୁଇଜଣଙ୍କର ଏଇ ଖାପଛଡ଼ା ଉଦାସୀନତା ପରସ୍ପର ପ୍ରତି ? କେତେ ଆଉ ସେ ସହିବ ପିଲାଟା ପ୍ରତି ସେମାନଙ୍କର ଅମାନୁଷିକ ଅବହେଳା ?

ଏମାନେ ଭଲ ମଣିଷ ଥିଲେ । ଆତ୍ମକୈନ୍ଦ୍ରିକ; ତଥାପି ଭଲ । ନିଜ କଥା ଭାବନ୍ତି ବେଶି । ଅନ୍ୟମାନଙ୍କ ପ୍ରତି ବିଶେଷ ଆଗ୍ରହ କିମ୍ୱା ସହୃଦୟତା ନାହିଁ । ନିଜ ପରିସୀମା ଭିତରେ ଥାଆନ୍ତି । ଏଥିପାଇଁ ଲୋକଙ୍କ ସହିତ ଆନ୍ତରିକତା, ନିବିଡ଼ତା ସୃଷ୍ଟି କରିପାରି ନାହାନ୍ତି । ଏକକ ହୋଇ ରହିଚନ୍ତି । ଏଥିପାଇଁ ଦୁହେଁ ନିଃସଙ୍ଗ ପିଲା ହେବା ପରେ ଆହୁରି ସଙ୍କୁଚିତ ହୋଇଗଲେ । ନିଜ ନିଜଠାରୁ ଦୂରେଇ ଗଲେ । କାହା ସହିତ ଦି'ପଦ ଅନ୍ତରଖୋଲା କଥାବାର୍ତ୍ତା ନାହିଁ । ଏମିତି ଲୋକମାନେ ବେଶି ପୀଡ଼ିତ ହୁଅନ୍ତି । ଛିନ୍ନଚତ୍ର ହୋଇ ଯାଆନ୍ତି । ତାହା ଚୂଡ଼ାନ୍ତ ଭାବେ ଘଟିବାକୁ ଯାଉଚି । ସେ ପଳେଇବ ଏଠାରୁ ।

ଖାସ୍ ଏଇଥିପାଇଁ ଏ ଦୁହିଁଙ୍କ ପ୍ରତି ତା'ର ଦୟାହୁଏ । ବିଚରା ଦି'ଜଣ ଜମା ଜାଣିପାରୁ ନାହାନ୍ତି ବଞ୍ଚିରହିବା କ'ଣ । ସେ ପଳେଇବା ପରେ ଏଠାକାର ଅବସ୍ଥା କ'ଣ ହେବ କେଜାଣି ? ହୁଏତ ସେମାନେ ଟିକିଏ ସତର୍କ ହୋଇ ପାରନ୍ତି । ନ ହୋଇ ପାରନ୍ତି ମଧ୍ୟ । ଦୁହେଁ ଅଫିସ୍‌କୁ ପଳେଇବେ । ଏଣେ ପିଲାକଥା ବୁଝିବ କିଏ ? କେବଳ ଏଇ ପ୍ରଶ୍ନଟା ତାକୁ ବ୍ୟତିବ୍ୟସ୍ତ କରେ । ଚାଲିପାରୁ ନାହିଁ ବୋଲି ସିନା; ନହେଲେ କେବେଠୁ ସେ ଚାଲିବା ଶିଖି ସାରିଥାଆନ୍ତା । ଏ ରୁମ୍‌ରୁ ସେ ରୁମ୍‌କୁ ଯାଉଥାଆନ୍ତା । ବାପା-ମା'ଙ୍କ ଆସିବା ବାଟକୁ ଚାହିଁ ରହିଥାନ୍ତା । ସେମାନଙ୍କର ଆସିବା ମାତ୍ରେ ପାଖକୁ ଯାଆନ୍ତା । କାଖ ହେବା ପାଇଁ କହନ୍ତା । କେଡ଼େ ବିଚିତ୍ର ଏ ସୃଷ୍ଟି ! ତା' ଜାଣିବାରେ ସବୁଠୁ ସୁନ୍ଦର ସ୍ୱାମୀ-ସ୍ତ୍ରୀଙ୍କର ପୁଣି ଏମିତି ପିଲାଟିଏ ହେବ ବୋଲି କିଏ କାହିଁକି ଅନୁମାନ କରିବ ? ଆହୁରି ବିଚିତ୍ର ହେଉଚି, ପିଲାଟା ଅତୁଳନୀୟ ଭାବରେ ସୁନ୍ଦର । ଚମତ୍କାର ସ୍ୱାସ୍ଥ୍ୟ ବିଶିଷ୍ଟ । ଗୋରା; ସୁରଭିଠାରୁ ସୁନ୍ଦର ଝିଅଟିଏ ହୋଇ ପାରି ଥାଆନ୍ତା ।

ଖୁଡ଼ୀ ଆସିଲା ଅନ୍ୟ ରୁମ୍‌କୁ । ଝିଅ ଦୁଇହାତରେ ବୋତଲ

Digitized by srujanika@gmail.com

ଧରି କ୍ଷୀର ପିଉଥାଏ । ତାକୁ ଦେଖିବାମାତ୍ରେ ରଖିଦେଲା ବୋତଲଟା । ହସିଲା ଏବଂ ଓଠ ସନ୍ଧିରୁ ନିଗିଡ଼ି ଆସିଲା କେଇ ଟୋପା କ୍ଷୀର । ମା'—ଡାକିଲା ସେ । ବସିଲା ବିଛଣା ଉପରେ । ତା' ପାଖକୁ ଆସିବା ପାଇଁ ଛାଟିପିଟି ହେଲା ।

ପଳେଇବ ଯାକୁ ଛାଡ଼ିଦେଇ ? କେମିତି ପାରିବ ସେ ? ଏ ପିଲାଟାର ପଙ୍ଗୁତା ତାକୁ ମଧ ପଙ୍ଗୁ କରି ଦେଇ ପାରିଚି କି ? ତା' ଗୋଡ଼ କେମିତି ଯିବ ଆଗକୁ, ଏ ପଙ୍ଗୁତାର ପରିସର ଭିତରୁ ସେ ମୁକ୍ତି ପାଇବ କିପରି ? ସେ ଜାଣିପାରୁ ନ ଥିଲା, କ'ଣ ସେ କରିବ, ଏମିତି ପରିସ୍ଥିତିରେ ।

ସେ ଆଶ୍ଚର୍ଯ୍ୟ ହେଉଥିଲା ଯେ, ନୂଆଜାଗାକୁ ଆସିବାର ଏତେ ଦିନ ବିତିଯାଇଥିଲେ ମଧ ଝଡ଼ ସୃଷ୍ଟି ହୋଇ ନଥିଲା । କାରଣ ସବୁ ଜିନିଷ ଘଟି ଯାଇଥିଲା ସ୍ୱାଭାବିକ ଭାବରେ । ଘର ଚଳିବା ପାଇଁ ଆବଶ୍ୟକୀୟ ସରଞ୍ଜାମ ଆସି ଯାଉଥିଲା । ରୋଷେଇ ହେଉଥିଲା ନିର୍ଦ୍ଦିଷ୍ଟ ସମୟରେ । ସେମାନଙ୍କର ଅନୁପସ୍ଥିତିରେ ପିଲାର ଯତ୍ନ ନିଆଯାଇ ପାରୁଥିଲା । ତେବେ, ସେ ବୁଝୁଥିଲା ଯେ, ଏ ସ୍ୱାଭାବିକତା ଗୋଟେ ସତର୍କବାଣୀ, ଗୋଟେ ସୂଚନା । କିଛି ଗୋଟେ ଘଟିବ ଖୁବ୍ ନିକଟରେ ।

ଅନେକ ଦିନ ହେଲା ଝିଅର ଦେହ ଖରାପ ହୋଇ ନଥିଲା; କିନ୍ତୁ ସେଦିନ ସକାଳ ପ୍ରାୟ ନ'ଟା ବେଳେ ଖୁଡ଼ୀ ଦୁହିଁଙ୍କୁ କହିଥିଲା ଯେ, ଝିଅ ଦେହରେ ଟେମ୍ପରେଚର୍ ଅଛି । ଦୁହେଁ ଶୁଣିଲେ; କିଛି ବ୍ୟବସ୍ଥା କଲେ ନାହିଁ । ପଳେଇଲେ ଅଫିସ୍‌କୁ । ଦିନ ପ୍ରାୟ ଗୋଟାକ ବେଳେ ଭୟଙ୍କର ହୋଇ ପଡ଼ିଲା ତା'ର ଜ୍ୱର । ସେ ଖାଲି ବାଉଳି ହେଲା । ଖୁଡ଼ୀ ଟେଲିଫୋନ୍ କଲା ସୁରଭି ପାଖକୁ । ସେ ପଟୁ ଜବାବ ଆସିଲା ଯେ, ମାସ ଶେଷ ହେଉଚି ବୋଲି ବ୍ୟାଙ୍କ୍‌ରେ ଅନେକ କାମ । ସେ କିଛି କରିପାରିବ ନାହିଁ ଏ ସଂକ୍ରାନ୍ତରେ । ସେ ପୁଣି ପରାମର୍ଶ ଦେଲା ଯେ, ବିଭୁକୁ ଏ ଖବର ଦେଲେ ଭଲ ହେବ ।

ବିଭୁ ଶୁଣି ସାରିବା ପରେ କହିଲା—''ବିଶ୍ୱାସକର, ମୋ ପାଖରେ ଜମା ସମୟ ନାହିଁ । ଏଠାରେ ଅଡ଼ିଟ୍ ହେଉଚି । ହାଲୋ, ଗୋଟେ କାମ କର । ସୁରଭିକୁ ଖବର ଦିଅ ।''

Digitized by srujanika@gmail.com

—"ମୁଁ ତାକୁ ଆଗ ଜଣେଇଲି ।" ଖୁଡ଼ୀ ଦିକ୍‌ଦାର ହୋଇ କହିଲା । "ସେ କହୁଚି ଯେ ତା'ର ସମୟ ନାହିଁ । ତୁମ ଦୁହିଁଙ୍କର କାହାରି ସମୟ ନାହିଁ । ଏଣେ କ'ଣ ପିଲାଟା ମରିବ ?"

ବିଭୁ ରଖିଦେଲା ରିସିଭର୍‌ଟା । ଗୋଟେ ପିଅନକୁ ପଠେଇଲା ଔଷଧ କିଣି ଘରେ ଦେଇ ଦେବାକୁ । ସେଦିନ ଜାଣିଶୁଣି ସେ ଆହୁରି ଡେ଼ରିରେ ଆସିଲା ଅଫିସ୍‌ରୁ । କାହିଁକି କେଜାଣି ତା'ର ହୃତ୍‌ସ୍ପନ୍ଦନ ବଢ଼ି ଯାଉଥାଏ । ସତ ହୋଇଯିବ କି, ଖୁଡ଼ୀ କଥା ! ଆହା, ସତ ହୋଇ ଯାଆନ୍ତା ଭଲା ! ଘରେ ପହଞ୍ଚିଲା ବେଳକୁ କିଛି ଗୋଟେ ଘଟି ଯାଇଥାଆନ୍ତା କି !

ସୁରଭି ଆହୁରି ଡେରିରେ ଫେରିଲା ବ୍ୟାଙ୍କ୍‌ରୁ । ପିଲାପାଇଁ କ'ଣ ବ୍ୟବସ୍ଥା ହେଲା କି ନାହିଁ କେଜାଣି ? ହୁଏତ ବିଭୁ କରିଥିବ । ଯଦି ସେ ମଧ୍ୟ ଘରକୁ ଆସି ନଥାଏ, ତେବେ, ଖୁଡ଼ୀ ଯେଉଁ ପ୍ରକାର ମଣିଷ, ଛୁଆକୁ ଧରି ପହଞ୍ଚି ଯାଇଥିବ କେଉଁ ଡାକ୍ତର ପାଖରେ ! ସେ ନିରୁତ୍ସାହିତ ହେଲା ମନ ଭିତରେ । ବୋଧହୁଏ କିଛି ଅଘଟଣ ଘଟି ନାହିଁ । ଏତେ ଭଲ ଭାଗ୍ୟଟେ ନାହିଁ ତା'ର । ଯଦି କିଛି ହୋଇଥାଆନ୍ତା, ତେବେ ପୁଣି ଜରୁରୀ ଫୋନ୍ ପାଇଥାଆନ୍ତା ସେ ।

ସେ ବେଡ୍‌ରୁମ୍‌ରେ ପଶିଲା । ଝିଅ ବଞ୍ଚିରହିଚି ବୋଲି ସୂଚେଇ ଦେଉଥିଲା, ତା'ର ନିଃଶ୍ୱାସ-ପ୍ରଶ୍ୱାସର ପ୍ରକ୍ରିୟା । ଦୀର୍ଘଶ୍ୱାସ ତ୍ୟାଗ କଲା ସେ । ଖୁଡ଼ୀକୁ ପଚାରିଲା ନାହିଁ ଯା ପାଇଁ ବ୍ୟବସ୍ଥା କ'ଣ କରାଗଲା, କିଏ କଲା । ଖୁଡ଼ୀ ମଧ୍ୟ କହିଲା ନାହିଁ କିଛି; ବିରକ୍ତ ହେବା ତ ଦୂରର କଥା ।

ଏହାର ମାତ୍ର କେଇ ଦିନ ପରେ ଖୁଡ଼ୀର ଦାରୁଣ ଘୋଷଣା । ସେଦିନ ରବିବାର । ସନ୍ଧ୍ୟା ପାଞ୍ଚଟା ପାଖାପାଖି । ବାରନ୍ଦାରେ ଗୋଟେ ଚେୟାର୍ ଉପରେ ଅନ୍ୟମନସ୍କ ହୋଇ ବସିଥାଏ ବିଭୁ । କିଛି ସମୟ ପୂର୍ବେ, ପ୍ରାୟ ଦୁଇ-ତିନି ଘଣ୍ଟା ଗଭୀର ନିଦ ପରେ, ଚା' କପେ ଖାଇ ଖବରକାଗଜ ପଢୁଥିଲା । ମଳିନ ହୋଇ ଯାଇଥିଲା ଦିନର ଆଲୁଅ । ସଫା ଧୋତି ପିନ୍ଧିଥିଲା ଲୁଙ୍ଗୀ ଭଳି । ସଫା ଗେଞ୍ଜି । ବହୁ ଦିନ ପରେ ସେ ଟିକିଏ ସତେଜ ଦେଖା ଯାଉଥିଲା; ଯଦିଓ ଦେହର ରଙ୍ଗ

Digitized by srujanika@gmail.com

ପାଣ୍ଡୁର ହୋଇ ଯାଇଚି ।

ଖୁଡ଼ୀ ବସିଲା ଅନ୍ୟ ଗୋଟେ ଚେୟାର୍‌ରେ । ବିଭୁ ଟିକିଏ କୌତୁହଳୀ ହୋଇ ପଡ଼ିଲା । ଚାହିଁଲା ତା' ଆଡ଼େ । ନିଶ୍ଚିତ ହୋଇଯାଇଥିଲା ଯେ, ଘରସଂସାର ସମ୍ପର୍କରେ ପୁଣି ଦୀର୍ଘ ଭାଷଣଟେ ଶୁଣିବ । କେତୋଟି ମୁହୂର୍ତ୍ତ ପାଇଁ ସେ ଓ ସୁରଭି ପୁଣି ଅନ୍ତରଙ୍ଗ ହୋଇଯିବେ । ମାତ୍ର ସେହି ମୁହୂର୍ତ୍ତ ଦିନକ ମଧ୍ୟରେ ତରଳି ଯିବ ଏବଂ ପୁଣି ଦୁହେଁ ବିଚ୍ଛିନ୍ନ ହୋଇଯିବେ ।

—"କ'ଣ ହେଲା ?" ସେ ପଚାରିଲା ଆଗ୍ରହୀ ହୋଇ ।

—"ସୁରଭି ଆସିସାରୁ । ତୁମ ଦୁହିଁଙ୍କୁ ଗୋଟେ କଥା କହିବି ।" ସେ ମୁଣ୍ଡର ଓଢ଼ଣା ଟାଣିଲା । ଅନ୍ୟ କୋଠରୀର ଦରଜା ଆଡ଼େ ଚାହିଁଲା, ସୁରଭି ଆସୁଚି କି ନା, ଜାଣିବା ପାଇଁ ।

ସେ ଆସୁଚି । ବସିଲା ଆଉ ଗୋଟେ ଚେୟାର୍‌ରେ । ପଚାରିଲା—"କ'ଣ ତୋର ଏମିତି ଜରୁରୀ କଥା ଅଛି, ମୁଁ ବୁଝି ପାରୁ ନାଇଁ ।"

ନୀରବତା କିଛି ସମୟ ପାଇଁ । ଦୁହେଁ ଚାହିଁଲେ ତା' ଆଡ଼େ । ସେ ଶାଢ଼ୀ ସଜାଡ଼ିଲା । ଚାହିଁଲା ଦୁହିଁଙ୍କୁ ଏବଂ କିଞ୍ଚିତ କମ୍ପିତ କଣ୍ଠରେ କହିଲା— "ଏଥର ତୁମେ ନିଜ ସଂସାରର ଯତ୍ନ ନିଅ । ମୁଁ ଆର ସପ୍ତାହରେ ଗାଁକୁ ଯାଉଚି ।"

ଦୁହେଁ ବୁଝିପାରିଲେ ନାଇଁ କିଛି । ବୋଧହୁଏ ଭଲ କରି ଶୁଣିପାରିଲେ ନାଇଁ । ପରସ୍ପରକୁ ଚାହିଁଲେ । ସୁରଭି ପଚାରିଲା— "କ'ଣ କହିଲୁ ?"

—"ମୁଁ ଆର ସପ୍ତାହ ବେଳକୁ ଗାଁକୁ ଯିବି ।" ତା' ସ୍ୱରରେ ଆଉ ନଥିଲା କୌଣସି କମ୍ପନ; ନଥିଲା କୌଣସି ଶୋକର ସୂଚନା ।

—"ଗାଁକୁ ଯିବୁ ? କେଉଁ ଗାଁ ?" ସୁରଭି ପଚାରିଲା । ବିଭୁର ସତେଜତା ହଜି ଯାଇଥିଲା ଖୁଡ଼ୀ କଥାରେ । ଦୁହେଁ ଭୟଭୀତ ଓ ପାଣ୍ଡୁର ଦେଖାଗଲେ ।

Digitized by srujanika@gmail.com

ଗୋଟେ ଦୀର୍ଘଶ୍ୱାସ । ଖୁଡ଼ୀ କହିଲା– "ଗାଁ; ମାନେ ବାପଘରକୁ । ତୁ ଜାଣୁ, ଶ୍ୱଶୁର ଘରେ ଆଉ ବୋଧହୁଏ ସ୍ଥାନ ନାହିଁ । ତା'ଛଡ଼ା ସେଠାକୁ ଯାଇ ସମସ୍ୟା ସୃଷ୍ଟି କରିବି କାହିଁକି ? ପଳେଇବି ଭାଇ ପାଖକୁ ।"

ଦୁହେଁ ନିଶ୍ଚିତ ହୋଇଗଲେ ଯେ, ଅନେକ ଦିନ ହେଲା ସେ ଏଇ ଯୋଜନା କରି ଆସିଚି । ବିଭୁ ପଚାରିଲା– "ତୁମେ ମଜା କରିବା ପାଇଁ ଏକଥା କହୁଚ । ନୁହେଁ ? ତେବେ, ତୁମକୁ ଛାଡ଼ିବ କିଏ ଯେ ତୁମେ ଏଠାରୁ ଯିବ ?"

–"ନାଇଁ ବାପ, ମୁଁ ମଜା କରିବି କାହିଁକି ? ତା'ଛଡ଼ା, ତୁମେ ମୋତେ ଛାଡ଼ିବ କି ନା, ସେ'ତ ଅଲଗା କଥା । ତେବେ ମୁଁ ଆର ସପ୍ତାହରେ ପଳେଇବି ।" ତା' ସ୍ୱରରେ ଗୋଟେ ଶପଥ ବାରି ହୋଇ ଯାଉଥିଲା ଅକ୍ଲେଶରେ ।

–"ତୁମକୁ ଏ ଘର ଭଲ ଲାଗୁ ନାଇଁ ?" ବିଭୁର ପ୍ରଶ୍ନ ।

–"ସେକଥା ଏଠାରେ ଆଲୋଚନା କଲେ ଲାଭ କ'ଣ ?" ତା' ସ୍ୱର ଏଥର ଉଦାସ ଓ ଦୀର୍ଘଶ୍ୱାସପୂର୍ଣ୍ଣ ହୋଇ ପଡ଼ିଥିଲା । "ସେସବୁ କଥା ମୁଁ ଉଠେଇବି କାହିଁକି ? ଏ ଘର କାହାକୁ ଭଲ ଲାଗୁଥିବ କି ନା, ସେକଥା କ'ଣ ତୁମେ ଜାଣି ପାରୁନ ? ମୋର କିନ୍ତୁ ଗୋଟିଏ କଥା । ମୁଁ ଠିକ୍ କରି ସାରିଚି, ପଳେଇବି । ଆର ସପ୍ତାହ ବେଳକୁ ।" ସେ ସାମାନ୍ୟ ଧଇଁସଇଁ ହୋଇ ପଡ଼ିଲା ।

–"ତୋ ମନରେ କ'ଣ ସବୁ ଅଛି, ତାହା କହି ଦେଉନୁ କାହିଁକି ?" ସୁରଭି ପଚାରିଲା । "ତୁ ତ ପଳେଇବୁ । ଆମେ ପୁଣି ଚଳିବୁ କିପରି ?"

–"ତୋ ପାଖରେ ସବୁ ଦିନ ରହିବି ବୋଲି ମୁଁ କେବେ ବି କହି ନଥିଲି ।" ଖୁଡ଼ୀର କୈଫିୟତ । କହି ଚାଲିଲା– "ମନେ ପକା, ତୁ ଆମ ଗାଁକୁ ଆସିଥିଲୁ, ଚାକିରି ପାଇବା ପରେ । ଭାଇ ରାଜି ହେଲେ, ମୁଁ ବି ରାଜି ହେଲି ବର୍ଷେ ଦି'ବର୍ଷ ତୋ ପାଖରେ ରହିବାପାଇଁ । ହିସାବ କରି ଦେଖ, କେତେ ବର୍ଷ ହୋଇଗଲାଣି ଏଠାରେ ।"

Digitized by srujanika@gmail.com

ନିରସ୍ତ ହୋଇଗଲା ସୁରଭି । ପଚାରିଲା—"ତୁ ମୋ ପ୍ରଶ୍ନର ଜବାବ ଦେଲୁ ନାହିଁ ଯେ ? ଆମେ ଚଳିବୁ କିମିତି ?" ଟିକିଏ ଦମ୍ ନେଲା । ଏଥର ଥିଲା ତା' ସ୍ୱର ଲୁହଭିଜା—"ଆଉ କ'ଣ ହେଇଚି ଯେ, ସ୍କୁଲକୁ ପଠେଇ ଦେବି ଝିଅକୁ ? ସେ ରହିବ ଘରେ । ତାକୁ ଦେଖାଚାହାଁ ତ ପୁଣି ଜଣେ କରିବ ?"

ଖୁଡ଼ୀ ଏ ପ୍ରଶ୍ନର ଜବାବ ଦେଲା ନାହିଁ । ବସି ରହିଲା ଏବଂ ବିଭୁ କହିଲା—"ନା, ମ ! ସେ ଯିବେ କାହିଁକି ? ତୁମେ ଆଗ ଚାଲ, କ'ଣ ସବୁ କାମ ଅଛି ଦେଖିବ ।"

ଖୁଡ଼ୀ ଗଲା ନାହିଁ । ପୁଣି ଥରେ କହିଲା କହିଥିବା କଥା—"ମୁଁ ଯିବି । ଆର ସପ୍ତାହରେ । ଆଗତୁରା ତୁମକୁ କହିବା ଉଚିତ ବୋଲି କହିଲି ।"

ଏ କଥାରେ ଗୋଟିଏ ତେଜ ଥିଲା । ଏହା ସମସ୍ତ ପ୍ରରୋଚନା ଓ କାକୁସ୍ଥ ପ୍ରାର୍ଥନା ଠାରୁ ଥିଲା ଅନେକ ଉର୍ଦ୍ଧ୍ୱରେ । ପରିବେଶଟା ସ୍ତବ୍ଧ ଓ ସ୍ଥାଣୁ ହୋଇଗଲା ।

—"ତୋତେ ମୁଁ ଖୁଡ଼ୀ ବୋଲି ଭାବି ନାହିଁ କେବେ । ମୁଁ ତୋତେ ମୋର ମା' ବୋଲି ଗ୍ରହଣ କରିଚି ।" ସୁରଭି ଏଇ ଶକ୍ତିଶାଳୀ ଅସ୍ତ୍ର ପ୍ରୟୋଗ କଲା; ଯଦିଓ ସେ ନିଶ୍ଚିତ ନଥିଲା ଏହାର ସକ୍ଷମତା ସମ୍ପର୍କରେ ।

—"ମୁଁ ଜାଣେରେ ବାୟାଣୀ ! ଏକଥା କହିବା ଦରକାର ନଥିଲା ।" ଖୁଡ଼ୀର ଆବେଗ ଭରପୂର ସ୍ୱର ।

—"ପଳେଇବୁ ବୋଲି କହି ପାରୁଚୁ କେମିତି ତେବେ ? ତୋ' ଭିତରେ ଟିକିଏ ବି ମମତା ନାହିଁ ?" ସୁରଭିର ଦୁଇ ଆଖିରୁ ଲୁହ ଝରିଆସି ଥିଲା । ସେ ପଣତକାନି ଉଠାଇ ମୁହଁ ପୋଛିଲା ।

—"କେବଳ ସେଇ ମମତା ଅଛି ବୋଲି ଏତେ ଦିନ ଦେଲା ଏଠାରେ ପଡ଼ି ରହିଥିଲି । ଏକଥା କହିବା ବି ଦରକାର ନାହିଁ । ଆଉ ଗୋଟିଏ କଥା । ତୁମ ଦୁହିଁଙ୍କୁ ଶାସ୍ତି ଦେବାପାଇଁ ମୁଁ ଏଠାରୁ ଯାଉନାହିଁ । ତୁମ ଦୁହିଁଙ୍କର ଅମଙ୍ଗଳ କଥା ମୁଁ କେବେ ବି ଚିନ୍ତା କରି ପାରେନା ।

Digitized by srujanika@gmail.com

ମୁଁ ଜାଣେ ଯେଉଁଠିକି ଗଲେ ମଧ୍ଯ ତୁମ ଦୁହିଁଙ୍କ ଚିନ୍ତା ମୋତେ ଶାନ୍ତିରେ ରଖିଦେବ ନାହିଁ । ମୁଁ ଅଥୟ, ଉଦ୍‌ବିଗ୍ନ ହେଉଥିବି । ତୁମ ଦୁହିଁଙ୍କ ପାଇଁ, ଛୁଆ ପାଇଁ । ତେବେ ବହୁଦିନ ହେଲା ମୁଁ ଯିବି ଯିବି ବୋଲି ବାହାରିଚି । ଏବେ କିନ୍ତୁ ଯିବି । ମୋତେ ଜମା ଅଟକାଅ ନାହିଁ । କିଛି ଲାଭ ହେବ ନାହିଁ ସେଥିରେ ।''

ଉପାୟହୀନ ହୋଇ ପଡ଼ିଲେ ଦୁହେଁ ଯାକ । ବିଭୁ ପ୍ରସ୍ତାବ ଦେଲା—''ମୁଁ ଠିକ୍ କରିଚି, ଝିଅକୁ ଆମେ ଗୋଟେ ସ୍କୁଲରେ ଭର୍ତ୍ତି କରିବୁ । ସେଠାରେ ଏଇଭଳି ପିଲାମାନେ ରହନ୍ତି । ବହୁ ଦୂର ସହରରେ ଅଛି ଏଭଳି ସ୍କୁଲ । ସେଠାରେ ଏହାର ନାମ ଲେଖାଇବା ପର୍ଯ୍ୟନ୍ତ ତୁମେ ରହିଯାଅ । ପ୍ଲିଜ୍ ଖୁଡ଼ୀ, ଜମା ମନା କରନା ।''

—''କେବେ ନାମ ଲେଖା ହେବ ?'' ସେ ପଚାରିଲା; ଗୋଟେ କନ୍‌ସେସନ୍ ଦେବା ପାଇଁ ସମ୍ମତ ହେବା ଭଳି । ବିଭୁ କଥାକୁ କିନ୍ତୁ ପରେ ପରେ ଅବିଶ୍ୱାସ କଲା ଭଳି କହିଲା—''ଯାର ସ୍କୁଲ୍ ଯିବା ବୟସ କ'ଣ ହେଲାଣି ଯେ ତୁମେ ଯାକୁ ରଖିଦେବ ଦୂର ସହରରେ ?''

ଦବିଗଲା ବିଭୁ ଏଇ ଗୋଟେ କଥାରେ । ତଥାପି ଉତ୍ସାହିତ ହେବା ଭଳି କହିଲା—''ମୁଁ ଯା ଭିତରେ ଖବର ନେଇଚି । ଯଦି ହୁଏ, ତେବେ ମାସେ-ଦୁଇ ମାସ ଭିତରେ ସେ ଯିବ ସେଠାକୁ । ତା'ପରେ ତୁମେ ଗାଁକୁ ଯିବ ।''

ଇତସ୍ତତଃ ହେଲା ସେ କିଛି ସମୟ ପାଇଁ । ଗମ୍ଭୀର ମୁହଁ ନେଇ ଚିନ୍ତାଶୀଳ ହେଲା । ତା' ଆଗରେ ଥିବା ସମ୍ଭାବନା, ମଣିଷପଣିଆ, ପାଶବିକତା, ମମତା, ଅବହେଳା—ସବୁକୁ ଓଜନ କଲା ନିଜ ମନ ଭିତରେ । କାହିଁକି କେଜାଣି, ତା'ର ହୃଦ୍‌ବୋଧ ହେଲା ନାହିଁ । ଚେୟାର୍‌ରୁ ଉଠିବାବେଳେ ଚୂଡ଼ାନ୍ତ ନିଷ୍ପତ୍ତି ଶୁଣେଇଲା—''ମୁଁ ଆର ସପ୍ତାହରେ ଗାଁକୁ ଯିବି ।''

ସେ ଦୁହେଁ ଚାକିରି ପାଇବା ପାଇଁ ମଧ୍ୟ ଏଭଳି ଅନ୍ୱେଷଣ କରି ନଥିଲେ । ଖୋଜିଲେ ଗୋଟିଏ ଲୋକକୁ । ଘରେ ରହି କେବଳ ପିଲାର ଭଲ ମନ୍ଦ କଥା ବୁଝିବ, ସେମାନେ ଅଫିସ୍‌ରେ ଥିବା ସମୟତକ । ରୋଷେଇ କରିବା କିମ୍ବା ଅନ୍ୟ କିଛି କରିବା ଦରକାର ନାହିଁ । ଗୋଟେ ଚାଲେଞ୍ଜ୍ ହୋଇ ପଡ଼ିଥିଲା ବ୍ୟାପାରଟା । ସୁରଭି ନିଜକୁ ପ୍ରସ୍ତୁତ କରୁଥିଲା

Digitized by srujanika@gmail.com

ଯେ, ଦରକାର ହେଲେ ସେ ନିଜେ ରୋଷେଇ କରିବ । କିନ୍ତୁ ସିଦ୍ଧାନ୍ତ ଗ୍ରହଣ କଲା ଯେ, ଲୁଗାପଟା ସଫା କରିବା ଏବଂ ବାସନ ମାଜିବା ପାଇଁ ପ୍ରସ୍ତୁତ ସେ । କେବଳ ସ୍ତ୍ରୀଲୋକ ଜଣେ ଦରକାର, ପିଲାକୁ ଜଗି ରହିବା ପାଇଁ ।

ସେମିତି ଲୋକ ଜଣେ ସେମାନେ ପାଇ ପାରିଲେ ନାହିଁ ଯଥାଶୀଘ୍ର । ସେମାନଙ୍କର ଧାରଣା ଥିଲା, ଦାରିଦ୍ର୍ୟ ପ୍ରପୀଡ଼ିତ ସେ ଅଞ୍ଚଳରେ ଯେ କୌଣସି ଲୋକ ଜଣେ ଆଗଭର ହୋଇ ପଡ଼ିବ କିଛି କାମ ନ କରି ଖାଲି ଗୋଟେ ଘର ଭିତରେ ରହିବା ପାଇଁ । ଏତେ ସହଜ ନଥିଲା କିନ୍ତୁ ବ୍ୟାପାରଟା । ଭୋକ ଉପାସରେ କିମ୍ବା ଅଖାଦ୍ୟ ଖାଇ ଲୋକମାନେ ବୁଲୁଥିଲେ ଏଣେତେଣେ । ଗାଈ ଛେଳି ଚରଉଥିଲେ କିମ୍ବା ବିଲ କାମ କିମ୍ବା କୌଣସି କଣ୍ଟ୍ରାକ୍ଟରର କାମ କରୁଥିଲେ; ଅଥଚ ବସିରହି ଆରାମରେ ଖାଇବା ଓ ଦରମା ନେବା ପ୍ରସ୍ତାବ ଗ୍ରହଣ କରୁ ନଥିଲେ ଜମା । ଏଥିପାଇଁ ଖୁଡ଼ୀ ଉପରେ ଦୁହେଁ ବିରକ୍ତ ଓ କ୍ରୁଧ ହୋଇଥିଲେ । ସେମାନଙ୍କ ଆଗରେ ଆକସ୍ମିକ ଭାବରେ ଏମିତି ସମସ୍ୟାଟେ ଆଣି ପହଞ୍ଚାଇ ଦେବା କଥା ପସନ୍ଦ କରି ନଥିଲେ ସେମାନେ । କିଛି ଦିନ ପରେ ଯେଉଁ ଲୋକଟି ତାଙ୍କ ପାଖକୁ ଆସିଲା, ସେ ଥିଲା ଅତୁଳନୀୟ ଅପରିଚ୍ଛନ୍ନ, ଦୁର୍ଗନ୍ଧମୟ ଓ ଅଶିକ୍ଷିତା । ଭଲ କରି ଶୁଣି ପାରୁ ନଥିଲା କିଛି । ପଦେ କଥାରେ ଖାଲି ଚିଡ଼ି ଚିଡ଼ି ହେଉଥିଲା । ରହିଲା ଦୁଇଦିନ । ତା’ପରେ ଗଣ୍ଠିଲି ଧରି ପଳେଇଲା ସେମାନଙ୍କ ଆଗରେ କୌଣସି କୈଫିୟତ୍ ନ ଦେଇ ।

ଖୁଡ଼ୀର ଯିବା ସମୟ ହୋଇ ଯାଇଥିଲା । ସପ୍ତାହେ କଟି ଯାଇଥିଲା ଯା ଭିତରେ । ତେବେ ସେ ଅପେକ୍ଷା କରିଥିଲା ଯେ ଲୋକ ଜଣେ ଯୋଗାଡ଼ ହେଲେ ସେ ଯିବ । ପ୍ରାୟ ଦଶ-ବାର ଦିନ ପରେ ଆଉ ଜଣେ ସ୍ତ୍ରୀ ଲୋକ ସେ ଘରେ ପହଞ୍ଚିବା ମାତ୍ରେ ଖୁଡ଼ୀ ଆଉ ରହିବା ପାଇଁ ପ୍ରସ୍ତୁତ ନଥିଲା । କାହାରିକୁ କୌଣସି ଉପଦେଶ ଦେଲା ନାହିଁ । ଛୁଆକୁ କୋଳ କଲା । ଜାକି ଧରିଲା ଛାତିରେ । ନୀରବରେ ଲୁହ ଝରେଇଲା । ତା’ କପାଳରୁ ପାଦ ପର୍ଯ୍ୟନ୍ତ ଚୁମା ଦେଲା ପ୍ରଗଲ୍‌ଭ ହୋଇ । ବସେଇ ଦେଲା ବିଛଣା ଉପରେ । ସୁରଭି ଆଖିର ଲୁହ ପୋଛି ଦେଲା । ପିଠି ଥାପୁଡ଼େଇଲା ଏବଂ ଅନ୍ତିମ କଥା

Digitized by srujanika@gmail.com

ଶୁଣେଇଲା—''ଯାଉଚି !'' ଏବଂ ସତକୁ ସତ ପଳେଇଲା ।

ଲେଖିବା ବାହୁଲ୍ୟ, ଘରଟା ଖାଁ ଖାଁ ଡାକିଲା, ଭରପୂର ହୋଇଗଲା ଗୋଟେ ହୃଦୟସ୍ପର୍ଶୀ ବିଳାପରେ । ବିଭୁ ଯାଇଥିଲା ବସ୍‌ଷ୍ଟାଣ୍ଡକୁ । ସୁରଭି ନିର୍ବାକ୍, ଅନୁଭବହୀନ ମଣିଷଟିଏ ହୋଇ ଠିଆ ହେଲା ଡ୍ରଇଁ ରୁମ୍‌ରେ କିଛି ସମୟ ପାଇଁ । ସେ ଛେଉଣ୍ଡ ହୋଇଥିବାର ଅନୁଭୂତି ମନେ ରଖି ନଥିଲା ଭଲ କରି; ଅନ୍ତତଃ ସେ ସଂକ୍ରାନ୍ତୀୟ ଯନ୍ତ୍ରଣା ତାକୁ କଲବଲ କରୁ ନଥିଲା । ମାତ୍ର ଖୁଡ଼ୀ ଯିବା ପରେ ସେ ଉପଲବ୍ଧି କଲା ଯେ, ସେ ଛେଉଣ୍ଡ ହୋଇ ଯାଇଚି ଦ୍ୱିତୀୟ ଥର ପାଇଁ । ସମ୍ପୂର୍ଣ୍ଣ ନିଃସ୍ୱ ଓ ଅପାରଗ କରି ପଳେଇଲା, ଏତେ ବର୍ଷ ଧରି ତା' ସଂସାରର ହେପାଜତ କରୁଥିବା ମଣିଷ ଜଣକ । ଏବେ ସବୁ ଗଣ୍ଡଗୋଳିଆ ଜଣାପଡୁଚି । ସବୁ ଅଡୁଆ, ଦିଗହୀନ । ବର୍ତ୍ତମାନଠାରୁ ଭବିଷ୍ୟତକୁ ଯିବା ପାଇଁ କିଭଳି ପଦକ୍ଷେପଟେ ନିଆଯାଏ କେଜାଣି ? କିଛି ଜଣା ପଡୁ ନଥିଲା ତାକୁ । ଘର ଭିତରର ଖାଁ ଖାଁ ଆବାଜ ସମ୍ପ୍ରସାରିତ ହୋଇ ତା' ମସ୍ତିଷ୍କକୁ ଦଖଲ କରି ସାରିଥିଲା । କେବଳ ସେ ନିଜେ ନୁହେଁ; ଚଉଦ ବ୍ରହ୍ମାଣ୍ଡକୁ ବ୍ୟାପି ଯାଇଥିଲା ସେ ସ୍ୱର । ଆକାଶର ତାରା ଓ ନକ୍ଷତ୍ର, ପୃଥିବୀର ମଣିଷ ଓ ଉଦ୍ଭିଦ—ସବୁ ଯେପରି କକ୍ଷଚ୍ୟୁତ ହୋଇ ପଡୁଥିଲେ । ସବୁ ଫେଣ୍ଟାଫେଣ୍ଟି ଓ ସାବଲୀଳତା-ହୀନ ।

ସେ ଆଗ୍ରହୀ ନଥିଲା ନିଜ ଲୁହ ପୋଛିବା ପାଇଁ । ପରେ ପରେ ଶକ୍ତିଶାଳୀ କୋହ ଉଠି ଆସିଲା ତା' ଭିତରୁ, ତାକୁ ଅଭିଭୂତ କରିବା ସକାଶେ । ସେ କମ୍ପି ଉଠିଲା । ଦୁଇ ପାପୁଲିରେ ମୁହଁ ଢାଙ୍କି କାନ୍ଦିଲା ଦୀର୍ଘ ସମୟ ପର୍ଯ୍ୟନ୍ତ ।

ଏ ସ୍ୱର କ'ଣ ଖାଁ ଖାଁ ସ୍ୱର ? ନିଃସଙ୍ଗତା ଓ ଧ୍ୱଂସାବଶେଷର ସ୍ୱର ? ସେ ଶୁଣିଲା ମନଯୋଗୀ ହୋଇ । ନା, ଏ ସ୍ୱର ଆସୁଚି ଶୋଇବା ଘରୁ । ତା' ପିଲାର ଆହ୍ୱାନ ଏଇଟା ।

ମରିଯାଆନ୍ତା ଭଲା ! ବହୁ ଦିନ ଧରି ତା' ଚେତନାରେ ଲୁଚି ରହିଥିବା ଏଇ କଥା ପଦକ ଅସ୍ପଷ୍ଟ ଭାବନାରୁ ବାହାରି ଆସିଲା । ସ୍ପଷ୍ଟ ହୋଇ ରହିଲା ତା' ମନ ଭିତରେ । ତା' ଅଜାଣତରେ ସେ କହି ପକାଇଲା—''ମରିଯାଆନ୍ତା ଭଲା !''

Digitized by srujanika@gmail.com

ସେ ଚାହିଁଲା ଚାରିଆଡ଼କୁ, କାଳେ କିଏ ଏକଥା ଶୁଣି ପାରିଲା ବୋଲି । ସାମାନ୍ୟ ସଙ୍କୁଚିତ ହୋଇ ପଡ଼ିଲା । ପରେ ପରେ ପୁଣି କହିଲା—ମୁଁ ଖାତିରି କରେ ନା କାହାକୁ । ପାପ ? ପାପ ଗୋଟେ କ'ଣ ? ମୁଁ ଚାହେଁ, ସେ ଛୁଆ ମରିଯିବା ଉଚିତ । କାହିଁକି ବଞ୍ଚି ରହିବ ? କ'ଣ ପାଇବ ସେ, ବଞ୍ଚିରହିବା ଭିତରୁ ? କାହିଁକି ଦହଗଞ୍ଜ ହେବ ଲମ୍ବା ପରମାୟୁଟେ ଅକ୍ଷମ ଦେହ ଉପରେ ଲଦି ?"

ସେ ପ୍ରାୟ ଝଡ଼ ବେଗରେ ବାହାରି ଆସିଲା ଡ୍ରଇଁ ରୁମ୍‌ରୁ । ଶୋଇବା ଘର ଭିତରେ ପଶି ଚିତ୍କାର କଲା—ଚୁପ୍ ହ ! ଷ୍ଟପ୍ ଇଟ୍ ! କାନ୍ଦୁଚୁ କାହିଁକି ? କାହିଁକି ମୋ ଜୀବନକୁ ଦହଗଞ୍ଜ କରୁଚୁ ? ଚୁପ୍ ହେବୁ ନା, ଦେଖିବୁ ?

ସୁରଭି ହିତାହିତ ଜ୍ଞାନ ହରେଇ ସାରିଥିଲା ସେତେବେଳେ । ଚୁପ୍ ହେବୁ ନା, ଦେଖିବୁ ? ଭୟଭୀତ କଲା ଓଦା ମୁହଁ ନେଇ ଚଟାଣରେ ବସିଥିବା ଓ କିଛି ବୁଝିପାରୁ ନଥିବା ଛୁଆକୁ । ପର ମୁହୂର୍ତ୍ତର ଦୃଶ୍ୟ ଥିଲା ଅବିଶ୍ୱାସ୍ୟ ଓ ଅଭୂତପୂର୍ବ । ସୁରଭିର ଦୁଇ ହାତ ଲମ୍ବି ଆସିଲା ତା' ବେକ ପାଖକୁ ଏବଂ ଅଟକିଗଲା ସତେ ଅବା ପାରାଲିସିସ୍ ଦ୍ୱାରା ଆକ୍ରାନ୍ତ ହୋଇ ।

ସୁରଭି ଦୁଇହାତ ପ୍ରତ୍ୟାହାର କରି ନେବା ବେଳେ ଦେଖିଲା, ଚଟାଣ ଉପରେ ବସିଥିବା ଝିଅ ସମ୍ମୋହିତ, ମନ୍ତ୍ରମୁଗ୍ଧ ହୋଇ ଚାହିଁ ରହିଚି ତା' ଆଡ଼େ । ସୁରଭି ମୁହଁକୁ ଏବଂ ତା'ର ସର୍ବାଙ୍ଗକୁ ସେ ନିରୀକ୍ଷଣ କଲା । ହାତ ପାପୁଲି ଘଷିଲା ଛାତିରେ ଏବଂ ଦରଜା ଆଡ଼େ ଚାହିଁଲା, ସମ୍ଭବତଃ ଖୁଡ଼ୀ ଅନ୍ୱେଷଣରେ । ମୁହଁ ଫେରାଇଲା ବେଳକୁ ତା'ର ଦୁଇ ଓଠ ଓ ମୁହଁ ପୁଣି ଚିପୁଡ଼ି ହୋଇଗଲା । ଏଥର ସେ ଯେଭଳି କାନ୍ଦିଲା, ତାହା ସୁରଭିର ସମସ୍ତ ଚେତାବନୀ ଓ ଧମକର ପରିସର ଟପି ଯାଇଥିଲା । ପ୍ରକାରାନ୍ତରେ ସୁରଭିକୁ ତୁଚ୍ଛ ଓ ହେୟଜ୍ଞାନ କରି ସେ କାନ୍ଦିଲା ଗଳା ଫଟାଇ ଅଣାୟତ୍ତ ହୋଇ ।

ସୁରଭି ବାହାରି ଆସିଲା ସେ ଘରୁ । ଦିନକ ପୂର୍ବେ ନିଯୁକ୍ତ ହୋଇଥିବା ସ୍ତ୍ରୀଲୋକ ଜଣକ ବାରନ୍ଦା କୋଣରେ ଜାକିଜୁକି ହୋଇ ଠିଆ ହୋଇଚି ଆତଙ୍କିତ ଅବସ୍ଥାରେ । ସୁରଭି ସଚେତନ ହେଲା ଏ ଲୋକର

Digitized by srujanika@gmail.com

ଉପସ୍ଥିତି ସମ୍ପର୍କରେ । ନିଜକୁ ଯଥାସାଧ୍ୟ ସଂଯତ କରି କହିଲା—"ତାକୁ ଟିକିଏ ଏଇ ହତା ଭିତରେ ବୁଲେଇ ଆଣ । କାହିଁକି ଏମିତି କାନ୍ଦୁଚି କେଜାଣି ?"

—"ତାକୁ ଭୋକ ଲାଗୁଚି ।" ସେ କହିଲା ଡରି ଡରି । ଝିଅ ପାଖକୁ ଗଲାବେଳେ ମନ୍ତବ୍ୟ ପ୍ରକାଶ କଲା—"ଛୁଆକୁ ଧମକେଇଲେ ସେ କ'ଣ ଚୁପ୍‌ହେବ ?"

ସୁରଭି କାନ୍ଥ ଘଣ୍ଟା ଆଡ଼େ ଚାହିଁଲା । ଦଶଟା ବାଜିବାକୁ ଯାଉଚି । ଖୁଡ଼ୀକୁ ବସ୍ ଷ୍ଟାଣ୍ଡରେ ଛାଡ଼ିବା ପାଇଁ ବିଭୁ ଯାଇଚି ସକାଳ ଛ'ଟା ବେଳୁ । ଦେଖା ନାଇଁ ଏ ଯାଏଁ ବାବୁଙ୍କର । ସେ ରୋଷେଇ ଘର ଖୋଲିଲା । ଚାହିଁଲା ଚାରିଆଡ଼େ କୌତୁହଳୀ ହୋଇ, ନୂଆ ଘରଟେ ଦେଖିବା ଭଳି । କିଛି କରିବା ଦରକାର ନାଇଁ । ଗତ କାଲି ରାତିରୁ ଖୁଡ଼ୀ ରୋଷେଇ କରି ଫ୍ରିଜ୍‌ରେ ରଖିଚି । ସକାଳେ ଝାମେଲା ଯୋଗୁଁ ଏକାମ କରି ହେବ ନାଇଁ ବୋଲି ।

ଦିନ ପ୍ରାୟ ଗୋଟାକ ବେଳେ ସୁରଭିର ଟେଲିଫୋନ୍ ବିଭୁ ପାଇଁ—"କୌଣସି ମତେ ସମୟ କରି ଘର ଆଡ଼ୁ ଟିକିଏ ବୁଲିଆସିବ । କ'ଣ ସେ ସ୍ତ୍ରୀ ଲୋକଟା କରୁଚି କେଜାଣି ? ତୁମ ଅଫିସ୍‌ରୁ ଘରଟା ପାଖ ବୋଲି କହୁଚି ।" ସୁରଭି ପ୍ରାୟ କୈଫିୟତ୍ ଦେଲା ।

—"ସିଓର୍ !" ବିଭୁ ଯେଉଁଳି ଆଗ୍ରହ ଦେଖାଇଲା ଏ ପ୍ରସ୍ତାବରେ, ତାହା ସୁରଭିକୁ ବେଶ୍ ବିସ୍ମିତ କଲା । ପୁଣି ଶୁଭିଲା—"ଏଇ ଯାଉଚି ।"

ରାତି ସାରା ଝିଅ କାନ୍ଦିଲା । ଅନେକ ଦିନୁ ସେ ଶୋଉଥିଲା ଖୁଡ଼ୀ ପାଖରେ । ବିଭୁ ଏବଂ ସୁରଭିକୁ ସେ ଡରୁଥିଲା । ସେମାନଙ୍କ ପାଖରେ ଶୋଇବା ପାଇଁ ଚାହୁଁ ନଥିଲା ସେ । ରାତିସାରା ଅନିଦ୍ରା ରହିବାକୁ ପଡ଼ିଲା ସେମାନଙ୍କୁ ।

ତା'ପରଦିନ ସୁରଭି ନେଇ ଆସିଥିଲା ବେଶ୍ କିଛି ସଂଖ୍ୟକ ଟ୍ରାଙ୍କୁଲାଇଜର୍ । ରାତି ଖିଆପିଆ ପରେ ସେ ବିଭୁକୁ କହିଲା—"ଦିନସାରା ମୋତେ ଫୁରୁସତ ମିଳୁ ନାଇଁ । ସକାଳେ ରୋଷେଇ । ଦିନବେଳେ ଅଫିସ୍ । ସେଠାରୁ ଫେରି ପୁଣି ରୋଷେଇ । ମୋର ବିଶ୍ରାମ ଦରକାର ।

Digitized by srujanika@gmail.com

ମୁଁ ନିଦ ବଟିକା ଖାଇ ଶୋଉଚି । ସବୁ ଦିନ ଶୋଇବି । ମୋତେ ଡିଷ୍ଟର୍ବ କରିବ ନାହିଁ ।'' ବିଭୁ ଉପସ୍ଥିତିରେ ସେ ବଟିକା ଖାଇଲା । ପାଣି ପିଇଲା ଏବଂ ବିଛଣାକୁ ଗଲା ।

ରାତିରେ ଛୁଆର କାନ୍ଦଣା । କେତେବେଳେ କେମିତି ବିଛଣା ଖରାପ ହୁଏ । ବିଭୁର ଲୁଗାପଟା ମଧ୍ୟ ଓଦା ହୁଏ । ନିଦ ଭାଙ୍ଗେ । ଆଲୁଅ ଜାଳେ । ସମ୍ପୂର୍ଣ୍ଣ ଉପାୟହୀନ ହୋଇ ଠିଆ ହୁଏ । ଦେଖେ, ନିଷ୍ଚିନ୍ତ ହୋଇ ଶୋଇ ଯାଇଥିବା ସୁରଭିକୁ । ଚରମ କ୍ରୋଧରେ ଦାନ୍ତ କଡ଼ମଡ଼ କରେ । ଦ୍ୱିତୀୟ ଦିନ ରାତିରେ ସେ କହିଲା—''ମରି ଯାଆନ୍ତା ଯଦି କେତେ ଭଲ ହୁଅନ୍ତା ! ଇଏ କାହିଁକି ଜନ୍ମ ନେଲା ? କାହିଁକି ବଞ୍ଚିରହିଚି ? କାହିଁକି ଦହଗଞ୍ଜ କରୁଚି ଏତେ ?''

ପାଞ୍ଚ-ଛ' ଦିନ ପରେ ଦୁହେଁ ସମ୍ପୂର୍ଣ୍ଣ ହାଲିଆ ହୋଇ ଯାଇଥିଲେ । ତେବେ, ଆଶ୍ୱାସନାର କଥା ହେଉଚି, ଦୁହେଁ ଆଉ କଜିଆ କରୁ ନଥିଲେ ଜମା । ବରଂ ବିଭୁ ସାହାଯ୍ୟ କରୁଥିଲା ସୁରଭିକୁ କାମ କରିବାରେ, ବାସନ ମାଜିବାରେ । ଦୁହେଁ ପରସ୍ପରର ଆବଶ୍ୟକତା ଅନୁଭବ କରୁଥିଲେ ଏବଂ ଏଇ ଦୃଷ୍ଟିରୁ ମିଳିତ ଜୀବନ ଯାପନ କରିବା ଆରମ୍ଭ କରିଥିଲେ ।

ତେବେ ସହଜ ନଥିଲା ଘର କାମ କରିବା ଦିନ ପରେ ଦିନ । ସେଥିପାଇଁ ଅଭ୍ୟାସ ନଥିଲା କାହାରି । ତା'ଛଡ଼ା ଯେଉଁ ଷ୍ଟାଇଲ୍‌ରେ ସେମାନେ ବଞ୍ଚି ଆସିଥିଲେ, ଯେଉଁଭଳି ଦୃଷ୍ଟିଭଙ୍ଗୀ ସେମାନଙ୍କର ଥିଲା, ତାହା ମଧ୍ୟ ଅନ୍ତରାୟ ହୋଇଥିଲା ଏ ସଂକ୍ରାନ୍ତରେ । ୱାସ୍ ମେସିନ୍ ମଇଳା ରହୁଚି । କଡ଼େଇରେ ତଥାପି ରହିଚି ତେଲ ଚିକିଟା । ସସ୍‌ପେନ୍‌ରେ ଚା'ସର ଲାଗି ରହିଚି । ରୋଷେଇ ଘର ଟ୍ୟାପ୍ ତଳେ ତଥାପି ରହିଚି ଅଇଁଠା ଭାତ ଆଉ ମାଂସ କଣ୍ଟା । ଦୁହେଁ ଅବସନ୍ନ ହୋଇ ପଡୁଥିଲେ । ହକର ଦେଇ ଯାଇଥିବା ଦୁଇଟି ଖବରକାଗଜ ପଡ଼ିରହୁଥିଲା ଦିନେ ଦିନେ । ଟି.ଭି.ର ଆଖି ବନ୍ଦ । ତା' ଉପରେ, ଟିପୟ ଉପରେ ଧୂଳି । ରୁମ୍ କୋଣମାନଙ୍କରେ ବୁଢ଼ୀଆଣୀ-ଜାଲର ସମ୍ପ୍ରସାରଣ । ସେମାନେ ନିଜେ ଅପରିଷ୍କାର ହୋଇ ପଡୁଥିଲେ । ସୁରଭିର ପାପୁଲି କଠିନ, କର୍କଶ ହୋଇ ପଡୁଥିଲା । ମସଲା ଗନ୍ଧ ଓ ହଳଦି ରଙ୍ଗର ଅବଶିଷ୍ଟାଂଶ ରହି ଯାଉଥିଲା ସମସ୍ତ ଚେଷ୍ଟା ସତ୍ତ୍ୱେ । ଶାଢ଼ୀରେ ତରକାରୀ ଝୋଳର ଛିଟିକା । ଅଫିସ୍

Digitized by srujanika@gmail.com

ଯିବାବେଳେ ମୁହଁରେ ଟିକିଏ ପାଉଡ଼ରର ପ୍ରଲେପ ଦେବା ପାଇଁ ମାନସିକହୀନତା । ବାଛି ବାଛି ଶାଢ଼ୀ ପିନ୍ଧିବାରେ ଅନାଗ୍ରହ । ବିଭୁ ଆଦୌ ଦୃଷ୍ଟି ଦେଉ ନଥିଲା ସେ କ'ଣ ପିନ୍ଧିଚି, କେତେ ଦିନ ହେଲା ତାହା ପିନ୍ଧୁଚି । ଦାଢ଼ି କଟା, ମୁଣ୍ଡ କୁଣ୍ଡା ସ୍ଥଗିତ ରହି ଯାଉଚି ଅନେକ ସମୟରେ ।

ଅଥଚ ଏତେ ବ୍ୟସ୍ତତା ଓ କ୍ଲାନ୍ତି ଭିତରେ ସେମାନେ ଆବିଷ୍କାର କରୁଥିଲେ ଯେ, ଖାଦ୍ୟ ତିଆରି ଭଲ ହୋଇ ପାରୁନାହିଁ ଜମା । ଡାଲି ସିଝି ନାଇଁ, କିମ୍ୱା ଲୁଣ ବେଶି ହୋଇ ଯାଇଚି ସେଥିରେ । ତରକାରି ଜମା ନ ହୋଇଥିଲେ ଆହୁରି ଭଲ ହୋଇଥାଆନ୍ତା । ଭଜା ପୋଡ଼ି ଯାଇଚି ଅଧା ଅଧି । ରୋଷେଇ ଜଣା ନାଇଁ ସୁରଭିକୁ । ଏହା ସତ୍ତ୍ୱେ, ଡାଇନିଙ୍ଗ୍ ଟେବୁଲ୍ ପାଖରେ ଦୁହେଁ ବସନ୍ତି ଏବଂ ବାରମ୍ୱାର ଘଣ୍ଟା ଦେଖନ୍ତି । ସମୟ ହୋଇଗଲାଣି । ସେମାନେ ଏମିତି ଭଙ୍ଗୀରେ ଖାଆନ୍ତି; ସତେ ଯେପରି ଗୋଟିଏ ଯୁଗ ଧରି ସେମାନେ ଭୋକିଲା ଥିଲେ ।

ଆଉ ହେବନି । ଜମା ପାରିବି ନାଇଁ । ଏକଥା ଘୋଷଣା କରିଥିଲା ସୁରଭି ଅନେକ ଦିନ ତଳେ । ସେଇଦିନ ସେ ଖୁଡ଼ୀ ପାଖକୁ ଚିଠିଟେ ଲେଖିଥିଲା, ସବୁ କଥା ବର୍ଣ୍ଣନା କରି । ଅନୁନୟ ନୁହେଁ; ପ୍ରାର୍ଥନା କରିଥିଲା, ତା'ର ପ୍ରତ୍ୟାବର୍ତ୍ତନ ପାଇଁ । ସେ ପୁଣି ଥରେ ଆସି ପାରିବ କି ନାଇଁ ବୋଲି ଠିକଣା ଲେଖାଥିବା ଇନ୍‌ଲାଣ୍ଡରେ ଜଣାଇବାକୁ ସେ ଅନୁରୋଧ କରିଥିଲା । ବିତିଯାଉଚି ଦିନ ପରେ ଦିନ । କୌଣସି ଜବାବ ନାଇଁ ସେ ଦିଗରୁ । କିଛି ବ୍ୟବସ୍ଥା ହୋଇ ପାରୁ ନାହିଁ ଯେତେ ଚେଷ୍ଟାକଲେ ମଧ ।

ଏଇଭଳି ଦୁହେଁ ହୀନିମାନ ହେଉଥିବା ବେଳେ ଅନ୍ୟ ଏକ ଆବିଷ୍କାର ଧରା ପଡ଼ି ଯାଇଥିଲା ତାଙ୍କ ଦୃଷ୍ଟିରେ । ଘରେ ରହିଥିବା ସ୍ତ୍ରୀ ଲୋକଟି ଆଉ ନାହିଁ ।

ବିଭୁ ଉତ୍ତେଜିତ ହୋଇ ପଡ଼ିଥିଲା । କହିଲା—''ମୁଁ କୌଣସି ଚାକର ଫାକରଙ୍କୁ ଖାତିରି କରିବା ଲୋକ ନୁହେଁ । ଏ ବଦମାସଗୁଡ଼ାଙ୍କୁ ଖୋସାମଦ କରି ମଣିଷ ଏଣେ ହାଲିଆ ହୋଇଗଲାଣି । ପରିସ୍ଥିତି ଯଦି ଅନ୍ୟ ପ୍ରକାରର ହୋଇ ଥାଆନ୍ତା, ତେବେ ଆମେ କ୍ୱାର୍ଟର୍ସରେ ତାଲା

Digitized by srujanika@gmail.com

ପକେଇ ଯାଆନ୍ତେ ଅଫିସ୍‌କୁ । କୌଣସି ହୋଟେଲ୍‌ରୁ ଖାଇବା ଜିନିଷ ଆସି ପହଞ୍ଚି ଯାଆନ୍ତା ଆମ ପାଖରେ ।'' ସମ୍ପୂର୍ଣ୍ଣ ବିମର୍ଷ ଦେଖାଗଲା ଏବଂ କହିଲା—''ଏ ଛୁଆ ସକାଶେ ମଣିଷ ନାକେଦମ୍ ହୋଇ ସାରିଲାଣି ।''

ଗୋଟେ ଚେୟାର୍‌ରେ ବସିଥାଏ ସୁରଭି, ପାପୁଲି ଉପରେ ମୁହଁ ଥୋଇ । ଅନ୍ୟ ଆଡୁ ଦୃଷ୍ଟି ଫେରାଇ କହିଲା—''ତୁମେ ମୋତେ ଯାହା ଭାବ ପଛେ ଆଜି ଗୋଟେ କାମ କରିବି ।''

—''କ'ଣ ?'' ଆଗ୍ରହୀ ହୋଇ ବିଭୁ ପଚାରିଲା ।

—''ତାକୁ ନିଦ ବଟିକା ଖୁଆଇ ଦେବି ।'' ସମସ୍ୟାର ତାହାହିଁ ଥିଲା ଗୋଟେ ସମ୍ଭାବ୍ୟ ସମାଧାନ । ବାସ୍ତବିକ ସେ ପହଞ୍ଚି ସାରିଥିଲା ଗୋଟେ ନିଷ୍ପତ୍ତିରେ ।

ସମସ୍ତ ଚେଷ୍ଟା ସତ୍ତ୍ୱେ ବିଭୁ ପଚାରି ଦେଲା—''ଆମେ ଯଦି ଚାରି-ପାଞ୍ଚଟା ସେଭଳି ବଟିକା ଏକାଥରେ ତାକୁ ଖୁଆଇ ଦିଅନ୍ତେ ?''

ସେ ଭାବିଥିଲା, ସୁରଭି ଏଭଳି ଜଘନ୍ୟ ପ୍ରସ୍ତାବ ଶୁଣି ପ୍ରତିବାଦରେ ଚିତ୍କାର କରି ପକାଇବ । ଏମିତି କଥା ସେ କିପରି କହି ପାରିଲା ବୋଲି କୈଫିୟତ ଦାବି କରିବ । ବିଭୁକୁ ସେ ଜଣେ ଘାତକ ବୋଲି ଭାବିବ ଏବଂ ଭୟଭୀତ ହୋଇଯିବ । କିନ୍ତୁ ନା । ସେଭଳି ପ୍ରତିକ୍ରିୟା ନଥିଲା ତା' ପାଖରେ; ବରଂ ସ୍ୱାଭାବିକ ମୁହଁ ନେଇ ସେ ବିଭୁକୁ ଚାହିଁଲା ଏବଂ ଚାରିଆଡ଼କୁ ଚାହିଁ କହିଲା—''ମୁଁ ସେ କଥା ଅନେକ ଦିନୁ ଭାବିଚି । ସେ ଉପାୟଟା ନିରାପଦ ନୁହେଁ ।''

ଉପାୟ ! ବିଭୁ ବିସ୍ମିତ ହେଲା; କାରଣ ସେ ମଧ୍ୟ ଗତ କିଛି ଦିନ ହେଲା ଖୋଜୁଚି ଉପାୟଟେ । ସବୁଥିରୁ ମୁକ୍ତ ହୋଇଯିବାର ବାଟ । କହିଲା—''ମରିଯାଆନ୍ତା ଯଦି କେଡ଼େ ଭଲ ହୁଅନ୍ତା । ଆମେ କେହି କିଛି କରନ୍ତେ ନାହିଁ । ସ୍ୱାଭାବିକ ଭାବରେ ମରିଯାଆନ୍ତା ।''

ସୁରଭି ଆଉ ମନ୍ତବ୍ୟ ପ୍ରକାଶ କଲା ନାହିଁ । ଅଫିସ୍ ଯିବା ସମୟ ହୋଇ ଯାଉଥିଲା । କହିଲା—''ଆସ, ଆଉ ଘରକୁ ।'' ବିଭୁ ସାମିଲ ହୋଇଗଲା ଗୋଟେ ଷଡ଼ଯନ୍ତ୍ର ସହିତ । ପୁଣି ସୁରଭିର ସ୍ୱର—''ସେଇ ସେଲ୍‌ଫ୍‌ରେ ବଟିକା ଅଛି । ନେଇ ଆସ ।'' ବିଭୁ ବଢ଼େଇ ଦେଲା

Digitized by srujanika@gmail.com

ନିଦ ବଟିକାରୁ ଗୋଟେ ସୁରଭି ହାତକୁ । ସେ ପୁଣି କିଛି ନିର୍ଦ୍ଦେଶ ଦେବା ପୂର୍ବରୁ ପ୍ରାଣି ଗ୍ଲାସ୍ ବି ବଢ଼େଇ ଦେଲା ।

କିଛି ଗୋଟେ ଘଟିଲା କି ତାଲା ପଡ଼ିଥିବା ବନ୍ଦ କୋଠରୀ ଭିତରେ ? ମୁକ୍ତି ଆସିଗଲା କି, ଗୋଟିଏ ମାତ୍ର ନିଦ ବଟିକା ଜରିଆରେ ? ଆହା, ଏତେ ସହଜରେ ଆସିଯିବ ? ସେମାନେ ଦୁହେଁ ସେଠାକୁ ଫେରିବା ବେଳେ କ'ଣ ଦେଖିବେ, କମ୍ପନହୀନ, ନୀରବ, ନିଦ୍ରିତ ପିଲାଟେ ? ସବୁଦିନ ପାଇଁ ଶୋଇଥିବା ପିଲାଟେ ? ଏତେ ବଡ଼ ଭାଗ୍ୟଟେ ଏତେ ସହଜରେ ତାଙ୍କ ପାଖକୁ ଆସିଯିବ ?

ଗୋଟେ ଉତ୍କଣ୍ଠା, ଆଶା ଓ ଅସ୍ଥିରତାକୁ ଚାପି ଧରିଥିଲା ବିଭୁ ଅଫିସ୍ ରୁମ୍‌ରେ । ସୁରଭି ଅଫିସ୍ ରୁମ୍‌ରେ । ଅନ୍ୟମନସ୍କ ହୋଇ ଯାଇଥିଲା ବିଭୁ । ଅନ୍ୟମନସ୍କ ହେଉଥିଲା ସୁରଭି । ସେମାନେ ବାରମ୍ବାର ଘଡ଼ି ଦେଖୁଥିଲେ । ବିଭୁ ଆଉ କିଛି ସମୟ ପରେ ପରିସ୍ଥିତିଟା ଦେଖିବା ପାଇଁ କ୍ୱାର୍ଟର୍ସକୁ ଯିବ । ତା' ପରେ ପରେ ସୁରଭି ହୁଏ ଫୋନ୍ ପାଇବ । ସେ ପାଖରୁ ବିଭୁ କହୁଚି—ଚଞ୍ଚଳ ଆସ । ଏଠାରେ ଚୁପ୍‌ଚାପ୍ ଶୋଇଛି ଛୁଆଟେ । କମ୍ପନହୀନ । ନିଃଶ୍ୱାସ-ପ୍ରଶ୍ୱାସ ସ୍ଥଗିତ ।

ଅବସ୍ଥା ଏଭଳି ହେଲା ଯେ, ସୁରଭି ନିରବ ଟେଲିଫୋନ୍ ଉଠାଇଲା ଏଇ ଆକାଙ୍କ୍ଷିତ ବାର୍ତ୍ତା ଶୁଣିବା ପାଇଁ । ତା'ପରେ ସଚେତନ ହେବାକୁ ଚେଷ୍ଟା କଲା । ପୋଛିଲା କପାଳର ଝାଳ । ଚାହିଁଲା ଚାରିଆଡ଼କୁ, କାଳେ କିଏ ତା' ମନର ଗୋପନ ଯୋଜନା ଶୁଣିପାରିଲା ବୋଲି ।

ହତାଶ, ବିମର୍ଷ ହେବାର ଯଥେଷ୍ଟ କାରଣ ଥିଲା । ଖୁବ୍ ଆଶାୟୀ ହୋଇ ବିଭୁ ଦେଖିଲା । ନିଶ୍ଚିତ ହେବା ପାଇଁ ବିଭିନ୍ନ ଦିଗରୁ ଦେଖିଲା । ଗୋଟେ ଜୀବନର ସ୍ପନ୍ଦନ ରହିଚି ବିଛଣା ଉପରେ । ଉଠ୍‌ପଡ଼୍ ହେଉଚି ଛାତି । ସଙ୍କଟ କେବଳ ନିଦ୍ରିତ ରହିଚି । ଅଚେତନ ଅବସ୍ଥାରେ ଅଛି । ସମାଧାନ ପହଞ୍ଚି ପାରିନାଇଁ ଗୋଟିଏ ଟାବ୍‌ଲେଟ୍ ଜରିଆରେ । ଅଚେତନ ଘର ଭିତରେ ସେ ଠିଆ ହୋଇ ଝାଳ ପୋଛିଲା । ଚାହିଁଲା ଚାରିଆଡ଼କୁ । ଏଇ ଗୋଟିଏ ହାତର ପାପୁଲି ଯଥେଷ୍ଟ ହୁଅନ୍ତା । ଅଟକି ଯାଆନ୍ତା ଜୀବନର ଗତି । ସରିଯାଆନ୍ତା ପୃଥିବୀର ସମସ୍ତ ପଙ୍ଗୁତା । ପର ମୁହୂର୍ତ୍ତରେ ମୁକ୍ତି ଆସି ଯାଆନ୍ତା । ଖୋଲି ଯଆନ୍ତା ବନ୍ଦ ଘରର

Digitized by srujanika@gmail.com

ସମସ୍ତ ଦରଜା-ଝରକା । ସେ ଆଉ ବନ୍ଦୀ ହୋଇ ରହନ୍ତା ନାହିଁ ଏ ଅନ୍ଧାର ଘରେ । ସେ ବ୍ୟାପି ଯାଆନ୍ତା ସବୁଆଡ଼େ । କେତେଟା ବର୍ଷର ତିକ୍ତତା ହଜି ଯାଆନ୍ତା ସ୍ମୃତିରୁ, ଆୟୁଷରୁ । ସେ ପୁଣି ଫେରିଯାଆନ୍ତା ପ୍ରାଚୁର୍ଯ୍ୟ ଭିତରକୁ । ହଁ, ଦରକାର କେବଳ ଗୋଟିଏ ମୁହୂର୍ତ୍ତର ଦୃଢ଼ତା ଆଉ ସଂକଳ୍ପ । ତାହା ଭିତରେ ଅଛି ମୁକ୍ତି; ଫାଲ୍‌ତୁ ବଟିକା ଭିତରେ ନାହିଁ ।

ନା, ହେଲା ନାହିଁ । ତା' ହାତ ଫେରି ଆସିଲା ତା' ପାଖକୁ । ସେ ଯଦି ଜାଣି ଥାଆନ୍ତା ଯେ, ସୁରଭିର ହାତ ମଧ୍ୟ ଏଇ ଭଳି ପ୍ରତ୍ୟାହୃତ ହୋଇଚି, ତେବେ ସେ ହୁଏତ ଆହୁରି ଅକ୍ଷମ ଅନୁଭବ କରିଥାଆନ୍ତା । ସମସ୍ୟାର କେବେ ସମାଧାନ ହୁଏ ନାହିଁ ବୋଲି ଭାବିଥାଆନ୍ତା । ସମସ୍ୟା ରହିଚି । କେବଳ ହାତ ପ୍ରସାରିତ ହୁଏ; ପୁଣି ଫେରିଆସେ ନିଜ ପାଖକୁ । ଉନ୍ମୁକ୍ତ ପାପୁଲି ଦେଖାଯାଏ ମଲାସାପର ପେଟ ଭଳି ।

ଅଫିସ୍‌କୁ ଫେରିବା ବେଳେ ବିଭୁ ଅନୁଭବ କରୁଥିଲା, ସେ ପଡ଼ିଯିବ ବାଟରେ । ତା' ଦେହରେ ଆଉ ଶକ୍ତି ନାହିଁ ! ଯା ସତ୍ତ୍ୱେ ଦୁଇଟି କଥା ତା' ମନକୁ ଆନ୍ଦୋଳିତ କରୁଥିଲା । ପ୍ରଥମତଃ ଟ୍ରାଙ୍କୁଲାଇଜର୍‌ର ଓଭର୍ ଡୋଜ୍ ଯଦି ଖୁଆଇ ଦିଆଯାଆନ୍ତା, ତେବେ ଅସୁବିଧା ରହନ୍ତା କେଉଁଠି ? ଚାରି-ପାଞ୍ଚଟା ବଟିକା ଯଥେଷ୍ଟ ହୁଅନ୍ତା । ଦ୍ୱିତୀୟତଃ ଆଜି ଗୋଟିଏ ନିଦ ବଟିକା ଖୁଆଇବା ବେଳେ ସୁରଭି ତା' ସାହାଯ୍ୟ ନେଲା କାହିଁକି ? ଏଭଳି କାମ କରିବା ପାଇଁ ଗୋଟେ ମିଳିତ ଉଦ୍ୟମ ଦରକାର । ସେ ଏକୁଟିଆ ଏମିତି କାମ କରିବାକୁ ହୁଏତ ପ୍ରସ୍ତୁତ ନଥିଲା । ଏହା କାରଣ ହୋଇପାରେ ।

ସେଦିନ ରାତିରେ ସେମାନେ ଆଲୋଚନା କଲେ ସମୁଦାୟ ଯୋଜନାକୁ ଏବଂ ତା'ର ସମ୍ଭାବ୍ୟ ପରିଣାମକୁ । ଏହି ହତ୍ୟାକାଣ୍ଡ ପାଇଁ ଷଡ଼ଯନ୍ତ୍ର କଲା ବେଳେ ସେମାନେ ସମ୍ପୂର୍ଣ୍ଣଭାବେ ଫ୍ରାଙ୍କ୍ ହୋଇ ପାରୁଥିଲେ । ବହୁ ଦିନ ଧରି ଦୁହିଁଙ୍କ ମନରେ ଯେଉଁ ଅପ୍ରକାଶିତ ଷଡ଼ଯନ୍ତ୍ର ରହିଥିଲା, ତାହା କେବଳ ପ୍ରକାଶିତ ହେଉଥିଲା ।

—"ମୁଁ ଜାଣି ପାରୁ ନାହିଁ, ଏଇଟା ନିରାପଦ ହେବ ନାହିଁ

Digitized by srujanika@gmail.com

କାହିଁକି ? ଅନେକ ଲୋକ ଏଇଭଳି ଉପାୟରେ ଆତ୍ମହତ୍ୟା କରୁଚନ୍ତି ।'' ବିଭୁ କହିଲା ।

—''ମୋର ଜଣେ ସହପାଠିନୀ ଏଇ ଉପାୟ ଅବଲମ୍ବନ କରିଥିଲା ।'' ସୁରଭି କହିଲା । ''ସେଇଟା ଥିଲା ବିଫଳ ପ୍ରେମ ଜନିତ ଆତ୍ମହତ୍ୟା ଉଦ୍ୟମ । ମଲା ନାହିଁ । ଛଟପଟ ହେଲା । ଡାକ୍ତରଖାନା ନିଆଗଲା । ବଞ୍ଚିଗଲା । ତା'ପରେ ସେ ମୁହଁ ଦେଖାଇ ପାରିଲା ନାହିଁ କାହା ପାଖରେ । ସେମିତି ଯଦି ହୁଏ ? ଯଦି ଆମେ ସଫଳ ନ ହେବା, ତେବେ ଆମ ଅବସ୍ଥା କ'ଣ ହେବ ? ମୁକ୍ତି ଖୋଜୁ ଖୋଜୁ ଜେଲ୍‌ଖାନା ଭିତରେ ।''

ବିଭୁ ଅନେକ ସମୟ ପରେ ଘୋଷଣା କଲା—''ମୁଁ କାଲି ଯାଉଚି, ଟ୍ରେନ୍ ଟିକଟ କାଟିବା ପାଇଁ ।''

—''ଯିବ କୁଆଡ଼େ ? ମୁଁ ଏକୁଟିଆ ଏ ଘର ସମ୍ଭାଳିବି କେମିତି ?'' ସୁରଭି ଆତଙ୍କିତ ହୋଇ ପଡ଼ିଲା ।

—''ଟ୍ରେନ୍ ଟିକଟ କରାଯିବ ଆମ ଦୁହିଁଙ୍କ ପାଇଁ ।'' ବୁଝେଇଲା ବିଭୁ । ''ବିକଳାଙ୍ଗମାନଙ୍କ ପାଇଁ ଯେଉଁ ସ୍କୁଲ ଅଛି, ସେଇଠି ଯାର ନାମଲେଖା ସକାଶେ ଆମେ ଯାଉଚେ ବୋଲି ଏଠାରେ ପ୍ରଚାର କରାଯିବ । ଚଳନ୍ତା ଟ୍ରେନ୍‌ରେ ହିଁ ବ୍ୟବସ୍ଥା କରାଯିବ ଯା ପାଇଁ ।''

ସୁରଭି କଥାଟା ବିଶ୍ଳେଷଣ କଲା ନିଜ ଭିତରେ । କହିଲା—''ଲୋକମାନେ ତେବେ ଜାଣିବେ ଯେ ଇଏ ବଞ୍ଚିଚି ?''

—''ନା ।'' ବିଭୁ କହିଲା । ''କିଛି ଦିନ ପରେ ଆମ ପାଖକୁ ଟେଲିଗ୍ରାମ୍ ଆସିବ ଯେ, ଯା ଦେହ ଖୁବ୍ ଖରାପ । ଆମେ ପୁଣି ଯିବା । କିଛି ଦିନ ପରେ ଫେରିଆସି କହିବା ଯେ, ସମସ୍ତ ଚିକିତ୍ସା ସତ୍ତ୍ୱେ ଯାକୁ ବଞ୍ଚେଇ ରଖିବା ସମ୍ଭବ ହେଲା ନାହିଁ ।''

ସୁରଭି ଚାରି ଆଡ଼କୁ ଚାହିଁଲା । ବିଭୁ ମୁହଁକୁ ନିରୀକ୍ଷଣ କଲା । ପଚାରିଲା—''ଟ୍ରେନ୍‌ରେ କେଉଁ ବ୍ୟବସ୍ଥା କରାଯିବ ?''

—''ଟ୍ରେନ୍ ଚାଲିଚି ।'' ପ୍ରକାଶ କଲା ବିଭୁ । ''ଯାକୁ ଖୁଆଇ ଦିଆଯାଇଚି ତିନିଚାରିଟା ଟ୍ରାଙ୍କୁଲାଇଜର । ଆମେ ସେତେବେଳେ ଏଠାରୁ

Digitized by srujanika@gmail.com

ପ୍ରାୟ ହଜାରେ, କିମ୍ୱା ଦେଢ଼ ହଜାର କିଲୋମିଟର ଦୂରରେ । ଗୋଟେ ବସ୍ତା ଭିତରେ ଯାକୁ ଭର୍ତ୍ତି କରି ଦିଆଯିବ । ଗୋଟେ ନଇ ଗ୍ରହଣ କରିନେବ ସେଇ ବସ୍ତାକୁ । ଆମେ ଆହୁରି ଦୂର ସହରକୁ ପଳେଇବା । ରହିବା ଦୁଇ-ତିନି ଦିନ । ଫେରି ଆସିବା ।”

ବିଭୁ ନିରବ ହୋଇଗଲା କିଛି ସମୟ ପାଇଁ । ସୁରଭି ପ୍ରାୟ ଗ୍ରହଣ କରି ନେଇଥିଲା ଏ ପ୍ରସ୍ତାବକୁ ; ଗୋଟେ ନଇ ଯେକୌଣସି ଜିନିଷ ଗ୍ରହଣ କରି ନେଇ ପାରେ ବିନା କୌଣସି ପ୍ରତିବାଦରେ । କେବଳ ଓଜନିଆ ବସ୍ତାଟା ତା' ଭିତରେ ପଡ଼ିବା ବେଳେ ଶବ୍ଦ ସୃଷ୍ଟି କରି ପାରେ । ମାତ୍ର ସେତେବେଳେ ରାତି ନିଶ୍ଚୟ । ଟ୍ରେନ୍‌ର ଗର୍ଜନ ଅକ୍ଳେଶରେ ହଜମ କରି ନେବ ସେ ଶବ୍ଦକୁ ।

—“ତୁମେ କ'ଣ କାଲି ଟିକଟ ପାଇଁ ଯିବ ?” ସୁରଭି ପଚାରିଲା ।

—“କାଲି । ଏଇଟା ଟୁମରୋ ଆଣ୍ଡ୍ ଟୁମରୋ ଆଣ୍ଡ୍ ଟୁମରୋ ନୁହେଁ । ଆସନ୍ତା କାଲି । ନା, ଆଉ ଦହଗଞ୍ଜ ହେବା ସମ୍ଭବ ନୁହେଁ । ଆମେ ଗୋଟେ ଭଲ କାମ ହିଁ କରିବାକୁ ଯାଉଚେ । ଆମ ପାଇଁ ମଙ୍ଗଳ । ତା' ପାଇଁ ବି ମଙ୍ଗଳ ।”

ସେଦିନ ଅଫିସ୍ ଯିବା ଆଗରୁ ସୁରଭି ପୁଣି ପ୍ରସ୍ତୁତ ହେଲା ନିଦ ବଟିକା ଖୁଆଇବା ପାଇଁ । ବିଭୁ ଠିକ୍ ପ୍ରତିବାଦ ନୁହେଁ; ନିଜର ସଂଶୟ ପ୍ରକାଶ କଲା ଏଇ ବାଟରେ—“ଆମେ ସବୁଦିନ ଏମିତି କଲେ ଅସୁବିଧା, ସୁରଭି ।”

—“କାହିଁକି ?” ସେ ପଚାରିଲା କିଛି ବୁଝି ନ ପାରି ।

—“ଆମ ଘରେ ଚାକର-ଚାକରାଣୀ କେହି ନାହାନ୍ତି; ଅଥଚ ଆମେ ନିର୍ବିଘ୍ନରେ ଅଫିସ୍ ଯାଇପାରୁଚେ କିପରି, ଏମିତି ଗୋଟେ ପିଲାକୁ ଏକୁଟିଆ ଛାଡ଼ି ଦେଇ ? ଲୋକେ ସନ୍ଦେହ କରିପାରନ୍ତି ।”

—“ମୁଁ କାହାକୁ ଖାତିର କରେନା ।” ସେ ପାଟି କରି କହିଲା ।

—“ତୁମେ ବୁଝିପାରୁନ ଯେ ଏଠାରେ ଖାତିରି, ବେଖାତିରର ପ୍ରଶ୍ନ ନାହିଁ । ଅଛି ଚାଲାକୀ ଓ ଚତୁରତାର ପ୍ରଶ୍ନ । ମୁଁ ଭାବୁଚି ତୁମେ ଆଜି ଛୁଟି ନିଅ ।” ବିଭୁ ପ୍ରସ୍ତାବ ବାଢ଼ିଲା ।

Digitized by srujanika@gmail.com

—"ଆଜି ନୁହେଁ; କାଲି ।" ସୁରଭି ନରମ ହୋଇଗଲା ବିଭୁ କଥା ଶୁଣି । "ତୁମେ କାଲି ଟ୍ରେନ୍ ଟିକଟ ପାଇଁ ଯିବ । ମୁଁ ଘରେ ରହିବି ।"

ସୁରଭି ଗଲା ନିଦ ବଟିକା ପାଖକୁ । ବିଭୁ ତାକୁ ସାହାଯ୍ୟ କଲା ପାଟି ଗ୍ଲାସଟେ ବଢ଼େଇବାରେ ।

ସେମାନେ ବାହାରି ଆସିଲେ କ୍ୱାର୍ଟର୍ସରୁ ତାଲା ପକେଇ । ବିଭୁ ଓ ସୁରଭି ଆଶ୍ଚର୍ଯ୍ୟ ହେଉଥିଲେ ଯେ ସେମାନେ ବେଶ୍ ହାଲୁକା ଅନୁଭବ କରୁଚନ୍ତି ପ୍ରତୀକ୍ଷିତ ମୁକ୍ତି କଥା ଚିନ୍ତା କରି । ସେମାନେ ପରସ୍ପରକୁ ଖୋଜୁଚନ୍ତି ବ୍ୟାକୁଳ ହୋଇ । ଅତୀତର ଦିନ ଫେରି ଆସିଲା ବୋଧହୁଏ । ଫେରି ଆସିବା ହିଁ ଉଚିତ । ସୁରଭି ଟେଲିଫୋନ୍ ଉଠାଇଲା ବିଭୁ ପାଇଁ ।

ପ୍ରାୟ ଦଶ ଦିନ ପରେ ସେ ଦୁହେଁ ଟ୍ରେନ୍‌ରେ । ଫାଷ୍ଟକ୍ଲାସ୍ କମ୍ପାର୍ଟମେଣ୍ଟର ଗୋଟେ କେବିନ୍‌ରେ । ରାତିର ବୟସ ବଢ଼ୁଥିଲା କ୍ରମଶଃ । ସେ ଦୁହେଁ ପ୍ରଥମେ ଠିକ୍ ଭାବରେ ବୁଝିପାରିଲେ ନାଇଁ, ସେମାନେ ଟ୍ରେନ୍‌ର ଶବ୍ଦ ଶୁଣୁଚନ୍ତି ନା ନିଜ ହୃତସ୍ପନ୍ଦନ ଶୁଣୁଚନ୍ତି । ସମଗ୍ର ବ୍ରହ୍ମାଣ୍ଡରେ ସେତେବେଳେ ଆଉ କୌଣସି ଶବ୍ଦ ନଥିଲା ସେମାନଙ୍କର ଏଇ ହୃତକମ୍ପନ ବ୍ୟତୀତ । ବାରମ୍ବାର ଦେଖିବାକୁ ପଡୁଥିଲା ବନ୍ଦଥିବା ଦରଜାର ବୋଲଟ୍ ସୁଦୃଢ଼ ଅଛି କି ନାଇଁ । ସୁପରଫାଷ୍ଟ୍ ଟ୍ରେନ୍ ଯେମିତି ଗତିରେ ଚାଲିଚି, ସେଥିରେ ଆଶଙ୍କା ହେବା ସ୍ୱାଭାବିକ ଯେ, ବନ୍ଦ ଦରଜା ଖୋଲି ଯାଇପାରେ । ସେମାନେ କରିଡରର ଆଡ଼େ ଚାହିଁବା ବେଳେ ଦେଖିବେ, କେତେ ଜଣ ପୋଲିସ୍ ଅଫିସର ଠିଆ ହୋଇ ତାଙ୍କୁ ଲକ୍ଷ୍ୟ କରୁଚନ୍ତି । ଅଥଚ ଏ ଟ୍ରେନ୍‌ର ଗତି ବନ୍ଦୀଶାଳାରୁ ମୁକ୍ତି ଆଡ଼କୁ । କ୍ୱାର୍ଟର୍ସର ସୀମିତ ଅଞ୍ଚଳରୁ ସ୍ୱାଧୀନତାର ସୀମାହୀନତା ଆଡ଼କୁ । କେବଳ ଗୋଟିଏ ମୁହୂର୍ତ୍ତର ସଂକଳ୍ପ ହିଁ ଯଥେଷ୍ଟ ଟ୍ରେନ୍‌ର ଗତି ସହିତ ସେମାନଙ୍କର ମୁକ୍ତିର ଗତି ସାମିଲ କରି ହେବା ପାଇଁ । ଏହା ତାଙ୍କର ଏକମାତ୍ର ସୁଯୋଗ । ସାମାନ୍ୟ ପଛଘୁଞ୍ଚାର ଅର୍ଥ ପୁଣି ଦହଗଞ୍ଜ ଓ ଯନ୍ତ୍ରଣା ।

ସେମାନେ ରାତ୍ରି ଭୋଜନ କରିପାରିଲେ ନାଇଁ ଜମା । ଗୋଟେ ବର୍ଥରେ ଝିଅ ଶୋଇଚି ଖାଇବା ପରେ ଏବଂ ପରେ ନିଦ ବଟିକା

Digitized by srujanika@gmail.com

ଗିଳିବା ପରେ । ଟ୍ରେନ୍ ଗତି ସହିତ ତାଳ ଦେଇ ତା'ର ଦେହ ହଲୁଚି ଓ ମୁହଁରେ ଅଟକି ରହିଚି ସ୍ମିତ ହସ । ବିଭୁ ଓ ସୁରଭି ପରସ୍ପରକୁ ଚାହୁଁଥିଲେ । ଘଡ଼ି ଦେଖୁଥିଲେ । ରାତି ପ୍ରାୟ ଗୋଟାଏ ବେଳେ ବିଭୁ କେବଳ ମୁଣ୍ଡ ହଲେଇଲା ଏବଂ ଇଙ୍ଗିତ ଦେଲା ଯେ, ଚରମ ମୁହୂର୍ତ୍ତ ପହଞ୍ଚି ଯାଇଚି । ଗୋଟେ ଗରମ ଢେଉ ବହିଗଲା ଦେହ ଉପରେ । ଗୋଟିଏ ମିନିଟ୍ ପରେ ବର୍ଥ ଉପରେ କେହି ଶୋଇ ନଥିଲେ । ଆଗରୁ ପ୍ରସ୍ତୁତ ଗୋଟେ ବସ୍ତାର ମୁହଁ ବନ୍ଦ ହୋଇଗଲା ଏବଂ ଥୁଆ ହେଲା ବର୍ଥ ତଳେ । ହାତ ପାପୁଲିରେ ଝାଳ ପୋଛି ବିଭୁ ସତର୍କତାର ସହିତ ଚାହିଁଲା ଶୂନ୍ୟ କରିଡ଼ର ଆଡ଼େ । ହାଲ୍‌କା ନୀଳ ଆଲୋକ ମଖେଇ ହୋଇ ତାହା ମୂର୍ଚ୍ଛିତ ହୋଇ ପଡ଼ି ରହିଥିଲା । ଅନ୍ୟ ସମସ୍ତ କେବିନ୍‌ର ଦରଜା ବନ୍ଦ ଥିଲା ।

ସେମାନଙ୍କୁ ଅପେକ୍ଷା କରିବା ପାଇଁ ପଡ଼ିଲା କିଛି ସମୟ । ରାତି ଦୁଇଟା ପୂର୍ବରୁ ଟ୍ରେନ୍‌ର ଗତି ଯେ ଟିକିଏ ମନ୍ଥର ହୋଇଗଲା, ତା' ନୁହେଁ; ଏହାର ଆବାଜ ମଧ୍ୟ ବଦଳିଗଲା । ଗୋଟେ ପୋଲ ଉପର ଦେଇ ଏହା ଗତି କରୁଚି ନିଶ୍ଚୟ । ତା' ପରେ ଯାହା ସବୁ ଘଟିଲା, ତାହା ବିଶ୍ଳେଷଣ କରିବା ଅବସ୍ଥାରେ ସେମାନେ ନଥିଲେ । ତାହା ପୁଣି ଘଟିଲା ମାତ୍ର କେତୋଟି ମୁହୂର୍ତ୍ତ ମଧ୍ୟରେ । କେବିନ୍‌ର ଦରଜା ଖୋଲିଲା ଏବଂ ପରେ ପରେ କମ୍ପାର୍ଟମେଣ୍ଟର ଦରଜା । ତା' ଭିତରୁ ବାହାରିଗଲା କିଛି ଗୋଟାଏ, ଶରବିଦ୍ଧ ଗୋଟେ ଚଢ଼େଇ ଆକାଶରୁ ଖସି ପଡ଼ିବା ଭଳି । ନଈ ଗ୍ରହଣ କରିନେଲା ସେମାନଙ୍କର ସଙ୍କଟକୁ । କୌଣସି ପ୍ରତିବାଦର ଧ୍ୱନି ନଥିଲା କେଉଁଠି । ଟ୍ରେନ୍‌ର ବା ସେମାନଙ୍କର ହୃତ୍‌ପିଣ୍ଡର ଧକ୍ ଧକ୍ ଶବ୍ଦ ହିଁ ଥିଲା ଏକମାତ୍ର ସତ୍ୟ ।

ସେମାନେ ବସିଲେ ସାମନା ସାମନି । ଏତକ କାମ ସକାଶେ ଦୁହେଁ ଚିପୁଡ଼ି ହୋଇ ଯାଇଥିଲେ । ଦେଖା ଯାଉଥିଲେ ପାଣ୍ଡୁର ଓ ରକ୍ତଶୂନ୍ୟ । ଗୋଟେ ଭୟ ଆଚ୍ଛନ୍ନ କରି ରଖିଥିଲା ସେମାନଙ୍କୁ । ସକାଳ ପର୍ଯ୍ୟନ୍ତ ସେମାନେ ବସିଥିଲେ ସେଇଭଳି; ବିନା ବାକ୍ୟ ବିନିମୟରେ ।

ପରଦିନ ଅପରାହ୍ଣ ତିନିଟା ବେଳକୁ ସେମାନେ ଓହ୍ଲେଇଲେ ଟ୍ରେନ୍‌ରୁ । ସେମାନେ ଚାଲୁ ନ ଥିଲେ; ଗତି କରୁଥିଲେ ଅଜାଣତରେ ।

Digitized by srujanika@gmail.com

ଗୋଟେ ଅଟୋ ସେମାନଙ୍କୁ ପହଞ୍ଚାଇ ଦେଲା ହୋଟେଲ୍‌ରେ । ଅଳ୍ପ କେତେଟା ମିନିଟ୍ ପରେ ସେମାନେ ପ୍ରବେଶ କଲେ ପରିଚ୍ଛନ୍ନ ଗୋଟେ ରୁମ୍‌ରେ । ସେମାନଙ୍କୁ ଆଚ୍ଛନ୍ନ କରି ରଖିଥିବା ଘଟଣାର ପ୍ରଭାବ କୋହଳ ହୋଇ ଯାଉଥିଲା ଆସ୍ତେ ଆସ୍ତେ ।

—"ଯାଅ, ଟଏଲେଟ୍‌ରେ ସବୁ କାମ ଶେଷ କରି ଆସ ।" ଗୋଟିଏ ଯୁଗ ପରେ ବିଭୁ କହିଲା ଏବଂ ଚା' ପାଇଁ ଆଦେଶ ଦେଲା ।

ସୁରଭି ଚାହିଁଲା ତା' ଆଡ଼େ କିଛି ସମୟ ପାଇଁ । ଗୋଡ଼ ଚଳୁ ନାଇଁ ଜମା; ଆଉ କେବେ ବି ଚଳିବ ନାଇଁ ବୋଧହୁଏ । ସେ ବିଛଣା ଉପରେ ଢଳି ଢଳି ପଡ଼ିଲା । କହିଲା—"ତୁମେ ଆଗ ଯାଅ । ମୋର ବିଶ୍ରାମ ଦରକାର ।" ତା' ଚା' କପ୍ ରହିଲା ଟେବୁଲ୍ ଉପରେ, ଥର୍ମୋସ୍‌ଫ୍ଲାସ୍କ ସମେତ ।

ପ୍ରାୟ ଘଣ୍ଟାକ ପରେ ସେମାନେ ପରିଷ୍କାର ହୋଇ ସାରିଥିଲେ । ଭଲ ଗାଧୁଆ ପାଧୁଆ ପରେ ଟିକିଏ ଫୁର୍ତ୍ତି ଲାଗୁଥିଲା । ସେମାନେ ଟି.ଭି. ଖୋଲିଲେ । ପୁଣି ଚା' ପିଇଲେ । ପ୍ରଥମ ଥର ପାଇଁ ସୁରଭି ଉପସ୍ଥିତିରେ ବିଭୁ ଡ୍ରିଙ୍କ୍ ପ୍ରସ୍ତୁତ କଲା ଏବଂ ରାତ୍ରି ଭୋଜନ ପାଇଁ ଅର୍ଡ଼ର ଦେଲା ।

ବିବ୍ରତ ହେବାର କୌଣସି କାରଣ ନାଇଁ । ଆମ ଦୁଇଜଣଙ୍କ ମଝିରେ ଥିବା ସଙ୍କଟ ଓ ପ୍ରତିବନ୍ଧକ ଆଉ ନାଇଁ । ଆମେ ପୁଣି ପରସ୍ପରକୁ ଫେରି ପାଇଚେ । ଏହା ହିଁ ଥିଲା ବିଭୁର ଉତ୍ସାହପ୍ରଦ କଥା ସୁରଭି ପାଇଁ । ସୁରଭି ତଥାପି କେଉଁଠି ଅଟକି ଗଲା ଭଳି ଜଣାପଡୁଥାଏ । ସେ ତଥାପି ଉଦାସ, ଅନ୍ୟମନସ୍କ ଦେଖା ଯାଉଥିଲା । ଗାଲ ଓ ଆଖି ପଶି ଯାଇଥିଲା ଭିତରକୁ । ତା' ଚାଲି ଓ କଥା କହିବାରେ ଥିଲା ଅପରିମିତ ଆଳସ୍ୟ ଓ ଅନ୍ୟମନସ୍କତା ।

ପ୍ରାୟ ସପ୍ତାହକ ପରେ ସେମାନେ ପ୍ରଚୁର ବୁଲାବୁଲି କରି ଓ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଖର୍ଚ୍ଚ କରି ଫେରିଲେ । ତାହା ବୋଧହୁଏ ଥିଲା ସେମାନଙ୍କର ପ୍ରାୟଶ୍ଚିତ । ଦୁହେଁ ଆଶ୍ୱସ୍ତ ହେଲେ ଯେ କ୍ୱାର୍ଟର୍ସ ସାମନାରେ ପୋଲିସ୍ ନ ଥିଲେ । ଘର ଥିଲା ଆଗଭଳି ନୀରବ ଓ ଶୋକାଭିଭୂତ । ସେମାନେ ପ୍ରଥମେ ଘରର ନୂଆ ପରିପାଟି ସହିତ

Digitized by srujanika@gmail.com

ପରିଚିତ ହେବାକୁ ବିଭିନ୍ନ କୋଠରୀରେ ପ୍ରବେଶ କଲେ । ଆସିଲେ ବାରନ୍ଦା ଉପରକୁ । ହତା ଭିତରେ ବୁଲିଲେ । ବେଡ୍‌ରୁମ୍ ଭିତରକୁ ଯିବା ପାଇଁ କୌଣସି ଆହ୍ୱାନ ନଥିଲା । କ୍ୱାର୍ଟର୍ସରେ ଆଉ ଶୁଭୁ ନଥିଲା କାହାର କାନ୍ଦଣା । ଦରକାର ନଥିଲା ଅଫିସ୍ ଯିବା ପୂର୍ବରୁ କାହାକୁ ଟ୍ରାଙ୍କୁଲାଇଜର୍ ଖୁଆଇବା ପାଇଁ । ଅଫିସ୍‌ରେ ବସିଥିବା ବେଳେ କାହା ପାଇଁ ଚିନ୍ତିତ ହେବା ଆବଶ୍ୟକ ନଥିଲା । ନୟାନ୍ତ ହୋଇ ଘରେ ଜଗି ରହିବା ପାଇଁ ଚାକରାଣୀ ଯୋଗାଡ଼ କରିବା ଅନିବାର୍ଯ୍ୟ ନଥିଲା ଆଉ । ନିଜ ସୃଷ୍ଟିରେ ଅସମ୍ପୂର୍ଣ୍ଣତା ଲକ୍ଷ୍ୟକରି ଦୀର୍ଘଶ୍ୱାସ ତ୍ୟାଗ କରିବାର ଅବକାଶ ନଥିଲା । ସେମାନଙ୍କର ଆକର୍ଷଣୀୟ ଶରୀର ଆଉ ଅପମାନିତ ହେବାର କାରଣ ନଥିଲା । ତା'ମାନେ ସେ ଦୁହେଁ ବାହା ହେବା ପରେ କିଛି ଘଟି ନଥିଲା । କୌଣସି ସମୟ ଅତିବାହିତ ହୋଇ ନଥିଲା । ସେମାନଙ୍କର ରୋମାନ୍‌ସ୍ ଏବଂ ଭଲପାଇବା ଏ ଦିନକ ପୂର୍ବରୁ ସରିଚି ଏବଂ ସେମାନେ ଏଇକ୍ଷଣି ମାଜିଷ୍ଟ୍ରେଟ୍ ସାମନାରେ ଦସ୍ତଖତ କରି ପରସ୍ପରକୁ ସ୍ୱାମୀ-ସ୍ତ୍ରୀ ଭାବରେ ଗ୍ରହଣ କରୁଚନ୍ତି । ଯା ବ୍ୟତୀତ ଆଉ କିଛି ଘଟି ନାହିଁ । ଯଦି ତଥାପି କିଛି ସ୍ମୃତିରେ ରହିଥାଏ, ତାହା ଗୋଟେ ଦୁଃସ୍ୱପ୍ନ ଭଳି ଧୋକାବାଜ୍ । କୁହ, ଏଠାରେ ଦୁଃସ୍ୱପ୍ନ ଦେଖି ନ ଥିବା କେହି ଜଣେ ମଣିଷ ଅଛି କି ?

ଏଇଟା ଗୋଟେ ପୁନର୍ଜନ୍ମ ନୁହେଁ ତ ଆଉ କ'ଣ ? ଏଇ ହେଉଚି ପୁନର୍ଜନ୍ମର ଚେହେରା । ଟ୍ରେନ୍ କମ୍ପାର୍ଟମେଣ୍ଟ୍ ଭିତରୁ କିଛି ଗୋଟେ ନିଷ୍କ୍ରାନ୍ତ ହୋଇଗଲା, ଛିଣ୍ଡା ଘୁଡ଼ି ଭଳି ଏବଂ ପରେ ପରେ ଫେରି ଆସିଲା ଆକାଙ୍କ୍ଷିତ ଜୀବନ । ଏଥର ଏହାକୁ ବଞ୍ଚା ଯାଇ ପାରିବ ନିଜ ଇଚ୍ଛା ମତେ । ଆଉ ସତର୍କ ହେବାକୁ ପଡ଼ିବ ନାହିଁ, କେହି ଜଣେ କ୍ୱାର୍ଟର୍ସ ଭିତରେ ଥାଇ ସେମାନଙ୍କର ସ୍ୱଚ୍ଛନ୍ଦ ଜୀବନଧାରାକୁ ବ୍ୟାହତ କରୁଚି ବୋଲି ।

କିଛି ଅସୁବିଧା ନଥିଲା କେଉଁ ଆଡ଼େ । ବରଂ ବିଭୁ ଗୋଟେ ଉତ୍ସାହରେ ରୁଟିନ୍ କାମ କରୁଥିଲା । ଜମୀ ବିବ୍ରତ ହେଉ ନଥିଲା ଯେ, ରୋଷେଇ ତଥା ଘରର ଅନ୍ୟକାମ କରିବା ପାଇଁ ସେ ଉପଯୁକ୍ତ ମଣିଷ ଜଣେ ଯୋଗାଡ଼ କରିବାରେ ଏ ପର୍ଯ୍ୟନ୍ତ ବ୍ୟର୍ଥ ହେଉଚି । ତା' ଅର୍ଡ଼ର୍ଲି ନମ୍ର, କିନ୍ତୁ ତାକୁ ଭଲ ରୋଷେଇ ଜଣା ନାହିଁ ।

Digitized by srujanika@gmail.com

ଏହାର ଦଶ ଦିନ ପରେ ଦିନେ ରାତିରେ ବିଭୁର ଛାଇ ନିଦ ଭାଙ୍ଗିଗଲା । ସେ ଦେଖିଲା ପାଖରେ ସୁରଭି ନାହିଁ । ବେଡ୍ ସୁଇଚ୍‌ରେ ହାତ ମାରି ଦେଖିଲା, ରୁମ୍‌ରେ ଥିବା ଚେୟାର୍‌ରେ ବସିଚି ସୁରଭି ଖୁବ୍ ମୁମୂର୍ଷୁ ଅବସ୍ଥାରେ ।

—"କ'ଣ ହେଲା ?" ପଚାରିଲା ବିଭୁ ବ୍ୟସ୍ତତାର ସହିତ ।

—"ନା, କିଛି ନାହିଁ ।" ଗୋଟେ ଅଳସ ସ୍ୱର ।

—"ବସିଚ ଯେ ? ରାତି ତିନିଟା ବାଜିଲାଣି ।" ବିଭୁ କହିଲା ।

—"ନିଦ ହଉନି ଜମା । ସେଇ ଦିନଠୁ ଆଉ ରାତିରେ ନିଦ ହେଉନି । ଟ୍ରାଙ୍କୁଲାଇଜର୍ ଖାଇବା ସତ୍ତ୍ୱେ ।" ସେ ପ୍ରକାଶ କଲା ।

ନୀରବ ରହିଲା ବିଭୁ । ସେ ମଧ୍ୟ କହିବାକୁ ଯାଉଥିଲା ଯେ ତାକୁ ମଧ୍ୟ ନିଦ ହେଉନି ରାତିରେ ଭଲ କରି । ସେ ମୁହଁ ବୁଲାଇବା ବେଳେ ସୁରଭିର ସ୍ୱର ଶୁଭିଲା—"ଗୋଟେ କଥା ପଚାରିବି । ସତ କହିବ ?"

—"ସିଓର୍ !" ବିଭୁ ଉତ୍ତର ଦେଲା—"ଏଥିରେ ସନ୍ଦେହ କରିବାର କ'ଣ ଅଛି ?"

ଟିକିଏ ନୀରବତା । ସୁରଭି କହିଲା—"ସେସବୁ ବଟିକା ଖାଇବାକୁ ମଧ୍ୟ ମୋର ସାହସ ହେଉ ନାହିଁ ।"

—"ସାହସ ହେଉନି ? ହ୍ୱାଟ୍ ଡୁ ୟୁ ମିନ୍ ?" ବିସ୍ମିତ ହେଲା ବିଭୁ ।

—"ମୋଟେ ସାହସ ହେଉ ନାହିଁ ।" ଜୋର୍ ଦେଇ ସୁରଭି କହିଲା— "ମୋତେ ଜଣାପଡୁଚି, ସେସବୁ ବଟିକା ଖାଇ ନିଘୋଡ଼ ନିଦରେ ନିଶ୍ଚିନ୍ତରେ ଶୋଇପଡ଼ିବା ବିପଦ । କାଳେ କିଏ ମୋତେ ବସ୍ତା ଭିତରେ ପୂରାଇ ଫୋପାଡ଼ି ଦେବ ପୁଳାଏ ଆବର୍ଜନା ଭଳି ! ତୁମେ ଭବିଷ୍ୟତରେ ମୋତେ ଏମିତି କରିବ ନାହିଁ ତ ? ଜବାବ ଦିଅ, ବିଭୁ !"

ସ୍ତମ୍ଭୀଭୂତ ହୋଇ ଯିବାରେ ଯଥେଷ୍ଟ ଯଥାର୍ଥତା ଥିଲା ଏ କଥାଟିରେ । ବିଭୁ ଡ଼ରିଗଲା ବେଶ୍ । ତା' ପାଖକୁ ଉଠି ଆସିଲା, ପିଠି ଥାପୁଡ଼ାଇ ଦେଲା ଏବଂ ସାହସ ଯୋଗାଇଲା—"ସବୁ ନନ୍‌ସେନ୍‌ସ୍ !

Digitized by srujanika@gmail.com

ଏ ସବୁ ଅଜବ ଭାବନା କାହିଁକି ? ଦେଖ, ଆମ ସାମନାରେ କୌଣସି ଅନ୍ତରାୟ ନାହିଁ । ଲମ୍ବା ଭବିଷ୍ୟତଟେ ଆମ ଆଗରେ ।"

ଖୁସି ହେଲା ନାହିଁ ସୁରଭି । ଖୁବ୍ ନିମ୍ନ ସ୍ୱରରେ କହିଲା—"ସବୁ ବେଳେ ମୁଣ୍ଡ ବିନ୍ଧୁଚି । ଗୋଟେ ଉଦ୍‌ବେଗ କାବୁ କରି ରଖୁଚି ମୋତେ । ଛାତି ଧଡ଼୍ ଧଡ଼୍ ହେଉଚି ଏବେ ।"

ସେମାନେ ବସି ରହିଥିଲେ, ରାତିର ଅନ୍ଧାର କ୍ରମଶଃ ତରଳି ଯାଉଥିବା ପର୍ଯ୍ୟନ୍ତ । ପରେ ପରେ ଶୋଇ ପଡ଼ିଲେ । ନିଦ ଭାଙ୍ଗିଲା ଅର୍ଡ୍ଲି ପିଅନ୍ ଡୋର୍ ବେଲ୍ ବଜେଇବା ଯୋଗୁ । ସକାଳ ସାଢ଼େ ନ'ଟା ସେତେବେଳେ । କାହିଁକି କେଜାଣି, ବେଡ୍ ରୁମ୍‌ର ଖଟ ଓ ବିଛଣା ସ୍ଥାନାନ୍ତରିତ ହେଲା ଅନ୍ୟ ରୁମ୍‌କୁ ।

—"ଏ ସବୁ କରୁଚ କାହିଁକି ?" ସୁରଭି ପଚାରିଲା କିଛି ବୁଝି ନ ପାରି ।

—"ମୁଁ ନିଜେ ବି ଜାଣେନି ।" ବିଭୁ କହିଲା । ଟିକିଏ ନୀରବତା ପରେ ଯୋଗ କଲା—"ଏ ରୁମ୍ ମୋତେ ଭଲ ଲାଗୁନାହିଁ । ଅହରହ ଶୁଭି ଯାଉଚି ଗୋଟେ ଛୁଆର ରାହା ଧରି କାନ୍ଦିବାର ସ୍ୱର । ରାତିରେ ତୁମେ ଏମିତି ସ୍ୱର ଶୁଣି ନ କେବେ ?"

—"ଖାଲି ରାତି ନୁହେଁ ।" ସୁରଭି ଜବାବ ଦେଲା । "ଖାଲି ରାତି ନୁହେଁ । ସବୁବେଳେ । ସେ କାନ୍ଦଣାର ସ୍ୱର ସବୁ ମୁହୂର୍ତ୍ତରେ, ସବୁ ସ୍ଥାନରେ । ତା' ଛଡ଼ା ଗୋଟେ ଟ୍ରେନ୍‌ର ଶବ୍ଦ ।"

ମାସକ ପରେ ଟେଲିଗ୍ରାମ୍ । ବିଭୁ ନଥିଲା ସେଦିନ ହେଡ୍ କ୍ୱାର୍ଟର୍ସରେ । ସୁରଭି ତାହାକୁ ଗ୍ରହଣ କଲା ବ୍ୟାଙ୍କ୍‌ରେ । ସେମାନଙ୍କର ଝିଅ ହଠାତ୍ ଅସୁସ୍ଥ ହୋଇ ପ୍ରାଣତ୍ୟାଗ କରିଚି ।

ପରଦିନ ସେ ଦୁହେଁ ପୁଣି ଟ୍ରେନ୍‌ରେ । ଏଥର କିନ୍ତୁ ଏହା ଗତି କରୁଥିଲା ବିପରୀତ ଦିଗରେ । ଅନ୍ୟ ଏକ ସହର । ଗୋଟିଏ ସପ୍ତାହ ସେଠାରେ । ଟିକିଏ ଫୁର୍ତ୍ତି ଅନୁଭବ କଲା ସୁରଭି । ସେ କ'ଣ କରୁଚି, ଖାଉଚି, ପିନ୍ଧୁଚି ଓ କିଣୁଚି, ସେଥିପ୍ରତି ଟିକିଏ ମନଯୋଗୀ ହେବା ଭଳି ଜଣା ପଡ଼ିଲା । ପରେ ପୁଣି କ୍ୱାର୍ଟର୍ସ । ପୁଣି ରାତିରେ

Digitized by srujanika@gmail.com

ଅନିଦ୍ରା । ଗୋଟେ ଛୁଆର କାନ୍ଦଣାର ଧ୍ୱନି । ଟ୍ରେନ୍‌ର ଆର୍ତ୍ତନାଦ ।

ପାଗଳ ହୋଇ ଯିବି କି ? ସୁରଭି ପଚାରିଲା ନିଜକୁ । ପାଗଳ ହୋଇ ଯିବ କି ? ବିଭୂ ପଚାରିଲା ନିଜକୁ । ବ୍ୟାଙ୍କ୍‌ରେ ଭୁଲ୍ ଭାଲ୍ ହେଉଥିଲା । ଅଫିସ୍‌ରେ କ'ଣ ସବୁ ହେଉଥିଲା ତାହା ବୁଝା ପଡୁ ନଥିଲା ଜମା । ସବୁ କଥା ଉପରେ ଆସ୍ଥାନ ଜମେଇ ରହିଥିଲା ଗୋଟେ କାନ୍ଦଣାର ସ୍ୱର, ଟ୍ରେନ୍‌ର ଧ୍ୱନି । ସ୍ପଷ୍ଟ ଦେଖା ଯାଉଥିଲା ବର୍ଥ ଉପରେ ଶୋଇଥିବା ଗୋଟେ ଛୁଆର ସ୍ମିତ ହସ ସମ୍ବଳିତ ସୁନ୍ଦର ମୁହଁ । ପରେ ପରେ କମ୍ପାର୍ଟମେଣ୍ଟରୁ କିଛି ଗୋଟେ ହଜି ଯାଉଥିଲା ଠିକଣାହୀନ ଗୋଟେ ସୁଅ ଉପରେ ।

କୁତ୍ସିତ ଏବଂ କଦାକାର ! ସୁରଭି ସଦ୍ୟ ବାହାରିଚି ବାଥ୍‌ରୁମ୍‌ରୁ । ତା'ଦେହ ଉପରେ ଗୁଡ଼େଇ ହୋଇ ରହିଚି ଓଦା ଲୁଗା । ଥପ୍ ଥପ୍ ହୋଇ ପାଣି ପଡୁଥିବା ଓଦାଲୁଗା । ଠିଆ ହେଲା ଭୟଭୀତ ବିଭୂ ସାମନାରେ । ସେ ପଢୁଥିବା ପତ୍ରିକାକୁ ଧରି ଫୋପାଡ଼ି ଦେଲା ବିଛଣା ଉପରକୁ । କହିଲା—"ବାଥ୍‌ରୁମ୍‌ରେ ସେମାନେ ଅଛନ୍ତି ।"

—"କିଏ ?" ବିଭୂ ପଚାରିଲା ।

—"ପୋଲିସ୍ ।" ସେ ନିମ୍ନ ସ୍ୱରରେ ପ୍ରକାଶ କଲା ।

—"ହ୍ୱାଟ୍ !" ଠିଆ ହୋଇ ପଡ଼ିଲା ବିଭୂ ।

—"କୁଆଡ଼େ ଯାଉଚ ?" ବିଭୂର ଦୁଇ ହାତ ଧରି ସୁରଭି ଅଟକାଇ ନେଲା ।

—"ପଳେଇବି ଏଠୁ । ମୁଁ ଜାଣେ ନାଇଁ କ'ଣ ସବୁ ହୋଇ ଯାଇଚି । ମୁଁ ଜମା ଦାୟୀ ନୁହଁ ।" ବ୍ୟାକୁଳ ତ୍ରସ୍ତତା ନେଇ ବିଭୂ କହିଲା ।

—"କିଛି ଜଣା ନାଇଁ ? କିଏ ତେବେ ଦାୟୀ ?" ସୁରଭିର ବିଦ୍ରୂପ ଅସହ୍ୟ ହୋଇ ପଡ଼ିଲା ବିଭୂ ପାଇଁ ।

—"ଆମେ ଦୁହେଁ ।" ପରାଜିତ ହୋଇ କହିଲା ବିଭୂ ।

—"ସେୟା କୁହ । ସବୁବେଳେ ଏଇ କଥା କହୁଥିବ । ଖବରଦାର୍, ମୋତେ ଯଦି ବିଟ୍ରେ କରିଚ, ଯଦି କେବେ ବିଶ୍ୱାସ ଘାତକ ହୋଇଚ, ତେବେ ଦେବି ଥଣ୍ଡା କରି ।" ସୁରଭି ଚେତାବନୀ ଦେଲା । ହଠାତ୍

Digitized by srujanika@gmail.com

କିଛି ମନେ ପଡ଼ିବା ଭଳି କହିଲା—"ମୁଁ ଟିକିଏ ଆସେ । ସେ ଛୁଆଟା ଆଜି ସକାଳୁ କାହିଁକି କେଜାଣି କାନ୍ଦୁଚି । ଖୁଡ଼ୀ ତାକୁ ଫିଡ଼ିଙ୍ଗ୍ ବୋତଲଟା ଦେଉ ନାଇଁ କାହିଁକି ?"

କହିଲା ଏବଂ ଫେରିଗଲା । ବିଭୁ ଠିଆ ହୋଇ ରହିଲା ସେମିତି ! ଅନୁଭବ କଲା ଯେ, ଗୋଟେ ଛୁଆର ପଙ୍ଗୁତା ସଞ୍ଚରି ଯାଇଚି ତା'ଠାରେ । ତା'ର ଆଉ ଗୋଡ଼ ନାଇଁ । ସେ ହଲ୍‌ଚଲ୍ ହୋଇ ପାରୁ ନାଇଁ । ଜଖମ୍ ହୋଇ ଯାଇଚି ତା'ର ମଗଜ । ସେ ବସିଲା ଚେୟାର୍‌ରେ । ସେତେବେଳ ଯାଏ ସବୁ ଅସ୍ପଷ୍ଟ, ଫେଣ୍ଟାଫେଣ୍ଟି ହୋଇ ଯାଇଥିବା ଘଟଣା ପ୍ରାଞ୍ଜଳ ଓ ସ୍ଥିର ହୋଇଗଲା । ସବୁ କଥା ବୁଝିସାରିବା ପରେ ସେ ମନକୁ ମନ କହିଲା—ଆଗ ସୁରଭି । ସେ ପାଗଳ ହୋଇଯିବା ସମୟ ଆସି ଯାଇଚି । ତା'ପରେ ମୁଁ ।

କିଛି ଦିନ୍ ପରେ ବ୍ୟାଙ୍କ୍‌ରୁ ଜରୁରୀ ଡାକରା ପାଇ ବିଭୁ ଯେତେବେଳେ ସେଠାରେ ପହଞ୍ଚିଲା, ନିଜ ଆଖିକୁ ବିଶ୍ୱାସ କରି ପାରିଲା ନାଇଁ । କାଗଜପତ୍ର ସବୁ ଛିନ୍ନଛତ୍ର । ଚେୟାର୍‌ଟା ଓଲଟି ପଡ଼ିଚି । ଟେଲିଫୋନ୍ ରିସିଭର୍‌ଟା ଟେବୁଲ୍‌ରେ ଝୁଲୁଚି । ଦେହରୁ ବିଚ୍ୟୁତ ହୋଇଯାଇଥିବା ଗୋଟେ ହୃତ୍‌ପିଣ୍ଡ ଭଳି ! ଓଲଟି ପଡ଼ିଚି ଚେୟାର୍ । ଗୋଟେ କୋଣରେ ଗୋଡ଼ ଲମ୍ବାଇ ବସିଚି ସୁରଭି ଅସଂଯତ ପରିଧାନ ନେଇ । ଗୋଟେ ଲେଜର୍ ଧରିଚି ଛାତି ଉପରେ ଜାକି । ଚାହିଁଚି ଝରକା ଆଡ଼େ । ସମ୍ପୂର୍ଣ୍ଣ ଭାବେ ବିସ୍ମିତ ହୋଇ ଯାଇଚି ଉପସ୍ଥିତ ଲୋକମାନଙ୍କ ପ୍ରତି, କରିଥିବା ତୁମୁଳ କାଣ୍ଡ ପ୍ରତି । ବିଭୁ ଅସହାୟ ମୁହଁ ନେଇ ସମସ୍ତଙ୍କ ଆଡ଼େ ଚାହିଁଲା । କେହି ଜଣେ କହିଲା—"ପ୍ରଥମେ ଶୁଭିଲା ଦୁମ୍ ଦୁମ୍ ଶବ୍ଦ । କିଛି ଜିନିଷ ଫୋପଡ଼ା ଯାଉଚି ଏ ରୁମ୍‌ରେ ! ଆମେ ଭାବିଲୁ । ତା'ପରେ ଚିତ୍କାର । କାନ୍ଦଣା ମିଶା ଚିତ୍କାର । ଆମେ ଧାଇଁ ଆସିଲୁ ଏଠାକୁ । ମୋ! ଝିଅ, କୁଆଡ଼େ ଗଲା ମୋ ଝିଅ ବୋଲି ଶୁଣିଲୁ । ପରେ ପରେ ଏଇ ଅବସ୍ଥା । ସେତେବେଳୁ ସେଇ କୋଣରେ ବସିଚନ୍ତି ଯେ ବସିଚନ୍ତି । ନା କିଛି କହୁଚନ୍ତି, ନା ଚାହୁଁଚନ୍ତି ଆଉ କାହାଆଡ଼େ !"

ବିଭୁ ଅନୁଭବ କଲା, ଗୋଟାଏ ଦୁର୍ଦ୍ଦାନ୍ତ ଶକ୍ତି ସତେଯେପରି ତା'ର ଶିରା-ପ୍ରଶିରାକୁ ଛିଣ୍ଡେଇ ପକଉଚି ସମସ୍ତ ନିର୍ମମତାର ସହିତ ।

Digitized by srujanika@gmail.com

ତା' ହୃତ୍‌ପିଣ୍ଡର ମାଡ଼ରେ ପଞ୍ଜରା ହାଡ଼ ଭାଙ୍ଗିଯିବ ଠକ୍ ଠକ୍ ହୋଇ । ଝିଅ ନୁହେଁ, ସୁରଭି ବର୍ତ୍ତମାନ ପରିଣତ ହୋଇ ଯାଇଥିଲା ଗୋଟେ ସଙ୍କଟରେ । ଏ ସଙ୍କଟର ମୁକାବିଲା ସେ କିପରି ଏକୁଟିଆ କରିପାରିବ, ନିଜର ଅସୁସ୍ଥ ଦୁର୍ବଳ ମାନସିକତା ନେଇ, ତାହା ସେ ବୁଝିପାରୁ ନଥିଲା ଜମା ।

ଏଠାରେ କିଏ ତେବେ ପଙ୍ଗୁ ଓ ଅଥର୍ବ ? ଝିଅ, ନା ସୁରଭି ? ଝିଅର ଅକ୍ଷମତା ସତେଯେପରି ଆକ୍ରାନ୍ତ କରି ସାରିଥିଲା ସୁରଭିକୁ ଏବଂ ତା' ନିଜ ମସ୍ତିଷ୍କକୁ ଅଥର୍ବ କରିବା ଆରମ୍ଭ କରିଥିଲା । ଯା ପାଇଁ ସେ କେଉଁ ଟ୍ରେନ୍ ଖୋଜିବ ଏବଂ କେଉଁଠି ଯାକୁ ଫୋପାଡ଼ିବ ନିଜ ଜୀବନକୁ ସଙ୍କଟହୀନ ଓ ସ୍ୱଚ୍ଛନ୍ଦ କରିବା ପାଇଁ ?

—"ମାଡ଼ାମ୍‌ଙ୍କ ଅବସ୍ଥା ଖରାପ ହେଲାଣି ବହୁଦିନ ହେବ ।" ଆଉ ଜଣେ କହିଲା ।

—"ନାଇଁ, ନାଇଁ, ବେଶି ଅସୁବିଧା ହେଲା, ଝିଅର ଆଡ୍‌ମିଶନ୍ କରି ଫେରିବା ପରେ ।" ଅନ୍ୟ ଜଣେ କହିଲା । ତା'ପରଠୁ ସେ ଅନ୍ୟମନସ୍କ ହେଲେ । ସବୁ କାମ ଗଣ୍ଡଗୋଳିଆ ଧରିଲା । ଭୁଲ୍ ଭାଲ୍ ହେଲା ସବୁଦିନ । ମଣିଷ ବି ଚିହ୍ନିପାରିଲେ ନାଇଁ । ଚିହ୍ନା-ପରିଚିତ ମଣିଷ ମଧ୍ୟ ।"

କିଛି ସମୟର ନୀରବତା ପୁଣି । ବିଭୁ ସମସ୍ତଙ୍କ ଆଡ଼େ ଦୃଷ୍ଟି ଫେରାଇ ଗଲା ସୁରଭି ପାଖକୁ । ତା'ପାଖରେ ବସିବା ମାତ୍ରେ ସେ ଝରକା ଆଡୁ ଆଖି ଫେରାଇଲା । ତଳେ ରଖିଦେଲା ଲେଜର୍ । ନିଜ ଲୁଗାପଟା ସଜାଡ଼ି ଦୁଇ ପାପୁଲିରେ ମୁହଁ ଢାଙ୍କି କାନ୍ଦିଲା । ସେ କାନ୍ଦଣାରେ ନଥିଲା କୋହ, ନ ଥିଲା ଶବ୍ଦ । ଯା ସତ୍ତ୍ୱେ ଗୋଟେ ଅକ୍ଷମ କରୁଣତା ପ୍ରକାଶିତ ହୋଇ ଯାଉଥିଲା ତା' ଦ୍ୱାରା । କିଛି ସମୟପରେ ସେ ଠିଆହେଲା । ମୁହଁ ପୋଛିଲା ଏବଂ ଚାରିଆଡ଼କୁ ଚାହିଁ ବୋଧହୁଏ ବୁଝିଗଲା ଏସବୁ ବିପର୍ଯ୍ୟସ୍ତ ହେବାର ହେତୁ କ'ଣ । କ୍ଷମା ମାଗିବା ସ୍ୱରରେ କହିଲା—"ଆଇ ଆମ୍ ସରି । ପ୍ଲିଜ୍ ଏକ୍ସକିଉଜ୍ ମି !" ବାହାରି ଆସିଲା ସେଠାରୁ ।

ଡାକ୍ତର ସବୁ ପରୀକ୍ଷା ପରେ ଆଶ୍ୱାସନା ଦେଲେ—କିଛି କାରଣ

Digitized by srujanika@gmail.com

ନାଇଁ, ଚିନ୍ତା କରିବା ସକାଶେ । ସବୁ ପ୍ରାୟ ନର୍ମାଲ୍, ସ୍ୱାଭାବିକ । ବ୍ଲଡ୍ ପ୍ରେସର୍ ମଧ । କିଛି ଗୋଟେ ଟେନ୍ସନ୍ ରହିଚି । ଉତ୍ତେଜନା । ଭଲ ହୋଇଯିବ । ଇଂଜେକ୍ସନ୍ ଦେଲେ, ବଟିକା ମଧ ଲେଖିଦେଲେ । ପଳେଇଲେ ।

ସବୁ ନର୍ମାଲ୍ । ସବୁ ସ୍ୱାଭାବିକ । ବହୁ ଦିନପରେ ବିଭୁ ଆମୋଦିତ ହେଲା ନିଜ ଭିତରେ । ଦୀର୍ଘ ସମୟ ଶୋଇବା ପରେ ସୁରଭି ସତେଜ ଦେଖାଯାଉଚି । ବାରନ୍ଦା ଚେୟାର୍‌ରେ ବସି ଖୁବ୍ ଯତ୍ନର ସହିତ ଧରିଚି ଚା' କପ୍ । ବାସ୍ତବିକ ନର୍ମାଲ୍ ଦେଖାଯାଉଚି । ବିଭୁ ଆଶ୍ୱସ୍ତ ହେଲା ଟିକିଏ । ବୋଧହୁଏ ଭଲ ହୋଇ ଯାଇପାରେ । ସେମାନେ ପୁଣି ସ୍ୱାଭାବିକ ଜୀବନ ଯାପନ କରି ପାରନ୍ତି ।

ଗୋଟେ ଗାଡ଼ି ଅଟକିଲା ଏତିକିବେଳେ ଗେଟ୍ ସାମନାରେ । ତା' ଭିତରୁ ବାହାରି ଆସିଥିବା ଲୋକ ଜଣକ ପରିଚିତ ଜଣାପଡ଼ିଲେ । ବିଭୁ ମନେ ପକେଇବାକୁ ଚେଷ୍ଟାକଲା । ବିକାଶ ! ପିନ୍ଧିଚି କୁର୍ତ୍ତା ଆଉ ପାଇଜାମା । ଯା ଭିତରେ ତା' ସ୍ୱାସ୍ଥ୍ୟର ଅଭିବୃଦ୍ଧି ଘଟିଚି । ବିଭୁ ଉଠି ଆସିଲା ତାକୁ ସ୍ୱାଗତ କରିବା ପାଇଁ । ବସେଇଲା ଆଉ ଗୋଟେ ଚେୟାର୍‌ରେ ।

—"ମୁଁ ସବୁ ଜାଣିଚି ।" ବିକାଶ କହିଲା ଏବଂ ଏ ଦୁହିଁଙ୍କ ମନ ମଧ୍ୟରେ ସୃଷ୍ଟି କଲା ଚାଞ୍ଚଲ୍ୟ । ସବୁ ସେ ଜାଣେ । କ'ଣ ଯାର ଅର୍ଥ ?

ଯା ପରେ ସେ ଯେଉଁସବୁ କଥା କହିଲା, ତା'ର ସାରାଂଶ ହେଉଚି, ସେ ଯା ଭିତରେ ଗୋଟେ-ଦି'ଟା ବସ୍ କିଣି ସାରିଚି । କଣ୍ଟ୍ରାକ୍ଟର୍ ହୋଇଚି । ସେଇ ସହର ପାଖରେ ଗୋଟେ ବଡ଼ ପୋଲ ନିର୍ମାଣ ଦାୟିତ୍ୱ ଦିଆଯାଇଚି ତାକୁ ।

—"ମୁଁ ଏଠାକୁ ଆସିଥିଲି, ଆପଣ ଦୁଇଜଣଙ୍କୁ ଆମ ସହରକୁ ନେବା ପାଇଁ । ଦିନେ-ଦୁଇ ଦିନ ମୋର ଅତିଥି ହୋଇଥାଆନ୍ତେ । ମୁଁ ଯେଉଁ ଜମି ନେଇଥିଲି, ତାହାକୁ କିଭଳି ପରିବର୍ତ୍ତନ କରି ପାରିଚି, ତାହା ବୁଲି ଦେଖିଥାନ୍ତେ ।" ବିକାଶ କହିଲା ନମ୍ରତାର ସହିତ ।

Digitized by srujanika@gmail.com

ବିଭୁ ତାକୁ ଶୁଭେଚ୍ଛା ଜଣାଇଲା । ସେ ଉନ୍ନତି କରୁଚି ବୋଲି ଶୁଣି ଖୁସି ହେଉଚି ବୋଲି କହିଲା; କିନ୍ତୁ ଅନ୍ୟ କେଉଁଆଡ଼େ ଯିବା ପାଇଁ ପ୍ରକାଶ କଲା ନିଜର ଅକ୍ଷମତା ।

—"ଏଠାକୁ ଆସିବା ଆଗରୁ ଦୁଇ-ତିନିଜଣ ପରିଚିତ ଲୋକଙ୍କ ସହିତ ଦେଖାହେଲା । ସେମାନେ ଭାରି ବାଜେ କଥା କହୁଥିଲେ ।" ବିକାଶ କୁଣ୍ଠିତ ହୋଇ, ପ୍ରତିବାଦ ସ୍ୱରରେ କହିଲା ।

ବିଭୁ ଓ ସୁରଭି ଚାହିଁଲେ ତା' ଆଡ଼େ । ସେ ଗୋଟେ ସିଗାରେଟ୍‌ରେ ନିଆଁ ଧରାଇ କହିଲା—"ମାଡାମ୍‌ଙ୍କ ଦେହ ଖୁବ୍ ଖରାପ ବୋଲି ସେଠାରେ ସମସ୍ତେ ଜାଣନ୍ତି । ବଡ଼ ଆଶ୍ଚର୍ଯ୍ୟର କଥା ହେଉଚି, ଏକଥା ସବୁଲୋକ, ସବୁଠି ଚର୍ଚ୍ଚା ମଧ କରୁଚନ୍ତି । ମୁଁ ଆଦୌ ବୁଝିପାରୁ ନାହିଁ ଏହା ଏମିତି ଆଲୋଚନାର ସାମଗ୍ରୀ ହେବାର କାରଣ କ'ଣ ।

—"କ'ଣ ସବୁ କହୁଚନ୍ତି ?" ଗୋଟେ ଉଦ୍‌ବେଗ ବିଭୁର ବକ୍ତବ୍ୟକୁ ପ୍ରାୟ ପୋତି ପକାଇଥିଲା ।

—"ସମସ୍ତେ କହୁଚନ୍ତି, ସ୍ୱାମୀ-ସ୍ତ୍ରୀ ଦୁଇଜଣ ବିଚିତ୍ର ମଣିଷ । କାହାରି ସହିତ ତାଙ୍କର ସମ୍ପର୍କ ନଥାଏ । ତା'ଛଡ଼ା ଅସୁବିଧା ଅଛି ବୋଲି ଝିଅକୁ କେବେ ସେମାନେ ସ୍ନେହ-ଶ୍ରଦ୍ଧା ଦେଇ ନାହାନ୍ତି । ସେ ଘରେ ଚାକର-ଚାକରାଣୀ କ'ଣ ? ତାଙ୍କ ନିଜ ଲୋକ ବି ରହି ପାରି ନାହାନ୍ତି । ଝିଅ ମରିଗଲା । କେମିତି ମଲା କେଜାଣି ? ସେମାନେ ସନ୍ଦେହ କରୁଚନ୍ତି ।"

ଗୋଟେ ନାହିଁ ନଥିବା ଝାଳ ବାହାରି ଆସିଲା ବିଭୁ ଦେହରୁ । ତାକୁ ଜଣା ପଡ଼ିଲା, ତା'ର ରକ୍ତ-ମାଂସ ଏଇ ଯେପରି ତରଳି ଯିବ ତା ଭିତରେ ।

ମୋଟାମୋଟି ଭାବରେ ସେ ସହରରେ ଏ ଦୁହିଁଙ୍କୁ କେହି ଶ୍ରଦ୍ଧା କରି ନାହାନ୍ତି, ଏମାନଙ୍କର ଆତ୍ମକୈନ୍ଦ୍ରିକତା ସକାଶେ । ଏହାକୁ ସେମାନେ ଅହଙ୍କାର ବୋଲି ଗ୍ରହଣ କରିଚନ୍ତି । ତା' ସହିତ ସେମାନଙ୍କ ମନରେ ଧାରଣା ସୃଷ୍ଟି ହୋଇଚି ଯେ, ଏମାନଙ୍କ କ୍ୱାର୍ଟର୍ସ ଭିତରେ ବିଚିତ୍ର କାର୍ଯ୍ୟକଳାପ ଚାଲିଥାଏ ।

Digitized by srujanika@gmail.com

ଅନେକ ସମୟ ପରେ ବିକାଶ ପଳେଇଗଲା ସେଠାରୁ । ବିଭୁ ନିଶ୍ଚିତ ହୋଇଗଲା ଯେ, ଏ ସହର ଆଉ ନିରାପଦ ନୁହେଁ ସେମାନଙ୍କ ପାଇଁ । କ୍ୱାର୍ଟର୍ସ ଭିତରେ ରହିଲେ ଭୟ ଲାଗୁଚି । ସବୁବେଳେ ଆତଙ୍କିତ ହେବାକୁ ପଡ଼ୁଚି ଯେ, ଝିଅ ବୋଧହୁଏ ଅଛି, ଏ ସଂସାରରେ । ଦିନେ, ନାଇଁ ଦିନେ ସେ ଫେରିବ ସେମାନଙ୍କ ପାଖକୁ । ପ୍ରତିହିଂସାର ପ୍ରତୀକ ହୋଇ । ତା'ଛଡ଼ା, ସୁରଭି ଆପାତତଃ ଖଣ୍ଡ ଖଣ୍ଡ ହେବାକୁ ଆରମ୍ଭ କରିଚି । କିଏ ଜାଣେ, କେଉଁଦିନ ସେ ଗୋଟେ ବିସ୍ଫୋରଣରେ ପରିଣତ ହେବ ଏବଂ ତା' ଭିତରେ ରହିଥିବା ଗୋପନୀୟ ସତ୍ୟର ଢ଼ାଙ୍କୁଣୀ ଖୋଲିଯିବ ?

ଏଇଭଳି ଶଙ୍କିତ, ସନ୍ଦେହାଚ୍ଛନ୍ନ ଅବସ୍ଥାରେ ଥିବାବେଳେ ବ୍ୟାଙ୍କ୍‌ରେ ପୁଣି ତୁମୁଳକାଣ୍ଡ । ସୁରଭି ଫୋପାଡ଼ିଲା ସବୁ ଜିନିଷ ଏବଂ ଉଚ୍ଚସ୍ୱରରେ ଚିତ୍କାର କରି ଝିଅକୁ ଫେରି ପାଇବା ପାଇଁ ଦାବି କଲା । ଚାରି-ପାଞ୍ଚ ଜଣ ସହକର୍ମୀଙ୍କର କମିଜ୍ ଧରି ଟାଣିଲା ଏବଂ ଘୋଷଣା କଲା ଯେ, ହୃତ୍‌ପିଣ୍ଡର ସ୍ପନ୍ଦନ ଯେ କୌଣସି ଟ୍ରେନ୍ ଆବାଜଠାରୁ ଯଥେଷ୍ଟ ବେଶି ଭୟଙ୍କର ।

ଦୀର୍ଘ ଛୁଟି ପାଇଁ ଦରଖାସ୍ତ କଲା ବିଭୁ । କ୍ୱାର୍ଟର୍ସର ସବୁ ଜିନିଷ ଧରି ଚାଲି ଆସିଲା ରାଜଧାନୀସ୍ଥିତ ନିଜ ଘରକୁ । ନା, ସୁରଭି ଅବସ୍ଥାର କୌଣସି ଉନ୍ନତି ଦେଖାଗଲା ନାଇଁ । କିଛି ଦିନ ପରେ ମେଣ୍ଟାଲ୍ ହସ୍ପିଟାଲ୍ ।

ତାକୁ ସେଠାରେ ଛାଡ଼ି ଫେରିବାର ଦଶ ଦିନ ହୋଇଗଲାଣି । ସେ ନିଃସଙ୍ଗ ହୋଇ ଯିବା ପରେ ବୁଝୁଚି, ଏ ପୃଥିବୀରେ ମରାମତି କରିବାର କୌଣସି ଯନ୍ତ୍ର ନାହିଁ । ଯେଉଁ ଯନ୍ତ୍ର ସାହାଯ୍ୟରେ ସୁରଭିର ମସ୍ତିଷ୍କକୁ ସଂଶୋଧନ କରାଯାଇ ପାରନ୍ତା । ସେ ନିଜେ ଠିକ୍ ହୋଇ ଯାଇ ପାରନ୍ତା । ସମୟ ସୂଅ ଉପରେ ସେମାନେ ଗତି କରନ୍ତେ ନିଜ ମନ ଓ ଯୋଜନା ଅନୁସାରେ । ସମ୍ପୂର୍ଣ୍ଣ ହତାଶ ହୋଇଯିବା ପରେ ସେ ସିଦ୍ଧାନ୍ତ ଗ୍ରହଣ କଲା, ସେ ମରିବ । ଘର ଛାତରୁ ଓହଳିବ ଗୋଟେ ରସି ସାହାଯ୍ୟରେ ।

ସେଠାରୁ ଫେରିବା ପରେ ସେ ସଂଗ୍ରହ କରୁଚି ମାନସିକ

Digitized by srujanika@gmail.com

ଶକ୍ତି । ରସି ରହିଚି ପାଖରେ । ସବୁକଥା ଲେଖି ସାରିବା ପରେ ସେ ଝୁଲି ରହିବ ପୃଥିବୀ ଉପରୁ ଟିକିଏ ବ୍ୟବଧାନରେ । ଅଥଚ ସେ ବସୁଚି ଟେବୁଲ୍ ପାଖରେ । ସାମନାରେ ରହିଚି କାଗଜ-କଲମ । ସେ ଭାବୁଚି ଯେ ସେ ଲେଖୁଚି । କିନ୍ତୁ କାଗଜ ରହିଚି ଆଗଭଳି ନିର୍ବାକ ଓ ଫାଙ୍କା ।

ଦରକାର ଜଣେ ଅନ୍ତରଙ୍ଗ ମଣିଷ । ତାକୁ ସେ ଆଲିଙ୍ଗନ କରି ପକାନ୍ତା । ଗୋପନ ରହିଥିବା ସବୁକଥା କହି ପକାନ୍ତା ତା' ଆଗରେ । ଦରକାର ଗୋଟେ ସହୃଦୟତା । ତାହା ବୁଝନ୍ତା, ସେ ପ୍ରକୃତରେ ଗୋଟେ ଆତତାୟୀ ନୁହେଁ । ବୋଧହୁଏ ସେ ନିତାନ୍ତ ଖରାପ ମଣିଷଟେ ନଥିଲା ! କାହିଁକି ସେ ଏତେ ବାଟ ଏଭଳି ଦିଗରେ ଚାଲି ଆସିଲା, ତାହା ବୁଝନ୍ତା ସେ ।

ବିଭୁ ଗୋଟେ ଦୟା ଓ ସହାନୁଭୂତିରେ ହଜିଗଲା । ନିଜକୁ କହିଲା—"ତୁ ଏଇ ରସି ଲଗାଇ ମରିପାରିବୁ ନାଇଁ । ସେଭଳି ସାହସ ତୋ'ଠି ନାଇଁ । ତୁ ଲେଖି ପାରିବୁ ନାଇଁ କିଛି କାଗଜ ଉପରେ । ସବୁ କଥା କହିଦେ । ଖଲାସ୍ ହୋଇ ଯା ।"

ସନ୍ଧ୍ୟା ସାତଟା ସେତେବେଳେ । ନିଜ ଅଜାଣତରେ ବିଭୁ ବାହାରିଲା ଘରୁ । ଚାହିଁଲା ଚାରିଆଡ଼କୁ । କିଛି ସମୟ ପାଇଁ ପାପୁଲି ଘଷିଲା କାନ୍ଥ ଉପରେ । ଅନୁଭବ କଲା । ଗୋଟେ ଚୁମା ଦେଲା । ତାଲା ପକେଇଲା । ଏଥର ଆଉ ପଛକୁ ଚାହିଁଲା ନାଇଁ, ଆଗକୁ ଗତିକଲା ।

ପୋଲିସ୍ ଷ୍ଟେସନ୍ ! ପୋଲିସ୍ ଶବ୍ଦର ଉଚ୍ଚାରଣ ମାତ୍ରକେ ସେ ଜଡ଼ସଡ଼ ହୋଇ ଯାଉଥିଲା । ଖାକି ପୋଷାକ ଦେଖିବା ମାତ୍ରେ ତଣ୍ଟି ଶୁଖିଯାଉଥିଲା ତା'ର । ତା'ସାମନାରେ ଏକାଧିକ ଖାକି ପୋଷାକ ପରିହିତ ମଣିଷ । ତା' ମୁହଁକୁ ଚାହିଁଲେ ସମସ୍ତେ ପ୍ରାୟ କୌତୁହଳୀ ହୋଇ । ଦେଖିଲେ ତା'ର ଅସ୍ୱାଭାବିକ ମୁହଁକୁ ଏବଂ ଜିଜ୍ଞାସୁ ହୋଇ ପଡ଼ିଲେ ।

ବିଭୁର ପ୍ରାଣହୀନ ମୁହଁ ଉପରେ ଥିଲା ଏକ ବିଚିତ୍ର ସ୍ମିତହସ । ତା' ଚିନ୍ତାଧାରା ଥିଲା ପ୍ରଖର ଓ ସ୍ୱଷ୍ଟ । ସେ ଜାଣିପାରୁଥିଲା, ସେ କ'ଣ କରିବାକୁ ଯାଉଚି ଏବଂ ଏହାର ପରିଣାମ କ'ଣ । ତା' ଦୁର୍ବଳ,

Digitized by srujanika@gmail.com

ପ୍ରାୟ ଅନାହାର ଜର୍ଜରିତ ଦେହରେ ଥିଲା ଅସାଧାରଣ ଶକ୍ତି ଓ ସାହସ ।

ମୁଁ ଗ୍ରହଣ କରୁଚି ସମସ୍ତ ଯନ୍ତ୍ରଣା, ସମସ୍ତ ପ୍ରାୟଶ୍ଚିତ । ମୁଁ ଭୟକରୁ ନାହିଁ ପାପବୋଧକୁ, ଅପରାଧୀ ମନକୁ । ମୁଁ ଖଲାସ ହେବାକୁ ଚାହେଁ । ମୁଁ ଚାହେଁ ମୁକ୍ତି । ସେଇମୁକ୍ତି ଟ୍ରେନ୍ କମ୍ପାର୍ଟମେଣ୍ଟରୁ କାହାକୁ ଫୋପାଡ଼ିଦେଲେ ମିଳେ ନାହିଁ । ଅନ୍ୟ ଜଣକୁ ମେଣ୍ଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତିକଲେ ଆସେ ନାହିଁ । ସେ ମୁକ୍ତି ଥାଏ ନିଜ ସତ୍ତା ଉର୍ଦ୍ଧ୍ୱମୁଖୀ ହେବାରେ । ଯାବତୀୟ ବନ୍ଧନକୁ ପ୍ରତ୍ୟାଖ୍ୟାନ କଲେ । ସବୁ ଜିନିଷ ପ୍ରତି ନିରାସକ୍ତ ହେଲେ ।

—"କ'ଣ ହେଲା ?" ଏ ସ୍ୱର ବୋଧହୁଏ କୌଣସି ଖାକି ପୋଷାକ ପରିହିତ ଲୋକର ନଥିଲା । ଏହା ଆସୁଥିଲା ଅନ୍ୟ ଏକ ଗ୍ରହରୁ, ବହୁ ଦୂରରୁ । ଶୁଭୁଥିଲା ଗୋଟେ ଅମୃତ ଜିଜ୍ଞାସା ଭଳି । ଆସକ୍ତିହୀନ, ଭରସା ପରିପୂର୍ଣ୍ଣ ସ୍ୱରଟିଏ ।

—"ଲେଖନ୍ତୁ ।" ବିଭୁ ପ୍ରସ୍ତାବ ବାଢ଼ିଲା । "ଲେଖନ୍ତୁ । ମୁଁ ସବୁ କଥା ସ୍ୱୀକାର କରିବାକୁ ଆସିଚି ।"

Digitized by srujanika@gmail.com

ISBN : 81-7411-019-4
Digitized by srujanika@gmail.com